ଚଇତାର ଆମ୍ବତୋଟା

ବୀରେଶ୍ୱର ମହାନ୍ତି

Digitised by srujanika@gmail.com

ଚଇତାର ଆମ୍ବତୋଟା

ବୀରେଶ୍ୱର ମହାନ୍ତି

Digitized by srujanika@gmail.com

ଚଇତାର ଆମ୍ବତୋଟା

© ବୀରେଶ୍ୱର ମହାନ୍ତି

ପ୍ରକାଶକ :
ବୀରେଶ୍ୱର ମହାନ୍ତି
ସି-୧୦୫, ଶୁଭମ୍ ରୟାଲ, ନାକାଗେଟ୍
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯
ମୋ: ୯୯୩୮୬୧୫୬୭୧,
୭୬୮୨୦୦୧୨୦୨

ଅକ୍ଷର ସଜ୍ଜା:
ପ୍ରଣତୀ ନନ୍ଦ
ଫାୟାର୍ ଷ୍ଟେସନ୍ ଛକ, ଭୁବନେଶ୍ୱର

ମୁଦ୍ରଣ :
ମିଡ଼ିଆ ପ୍ରେସ୍
୨୪-ଇଷ୍ଟ, ଅଶୋକ ନଗର, ଭୁବନେଶ୍ୱର

ପ୍ରଥମ ପ୍ରକାଶନ:
ବାହୁଡ଼ା, ୨୦୧୯

ମୂଲ୍ୟ : ୧୫୦/-

CHAITARA AMBATOTA

© Bireswar Mohanty

Publisher:
Bireswar Mohanty
C-105, Subham Royal,
Nakagate, Ghatikia,
Bhubaneswar-751029

DTP:
Pranati Nanda
Fire Station Square
Bhubaneswar

First Publication:
Bahuda, 2019

Printing:
Media Press
24-East, Ashok Nagar, BBSR

Price : **150/-**

Digitized by srujanika@gmail.com

ଉତ୍ସର୍ଗ

ପ୍ରଭୁ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ପ୍ରଣତି ସହ
ମୋର ଏଇ ଗଳ୍ପ ସଂକଳନ
"ଚଇତାର ଆମ୍ବତୋଟା"କୁ ଉତ୍ସର୍ଗ କରୁଛି....

- ବୀରେଶ୍ୱର

Digitized by srujanika@gmail.com

କଥା ପଦେ

କ୍ଷୁଦ୍ର ଗଳ୍ପର ଆଧାରଶିଳା ହେଉଛି କାହାଣୀ । କାହାଣୀ ନାହିଁ ତ ଗଳ୍ପ ନାହିଁ । ପଞ୍ଜରା ନ ଥିଲେ ଶରୀରର ଟାଣପଣ ଆସିବ କାହୁଁ? ଯେମିତି ଗାଡ଼ି ମଟରଙ୍କର ଚେସିସ୍ । ହେଲେ ଜୀବନ ଲାଗି ଯେଉଁପରି ହୃତ୍‌ପିଣ୍ଡ ଦରକାର, ଗାଡ଼ି ପାଇଁ ଯେ ଭଳି କାର୍‌ବୁରେଟର୍ ଲୋଡ଼ା ସେମିତି ଗୋଟିଏ ସଫଳ ଗଳ୍ପ ସକାଶେ ଯାହା ଗଭୀର ଭାବେ ଆବଶ୍ୟକ ତାହା ହେଉଛି ସେଥିରେ ଲୁକ୍‌କାୟିତ ଭାବ-ସମ୍ପଦ । ଗଳ୍ପ ଲେଖକଟି ସେଇକଥା ପାଠକଙ୍କ ମେଳରେ ବାଣ୍ଟିବାକୁ ଚାହେଁ । ଭାବ-ସମ୍ପଦରେ ଭରା ଗଳ୍ପ ହିଁ କାଳଜୟୀ ହୁଏ, ଗୋଟାଏ ସମୟରୁ ଆଉ ଗୋଟାଏ ସମୟକୁ ଗଡ଼ିଚାଲେ । ପୁଣି ଭାଷା ଓ ଭୂମିର ବାଡ଼ ଡେଇଁ ଅନ୍ୟ ଭୂମି ଓ ଭାଷାକୁ ମାଡ଼ିଯାଏ ।

ଗଳ୍ପ ଲେଖକ ବୀରେଶ୍ୱର ଜଣେ ଭାବମୋଦୀ ମଣିଷ । ମନ ଭିତରେ ଭାବନାଗୁଡ଼ିକ ତାଙ୍କୁ ଖୁଜୁବୁଜୁ କରିଥିବାରୁ ସେ ସବୁକୁ ଗଳ୍ପ ରୂପ ଦେଇଛନ୍ତି । "ଢିଙ୍କିଶାଳ"ରୁ ଆରମ୍ଭ କରି "ସିନ୍ଦୁକ", "ଘର", "ଆଉଟ୍ ହାଉସ୍" ଦେଇ "ଚଇତାର ଆମ୍ବତୋଟା"ରେ ପହଞ୍ଚିଛନ୍ତି । "ଜୀବନ ଯଜ୍ଞ"ରେ ଆଧୁନିକ ସମୟର ନୂଆପଣକୁ ଚନଖିଛନ୍ତି । ସବୁ ଗଳ୍ପରେ ସେଇ ଭାବ-ସମ୍ପଦର ଆଲୋଡ଼ନ । ଜୀବନ ଓ ସମୟକୁ ନେଇ ଭାବର ଦଉଡ଼ ।

ଏ ସଂକଳନରେ ସନ୍ନିବେଶିତ ଗଳ୍ପ ବା କାହାଣୀଗୁଡ଼ିକ ନିଚୋଳ ଜୀବନ-କଥା । ଭାଷାର ଆଟୋପ ନାହିଁ କି ପରିବେଷଣର ଝକମକ ନାହିଁ । ତଥାକଥିତ ନୂଆ ପ୍ରୟୋଗର ଭେଳିକି ନାହିଁ । ଆଧୁନିକ କ୍ଷୁଦ୍ରଗଳ୍ପର ମନନ-ଧାରାକୁ ଛାଡ଼ି ଲେଖକ ସିଧାସିଧା କଥନ ଧାରାକୁ ଆସିଛନ୍ତି । ପ୍ରତିଟି ଗଳ୍ପ ସୁଖପାଠ୍ୟ ପୁଣି ଭାବଗୁଣୀ ।

ଭଗବାନ କରନ୍ତୁ ତାଙ୍କର ଚଲାପଥ କୁସୁମିତ ହେଉ ।

- ଦାଶ ବେନହୁର

Digitized by srujanika@gmail.com

ମୋ କଥା

ଆଖପାଖରେ ସଂଘଟିତ ହେଉଥିବା ଘଟଣା ପ୍ରବାହମାନଙ୍କୁ ନେଇ ଏ ଗଳ୍ପ ସଂକଳନ । ସମସ୍ତ ଚରିତ୍ର ମୋର ନିଜର, ଆପଣାର । ଜୀବନର ଗତି ପଥରେ କେଉଁଠି ନା କେଉଁଠି ଏମାନେ ଦେହରେ ଘସିନେସି ହୋଇ ଭାବନାର ପରିଧି ଭିତରକୁ ଧଷେଇ ପଶି ଆସି ଗଳ୍ପ ସଂକଳନରେ ଆସ୍ଥାନ ଜମେଇ ବସିଯାଇଛନ୍ତି । ସମୟକୁ ଅପେକ୍ଷା । ସେହିଁ ଭଲମନ୍ଦ ସବୁ କହିବ । ବିଶିଷ୍ଟ ଶିକ୍ଷାବିତ୍ ପ୍ରସିଦ୍ଧ ସାହିତ୍ୟିକ, କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ବଂଧୁ ଦାଶ ବେନହୁର ତାଙ୍କର ବହୁମୂଲ୍ୟ ସମୟ ଦେଇ ଏହି ଗଳ୍ପ ସଂକଳନର ଅଗ୍ରକଥା ଲେଖିଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ ଭାବରେ ଋଣୀ ।

ସଂକଳନଟିକୁ ପ୍ରସ୍ତୁତ କରିବାରେ ମୋର ଅଗ୍ରଜ ପ୍ରତିମ ଗାଳ୍ପିକ ଚୌଧୁରୀ ବରଦାପ୍ରସନ୍ନ ଦାସଙ୍କର ପ୍ରେରଣା ଓ ପରାମର୍ଶ ପାଇଁ ମୁଁ ତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି । ଏହି ଅବସରରେ ବନ୍ଧୁ ବ୍ରହ୍ମାନନ୍ଦ ପରିଡ଼ାଙ୍କ ସହଯୋଗ କେବେ ଭୁଲିବାର ନୁହେଁ ।

ଏହି ସଂକଳନଟିର ପ୍ରଚ୍ଛଦ ଓ ମୁଦ୍ରଣ ପାଇଁ ମିଡ଼ିଆ ପ୍ରେସ୍, ଭୁବନେଶ୍ୱରଙ୍କୁ କୃତଜ୍ଞତା ଜଣାଉଛି ।

ମୋର ଧର୍ମପତ୍ନୀ ଶ୍ରୀମତୀ ପ୍ରଣତି ମହାନ୍ତି ତଥା ପିଲାମାନଙ୍କର ଅକୁଣ୍ଠ ସହଯୋଗ, ଅବିରତ ପ୍ରେରଣା "ଚଇତାର ଆମ୍ବତୋଟା" ଗଳ୍ପ ସଂକଳନଟିକୁ ପ୍ରକାଶିତ କରିବାରେ ଅଶେଷ ସହାୟ ହୋଇଥିବା କହିବାରେ ମୋର ତିଳେ ମାତ୍ର ଦ୍ୱିଧା ନାହିଁ ।

ସମସ୍ତଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ।

ଗଳ୍ପ ସଙ୍କଳନ ମାଧମରେ ପାଠକ / ପାଠିକାଙ୍କର ମନକୁ ସ୍ପର୍ଶ କରିବାର ଏ ନଗଣ୍ୟ ପ୍ରଚେଷ୍ଟା ମୁହୂର୍ତ୍ତିଟିଏ ପାଇଁ ଯଦି କାହାକୁ ମୁଗ୍ଧ କରିପାରେ, ତାହାହିଁ ହେବ ମୋ ପାଇଁ ସର୍ବଶ୍ରେଷ୍ଠ ଅନୁଭବ ।

-ବୀରେଶ୍ୱର ମହାନ୍ତି

Digitized by srujanika@gmail.com

ସୂଚୀପତ୍ର

ଢ଼ିଙ୍କିଶାଳ	୦୭
ଅକୁହା କଥା	୧୪
ନିଦ୍ରାଭଙ୍ଗ	୧୯
ସିନ୍ଦୁକ	୨୫
ରେବ	୩୧
ବାବାଜି	୩୯
ରଘୁର ଶାନ୍ତି	୪୬
ଲ୍ୟାଣ୍ଡ ଫୋନ୍	୫୩
ଘର	୫୯
ହାତ ପାହାନ୍ତାରେ	୬୮
ସର ଅପା	୭୭
ଆଉଟ୍ ହାଉସ୍	୮୩
ମଳୟର ଗାଁ ଦାଣ୍ଡ	୯୦
ଜୀବନ ଯଜ୍ଞ	୯୮
ଛଳନା	୧୧୨
ପରାଜିତ ଅନ୍ଧାର	୧୧୯
ନୂଆ ପୁରୁଣା	୧୨୫
ଅବାନ୍ତର କଥା	୧୨୮
ଅତି ଚିପୁଡ଼ିଲେ	୧୩୨
ଚଇତାର ଆମ୍ବତୋଟା	୧୩୬

Digitized by srujanika@gmail.com

ଢିଙ୍କିଶାଳ

ସକାଳୁ ସକାଳୁ ରାଜୁବାବୁଙ୍କ ମନ ଭଲ ନାହିଁ। ଘରଣୀଙ୍କ ସଙ୍ଗେ ଉଚ୍ଚବାଚ ଯୋଗୁଁ ଘରର ପରିବେଶଟା ଗରମ ଅଛି। ପୁଅ ବି ମା'ର ପକ୍ଷ ନେଇ ସମର୍ଥନ କରୁଛି। ଦୁହେଁ ମିଶି ଯାଇଥିବାରୁ ରାଜୁବାବୁଙ୍କ କଥାଟା ହାଲୁକା ହେଇଗଲା ପରି ଲାଗୁଛି। ବାବୁ କିନ୍ତୁ ଛାଡ଼ିବାର ଲୋକ ନୁହଁନ୍ତି। ଯାହା ହେଇଯାଉ ପଛେ ସେ ତାଙ୍କ କଥାରୁ ତିଳେ ବି ପଛକୁ ହଟିବେନି। ଗୃହର କର୍ତ୍ତା ସେ। ତାଙ୍କ କଥା ରହିବ ହିଁ ରହିବ। କର୍ତ୍ତା ହିସାବରେ ବଂଶ ପରମ୍ପରା, ଆଭିଜାତ୍ୟକୁ ରକ୍ଷା କରିବା ତାଙ୍କର ପରମ କର୍ତ୍ତବ୍ୟ।

ଘରଣୀ ବି ଦବିବାର ନୁହଁନ୍ତି। କାହିଁକି ବା ଦବନ୍ତେ ? ପୁଅ ତାଙ୍କ ପଟ। ତା' ପରେ ସେ ତ କିଛି ନାକରା କଥା କହୁନାହାନ୍ତି। ଯୁଗ କୁଆଡ଼େ ଗଲାଣି। ସ୍ୱାମୀ ତାଙ୍କର ସେଇ ପୁରୁଣା କଥାକୁ ଧରି ଅଡ଼ିବସିଛନ୍ତି।

ସୁମିତାଙ୍କ ବୟସ ପଞ୍ଚାବନ ପାଖାପାଖି। ରାଜୁବାବୁଙ୍କ ହାତ ଧରିବା ତିରିଶ ବର୍ଷ ହେଲାଣି। ଏଇମିତି କେତେ ରାଗ ରୁଷା ସେ ଦେଖିଛନ୍ତି, ଅଙ୍ଗେ ନିଭେଇଛନ୍ତି। ରାଜୁ ବାବୁ ପ୍ରଥମେ ଜିଦ୍ ଧରିଲେ ମଧ୍ୟ ପଛକୁ ବୁଝିଯାଆନ୍ତି। ଏଥର କିନ୍ତୁ ତାଙ୍କ ରାଗ ପଞ୍ଚମକୁ ଉଠିଯାଇଛି। ଘରୁ ବାରଣ୍ଡାକୁ ଆସୁଛନ୍ତି, ଯାଉଛନ୍ତି। ମଝିରେ ମଝିରେ ଲୁଙ୍ଗିକୁ ଦୁଇ ଚଉତା କରି ଭାଙ୍ଗି ଦେଇ ପୁଣି ଖୋଲି ଦେଉଛନ୍ତି।

ହାଲି ଚାକିରିରୁ ଅବସର ନେବା ପୂର୍ବରୁ ଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଆଖପାଖ ଗାଁରେ ନାଁ ଡାକ ଅଛି। ଭଲ ମନ୍ଦରେ ଗାଁ ଲୋକେ ତାଙ୍କ ପରାମର୍ଶ ନିଅନ୍ତି।

କଥାଟା ଅଟକିଛି ଢିଙ୍କିଶାଳରେ। ବାବୁଙ୍କର ପୁରୁଣା ଖାନ୍‌ଦାନିଆ ଘର। ସେ ଘରର ଏକ ଅଂଶ ହେଉଛି, ଢିଙ୍କିଶାଳ। ଢିଙ୍କିଶାଳରେ ଛୋଟ ବଡ଼ ହୋଇ ଦୁଇଟି ଢିଙ୍କି। ପୂର୍ବପୁରୁଷଙ୍କର ଅମୂଲ୍ୟ ସନ୍ତକ। ରାଜୁବାବୁଙ୍କର ଢିଙ୍କିଶାଳ ଏବଂ ସେ ଢିଙ୍କି ଦୁଇଟି ପ୍ରତି ଅହେତୁକ ମୋହ।

Digitized by srujanika@gmail.com

ମା' ପୁଅଙ୍କର ଜିଦ୍ ଢିଙ୍କିଶାଳ ଭଙ୍ଗା ହେବ। ସେ ଜାଗାରେ ଚଳାଚଳ ସୁବିଧା ପାଇଁ ଆଉ ଦୁଇ ବଖରା ଘର ତିଆରି ହେବ। ବାବୁଙ୍କର କିନ୍ତୁ ଏକା ଜିଦ୍- ଢିଙ୍କିଶାଳ ଭଙ୍ଗା ହେବନି। ଯଦି ଭଙ୍ଗା ହେବ, ତେବେ ତାଙ୍କ ମୃତ୍ୟୁ ପରେ।

ଗୁମ୍ ହୋଇ ଦାଣ୍ଡ ଘର କାଠ ଚଉକି ଉପରେ ବସି ପଡ଼ିଲେ ରାଜୁବାବୁ। ଘରର ପୁରୁଣା ଆସବାବପତ୍ର ଗୁଡ଼ାକ ପ୍ରତି ତାଙ୍କର ଦୁର୍ବଳତା ଖୁବ୍ ବେଶି। ପୁରୁଣା ସିନ୍ଦୁକ, ଚୌକି, କାଠ ଆଲମାରୀ ଇତ୍ୟାଦିର ସେ ଭାରି ଆଦର ଯତ୍ନ କରନ୍ତି। ଉତ୍ତରାଧିକାରୀ ସୂତ୍ରରେ ପୂର୍ବପୁରୁଷଙ୍କ ଠାରୁ ମିଳିଥିବା ଆସବାବ ପତ୍ରକୁ ଦେଖି ସେ ଆନନ୍ଦିତ ହୁଅନ୍ତି। ପୂର୍ବ ପୁରୁଷଙ୍କ ସ୍ନେହ, ଶ୍ରଦ୍ଧା, ପରିଶ୍ରମରେ ତିଆରି ଜିନିଷଗୁଡ଼ିକୁ ସେ ଅଣଦେଖା କରନ୍ତେ କେମିତି ?

ସୁମିତାଙ୍କ ମତ, ଢିଙ୍କିର ଯୁଗ ସମାପ୍ତ ହୋଇ ସାରିଛି। ଏ ଯୁଗରେ ଢିଙ୍କିରେ ଚାଉଳ କୁଟୁଛି କିଏ ? କଳ ପେଷା ଚାଉଳ କେଡ଼େ ସୁନ୍ଦର । ଝିଞ୍ଜଟ୍ ବି ନାହିଁ। ଢିଙ୍କିପରି ଅଦରକାରୀ ଜିନିଷ ଗୁଡ଼ାକୁ ଆବୋରି ବସିବାରେ ଲାଭ କ'ଣ ? ଅଯଥା ଭାବପ୍ରବଣତାକୁ ପ୍ରଶ୍ରୟ ଦେଇ ଅସୁବିଧା ବରଣ କରିବା କେବେହେଲେ ବୁଦ୍ଧିମାନ ଲୋକର କାର୍ଯ୍ୟ ହୋଇ ନ ପାରେ। ରାଜୁବାବୁଙ୍କର କିନ୍ତୁ ସମ୍ପୂର୍ଣ୍ଣ ଅଲଗା ମତ। ସବୁ କଥାରେ ଲାଭ କ୍ଷତିର ହିସାବ କରାଯାଏନା। ବଂଶ ପରମ୍ପରାର ଗାରିମା ସମ୍ମୁଖରେ ଲାଭ କ୍ଷତିର ମୂଲ୍ୟ ତୁଚ୍ଛ।

ରାଜୁବାବୁ ଯେ ଢିଙ୍କିର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି, ତା ବି ନୁହେଁ। ଶ୍ରାଦ୍ଧ, ପୂଜାପାଠ ତଥା ଧାର୍ମିକ କାର୍ଯ୍ୟରେ ସେ କେବଳ ଢିଙ୍କିକୁଟା ଚାଉଳ ବ୍ୟବହାର କରନ୍ତି। ଏଥିପାଇଁ ଅନ୍ୟମାନଙ୍କର ସମାଲୋଚନାର ପାତ୍ର ହେଲେ ମଧ୍ୟ ସେ ସବୁକୁ ଭ୍ରୂକ୍ଷେପ କରି ନାହାନ୍ତି। ଏତଦ୍ ବ୍ୟତୀତ ସମୟ ସମୟରେ ସେ ବନ୍ଧୁବାନ୍ଧବମାନଙ୍କୁ ଢିଙ୍କିକୁଟା ଚାଉଳ ଉପହାର ସ୍ୱରୂପ ଦିଅନ୍ତି। ନିଜେ ମଧ୍ୟ ପରିବାରରେ ମଝିରେ ମଝିରେ ଢିଙ୍କିକୁଟା ଚାଉଳ ବ୍ୟବହାର କରନ୍ତି।

ଢିଙ୍କିକୁ ଦେଖିଲେ ରାଜୁବାବୁଙ୍କର ବହୁ ପୁରାତନ ସ୍ମୃତି ଉଜାଗର ହୋଇଯାଏ। ବିଶ୍ୱକର୍ମା ପୂଜାରେ ତାଙ୍କ ବାପା ଢିଙ୍କିଶାଳ ଲିପା ପୋଛା କରାଇ ଦୁଇ ଢିଙ୍କିଙ୍କୁ ଗେଣ୍ଡୁମାଳରେ ସଜାଇ ଦିଅନ୍ତି। ନଡ଼ିଆଟିଏ ପିଟି ନଡ଼ିଆ ପାଣି ଦୁଇ ଢିଙ୍କି ଉପରେ ଛିଞ୍ଚି ଦିଅନ୍ତି। ରାକ୍ଷୀ ପୂର୍ଣ୍ଣିମାରେ ଦୁଇ ଢିଙ୍କିଙ୍କୁ ଅତି ଆଦର ଯତ୍ନରେ ରାକ୍ଷୀ ବାନ୍ଧି ଦିଅନ୍ତି। ପିଲାବେଳୁ ବାପାଙ୍କର ଏ କାର୍ଯ୍ୟ ସବୁ ଦେଖି ଦେଖି ସେ ବଡ଼ ହେଇଛନ୍ତି। ସ୍ତ୍ରୀ, ପିଲାଙ୍କ କଥାରେ ପଡ଼ି ଢିଙ୍କିଶାଳକୁ ଭାଙ୍ଗିବେ କିପରି ?

Digitized by srujanika@gmail.com

ଖାଲି ବାପାଙ୍କ କଥା ନୁହେଁ, ଢିଙ୍କିଶାଳ ଆଡ଼େ ନଜର ପଡ଼ିଗଲେ ରାଜୁବାବୁଙ୍କର ତାଙ୍କ ବୋଉଙ୍କ କଥା ବି ମନେ ପଡ଼ିଯାଏ। ସପ୍ତାହକୁ ଥରେ ଦି'ଥର ସାନଖୁଡ଼ୀଙ୍କ ସାଙ୍ଗରେ ମିଶି ବୋଉ ଢିଙ୍କିଶାଳରେ ଢିଙ୍କି କୁଟେ। ରାଉତ ସାହି ଶୁକୁରା ମା'ଢିଙ୍କି ତାଳେ ତାଳେ ଖୋଲରେ ହାତ ପୂରାଇ ଚାଉଳ କିମ୍ବା ଚୂନାକୁ ଘାଂଟି ପକାଏ। ଗୋଟିଏ ନିର୍ଦ୍ଦିଷ୍ଟ ତାଳରେ ଢିଙ୍କିର ଧୁମ୍ ଦୁମ୍ ଶବ୍ଦ ସହିତ ରାଜୁବାବୁ ବେଶ୍ ପରିଚିତ। ସତ କହିବାକୁ ଗଲେ ଢିଙ୍କି ଶବ୍ଦଟା ରାଜୁବାବୁଙ୍କୁ ସଙ୍ଗୀତର ସୁରଠାରୁ କିଛି ଉଣା ଲାଗେ ନାହିଁ। ଢିଙ୍କିର ଶବ୍ଦକୁ ସେ ବେଶ୍ ମନଭରି ଉପଭୋଗ କରନ୍ତି। ଢିଙ୍କିକୁଟାକୁ ରାଜୁବାବୁ ଏକ ଶ୍ରେଷ୍ଠ ଶାରୀରିକ ପରିଶ୍ରମ ବୋଲି ବିବେଚନା କରନ୍ତି। ସେଥିପାଇଁ ସେ ବେଳେ ବେଳେ ସୁମିତାଙ୍କୁ ଲକ୍ଷ୍ୟ କରି କହନ୍ତି – "ବୋଉ ଢିଙ୍କିକୁଟା ଅଭ୍ୟାସ ରଖିଥିବାରୁ ରୋଗ ତା' ପାଖ ପଶି ପାରିନି।"

ବିଜୁ, ରାଜୁବାବୁଙ୍କର ଏକମାତ୍ର ପୁତ୍ର। ବୟସ ପଚିଶ ପାଖାପାଖି। ସରକାରୀ ଚାକିରିରେ ଅବସ୍ଥାପିତ। ବର୍ତ୍ତମାନ ସୁଦ୍ଧା ଅବିବାହିତ। ବାପାଙ୍କର ଢିଙ୍କି ପ୍ରୀତିଟା ବିଜୁକୁ ଅଡୁଆ ଅଡୁଆ ଲାଗେ। ଢିଙ୍କିଶାଳଟା ଭାଙ୍ଗି ଦେବା ପାଇଁ କେତେ ଥର ବାପାଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଛି। ବରଂ ଆଧୁନିକତାର ଅର୍ଥ ପୁରାତନ ପଦାର୍ଥ ଭାଙ୍ଗି ରୁଜି ନଷ୍ଟ କରିଦେବା ନୁହେଁ ବୋଲି ବାପା ତାକୁ ସତର୍କ କରାଇ ଦେଇଛନ୍ତି। ତଥାପି ବିଜୁ ସୁଯୋଗ ଅପେକ୍ଷାରେ ଅଛି ବୋଲି ମା'କୁ ବୁଝାଇ ଦେଇଛି। ମଝିରେ ମଝିରେ ଢିଙ୍କି ଉପାଖ୍ୟାନକୁ ନେଇ ପରିବାରରେ ଝଡ଼ ସୃଷ୍ଟି ହୋଇଯାଏ। ଆଜି ସକାଳୁ ସେହିଭଳି ଏକ ଝଡ଼ର ସୂତ୍ରପାତ ହୋଇଛି।

ରାଜୁବାବୁ ନଛୋଡ଼ବନ୍ଧା। ଏ ପାରିବାରିକ ଝଡ଼ ଆଗରେ ନଇଁବାର ଲୋକ ସେ ନୁହନ୍ତି। ବରଂ ଆଉଥରେ ଢିଙ୍କିଶାଳ ଭାଙ୍ଗିବାର ପ୍ରସ୍ତାବ ଆସିଲେ ପରିସ୍ଥିତି ଭୟଙ୍କର ହେବ ବୋଲି ସତର୍କବାଣୀ ଶୁଣାଇଛନ୍ତି।

ସମୟର ସ୍ରୋତ କେବେ ଅଟକିବାର ନୁହେଁ। ଇତି ମଧ୍ୟରେ ପାଞ୍ଚବର୍ଷ ଗତ ହୋଇ ସାରିଲାଣି। ରାଜୁବାବୁ ପୁଅ ବିଜୁକୁ ହାତରୁ ଦି'ହାତ କରି ସାରିଲେଣି । ସମସ୍ତଙ୍କ ମନରେ ହସର ଜୁଆର ଛୁଟାଇ କୁନୁମୁନିଆ ନାତୁଣୀଟିଏ ଘରର ଏ ମୁଣ୍ଡରୁ ସେ ମୁଣ୍ଡକୁ ଡିଆଁ ମାରୁଛି।

ତଥାପି ଢିଙ୍କିଶାଳଟା ଭାଙ୍ଗି ନାହିଁ। ଏବେ ବି ସେମିତି ଅଛି। ମା' ପୁଅ ସତେ ଯେମିତି ରାଜୁବାବୁଙ୍କ ସଙ୍ଗେ ସାଲିସ୍ କରିଦେଇଛନ୍ତି। ଚଳାଚଳ ପାଇଁ ଅଧିକ ବଖରାଏ

Digitized by srujanika@gmail.com

ଘରର ଆବଶ୍ୟକତା ଥିଲେ ବି ଢିଙ୍କିଶାଳ ଭାଙ୍ଗିବା ବିଷୟ ତୁଣ୍ଡରେ ଧରନ୍ତିନି । ନାତୁଣୀଟା ପୁଳେ କଣ୍ଢେଇ ନେଇ ଢିଙ୍କି ଶାଳରେ ମନକୁ ମନ କ'ଣ ଗପି ଗପି ଖେଳରେ ମାତି ଯାଏ । ରାଜୁବାବୁ ବେଳେ ବେଳେ ପିଠିଟା ଖରାଆଡ଼କୁ କରି ଢିଙ୍କିଶାଳରେ ବସି ଖବର କାଗଜ ପଢ଼ନ୍ତି । ବିଶ୍ୱକର୍ମା ପୂଜାରେ ଢିଙ୍କି ପୂଜା କରନ୍ତି । ରାକ୍ଷୀ ପୂର୍ଣ୍ଣମୀରେ ରାକ୍ଷୀ ବାନ୍ଧନ୍ତି । କେବେ କେହି ପାଖ ପଡ଼ୋଶୀ ଚାହିଁଲେ ସୁମିତାଙ୍କ ସହମତିରେ ଢିଙ୍କିର ସଦ୍‌ବ୍ୟବହାର ହେବା ମଧ୍ୟ ଦେଖାଯାଏ ।

ଏଇ କିଛି ଦିନ ହେବ ରାଜୁବାବୁଙ୍କ ଦେହ ଭଲ ରହୁନାହିଁ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା ଚାଲିଛି । ମା' ପୁଅଙ୍କ ଅଗୋଚରରେ ରାଜୁବାବୁ କବିରାଜୀ ଔଷଧ ବି ସେବନ କରୁଛନ୍ତି । ମାତ୍ର ଫଳ ସେମିତି କିଛି ଉତ୍ସାହପ୍ରଦ ନୁହେଁ । ଖାଦ୍ୟରେ ବିଶେଷ ଅରୁଚି । ଶରୀର କ୍ରମେ କ୍ଷୀଣ ହେବାରେ ଲାଗିଛି ।

ସୁମିତା ତା'ଙ୍କ ସାଧ ମତେ ଚେଷ୍ଟା କରନ୍ତି । ବୋହୂ ମା' ବି ଶ୍ୱଶୁରଙ୍କ ସେବାରେ କେବେ ହେଳା କରନ୍ତିନି । ପାଟିକୁ ରୁଚିଲା ଭଳିଆ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରନ୍ତି । ରାଜୁବାବୁଙ୍କ ସ୍ୱାସ୍ଥ୍ୟ ଖରାପ ସାଙ୍ଗକୁ ବର୍ଷାଟା ବି ଦାଉ ସାଧୁଛି । ପାଞ୍ଚଦିନ ହେଲାଣି ଲଗାଣ ବର୍ଷା । ଦାଣ୍ଡ ଘାଟ ଚାରିଆଡ଼ ଜଳାର୍ଣ୍ଣବ । ମାଟି କାଦୁଅରେ ରାସ୍ତା ଗୁଡ଼ାକର ଅବସ୍ଥା ବାର ବାଜି ସାରିଲାଣି । କୁଆଡ଼େ ଘେରାଏ ବୁଲିଆସି ମନ ଫୂର୍ତ୍ତି କରିବାକୁ ବି ସୁଯୋଗ ନାହିଁ । ଟିଭି କହୁଛି, ଆହୁରି ଚାରି ପାଞ୍ଚ ଦିନ ବର୍ଷା ଲାଗିରହିବ । ଦୁର୍ବଳ ଶରୀର ସାଙ୍ଗକୁ ମନଟା ବି ପାଣିଚିଆ ହୋଇଗଲା ରାଜୁବାବୁଙ୍କର । ସୁମିତାଙ୍କୁ ଡାକି ଢିଙ୍କିଶାଳରେ ଚଉକିଟାଏ ପକାଇବାକୁ କହିଲେ । ଛତାଟିଏ ନେଇ ମୃଦୁ ପଦ ଚାଳନା କଲେ ଢିଙ୍କିଶାଳ ଆଡ଼କୁ । ଢିଙ୍କିଶାଳରେ ପଡ଼ିଥିବା ଚଉକିରେ ବସିଯାଇ ଆଶ୍ୱସ୍ତିର ନିଃଶ୍ୱାସ ନେଲେ । ଢିଙ୍କି ଦୁଇଟା ଉପରେ ଆଖି ବୁଲାଇ ଆଣି ସୁମିତା ଏବଂ ବିଜୁଙ୍କୁ ମନେ ମନେ ଧନ୍ୟବାଦ ଦେଲେ । ସେମାନେ ଜିଦ୍ ଧରିଥିଲେ, ଆଜି କ'ଣ ଢିଙ୍କିଶାଳ ଥା'ନ୍ତା ? ଢିଙ୍କିଶାଳଟା ଭାଙ୍ଗି ଦେଇଥିଲେ ସେ ବା କ'ଣ କରିପାରିଥାନ୍ତେ ? ମନେ ମନେ ଆଉ ଥରେ ମା' ପୁଅଙ୍କୁ ଧନ୍ୟବାଦ ଦେଇ ଉଠି ଠିଆ ହେଲେ ରାଜୁବାବୁ । ଅନ୍ୟମନସ୍କ ଭାବରେ ଢିଙ୍କି ଦି'ଟା ଉପରେ ହାତ ବୁଲାଇ ଆଣି ବାହାରକୁ ବାହାରି ଆସିଲେ ।

ସଂଜ ବୁଡୁ ବୁଡୁ ସୁମିତାଙ୍କୁ ଡକାଇ କହିଲେ- "ବିଜୁ ବୋଉ, ପାଟିଟା ଅରୁଚି ଧରିଗଲାଣି । ଢିଙ୍କି କୁଟା ଚାଉଳର ଭାତ ଗୁଣ୍ଡେ ହେଲେ ପାଟିକୁ ଯାଆନ୍ତା କି କ'ଣ ?"

Digitized by srujanika@gmail.com

ରାଜୁବାବୁଙ୍କ ପାଟିରୁ କଥା ନ ସରୁଣୁ ନଣ୍ଡଭଣ୍ଡ ହୋଇ ଚାଲିଗଲେ ସୁମିତା। ଖଟ ତଳେ ଥିବା ଚାଉଳ ଟିଣ ସବୁ ଦରାଣ୍ଡି ପକାଇଲେ। ସବୁଥିରେ କଳପେଷା ଚାଉଳ। ମୁଠେ ପରିମାଣରେ ବି ଢିଙ୍କିକୁଟା ଚାଉଳ ନାହିଁ। ତହିଁ ପରଦିନ ସକାଳୁ କାଉ ନ ରାବୁଣୁ ଢିଙ୍କିରେ ସେରେ ଚାଉଳ କୁଟାଇ ଆଣିଲେ। ବରଷା ପାଣି ଯୋଗୁ ପରିବା ପତ୍ରର ଅଭାବ। ଢିଙ୍କି କୁଟା ଚାଉଳର ଭାତ ସାଙ୍ଗକୁ ଡାଲି, ଆଳୁ ଭଜା, କଖାରୁ ଖଟା ଇତ୍ୟାଦି ଅତି ଯତ୍ନରେ ରନ୍ଧାଗଲା। ଢିଙ୍କିକୁଟା ଚାଉଳ ପାଇଁ କି କ'ଣ ସେଦିନ ରାଜୁବାବୁ ଦି'ଗୁଣ୍ଡା ଅଧିକ ଭାତ ପାଟିକୁ ନେଇଥିବାରୁ ସୁମିତାଙ୍କର ଆନନ୍ଦ କହିଲେ ନସରେ !

ଝଡ଼ି ବର୍ଷା ଲାଗି ରହିଛି। ବର୍ଷା ଆହୁରି ଥମିନି। ପୁଣି ଘଡ଼ଘଡ଼ି ବିଜୁଳିର ଧମକ। ଆକାଶ ଦି' ଖଣ୍ଡ ହୋଇ ଯିବ ପରା। ଢିଙ୍କି କୁଟା ଚାଉଳର ଭାତ ମୁଠେ ଖାଇ ନିଘୋଡ଼ ନିଦରେ ଶୋଇଯାଇଛନ୍ତି ରାଜୁବାବୁ। ପାଖରେ ଏକ ଚେୟାରରେ ବସି ସୁମିତା ଅନେଇ ରହିଛନ୍ତି ରାଜୁବାବୁଙ୍କୁ। ଆକାଶଟା କଳାହାଣ୍ଡିଆ ମେଘରେ ଅନ୍ଧାର। ସମୟ ଜାଣିବା କଷ୍ଟ। କାଲୁଆ ପାଗ। ସୁମିତାଙ୍କ ଆଖି ପତାଟା କେତେବେଳେ ଲାଗି ଯାଇଛି। ନିଦ ଭାଙ୍ଗିଲା ବେଳକୁ ମୁହଁକୁ ମୁହଁ ଦିଶୁନି। ଚାରିଆଡ଼େ କିଟିକିଟି ଅନ୍ଧାର। ବିଜୁଳି ବତିର ସୁଇଚ୍‌ଟା ଟିପି ଦେଇ ଦେଖିଲେ ସ୍ୱାମୀ ଏବେ ବି ନିଦ୍ରାରେ। ମୁଣ୍ଡରେ ହାତଟା ବୁଲାଇ ଆଣିଲେ। ପୂରା ଥଣ୍ଡା। ପାଗ ପାଇଁ ମୁଣ୍ଡଟା ଥଣ୍ଡା ହୋଇଥିବ ପରା-ମନକୁ ବୁଝେଇ ଦଣ୍ଡେ ବସି ରହିଲେ ସୁମିତା। ମନ ମାନିଲାନି; ମନକୁ କାହିଁ ପାପ ଛୁଇଁଲା। ଚଦର ଟେକି ଗୋଡ଼ ଉପରେ ହାତ ପକାଇଲେ। ପୂରା ହେମାଳ। ହାତଟା ଟେକିଲା ବେଳକୁ ତଳକୁ ଝୁଲି ପଡ଼ିଲା। ବିଶ୍ୱାସ କରିପାରିଲେନି ସୁମିତା।

କିଛି ବୁଦ୍ଧି ବାଟ ନ ପାଇ ବୋହୂକୁ ପାଟିକରି ଡାକ ପକାଇଲେ। ଜଣକ ପରେ ଜଣେ ସାଇଭାଇରୁ ଆସି ରାଜୁବାବୁଙ୍କ ଘରେ ରୁଣ୍ଡ ହୋଇଗଲେ। କିଏ କହିଲା ଡାକ୍ତରଖାନା ନିଅ ତ କିଏ କହିଲା ଆଗେ ଗଦା ଦାସଙ୍କୁ ଡାକ। ଗଦା ଦାସ – ଗାଁରେ ଭଲ ମନ୍ଦରେ ଔଷଧ ଦିଅନ୍ତି। ରକ୍ତ ଚାପ ମାପନ୍ତି। ଆଖ ପାଖ ଗାଁରେ ଗଦା ଦାସଙ୍କର ନାଁ ଡାକ ଅଛି। କାହାଠୁ ଖବର ପାଇ ଛତାଟିଏ ଧରି ଗଦା ଦାସ ଆପେ ଆପେ ଆସି ପହଂଚିଗଲେ। ଭିଡ଼ ଆଡ଼େଇ ଚାହିଁଲେ ରାଜୁବାବୁଙ୍କୁ। ଆଖି ପତା ବନ୍ଦ ଅଛି। ରାଜୁବାବୁଙ୍କ ହାତ ଉଠାଇ ନାଡ଼ି ପରୀକ୍ଷା କଲେ। ନାଡ଼ି ଚାଲିବାର କିଛି ଲକ୍ଷଣ ନାହିଁ। ମୁଣ୍ଡ ହଲେଇ ବାହାରକୁ ବାହାରି ଆସିଲେ ଗଦା ଦାସ।

Digitized by srujanika@gmail.com

ଖବରଟା ଚାରିଆଡ଼େ ପ୍ରଚାର ହୋଇଗଲା। ରାଜୁବାବୁ ଆଉ ନାହାନ୍ତି। ବିଜୁ ବି ଖବର ପାଇ ଆସି ପହଂଚିଗଲା। କାନ୍ଦ ବୋବାଳି ମଧ୍ୟରେ ଶବ ସତ୍କାର ପାଇଁ ବନ୍ଦୋବସ୍ତ ଚାଲିଲା। ଗାଁର ସବୁଠୁ ବୟସ୍କ ବ୍ୟକ୍ତି ମଧୁ ମହାପାତ୍ରେ। ଶହେ ମଡ଼ା ପୋଡ଼ିଲେଣି ବୋଲି ଭାରି ଗର୍ବ। ତାଙ୍କରି ତତ୍ତ୍ୱାବଧାନରେ ସବୁ କାର୍ଯ୍ୟ ଚାଲିଛି।

ରାତି ବଢ଼ି ଚାଲିଛି। ବର୍ଷା ଥମିଲେ ଶବ ସତ୍କାର ହୁଅନ୍ତା। ବର୍ଷା କମିବାର ନାଁ ନାହିଁ। ଶେଷରେ ଗୋଟାଏ ପାଲ ଟାଙ୍ଗି ଶବ ସତ୍କାର କରିବାକୁ ନିଷ୍ପତ୍ତି ହେଲା।

ବର୍ଷା ଦିନେ ଶୁଖିଲା କାଠର ଅଭାବ। କିଛି ଶୁଖିଲା କାଠର ଯୋଗାଡ଼ କରାଯାଇଛି। ତଥାପି ନିଅଂଟ। ବେଳ ଉଛୁର ହେଉଛି। ଲୋକେ ପଚରା ପଚରି ହେଲେଣି –ରାଜୁ ଦାସେ ବାସି ମଡ଼ା ହୋଇଯିବେ କି ? ସକାଳ ପୂର୍ବରୁ ଶବ ସଂସ୍କାର ସମାପ୍ତି ହେବା ଆବଶ୍ୟକ। ଏତିକି ବେଳେ ଛତାଟିଏ ଧରି ନାଣ୍ଟୁ ସାହୁ ହାଜର। ବୟସରେ ମଧୁ ମହାପାତ୍ରେଙ୍କଠୁ ସାନ ହେଲେ ମଧ୍ୟ ନାଣ୍ଟୁ ସାହୁ ବି ଶହେ ମୁର୍ଦ୍ଦାର ପୋଡ଼ିଲେଣି ବୋଲି ଦମ୍ଭୋକ୍ତି ଦେଖାନ୍ତି। ଏପଟ ସେପଟ ଅନେଇ କହିଲେ- ମଧୁ ମହାପାତ୍ରେଙ୍କ ସବୁ କାମ ଡେରି । ଗୁଡାଏ ଅଯଥା କାମ କରି ଶବ ଦାହରେ ବିଳମ୍ବ ଘଟାନ୍ତି। ପୁରୁଣା କାଳିଆ ଲୋକ କି ନା ! ନାଣ୍ଟୁ ସାହୁଙ୍କ ଇଛା ଏ ସବୁ କାମରେ ତାଙ୍କ କଥା ରହନ୍ତା।

ବିଜୁର ମନ ଥୟ ଧରୁନି। ସତରେ କ'ଣ ତା' ବାପାଙ୍କ ମଡ଼ା ବାସି ହୋଇଯିବ ! ଚିନ୍ତା ଘାରୁଛି। କିଛି ସମୟ ନିରବରେ ବସି ଉଠି ଠିଆ ହେଲା ବିଜୁ । ଡକରା ପାଇ କାଠୁରିଆ ଆଗରୁ ଆସି ଅପେକ୍ଷା କରିଛି। ତା' ସାଙ୍ଗେ କଥା ହୋଇ ସୁମିତାଙ୍କ ସଙ୍ଗେ ଦି' ପଦ କଥା ହେଲା।

କାଠୁରିଆ ଆଉ ଦି' ଜଣଙ୍କୁ ସାଙ୍ଗ କରି ଢିଙ୍କି ଦି'ଟା ଖୋଲି ଦେଇ ସେଇ ଢିଙ୍କିଶାଳରେ ଚିରି ପକାଇଲା। ପୂର୍ବରୁ ସଂଗୃହିତ କାଠ ସହ ଢିଙ୍କି ଚିରା କାଠକୁ ମିଶାଇ ଶବ ଦାହ ଠିକ୍ ସମୟରେ ସମାପ୍ତ କରାଗଲା। ରାଜୁ ବାବୁଙ୍କ ପ୍ରିୟ ଢିଙ୍କିର କାଠ ସହ ରାଜୁବାବୁଙ୍କ ମୃତ ଶରୀର ପଞ୍ଚଭୂତରେ ଲୀନ ହୋଇଗଲା। ସତେ ଯେମିତି ରାଜୁବାବୁଙ୍କ ଆତ୍ମା ଢିଙ୍କି ଦୁଇଟିର ଆତ୍ମା ସହ ମିଶି ପରମାତ୍ମାଙ୍କ ଶରଣରେ ପଶିଗଲେ।

ରାଜୁବାବୁଙ୍କ ବିନା ସୁମିତାଙ୍କ ଦୁନିଆଟା ଯେମିତି ହାହାକାର ରେ ଭରିଯାଇଛି। ଗତରେ ପଡ଼ିଲେ ସବୁକିଛିର ସମାଧାନ ହୋଇଯାଏ। ଏ ଦୁନିଆରେ କେହି କାହା ପଛରେ ଗୋଡ଼େଇ ଯାଇ ପାରେ ନାହିଁ। ମନ ବୁଝିବାକୁ ସମୟ ଲାଗେ। ସୁମିତା ବି ପିଲାମାନଙ୍କୁ ଅନେଇ ମନ ବୁଝେଇବାକୁ ଚେଷ୍ଟା କରୁଛନ୍ତି। ହେଲେ କଥାଟିଏ ତାଙ୍କ

Digitized by srujanika@gmail.com

ମନରେ ବାରମ୍ବାର ଉବୁଟୁବୁ ହେଉଛି। ଚାହିଁଲେ ବି ପାସୋରି ପାରୁନାହାନ୍ତି ସେ। ଦୁନିଆରୁ ବିଦାୟ ନେବା ପୂର୍ବରୁ ସ୍ୱାମୀ ତାଙ୍କ ଆଦରର ଢିଙ୍କିଶାଳରେ କିଛି ସମୟ ଯେ ଖାଲି ଅତିବାହିତ କରିଛନ୍ତି ତା' ନୁହେଁ, ବରଂ ସ୍ନେହରେ ଢିଙ୍କି ଦୁଇଟାକୁ ଆଉଁସି ଦେଇଛନ୍ତି ସେ। ଢିଙ୍କି କୁଟା ଚାଉଳର ଦି ଗୁଣ୍ଡା ଭାତ ହିଁ ତାଙ୍କ ଜୀବନର ଶେଷ ଖାଦ୍ୟ।

ଆଜି ମଲେ କାଲିକି ଦି ଦିନ। ଏମିତି ଦେଖୁ ଦେଖୁ ଦଶ ଦିନ ହେଲାଣି। ରାଜୁ ବାବୁଙ୍କ ଦଶାହ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ। ବିଜୁର ନିର୍ଦ୍ଦେଶରେ ଢିଙ୍କିଶାଳଟା ଭଲରେ ଲିପା ପୋଛା ହୋଇଛି। ସଜାଇବା ବାଲା ସଫା ଧଳା କନାରେ ଏକ ଘର ଢିଙ୍କିଶାଳରେ ତିଆରି କରିଛି।

ଏକାଦଶାହ ଦିନ ବାପାଙ୍କର ଫଟୋଟିଏ ପୋଛା ପୋଛି କରି ଢିଙ୍କିଶାଳରେ ଟେବୁଲ ଉପରେ ଫୁଲରେ ସଜାଇ ରଖିଲା ବିଜୁ। ସାଇପଡ଼ିଶା, ବନ୍ଧୁ ବାନ୍ଧବ ସମସ୍ତେ ୰ ରାଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିଲେ ତାଙ୍କ ପ୍ରିୟ ଢିଙ୍କିଶାଳରେ।

❖❖❖

Digitized by srujanika@gmail.com

ଅକୁହା କଥା

ଟ୍ରେନ୍ ଆସିବାକୁ ବହୁତ ସମୟ ବାକି। ଆସିବା ସମୟର ଅଧ ଘଂଟା ପୂର୍ବରୁ ଷ୍ଟେସନ୍‌ରେ ପହଞ୍ଚି ସାରିଥିଲା ବିନୟ। ଆସିଲା ପରେ ଜାଣିଲା ଟ୍ରେନ୍ ଆହୁରି ଦୁଇଘଣ୍ଟା ବିଳମ୍ବରେ ପହଞ୍ଚିବ। ମନଟା ବିରକ୍ତିଆ ହେଇଗଲା। ଏତେ ଗୁଡ଼ା ସମୟ କ'ଣ କରାଯାଏ ? ଏପଟ ସେପଟ ଦୃଷ୍ଟି ନିକ୍ଷେପ କରି ସାମ୍ନାରେ ଥିବା ବହି ଦୋକାନ ଆଡ଼କୁ ଅଗ୍ରସର ହେଲା ବିନୟ। ଉପର ଠାଉରିଆ ଭାବରେ ମେଗାଜିନ୍‌ଟାଏ ଉପରେ ଆଖି ବୁଲାଉ ବୁଲାଉ ମନଛୁଆଁ ମଧୁର କଣ୍ଠସ୍ୱରଟିଏର ସ୍ପର୍ଶ ବିନୟକୁ ମେଗାଜିନ୍‌ରୁ ଧ୍ୟାନ ହଟାଇନେବାକୁ ବାଧ୍ୟ କଲା। ବାମ ପଟକୁ ମୁହଁ ବୁଲାଇ ବିନୟ ଦେଖିଲା ଜଣେ ଭଦ୍ରମହିଳା 'ଚିହ୍ନି ପାରୁନାହାନ୍ତି କି' କହି ହସ ହସ ମୁହଁରେ ତା'ଆଡେ ଚାହିଁ ରହିଛନ୍ତି। ମୁହଁଟା ଚିହ୍ନା ଚିହ୍ନା ଲାଗୁଥିଲେ ବି ପରିଚୟଟା ଠିକ୍ ଠଉରେଇ ପାରୁ ନ ଥାଏ ବିନୟ।

- "ମୁଁ ଲୀନା। ଲୀନା ସାମନ୍ତରାଏ।"

ଚମକି ପଡିଲା ବିନୟ। ଏ ଲୀନା ସାମନ୍ତରାଏ, ଭଂଜବିହାରର ସହପାଠିନୀ ଲୀନା ସାମନ୍ତରାଏ ନୁହେ ତ !

ଲୀନା ଅବସ୍ଥା ଠଉରେଇ ନେଇ କହିଲା- "ଦ୍ୱନ୍ଦରେ ଅଛ ତ ?" ହଁ , ମୁଁ ସେଇ ଭଂଜବିହାର...। ଲୀନାଠୁ କଥା ଛଡ଼େଇ ନେଇ ବିନୟ କହିଲା- "ଏହା ଭିତରେ ତିରିଶ ବର୍ଷ ବିତି ଗଲାଣି। ଦେଖା ସାକ୍ଷାତ ତ କେବେ ହେଇନି। ଏଣୁ ଦ୍ୱନ୍ଦରେ ପଡିଗଲି।"

କଥା ଛଳରେ ବିନୟ ବୁଝିନେଲା ଦୁଇ ଜଣଙ୍କର ଗନ୍ତବ୍ୟ ପଥ ଏକ। ଲୀନା ଉପରେ ଆଖି ବୁଲେଇ ଆଣିଲା। ମଠା ରଂଗର ପାଟ ଶାଢ଼ିଟିଏ ଅତି ଯତ୍ନରେ ପରିଧାନ କରିଛି ଲୀନା। ଆଭିଜାତ୍ୟର ଲକ୍ଷଣ ବେଶ୍ ପରିସ୍ଫୁଟ। ମୁଣ୍ଡରେ ଛୋଟ ସିନ୍ଦୁର ଟୋପାଟାଏ ତା' ଗୋରା ମୁଖମଣ୍ଡଳକୁ ବେଶ୍ ମାନୁଛି। ଦି' ହାତରେ ଦି' ଦି' ପଟ ସୁନା ଚୁଡ଼ି । ଛୋଟ ଅଥଚ ସୁନ୍ଦର ଭ୍ୟାନିଟି ବ୍ୟାଗଟିଏ କାନ୍ଧରେ ପଡ଼ିଛି। ମୋଟା

Digitized by srujanika@gmail.com

ମୋଟି କହିବାକୁ ଗଲେ ତିରିଶ ବର୍ଷ ତଳର ଏବଂ ଏବର ଲୀନା ଭିତରେ ସିନ୍ଦୁର ଟୋପା ଛଡ଼ା ସେମିତି କିଛି ଫରକ ନାହିଁ, ଯଦିଓ କିଛିଟା ବୟସର ଛାପ ମୁଖ ମଣ୍ଡଳରେ ସ୍ପଷ୍ଟ ବାରି ହୋଇ ପଡୁଛି। ବିନୟ ତିରିଶ ବର୍ଷ ତଳର ଲୀନାକୁ ଖୋଜି ଚାଲିଥିଲା ଆଜିର ଲୀନା ଭିତରେ। ଦୁଇଜଣ ଏକା ଡିପାର୍ଟମେଣ୍ଟ। ସ୍ୱତନ୍ତ୍ର ପେପର ବି ଏକା। ଏଣୁ ସ୍ୱାଭାବିକ୍ ଭାବରେ ଦୁଇଜଣ ପରସ୍ପରକୁ ଭଲ ଭାବରେ ଜାଣିଥିଲେ।

କ'ଣ ଭାବୁଛ କହି ଲୀନା ବିନୟର ହାତ ଧରି ଟାଣି ଟାଣି ନେଇଗଲା ପାଖରେ ପଡିଥିବା ଏକ ସିମେଣ୍ଟ ବେଞ୍ଚ ପାଖକୁ। ବିନୟକୁ ବସିବାକୁ କହି ଲୀନା ତା' ପାଖରେ ବସୁ ବସୁ କହିଲା- "ବିନୟ, ତୁମେ ଯେମିତି କୁ ସେମିତି ଅଛ। ସେଇ ଧଳା ରଙ୍ଗର ପେଣ୍ଟ ସାର୍ଟ ଏବେ ବି ତମକୁ ବେଶ୍ ମାନୁଛି।"

ବିନୟ କଲେଜରେ ପଢ଼ିବା ଦିନଠୁ ଆଜି ପର୍ଯ୍ୟନ୍ତ କେବଳ ଧଳା ରଙ୍ଗର ପେଣ୍ଟ୍ ସାର୍ଟ ପିନ୍ଧି ଆସିଛି। ଏହି ଧଳା ରଙ୍ଗର ପୋଷାକ ତାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଧଳା ରଙ୍ଗ ଯୋଗୁଁ ଦୂରରୁ ଦେଖିଲେ ବିନୟ ସହଜରେ ଚିହ୍ନି ହୋଇ ଯାଏ। ହେଲେ ଆଜି ଧଳା ରଙ୍ଗର ପେଣ୍ଟ ସାର୍ଟକୁ ନେଇ ଲୀନାର ମନ୍ତବ୍ୟଟା ଭାରି ଭଲ ଲାଗିଲା ତାକୁ। ସାଙ୍ଗେ ସାଙ୍ଗେ ପ୍ରତ୍ୟୁତ୍ତରରେ କହିଲା-"ଲୀନା, ତମେ ବି ଯେମିତି କୁ ସେମିତି ସୁନ୍ଦର ଅଛ। ଏ ପାଟ ଶାଢ଼ିଟା ତମକୁ ବେଶ୍ ମାନୁଛି।"

ହଠାତ୍ ଗମ୍ଭୀର ହୋଇଗଲା ଲୀନା। ବିନୟ ବି ଅପ୍ରସ୍ତୁତ ହେଲା ଭଳି ଲାଗିଲା। ମନେ ମନେ ଭାବିଲା –"କିଛି ଭୁଲ କହି ଦେଲାକି ? ଏତେ ବର୍ଷ ବ୍ୟବଧାନରେ ଦେଖା ସାକ୍ଷାତ ସମୟରେ ତା' ଲଘୁ ମନ୍ତବ୍ୟଟା ବୋଧହୁଏ ଲୀନାକୁ ପସନ୍ଦ ହୋଇନାହିଁ।"

ସେହି କ୍ଷଣର ନିରବତା ବିନୟ ପାଇଁ ଅସହ୍ୟ ବୋଧ ହେଉଥାଏ। ପରିସ୍ଥିତିକୁ ସହଜ କରିବା ପାଇଁ କହିଲା- "ମୋତେ କିଛି ଭୁଲ ବୁଝିବନି ଲୀନା। ହଠାତ୍ ଦେଖା ସାକ୍ଷାତରେ ମୋର ତମକୁ ଏପରି କହିବା ଉଚିତ୍ ହୋଇନାହିଁ।"

ଲୀନା ତଥାପି ଗମ୍ଭୀର ଏବଂ ନିରବ । ତଳକୁ ମୁହଁ ପୋତି ବସିଥାଏ। ବିନୟ ବି ଚୁପ୍। ଭାବୁଥାଏ, ଅନାବଶ୍ୟକ କଥାଟିଏ କହି ଲୀନାର ମନରେ ଯନ୍ତ୍ରଣା ଦେବା ଆଦୌ ଉଚିତ ହୋଇନାହିଁ।

ନିରବତା ଭଙ୍ଗ କରି ଲୀନା କହିଲା- "ବିନୟ, ମୁଁ ବିବାହିତା। ମୁଁ ଜାଣେ, ତୁମେ ବି ବିବାହିତ। ଆମେ ଯିଏ ଯାହା ସଂସାରକୁ ନେଇ ଜୀବନରେ ଆଗେଇ ଯାଇଛେ...। ଲୀନା ଆଉ କ'ଣ କହିବାକୁ ଯାଉଥିଲା, କିନ୍ତୁ କଥା ଛଡ଼େଇ ନେଇ

Digitized by srujanika@gmail.com

ବିନୟ କହିଲା-"ମୋତେ କ୍ଷମା କର ଲୀନା। ତମକୁ ଆଘାତ ଦେବାର ମୋର କୌଣସି ଉଦ୍ଦେଶ୍ୟ ନ ଥିଲା। ମୁଁ ଜାଣେ, ମୋର ଭୁଲ ହୋଇଛି।"

- "ଭୁଲ ଠିକ୍‌ର ହିସାବ ନିକାଶ କରିବାର ସମୟ ଆଜି ନୁହେଁ ବିନୟ। ଆଛା ତମର ମନେ ଅଛି, ଆମର ପ୍ରଥମ ଦେଖା କେବେ ହୋଇଥିଲା ?"

ମନେ ପକାଇବାକୁ ଚେଷ୍ଟା କଲା ବିନୟ। ଠିକ୍ କେବେ ଦେଖା ହୋଇଥିଲା, ତିରିଶ ବର୍ଷ ପରେ ମନେ ପଡ଼ିବା ସମ୍ଭବ ନୁହେଁ। ବିନୟ ହତାଶ ଆଖିରେ ଲୀନା ଆଡ଼କୁ ଚାହିଁଲା।

ଲୀନା କହିଲା- "ମୁଁ ଜାଣେ, ହୁଏତ ତୁମର ମନେ ନଥିବ। ମୋର କିନ୍ତୁ ମନେ ଅଛି। ୟୁନିଭରସିଟିରେ ଏଡ୍‌ମିଶନ ଦିନ କ୍ୟାସ୍ କାଉଂଟର ପାଖରେ । ଧାଡ଼ି ବହୁତ ଲମ୍ବା ଥିଲା ବୋଲି ମୋତେ ତୁମ ସ୍ଥାନ ଛାଡ଼ି ଦେଇଥିଲ ଆଗେ ଟଙ୍କା ଜମା କରିବା ପାଇଁ। ଟଙ୍କା ଜମା କରିବା ପରେ ଧନ୍ୟବାଦ ଦେବା ପାଇଁ ତୁମକୁ ଖୋଜିଲା ବେଳକୁ ତୁମେ ସେଠି ନଥିଲ। ତା'ପରେ କ୍ଲାସରେ ଅନେକ ଥର ଧନ୍ୟବାଦ ଦେବା ପାଇଁ ଚେଷ୍ଟା କରି ପାରିନାହିଁ। ସୁବିଧା ହୁଏନି। ସେଦିନର ସେ ସାହାଯ୍ୟ ପାଇଁ ଆଜି ଯାଏ ମୁଁ ଧାରୁଆ ହେଇ ରହିଛି।"

ବିନୟ ହସି ଦେଇ କହିଲା- "ଲୀନା, ସତ କହିବାକୁ ଗଲେ ମୁଁ ତମ ମାନଙ୍କ ପରି ଭଲ କ୍ୟାରିଅର ବାଲାଙ୍କ ସାଙ୍ଗରେ କଥାବାର୍ତ୍ତା ପାଇଁ ସଙ୍କୋଚ କରୁଥିଲି। ତମର ସବୁବେଳେ ପ୍ରଥମ ଶ୍ରେଣୀକୁ ମୋର ସବୁବେଳେ ଦ୍ୱିତୀୟ ଶ୍ରେଣୀ। ତମେମାନେ ସବୁବେଳେ ପାଠାଗାରରେ ବ୍ୟସ୍ତ ଆଉ ଆମକୁ ପାଠାଗାରରେ ବହି ମିଳେନି।"

- "ତମର ପାଠାଗାର ବିଷୟରେ ମନେ ଅଛି ବିନୟ ?"

- "ହଁ ,ମୋର ମନେ ଅଛି। ମୋତେ କିନ୍ତୁ ସେ ପାଠାଗାରରୁ ବହି ମିଳେନି । ମୁଁ ଟିକେ ଡେରିରେ ପାଠାଗାର ଯାଏ। ଗଲା ବେଳକୁ ସବୁ ବହି ଇସ୍ୟୁ ହୋଇ ଯାଇଥାଏ। ଥରେ ଦି'ଥର ଦେଖିଛି, ତମେହିଁ ସେ ବହି ସବୁ ନେଇ ଯାଇଥାଅ।"

- "ହଁ, କିନ୍ତୁ କାହିଁ କେବେ ତ ମୋତେ ପଚାରିନ ?"

- "ଯିଏ ଆଗେ ଆସିଲା, ସିଏ ବହି ନେଲା, ଆଉ ପଚାରିବି କ'ଣ।" - ଉତ୍ତର ଦେଲା ବିନୟ ।

- "କିନ୍ତୁ ତମେ ଜାଣ ବିନୟ, ତୁମେ କାଳେ ଆସି ମୋତେ କିଛି ପଚାରିବ, ସେଇଥିପାଇଁ ହିଁ ସେ ବହି ସବୁ ମୁଁ ଇସ୍ୟୁ କରି ନେଇଥାଏ। ତୁମେ କିନ୍ତୁ ମୋତେ କେବେ କିଛି ପଚାରିଲନି କି ମୁଁ କିଛି କହିପାରିଲିନି।"

Digitized by srujanika@gmail.com

କଥାର ମୋଡ଼୍ ବଦଳାଇ ଲୀନା କହିଲା- "ତମର ରିମା କଥା ମନେ ଅଛି ବିନୟ। ରିମା ମୋର ରୁମ୍ ମେଟ୍ ଥିଲା। ତମ ସାଙ୍ଗ ସୁବୋଧ ସହିତ ରିମାର ବେଶ୍ ଭଲ ସମ୍ପର୍କ ଥିଲା। ଦୁଇ ଜଣ ଗୋଟିଏ କଲେଜରୁ ଆସିଥିଲେ। ଥରେ ତମେ ସୁବୋଧ ସାଙ୍ଗରେ ଲେଡିଜ୍ ହଷ୍ଟେଲ ଆସିଥିଲ। ରିମା ଓ ସୁବୋଧ କଥାବାର୍ତ୍ତା ହେଲେ। ମୁଁ ଗେଟ୍ ଏପାଖରେ ରହିଲି। ନଖରେ ମାଟି ଉପରେ ଗାର ଟାଣୁଥିଲି। ତମେ ଗେଟ୍ ଆରପଟେ ରହିଲ। ଟଗରଗଛରୁ ପତ୍ର ଛିଣ୍ଡାଇ ଚାଲିଥିଲ। ମଝିରେ ସୁବୋଧ ଓ ରିମା। ତା'ପରେ ତମେ ସୁବୋଧ ସାଙ୍ଗେ ଗଲ, ମୁଁ ରିମା ସାଙ୍ଗେ ଚାଲିଗଲି। ଆମେ ଦୁଇଜଣ କେହି କାହା ସାଙ୍ଗେ କଥାବାର୍ତ୍ତା ହୋଇ ପାରିଲେନି। ପରେ ଶୁଣିବାକୁ ପାଇଲି ରିମା ଓ ସୁବୋଧ ବିବାହ କରିଛନ୍ତି।"

ବିନୟ ହସି ଦେଇ କହିଲା- "ସେ ସବୁ ଆଜି ଠିକ୍ ମନେ ପଡୁନି ଲୀନା। କିନ୍ତୁ ଆମ ଡିପାର୍ଟମେଣ୍ଟ ପିକ୍‌ନିକ୍‌ରେ ବଦହଜମି ହୋଇ ମୋର ଗୁଡ଼ାଏ ବାନ୍ତି ପାଇଁ ତମେ ମୋତେ ଔଷଧ ଦେଇଥିଲ। ସେକଥା କିନ୍ତୁ ମୋର ମନେ ଅଛି। ସେଥିପାଇଁ ଧନ୍ୟବାଦ।"

– "ଧନ୍ୟବାଦ ସେଦିନ ମୁଁ ଚାହିଁଥିଲି ବିନୟ। ଆଜି ନୁହେଁ। ଏତେ ଦିନ ପରେ ସେ ଧନ୍ୟବାଦର ଅର୍ଥ କିଛି ନାହିଁ।"

ବିନୟ ଭାବିଲା ପୁଣି ଗୋଟେ ଭୁଲ ହେଇଗଲା। ଟିକେ ଚୁପ୍ ହେଇଗଲା ସେ।

ଲୀନା କିନ୍ତୁ ଚୁପ୍ ରହିବାର ନୁହଁ। ଆଜି ତା'ର ପାଳି। ସେ ନିଶ୍ଚୟ କହିବ। ଆଜି ନ କହିଲେ ହୁଏତ ଆଉ କେବେ କହିପାରିବନି।

– "ତମର ମନେଥିବ ବିନୟ, ଆମ ଡିପାର୍ଟମେଣ୍ଟ ଡ୍ରାମାରେ ତୁମେ ସବୁବେଳେ ପାର୍ଟ ନିଅ। ଡ୍ରାମା ଦେଖିବା ପାଇଁ ମୁଁ ସବୁବେଳେ ଅଡ଼ିଟୋରିଅମ୍‌ରେ ଆଗ ଧାଡ଼ିରେ ବସେ। ତମ ଡାଇଲଗ୍ ବେଳେ ତାଳି ମାରେ। ତମେ କେବେ ସେ ତାଳିକୁ ଦେଖି ପାରିନ ବିନୟ!"

ଟିକିଏ ରହି ଲୀନା ପୁଣି ଆରମ୍ଭ କଲା-

"ତମେ ଭଲ ଫୁଟ୍‌ବଲ୍ ଖେଳୁଥିଲ। ୟୁନିଭରସିଟିକୁ ରିପ୍ରେଜେଣ୍ଟ କରୁଥିଲ। ତମେ ଫୁଟ୍‌ବଲ୍ ଅଭ୍ୟାସ କରୁଥିବା ସମୟରେ ମୁଁ ସାଙ୍ଗ ମାନଙ୍କ ସାଙ୍ଗରେ ଚାଲି ଚାଲି ଷ୍ଟାଡ଼ିୟମ ଆଡ଼େ ବୁଲିଆସେ। ଦୂରରୁ ତମ ଖେଳକୁ ନିରୀକ୍ଷଣ କରେ। ମୋତେ ବେଶ୍ ଭଲ ଲାଗେ। ମନଟା ଫୂର୍ତ୍ତି ହୋଇଯାଏ। ତୁମେ କିନ୍ତୁ କେବେ ମୋ ଆଡ଼େ ଧ୍ୟାନ ଦେବାକୁ ଆଗ୍ରହ ପ୍ରକାଶ କରିନ।"

Digitized by srujanika@gmail.com

ଲୀନାର ଗୋଟେ ପରେ ଗୋଟେ କଥା ଶୁଣି ବିନୟର ମୁଣ୍ଡଟା ଜାମ୍ ଧରି ଯାଉଥିଲା। ଲୀନା କଣ କହିବାକୁ ଚାହୁଁଛି ସେ ସ୍ପଷ୍ଟ ବୁଝିପାରୁ ନଥିଲେ ବି ସବୁ କଥା ଯେ ଠିକ୍ ନ ଥିଲା, ସେ ଅନୁଭବ କରି ପାରୁଥିଲା।

ଲୀନା ପୁଣି କହିଲା- "ଷଷ୍ଠ ବର୍ଷ ପରୀକ୍ଷା ପୂର୍ବରୁ ମୋର ବାହାଘର ଠିକ୍ ହେଇଗଲା ମୋର ଅନିଚ୍ଛା ସତ୍ତ୍ୱେ। ତମ ସହ ଆଲୋଚନା ପାଇଁ ମନ ସ୍ଥିର କରିଥିଲି। ପାରିଲିନି। ସାହସ ହେଲାନି। ମନ କଥା ଅକୁହା ରହିଗଲା। ବାହାଘର ପରେ ଆସି ପରୀକ୍ଷା ଦେଲି। ପରୀକ୍ଷା ହଲରେ ତମର ମୋ ସହ ଦେଖା ହେଲା। କିଛି ବି କହିପାରିଲିନି। ସତ କହିବାକୁ ଗଲେ ଆଉ କହିବାର କିଛି ନଥିଲା।"

ବିନୟର ଧୈର୍ଯ୍ୟଚ୍ୟୁତି ଘଟୁଥିଲା। ସବୁ କଥା କ୍ରମେ କ୍ରମେ ସ୍ପଷ୍ଟ ହୋଇ ଉଠୁଥିଲା। ଲୀନାକୁ ସେ କ'ଣ କହିବା ଉଚିତ୍, ସେ କଥା ର ଥଳକୂଳ ପାଉ ନ ଥିଲା। ତଥାପି ମୁହଁ ଟେକି ଲୀନାକୁ ଚାହିଁଲା। ଦେଖିଲା ଲୀନା ହସୁଛି। ତାର ବୋଝ ହାଲୁକା ହୋଇଗଲା ପରି ଲାଗୁଛି। ତା'ମୁହଁରେ ପୂର୍ବର ଗମ୍ଭୀରତା ଆଉ ନାହିଁ। ବୋଧ ହୁଏ ତାର ଅକୁହା କଥା ସବୁ କହିପକାଇ ସେ ହାଲୁକା ହୋଇ ଯାଇଛି।

ଚା'ବାଲାକୁ ଦେଖି ଦୁଇ କପ୍ ଚା'ର ଅର୍ଡ଼ର ଦେଲା ଲୀନା । ଚା' ପିଉ ପିଉ ଲୀନା କହିଲା,- "ତମ ପାଖରେ ମୋର କିଛି ଖବର ନ ଥିବ ବିନୟ। କିନ୍ତୁ ତମର ପ୍ରତିଟି ଖବର କୌଣସି ପ୍ରକାରେ ମୁଁ ଜାଣିବାକୁ ଚେଷ୍ଟା କରିଛି। ଏବେ ବି ମୁଁ କ'ଣ କରୁଛି ବୋଲି ପଚାରିଲନି।" ଭ୍ୟାନିଟି ବ୍ୟାଗ୍ରୁ ଭିଜିଟିଂ କାର୍ଡ଼ଟିଏ କାଢ଼ି ବିନୟକୁ ବଢ଼ାଇ ଦେଉ ଦେଉ ତାଙ୍କ ଗନ୍ତବ୍ୟ ପଥର ଟ୍ରେନ ଆସିବାର ଘୋଷଣା ହୋଇଗଲା।

ବିନୟ ଓ ଲୀନା ଟିକେଟ୍ କାଢ଼ି ପରୀକ୍ଷା କରି ନେଲେ। ଦୁଇଜଣଙ୍କର ଗନ୍ତବ୍ୟ ପଥ ଏକ ଅଥଚ ଟିକେଟ୍ ଅଲଗା ଅଲଗା ବଗିରେ। ଜଣଙ୍କର ଟିକେଟ୍ ଟ୍ରେନ୍‌ର ଆଗ ବଗିରେ ତ ଆଉଜଣଙ୍କର ପଛ ବଗିରେ।

Digitized by srujanika@gmail.com

ନିଦ୍ରାଭଙ୍ଗ

ମେଘ ମେଦୁର ଆକାଶ । ସକାଳଟା ସୁଲୁସୁଲିଆ ପବନରେ ବେଶ୍ ସତେଜ । ଆଖପାଖ କେଉଁ ଆଡ଼େ ବୋଧହୁଏ କାଲ ବୈଶାଖୀର ଦମ୍‌ଦାର ନାଟକଟିଏ ପ୍ରଦର୍ଶିତ ହୋଇ ଯାଇଛି । ତା'ରି ହାୱାରେ ଗତ ସନ୍ଧ୍ୟାରେ ବର୍ଷାର ଛିଟା ମାଟି ଭିଜାଇବାକୁ ଉଦ୍ୟମ କରିଛି । ମୋଟାମୋଟି ସକାଳର ପାଗଟା ବେଶ୍ ଆମୋଦଦାୟକ । ବାଲକୋନୀରୁ ବାହାରକୁ ଦୃଷ୍ଟିପାତ କଲେ ବିଜୟ । ଲୋକମାନେ ଅଭ୍ୟାସଗତ ଭାବରେ ଚଲାବୁଲା ଆରମ୍ଭ କରିଦେଲେଣି । ସୂର୍ଯ୍ୟଙ୍କ କିରଣ ଅଳସ ଭଙ୍ଗୀରେ ହାଇ ମାରୁଛି । ଦପ୍ତରରେ ଉପର ହାକିମଙ୍କ ସହ ଏକ ଜରୁରୀ ବୈଠକ ଅଛି । ଘରଣୀଙ୍କ ଶଯ୍ୟା ତ୍ୟାଗ ସମୟ ଆହୁରି ବାକି ଅଛି । ଦ୍ୱାର ଆଉଜାଇ ତରବରରେ ପ୍ରାତଃ ଭ୍ରମଣରେ ବାହାରିଗଲେ ବିଜୟ । ଏମିତି ସବୁଦିନ ଦ୍ୱାର ଆଉଜାଇ ବେଧଡ଼କ୍ ପ୍ରାତଃ ଭ୍ରମଣରେ ଯିବା ତାଙ୍କର ଏକ ପୁରୁଣା ଅଭ୍ୟାସ ।

ପ୍ରାତଃ ଭ୍ରମଣ ଆରମ୍ଭ ହେଇଛିକି ନାହିଁ, ପଛଆଡୁ 'ସୁପ୍ରଭାତ' ଶବ୍ଦଟିଏ ବିଜୟଙ୍କର କର୍ଣ୍ଣ ଗହ୍ୱରରେ ଥିବା ପରଦାକୁ ଶକ୍ତ ଧକ୍କାଟିଏ ଦେଲା । ପରିଚିତ ସ୍ୱର । ପଛକୁ ବୁଲିପଡ଼ି ଦେଖିଲେ ତାଙ୍କର କଲେଜ ବେଳର ବନ୍ଧୁ ରମା ଦାନ୍ତ ନିକୁଟି ହସୁଛି । ମୁହଁଟା ଆମ୍ବିଳିଆ ହେଇଗଲା ବିଜୟଙ୍କର । ମନେ ମନେ ଗାରୁଗାରୁ ହେଲେ-

"ଏଇ ଶଳାର କ'ଣ କିଛି କାମ ନାହିଁ । ସକାଳୁ ସକାଳୁ ଅପଯଶିଆ ମୁହଁଟାକୁ ଦର୍ଶନ କରିବାକୁ ପଡ଼ିଲା । ଦିନଟା ସାରା ପଡ଼ିଛି, କ'ଣ ହେବ କେଜାଣି ?"

ନିଜକୁ ସମ୍ଭାଳି ନେଇ ରମାକୁ ପାଣିଚିଆ ଅଭିବାଦନଟିଏ ଫେରାଇ କ୍ଷିପ୍ର ଗତିରେ ଆଗକୁ ମାଡ଼ି ଚାଲିଲେ ବିଜୟ । ପଛରେ ରହିଗଲେ ରମା ଆଉ ତା'ର 'ସୁପ୍ରଭାତ' । କଥା କଣକି, କଲେଜରେ ଅଧ୍ୟୟନ ସମୟରେ ଦୁହେଁ ଏକା ଛାତ୍ରାବାସରେ ରହୁଥିଲେ । ଇଂରାଜୀ ପରୀକ୍ଷା ଦିନ ରମା ବିଜୟର ଭଲମନ୍ଦ ବୁଝିବା ପାଇଁ ତା' ପାଖରେ ହାଜର । ସେଦିନ ଇଂରାଜୀ ପରୀକ୍ଷାଟା ଅପ୍ରତ୍ୟାଶିତ ଭାବରେ ବିଜୟର

Digitized by srujanika@gmail.com

ଗଡ଼ବଡ଼ିଆ ଧରିଗଲା । ସେଇ ଦିନଠୁ ବିଜୟ ପାଇଁ ରମା ଅପଯଶିଆର ବଦ୍‌ନାମ ମୁଣ୍ଡେଇଛି । ଏଇ ଶଳାର ସକାଳୁ ମୁହଁ ଦେଖି ଏଇଯା' ଅବସ୍ଥା । ତା' ପରଠୁ ବିଜୟ ସକାଳୁ ରମାର ମୁହଁ ନ ଦେଖିବା ପାଇଁ ସତର୍କ ଉଦ୍ୟମ କରିଆସିଛି । ହେଲେ ଶଳାଟା କେଉଁଠି ଥିଲା, ଇଂରାଜୀ ପରୀକ୍ଷା ଦିନ ପରି ଆଜି ବି ସକାଳୁ ଆସି ଚନ୍ଦ୍ରବଦନ ଦେଖେଇ ଧଷେଇ ପଶି ଆସିଛି । ସୁପ୍ରଭାତ ନା ଚୋପା ।

ବିଜୟଙ୍କର ମନ ଗୋଳେଇ ଘାଂଟି ହେବାକୁ ଆରମ୍ଭ କରି ସାରିଥାଏ । ନାନା ପ୍ରକାର ଦୁର୍ଭାବନା ଗୁଡ଼ାକ ମନଟାକୁ ଯେମିତି କାବୁ କରି ସାରିଲେଣି । ଯେନ ତେନ ପ୍ରକାରେଣ ପ୍ରାତଃ ଭ୍ରମଣ କାର୍ଯ୍ୟ ସମାପନ କରି ଘରକୁ ପ୍ରତ୍ୟାବର୍ତ୍ତନ କରି ଆସିଲେ । ଶ୍ରୀମତୀ ପୂର୍ବବତ୍ ଶଯ୍ୟାରେ । ନିଜର ନିତ୍ୟ ନୈମିତ୍ତିକ କାର୍ଯ୍ୟ ସଅଳ ସାରିବା ଉଦ୍ଦେଶ୍ୟରେ ଗାଧୁଆ ଘରେ ପଶିଗଲେ ବିଜୟ ।

ଘର କାମରେ ସାହାଯ୍ୟ କରୁଥିବା ଝିଅଟିର ଡ଼ାକରେ ନିଦ୍ରା ସାଙ୍ଗ ହେଲା ଝରଣାଙ୍କର । ଝରଣା ଘରର କର୍ତ୍ତ୍ରୀ, ମାଲିକାଣୀ ସବୁକିଛି । ଭିଡ଼ିମୋଡ଼ି ହୋଇ ନଜର ପକାଇଲେ କାନ୍ଥ ଘଂଟା ଉପରେ । ନଅଟା ବାଜିବାକୁ ପନ୍ଦର ମିନିଟ୍ । ସାଢ଼େ ନଅଟା ଭିତରେ ବିଜୟଙ୍କୁ ଖାଇବାକୁ ଦେବାକୁ ହେବ ।

ଝରଣା ରନ୍ଧାରନ୍ଧିରେ ନିପୁଣା । ପୂର୍ବଦିନ ରାତିରୁ ମସଲା ବଟାବଟି, ମାଛ ଭଜାଭଜି ପରି ପ୍ରାଥମିକ କାର୍ଯ୍ୟ ସବୁ କରି ସାରିଛନ୍ତି । ଅସଂଜତ କେଶ ଗୁଡ଼ାକ ସଜାଡୁ ସଜାଡୁ ତରବର ହୋଇ ରୋଷେଇ ଘରେ ପଶିଗଲେ । ତାଙ୍କ କଳା କୌଶଳ ପ୍ରୟୋଗ କରି ସାଢେ ନଅଟା ସୁଦ୍ଧା ଡାଇନିଂ ଟେବୁଲରେ ଖାଦ୍ୟ ପ୍ରସ୍ତୁତ କରି ରଖିଲେ ଝରଣା ।

ବିଜୟ ବି ତରବର ହେଇ ଖାଉଖାଉ ମୋଟାଏ କାଗଜ ଉପରେ ଆଖି ବୁଲାଇ ଆଣୁଥାନ୍ତି । କାଗଜଗୁଡ଼ାକ ଗତ କାଲି ରାତି ସାରା ଠାକୁରଙ୍କ ଶରଣରେ ଥିଲେ । ଠାକୁରଙ୍କ ଦୟାରୁ ମିଟିଂ କାଡ଼େ ସୁରୁଖୁରୁରେ କଟିଯିବ ପରା ! ତରବରିଆ ଖିଆ ସାରିଦେଇ ବିଜୟ ଅଫିସ୍ ବାହାରିବା ପାଇଁ ଶେଷ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବ୍ୟସ୍ତ ଥାଆନ୍ତି । ଝରଣା ଏଯାବତ୍ ରୋଷେଇ ଘରେ । ହଠାତ୍ ବିଜୟ ଗୋଟେ ଜୋର୍‌ଦାରିଆ ଛିଙ୍କଟେ ଛିଙ୍କିଦେଲେ । ଛିଙ୍କିଲା ବେଳେ ଯୋର୍‌ରେ ଶବ୍ଦ କରିବା ତାଙ୍କର ପିଲା ବେଳର ଅଭ୍ୟାସ । ଯୋର୍ ଶବ୍ଦଟାଏ କରି ଛିଙ୍କି ଦେଲେ ଛିଙ୍କଟା ସମ୍ପୂର୍ଣ୍ଣ ହେଲା ପରି ଲାଗେ ବିଜୟଙ୍କୁ । ବିକଟାଳିଆ ଛିଙ୍କ ଶବ୍ଦଟା ଶୁଣି ଝରଣା ରୋଷେଇ ଘରୁ ପାଟି କରି ଉଠିଲେ- "ହେଇଟି ଶୁଣୁଛ ଛିଙ୍କିଲଣି, ଟିକେ ସୋଫାରେ ବସିଯାଅ ।"

ଅଫିସ ସମୟ ବିଳମ୍ବ ହେଉଥାଏ । ଅନିଛା ସତ୍ତ୍ୱେ ବିଜୟ ସୋଫାରେ ମୁହୂର୍ତ୍ତେ ପାଇଁ ବସିଗଲେ । ଏହା ଭିତରେ ତାଙ୍କ ସ୍କୁଟର ଚାବିଟା ସୋଫାର କେଉଁ କନ୍ଦି ଭିତରେ

Digitized by srujanika@gmail.com

ପ୍ରବେଶ କରିସାରିଥାଏ। ଚାବି, କଲମ, ଖୁଚୁରା ପଇସା ମାନଙ୍କର ଏ ଗୋଟେ ବଦ୍ ପ୍ରକୃତି। ଟିକିଏ ସୁଯୋଗ ପାଇଲେ ଏଠି ସେଠି କନ୍ଦିରେ ପଶିଯିବେ। କିଛି ସମୟ ବିବ୍ରତ ଭାବରେ ଖୋଜାଖୋଜି ପରେ ସୋଫା କନ୍ଦିରୁ ସ୍କୁଟର ଚାବିଟିକୁ ପାଇ ଯାଇ ଅଗତ୍ୟା ଝଡ଼ ବେଗରେ ଅଫିସ ଉଦ୍ଦେଶ୍ୟରେ ପ୍ରସ୍ଥାନ କରିବାକୁ ଗଲା ବେଳକୁ ଲକ୍ଷ୍ୟ ପଡ଼ିଲା ଟି ପୟ୍ ଉପରେ ଥିବା ଖାଲି ଗ୍ଲାସଟିଏ ଉପରେ। ସତେ ଯେମିତି ଖାଲି ଗ୍ଲାସଟା ତାଙ୍କୁ ଅନେଇ କହିବାକୁ ଚାହୁଁଛି- "ଅପୂର୍ଣ୍ଣ ପାତ୍ର ସମ୍ପୂର୍ଣ୍ଣ ଅଶୁଭ।" ପିଲାଦିନୁ ତାଙ୍କୁ ଏ ଶିକ୍ଷା ଉତ୍ତରାଧିକାରୀ ସୂତ୍ରରେ ମିଳିଛି। ତାକୁ ଅବଜ୍ଞା କରିବାର ଉପାୟ କାହିଁ ? ତରବରିଆ ଭାବରେ ଗ୍ଲାସଟିକୁ ଜଳପୂର୍ଣ୍ଣ କରି ତାକୁ ଟିକେ ଗାରେଡ଼େଇ ଦୃଷ୍ଟି ନିକ୍ଷେପ କରି ବାହାରିଲା ବେଳକୁ ଶ୍ରୀମତୀ ପଛରୁ ଉଚ୍ଚ ଗଳାରେ ଚିତ୍କାର କରି କହିଲେ- "ଏଇ ଚାଲିଗଲକି ? କ୍ଷୀର ନାହିଁ। ଆସିଲା ବେଳକୁ ଦୁଇ ପ୍ୟାକେଟ୍ କ୍ଷୀର ନେଇ ଆସିବ।" ଶ୍ରୀମତୀଙ୍କ କଥାଗୁଡ଼ାକ ଦେହରେ ଛୁଂଚି ପରି ଫୋଡ଼ି ହୋଇଗଲା। କେଉଁ ଆଡ଼େ କିଛି ଗୁରୁତ୍ୱପୂର୍ଣ୍ଣ କାମରେ ବାହାରିଲା ବେଳେ ପଛରୁ କିଏ ଡାକି ଅନୁକୂଳ ବିଗାଡ଼ି ଦେଲେ ବିଜୟଙ୍କ ମନ ଖଟା ହୋଇଯାଏ। ମନେ ମନେ ଗରଗର ହେଲେ। ଆଗରୁ କ୍ଷୀର କଥା କହିଥିଲେ ହୋଇନଥାନ୍ତା। ତଥାପି ମନକୁ ପଟାପଟି କରି ବୁଝେଇ କାର୍ଯ୍ୟାଳୟ ଉଦ୍ଦେଶ୍ୟରେ ବାହାରିପଡ଼ିଲେ।

ରାସ୍ତାରେ ଗହଳି ଖୁବ୍ ବେଶି। ସ୍କୁଲ, କଲେଜ, ଅଫିସ ଯିବା ସମୟ। ପୁଣି ତିନି ତିନିଟା ଟ୍ରାଫିକ୍। ପ୍ରତି ଟ୍ରାଫିକ୍‌ରେ ଦୁଇ ମିନିଟ୍। ଏଇମିତି ଅତି କମ୍‌ରେ ଛଅ ମିନିଟ୍। ସେଦିନ କିନ୍ତୁ ଅଧିକ ଭିଡ଼ ଯୋଗୁଁ ଟ୍ରାଫିକ୍‌ରେ ଅପେକ୍ଷା କରିବା ସମୟଟା ମଣିଷର ଲମ୍ବା ଛାଇ ପରି ଅଧିକ ଲମ୍ବି ଯାଇଥାଏ। ବିଜୟଙ୍କ ମନଟା ବିରକ୍ତିରେ ଭାରାକ୍ରାନ୍ତ ହୋଇଗଲା। ସବୁ ଶଳା ସେଇ ଛିଙ୍କର କରାମତି। ନା ସେ ଛିଙ୍କିଥାନ୍ତେ, ନା ଟ୍ରାଫିକ୍‌ରେ ଦହଗଞ୍ଜ ହେଇଥାନ୍ତେ। ଛାଡ଼, ସେଥିରେ ପୁଣି ଖାଲି ପାତ୍ରକୁ ପଛଆଡୁ ଡାକ। କ'ଣ କରାଯାଏ ? ସକାଳ ତ ଦୁର୍ଯୋଗରେ ଆରମ୍ଭ।

ଅଫିସ୍ ସାମନାରେ ସ୍କୁଟରଟାକୁ ତରବରିଆ ଭାବରେ ଠେକେଇ ଦେଇ ଦେଖିଲା ବେଳକୁ ଉପର ହାକିମଙ୍କ ବୈଠକ ଆରମ୍ଭ ହେଇଗଲାଣି। ଗୋଟେ କାକୁତିଆ ମୁହଁ କରି ବିଜୟ ଝଡ଼ ବେଗରେ ଅଫିସ ଗୃହକୁ ପଶିଗଲେ। ହାକିମଙ୍କର ତୀକ୍ଷ୍ଣ ଅଥଚ ବକ୍ର ଚାହାଣୀ ତାଙ୍କ ଛାତିକୁ ଦି' ଚାରିଟା ଶିଳପୁଆ ଛେଚିଲା ଭଳିଆ ଦୁମ୍‌ଦୁମ୍ କରିପକେଇଲା। ସିଟ୍‌ରେ ବସିସାରିଲେଣି, କିନ୍ତୁ ଛାତିଟା ସେମିତି ଦୁମ୍‌ଦୁମ୍ ହେଉଛି। ଯଥାରିତି ମିଟିଂ ଚାଲିଲା ଆଉ ସମାପ୍ତ ବି ହେଲା। ହାକିମ ସ୍ମିତ ହାସ୍ୟଟିଏ ଫିଙ୍ଗିଦେଇ ସଭାଗୃହରୁ ନିର୍ଗତ

Digitized by srujanika@gmail.com

ହୋଇଗଲେ। ଛାତିଟା ହଠାତ୍ ହାଲୁକା ହୋଇଗଲା ପରି ଲାଗିଲା। ବିଜୟଙ୍କୁ ଲାଗୁଥାଏ ସତେ ଯେମିତି ବାର୍ଷିକ ପରୀକ୍ଷା ପରେ ଦୀର୍ଘ ଅବସରକାଳୀନ ଛୁଟିର ଉଦ୍‌ଘୋଷଣା।

ମିଟିଂ ପରେ ଭୋଜନର ଆୟୋଜନ ଏକ ସମ୍ଭ୍ରାନ୍ତପୂର୍ଣ୍ଣ ତିନି ତାରକା ହୋଟେଲରେ। ହୋଟେଲ ଉଦ୍ଦେଶ୍ୟରେ ସ୍କୁଟର ଷ୍ଟାର୍ଟ୍ କରୁକରୁ କୁଆଡୁ ଗୋଟିଏ କାଳିଆ ବିରାଡ଼ି ଆସି ରାସ୍ତା ଏ କଡ଼ରୁ ରାସ୍ତା ସେ କଡ଼କୁ କିଳିବିଳିଆ ହୋଇ ପଳେଇଲା। ଧେତ୍‌ତେରିକା କହି ବିଜୟଙ୍କ ସ୍କୁଟରର ପଛ ସିଟ୍‌ରେ ଉପବିଷ୍ଟ ବନ୍ଧୁ ଜଣଙ୍କ ତରବରିଆ ହୋଇ ଓହ୍ଲାଇଗଲେ। ପଛକୁ ଫେର, ପଛକୁ ଫେର କହି ଏକ ବିକଟାଳିଆ ଚିତ୍କାର କଲେ। ସ୍କୁଟର ଚଳେଇବା ଶିଖିବା ଦିନଠୁ ବିଜୟ ବି ସେଇଆହିଁ କରନ୍ତି। ସ୍କୁଟରକୁ ସାମାନ୍ୟ ପଛକୁ ଫେରାଇ ଦୁହେଁ ପୁଣି ହୋଟେଲ ଅଭିମୁଖେ ଯାତ୍ରା ଆରମ୍ଭ କଲେ।

ସମୟ ଟିକେ ବିଳମ୍ବ ହୋଇଥିଲେ ମଧ୍ୟ ବେଶ୍ ସୁସ୍ୱାଦୁ ତୃପ୍ତିକର ଭୋଜନଟିଏ ହେଲା। ସେଦିନଟି ବିଜୟଙ୍କର ଅଫିସରେ ଏମିତି ବେଶ୍ ସୁରୁଖୁରୁରେ କଟିଗଲା। ଅଫିସରୁ ଫେରି ଘରେ ପାଦ ନ ଦେଉଣୁ ରମାର ଫୋନ୍। ରମା ହଠାତ୍ ଦୁର୍ଘଟଣାଗ୍ରସ୍ତ। କିନ୍ତୁ ଏବେ ସୁସ୍ଥ ଅଛି। ତା' ନିଜ ଘରେ ହିଁ ବିଶ୍ରାମ ନେଉଛି। ମନଟା ଗୋଳେଇ ଘାଂଟି ହୋଇଗଲା। ରମାର ଘର ଏଇ ପାଖରେ। ଆଉ ସମୟ ନଷ୍ଟ ନକରି ରମା ଘର ଅଭିମୁଖେ ସ୍କୁଟର ମୁହାଁଇଲେ ବିଜୟ।

ଅନ୍ୟମନସ୍କ ଭାବରେ କଲିଂ ବେଲରେ ମୃଦୁ ଆଘାତ କଲେ ବିଜୟ। ଦ୍ୱାର ଖୋଲିଲେ ରମାଙ୍କ ପତ୍ନୀ। ନମସ୍କାର ଆଦାନ ପ୍ରଦାନ ପରେ ରମାଙ୍କ ପାଖକୁ କଢ଼େଇ ନେଲେ ବିଜୟଙ୍କୁ।

- "ଆରେ ଫୋନ୍ କରୁ କରୁ କ'ଣ ଚାଲି ଆସିଲୁ। ମୋର ସେମିତି କିଛି ହୋଇନିବା। ଗୋଡ଼ଟା ସାମାନ୍ୟ ଜଖମ ହେଲା ଭଳି ଲାଗୁଛି। ଔଷଧ ତ ଖାଉଛି। ଦରଜ କମି ଯିବନି।" ଏକା ନିଶ୍ୱାସରେ କହି ପକାଇଲେ ରମା।

- "ହଁ ସେ ଠିକ୍ ଯେ, ତେବେ ଏସବୁ ହେଲା କେମିତି ?" –ପଚାରିଲେ ବିଜୟ।

- "ଆରେ କିଛି ନାହିଁ। ଜଣେ ଭଦ୍ରମହିଳା ମୋବାଇଲ୍‌ରେ କଥା ହେଉ ହେଉ ଅନ୍ୟମନସ୍କ ହୋଇ ହଠାତ୍ ମୋ ସ୍କୁଟର ଆଗକୁ ଚାଲି ଆସିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ଏ ଦୁର୍ଦ୍ଦଶା"- କହିଲେ ରମା।

ଦୁଇ ବନ୍ଧୁଙ୍କର କିଛି ସମୟ କଥୋପକଥନ ପରେ ବିଜୟ ନିଜ ବାସଗୃହକୁ ଫେରିଆସିଲେ। ସ୍କୁଟରଟି ରଖି ଦେବାପରେ କଲିଂ ବେଲ୍ ଉପରକୁ ତାଙ୍କର ଅବସ

Digitized by srujanika@gmail.com

ହାତଟି ଚାଲିଗଲା । ଶ୍ରୀମତୀ ଦ୍ୱାର ଖୋଲୁ ଖୋଲୁ ଶୁଖିଲା ଲଙ୍କାର ଉତ୍କଟ ପୋଡ଼ା ଗନ୍ଧ ତାଙ୍କୁ ଅଣନିଃଶ୍ୱାସୀ କରି ପକାଇଲା ।

"କଥା କଣ," ମୁହଁକୁ ବିକୃତିଆ କରି ଆକାପାକା ହୋଇ କହି ପକାଇଲେ ବିଜୟ ।

ସ୍ମିତ ହାସ୍ୟଟିଏ ବିଜୟଙ୍କ ମୁହଁ ଉପରକୁ ନିକ୍ଷେପ କରି ଝରଣା କହିଲେ- "ଆଗେ ଆସ, ତା'ପରେ ସବୁ କହିବି" ।

ବିଜୟ ସୋଫା ଉପରେ ଲଥ୍ କରି ବସି ପଡ଼ିଲେ । ପାଖରେ ବସି ପଡ଼ି ଝରଣା କହିଲେ-"ଜାଣ, ଆଜି ମରୁ ମରୁ ବଂଚିଗଲି । କିଛି କିଣାକିଣି ପାଇଁ ଖରାବେଳେ ବଜାରକୁ ଯାଇ ଫେରୁ ଫେରୁ ଗୋଟେ ସ୍କୁଟର ଆଗେ ପଡ଼ିଗଲି । ଆଖି ବୁଜି ହୋଇଗଲା, କିନ୍ତୁ ସ୍କୁଟର ଚଳାଉଥିବା ବାବୁ ଜଣଙ୍କ ଅବସ୍ଥାଟା ସମ୍ଭାଳି ନେଲେ । ମୋର କିଛି କ୍ଷତି ହୋଇନି ସିନା, ସେ ବାବୁ ଜଣକ ସ୍କୁଟରରୁ ଛିଟିକି ପଡ଼ିଲେ । ତେବେ ତାଙ୍କ ଆଘାତ ବି ସେମିତି କିଛି ଗୁରୁତର ନୁହେଁ ।"

ବିଜୟର ମୁଣ୍ଡଟା କେମିତି ଗୋଳମାଳିଆ ଧରିଗଲା । ବିଜୟ କିଛି କହିବାକୁ ଯାଉଥିଲେ । ମାତ୍ର ଝରଣା ତାଙ୍କୁ ବାଧା ଦେଇ କହିଲେ- "ଦଶହରା ବେଳେ ଯେଉଁ ଲାଲି ରଙ୍ଗର ଶାଢ଼ିଟା ଆମଘରୁ ଆସିଥିଲା, ସେଇଟା ପିନ୍ଧି ବଜାରକୁ ଯାଇଥିଲି । ଭାବୁଛି, ବୋଧହୁଏ ନଜର ଲାଗିଗଲା । ନଜର ଉତାରିବା ପାଇଁ କିଛି ଲାଲି ଶୁଖିଲା ଲଙ୍କା ଗ୍ୟାସ ଆଂଚରେ ଜଳାଇ ଦେଇଥିଲି ତ, ସେଥିପାଇଁ ଏ ଉତ୍କଟ ପୋଡ଼ା ଲଙ୍କା ଗନ୍ଧ । ବ୍ୟସ୍ତ ହୁଅନି, ଆଉ ଟିକେ ପରେ ଥଣ୍ଡା ପଡ଼ିଯିବ ।"

ବିଜୟଙ୍କ ଧୈର୍ଯ୍ୟଚ୍ୟୁତି ଘଟିସାରିଥାଏ । ବ୍ୟସ୍ତ ହୋଇ କହିଲେ- "ସେ ଲୋକଟିର ନାମ ରମା ନୁହେଁ ତ !"

"ହଁ ହଁ ସେୟା ନା କଣ ତ । ରମା ବୋଲି କେହି ଜଣେ ପାଟି କରୁଥିଲେ"- ସହଜ କଣ୍ଠରେ ଉତ୍ତର ଦେଲେ ଝରଣା ଦେବୀ ।

ବିଜୟଙ୍କ ଓଠ ଶୁଖି ଅଠାଳିଆ ପରି ଲାଗିଲା । ଜିଭକୁ ଥରେ ଦୁଇଥର ଓଠରେ ବୁଲାଇ ଆଣି କହିଲେ- "ଆରେ ସେ ରମା ମୋର କଲେଜ ବେଳର ସହପାଠୀ । ତୁମକୁ ବଂଚାଇବାକୁ ଯାଇ ସେ ଜଖମ । ଆଉ ତମକୁ ନଜର ଲାଗିଛି ଭାବି ତମେ ଶୁଖିଲା ଲଙ୍କା ଗୁଡ଼ା ଅଗ୍ନିରେ ସ୍ୱାହା କରିଚାଲିଛ । ଅନ୍ଧ ବିଶ୍ୱାସର ବି ଏକ ସୀମା ଅଛି ଝରଣା ।"

ସନ୍ଧ୍ୟା ଯାଇ ରାତ୍ର ଉପନୀତ । ଚାରିଆଡେ ରହସ୍ୟମୟ ଅନ୍ଧକାରର ହାକିମାତି । ଝରଣା ଦେବୀ ନିଶ୍ଚିନ୍ତରେ ସେ ଅନ୍ଧାର ଭିତରେ ନିଦ୍ରାଦେବୀଙ୍କ କୋଳରେ କେବେଠୁ

Digitized by srujanika@gmail.com

ଆଶ୍ରୟ ନେଇ ସାରିଲେଣି। ବିଜୟଙ୍କ ଆଖିରେ ନିଦର ଲେଶମାତ୍ର ଚିହ୍ନ ନାହିଁ। ଡବଡ଼ବ ଆଖିରେ ଭୟଙ୍କର ଅନ୍ଧାରକୁ ଅନୁଭବ କରୁଥିଲେ ସେ । ସତେ ଯେମିତି ଭୟଙ୍କର ଅନ୍ଧାରଟା ପନ୍‌ଝା ମେଲେଇ ତାଙ୍କୁ ମାଡ଼ି ବସିଛି। ଅନ୍ଧାରରେ ଛଟପଟ ହେଉଛନ୍ତି ସେ । ସବୁଦିନ ରାତିରେ ଅନ୍ଧାର ହୁଏ। କିନ୍ତୁ ସେଦିନ ରାତିର ଅନ୍ଧାରଟା କାଳ ସର୍ପ ପରି ତାଙ୍କୁ ବାରମ୍ବାର ଦଂଶନ କରି ବ୍ୟସ୍ତ ବିବ୍ରତ କରି ପକାଉଥାଏ। ସତେ ଯେପରି କାଳ ସର୍ପର ସମସ୍ତ ବିଷ ସେ ଅନ୍ଧାରରେ ଜମାଟ ବାନ୍ଧି ଯାଇଛି।

ବିବ୍ରତ ବିଜୟ ଭାବୁଥିଲେ ରମାର କଥା। ପ୍ରାତଃ ଭ୍ରମଣରେ ରମା ସଙ୍ଗରେ ଭେଟ ହୁଏ, ତା'ପରେ ସେ ଦୁର୍ଘଟଣାଗ୍ରସ୍ତ ହୁଏ। ଏଥିପାଇଁ କ'ଣ ବିଜୟ ନିଜେ ଦାୟୀ ? ଅନ୍ଧବିଶ୍ୱାସ। ବିଜୟ ଅନୁଭବ କରିପାରୁଥିଲେ –ଅନ୍ଧବିଶ୍ୱାସ କବଳରେ ପଡ଼ି ମନୁଷ୍ୟ କିପରି ବିଭ୍ରାନ୍ତିକର ପରିସ୍ଥିତିର ସମ୍ମୁଖୀନ ହୋଇ ହଲାପଟା ହେଉଛି। ସମାଜର ପ୍ରଗତି ପଥରେ ଅନ୍ଧବିଶ୍ୱାସ ଏକ ଅନ୍ତରାୟ ଭାବେ ଦଣ୍ଡାୟମାନ। ଅନେକ ଭୁଲ୍ ବୁଝାମଣାର ମୂଳ ହେଉଛି ଅନ୍ଧବିଶ୍ୱାସ।

ଏବେ ବିଜୟଙ୍କ ଚାଲିଚଳନରେ ବିରାଟ ପରିବର୍ତ୍ତନ। ସେ ପୂର୍ବ ପରି ସବୁ କଥାରେ ଆଉ ଆଗପଛ ହେଉ ନାହାନ୍ତି। କିଏ ଛିଙ୍କିଲେ, ପଛରୁ ଡାକିଲେ, ଅପୂର୍ଣ୍ଣ ପାତ୍ର ଦେଖିଲେ, ବିଲେଇଟା ରାସ୍ତା ଅତିକ୍ରମ କରିଗଲେ କିମ୍ବା ପ୍ରାତଃ ଭ୍ରମଣରେ ବନ୍ଧୁ ରମା ସହ ଦେଖା ସାକ୍ଷାତ ହେଲେ ତାଙ୍କର ମନରେ ଆଉ କିଛି ଦ୍ୱନ୍ଦ ନାହିଁ। ଅନ୍ଧବିଶ୍ୱାସର ନିଦ୍ରାଭଙ୍ଗରେ ବିଜୟ ଏବେ ପୁଲକିତ ।

ସବୁଠୁ ଆନନ୍ଦର ବିଷୟ ହେଉଛି ଏବେ ପ୍ରତିଦିନ ପ୍ରାତଃ ଭ୍ରମଣ ଉଦ୍ଦେଶ୍ୟରେ ଗଲା ବେଳେ ବିଜୟହିଁ ପ୍ରଥମେ ରମାଙ୍କୁ ସାକ୍ଷାତ କରନ୍ତି। ପ୍ରାତଃ ଭ୍ରମଣ ସାଙ୍ଗକୁ ଦୁଇ ବନ୍ଧୁଙ୍କ ମଧ୍ୟରେ ଭାବର ନିବିଡ଼ ଆଦାନ ପ୍ରଦାନ ହୁଏ। କେତେ ଥଟ୍ଟା ମଜା, ପୁରୁଣା ଦିନର ଗପରେ ଦୁଇଜଣ ମଜି ଯାଆନ୍ତି। ବେଳେ ବେଳେ ଅନ୍ଧବିଶ୍ୱାସର ଗପ ପେଡ଼ି ଖୋଲି ଦୁହେଁ ମନ ଖୋଲି ହସନ୍ତି। ପର ମୁହୂର୍ତ୍ତରେ ବିବ୍ରତ ହୁଅନ୍ତି। ଏ ଅନ୍ଧବିଶ୍ୱାସର ପେଡ଼ି ଭିତରେ ଥିବା ବିଷଧର ସର୍ପମାନଙ୍କୁ ନିପାତ ନ କଲେ ସେମାନଙ୍କର ବିଷରେ ସମାଜର ଅବକ୍ଷୟ ଅବସମ୍ଭାବୀ।

X X X

ବେଶ୍ ଫରଚା ପଡିଗଲାଣି। ବାଲକୋନୀ ବାହାରକୁ ଅନେଇଲେ ବିଜୟ। ନିର୍ମେଘ ଆକାଶ। ସବୁକିଛି ନୀଳ, ନିର୍ମଳ। ସବୁଦିନ ପରି କବାଟ ଆଉଜାଇ ପ୍ରାତଃ ଭ୍ରମଣ ପାଇଁ ରମାଙ୍କ ଘର ଆଡ଼େ ବାହାରି ଗଲେ ସେ ।

❖❖❖

Digitized by srujanika@gmail.com

ସିନ୍ଦୁକ

ସିନ୍ଦୁକର ତାଲାଟାକୁ ହାତରେ ଟାଣି ଧରି ପରୀକ୍ଷା କରିନେଲା ନିଧି। ସବୁଦିନ ରାତିରେ ବିଛଣାକୁ ଯିବା ପୂର୍ବରୁ ତାଲାଟାକୁ ଧରି ପରୀକ୍ଷା କରିବା ତାର ଏକ ପୁରାତନ ଅଭ୍ୟାସ। ତାଲାଟି ଠିକ୍ ଥିବାର ଜାଣିଲେ ସେ ଆଶ୍ୱସ୍ତିର ନିଃଶ୍ୱାସ ନିଏ। ଚାରି ପୁରୁଷ ଅମଳର ଏ ସିନ୍ଦୁକ। ବେଶ୍ ମଜଭୁତ। ଗୋଟାଏ ଜାଗାରେ ପଡ଼ିଛି ଯେ ପଡ଼ିଛି। ଟେକିବାକୁ କାହାର ଜୁ ନାହିଁ। ଆଗପଛ, ଏପଟ ସେପଟ ବିଭିନ୍ନ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ହେଲେ ସିନ୍ଦୁକଟା ପୁରୁଷ ପୁରୁଷ ଚାରି ପୁରୁଷ ହାତ ଲାଗି ତେଲ ଚିକିଟା ଧରିଯାଇଛି।

ନିଧି- ନିଧି ଦାସ। ପାକଲା ଚେହେରା । ମୁଣ୍ଡରେ ଚନ୍ଦନ ଟୋପାଟିଏ ସବୁବେଳେ ଦାଉଦାଉ। ବୟସ ଅଶୀରୁ ଉର୍ଦ୍ଧ ହେବ ପରା। କେଶ ଗୁଡ଼ାକ ଝୋଟ ପରି ଧୋବ ଫରଫର। ନିଧି ଯୁଆଣ ସମୟରୁ ବେଶ୍ ପରିଷ୍କାର ପରିଛନ୍ନ। ଆଣ୍ଠୁ ଲୁଚି ନ ଥିବା ହେଉ ପଛେ ଧୋତିଟା ସବୁବେଳେ ତା'ର କେଶ ଗୁଡ଼ାକ ପରି ଧଳା। ଦୂରରୁ ଧୋବ ଫରଫର ନିଧି ଦାସକୁ ଚିହ୍ନି ହୋଇ ଯାଏ। ନାତି ନାତୁଣୀମାନେ ଥଟ୍ଟାରେ ଡାକନ୍ତି – "ହ୍ୱାଇଟ୍ ମେନ୍"। ନିଧିକୁ ମଧ ନାତି ନାତୁଣୀଙ୍କ 'ହ୍ୱାଇଟ୍ ମେନ'୍ ଡାକଟା ଭାରି ମଉଜ ଲାଗେ। ଖୁସିରେ ଦାନ୍ତ ମେଲେଇ ହସିଦିଏ।

ଘର ଦାଣ୍ଡ ପଟ ବାରଣ୍ଡାରେ ପଡ଼ିଥିବା ଦଉଡ଼ିଆ ଖଟିଆ ଉପରେ ଆଖି ବୁଲେଇ ଆଣିଲା ନିଧି। ଖଟିଆର ବୋବେଇ ଦଉଡ଼ି ଗୁଡ଼ାକ ଝୁଲିପଡ଼ି ନଇଁ ଗଲେଣି। ନିଧି ବି ବୟସ ପ୍ରଭାବରେ କିଛିଟା ନଇଁବା ଆରମ୍ଭ କରିଛି। ବିଛଣା ପାରି ଶୋଇବାର ଉପକ୍ରମ କଲା ନିଧି। ଏଇ ବାରଣ୍ଡାରେ ତା'ସ୍ତ୍ରୀର ଦେହାନ୍ତ ପରଠୁ ସେ ଶୋଇ ଆସିଛି। ଚାରି ପୁଅର ଜନକ ନିଧି। ସମସ୍ତେ ବିବାହିତ। ପ୍ରତି ପୁଅର ଅକ୍ତିଆରରେ ଗୋଟିଏ ଗୋଟିଏ ଘର। ଆଉ ବଳକା ଘର ନାହିଁ। ଏଇ ଘରଟି ନିଧି ନିଜେହିଁ ତିଆରି

Digitized by srujanika@gmail.com

କରିଛି । କାହିଁକି କେଜାଣି, ନିଧି ଚାରି ବଖରା ଘର କରିଥିଲା । ଚାରିପୁଅଙ୍କ ଘର ଅକ୍ତିଆର ପରେ ତା'ଭାଗରେ ବାରଣ୍ଡାଟି ପଡ଼ିଛି । ସେଇ ବାରଣ୍ଡାରେ ସେ ଚଳପ୍ରଚଳ କରେ ।

ଆଖି ବୁଜି ନିଦ୍ରା ଦେବୀଙ୍କ କୋଳରେ ଆଶ୍ରୟ ନେବା ପାଇଁ ଉଦ୍ୟମ କଲା ନିଧି । ଆଖିକୁ ନିଦ ଆସୁ ନାହିଁ । ଗୁଡ଼ାଏ ପୁରୁଣା କଥା ମନେ ପଡ଼ି ମନ ଗୋଳେଇ ଘାଂଟି ହେଉଛି । ନଖିର ମୁହଁଟା ଆଖି ଆଗରେ ନାଚି ଯାଉଛି । ନିଧିର ସ୍ତ୍ରୀ ନଖି । ବହୁ ଆଦର ଯତ୍ନରେ ତା'ସଂସାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିଲା ସିନା ହେଲେ ବେଶି ଦିନ ଏ ସଂସାରରେ ରହିପାରିଲା ନାହିଁ । ନଖି ଆରପାରିକୁ ଚାଲିଗଲା ପରେ ନିଧିର ପରିବାର ବାଲିଘର ପରି ଭାଙ୍ଗି ଗଲା । ଛୋଟ ଛୋଟ କଥାକୁ ଆଳ କରି ଭାଇ ଭାଇଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହେଲା । ନିଧି ସେ ମନାନ୍ତର ଦୂର କରିବାକୁ ଚେଷ୍ଟା କରି ବି ସକ୍ଷମ ହୋଇପାରିଲାନି । ଧିରେ ଧିରେ ଚାରି ଭାଇ ତା'ଠୁ ଅଲଗା ହୋଇଗଲେ । ମୋଟ ଛଅ ମାଣ ଜମି । ଜଣକା ଦେଢ଼ ମାଣ କରି ଜମି ନିଜ ନିଜ ଭିତରେ ବାଂଟି ନେଲେ । ନିଧି ଭାଗରେ କିଛି ନାହିଁ ।

ନିଧିଟା ଭାରି ସରଳିଆ । ପିଲାଙ୍କ ଖୁସିରେ ଖୁସି । ପିଲାଙ୍କ ଭାଗ ବଂଟା ଦେଖି ମନଟା ଦବି ଗଲା । ହେଲେ ନିଜ ମନକୁ ବୁଝାଇ ନେଲା । ଯେତେ ଭାଇ ସେତେ ଘର । ମୁଁ ତ ପୁଣି ମୋ ଭାଇଠୁ ଅଲଗା ହୋଇଛି । ତେବେ ମୋ ପୁଅ ମାନେ ଅଲଗା ହେଲେ ଦୁଃଖ କରିବି କାହିଁକି ? ସରଳିଆ ନିଧିଟା ବେଳେ ବେଳେ ଭାବେ ସେ ତ ତା' ବାପା ମା'ଙ୍କଠୁ ଅଲଗା ହୋଇ ନ ଥିଲା । ପିଲାମାନେ ତାଠୁ ଅଲଗା ହୋଇଗଲେ କାହିଁକି ?

ରାତି ଅଧ ସରିକି ହେବଣି । ଆଖିରେ ନିଦ ନାହିଁ । କୁକୁର ଗୁଡାକ ମଝିରେ ମଝିରେ ବିକଟାଳ ଶବ୍ଦ କରି କମ୍ପମାନ କରୁଛନ୍ତି । ପିଲାଙ୍କ କଥା ଭାବୁଥିଲା ନିଧି । ପିଲେ ତା'ର ତାକୁ ଚାରିଭାଗ କରି ଖଣ୍ଡେ ଖଣ୍ଡେ ବାଣ୍ଟି ନେଇ ଯାଇଛନ୍ତି । ସବୁ ପୁଅଙ୍କ ପାଖରେ ତା'ର ମାସିକିଆ ପାଳି । ପାଳି ଅନୁସାରେ ନିଧି ପୁଅ, ବୋହୂଙ୍କର ଭଲ ମନ୍ଦ ବୁଝେ ଏବଂ ସେଇଠି ଖାଏ । ହେଲେ ବେଳେ ବେଳେ ମନ ବେଲାଇନ୍ ଧରେ । ପାଳି ନ ଥିବା ପୁଅ ବୋହୂଙ୍କର କାମ ପାଇଟିଟାଏ କରିଦିଏ । ସୃଷ୍ଟି ହୁଏ ତୁମୁଳ ଝଡ଼ । "ଆମର ଖାଇବ, ତାଙ୍କର ଗାଇବ," "ଯାହାର କରୁଛ, ସେଇଠି ରହିବ ଯାଅ," ଏମିତି ଗୁଡ଼ାଏ ପ୍ରବଚନ ଶୁଣିବାକୁ ପଡ଼େ । ନିଧି କିନ୍ତୁ ସେ ସବୁ କଥା ମନକୁ ନିଏନି । ପିଲେ ତ ପିଲେ । ତାଙ୍କ କଥା କ'ଣ ଧରାଯାଏ ।

Digitized by srujanika@gmail.com

ରାତି ବଢ଼ି ବଢ଼ି ଛାଲିଛି । ପିଲାଙ୍କ କଥା ମନରୁ ଯାଉନି । ନିଧିର ବଡ଼ ପୁଅ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ବାପା ସାଙ୍ଗେ ତା'ର ସେମିତି କଥାବାର୍ତ୍ତା ନାହିଁ । ଏ କଥାବାର୍ତ୍ତା ବିରାମ କେବେଠୁ ଘଟିଲାଣି, ନିଧିର ଠିକ୍ ମନେ ନାହିଁ । କିନ୍ତୁ ସେ ଜାଣେ ସେଇ ସିନ୍ଦୁକ ପାଇଁ ବଡ଼ ପୁଅ, ବୋହୂଙ୍କର ରୋଷ । ସେମାନଙ୍କର ସିନ୍ଦୁକ ଚାବି ଦରକାର ।

ବଡ଼ ମଝିଆଁ ପୁଅ ଗାଁ ପାଖ ବଜାରରେ ତେଜରାତି ଦୋକାନ କରିଛି । ଭଲ ରୋଜଗାର । ତଥାପି ତାର ସେଇ ସିନ୍ଦୁକ ଉପରେ ଆଖି । ଭାବେ, ନିଶ୍ଚିତ ଭାବରେ ବୁଢ଼ା ସେ ସିନ୍ଦୁକରେ ମେଂଚେ କ'ଣ ରଖିଛି । ନ ହେଲେ ସେ ଚାବିକାଠିଟା ସବୁବେଳେ ଅଂଟାରେ ଖୋସିବ କାହିଁକି ?

ସାନ ମଝିଆଁ ପୁଅଟା ଚିଙ୍ଗୁଡ଼ି ଚାଷରେ ମନ ବଳାଇଛି । କେଉଁ ବର୍ଷ ଲାଭ ତ କେଉଁ ବର୍ଷ କ୍ଷତି । ବେପାରଟା ଏତେ ଜମିନି । କେଉଁଠୁ ପୁଳେ ନଗଦ ରାଶି ମିଳିଲେ ବେପାରକୁ ମଜଭୁତ କରିବାକୁ ଇଚ୍ଛା । ସେଥିପାଇଁ ତା'ର ଲକ୍ଷ୍ୟ ବି ସେଇ ସିନ୍ଦୁକ ଉପରେ ।

ସାନ ପୁଅଟା ରାଜନୀତିରେ ମାତିଛି । ଦିନ ରାତି ଏଠି ସେଠି ଘୂରି ବୁଲେ । ଧାରଣା, ଧର୍ମଘଟ, ସମାଜ ସେବାରେ ତା'ଦିନ ଗୁଡ଼ାକ କଟିଯାଏ । ଗଲା ସନ ସମିତି ସଭ୍ୟ ପାଇଁ ପ୍ରତିଯୋଗିତା କରି ପରାଜୟର ସ୍ୱାଦ ଚାଖିଛି ସିନା, ରାଜନୀତି ଜୁଆଖେଳରେ ପରାଜୟ ସ୍ୱୀକାର କରିନି । ରାଜନୀତିରୁ ଅର୍ଥ ଉପାର୍ଜନର ସୁଡ଼ଙ୍ଗଟା ଏବେ ବି ଠାବ କରି ପାରିନି । ଟାଣ ଟୁଣରେ ତା' ସଂସାର ଚଳେ । ନିଧି ତାର ସବୁ ପିଲାଙ୍କ ଭିତରେ ସାନପୁଅ ଆଡ଼କୁ ଟିକେ ଟାଣି ହୋଇ ଯିବା ପରି ପ୍ରତୀୟମାନ ହୁଏ । ତିନି ବୋହୂ ବି ସେୟା କହନ୍ତି । ହେଲେ ନିଧି ସେ କଥାକୁ କାନରେ ପକାଏନି । ସାନ ପିଲାଟା । ବୁଦ୍ଧି ସୁଦ୍ଧି ହେଇନି । ରୋଜଗାର ବି ସେମିତି କିଛି ନାହିଁ । ନିଧି ବେଳେ ବେଳେ କଥା ପ୍ରସଙ୍ଗରେ ଗାଁ ଲୋକଙ୍କ ଆଗରେ ମନକଥା ଗପିଦିଏ । କଥା କାନ କାନକୁ ବୁଲି ତିନି ବୋହୂଙ୍କ କାନରେ ପଡ଼େ । ଯାହା ହେବା କଥା ସେୟା ହୁଏ । ନିଧି ଗୁଡ଼ାଏ ପ୍ରବଚନ ଶୁଣେ ।

ସାନ ବୋହୂ ଜାଣେ, କ'ଣ ପାଇଁ କେଜାଣି ଶଶୁର ତାକୁ ଏବଂ ତାର ଗେରସ୍ତକୁ ଟିକେ ଅଧିକା ସ୍ନେହ କରନ୍ତି । ସେଇ ସୁଯୋଗରେ ସାନ ବୋହୂ କେତେଥର ଗେହ୍ଲେଇ ହୋଇ ପଚାରିଛି- "ବାପା, ସେ ସିନ୍ଦୁକରେ କ'ଣ ଅଛି ? ସିନ୍ଦୁକ ଖୋଲୁ ନାହାନ୍ତି ଦେଖିବା । ଆମେ କାହାକୁ କିଛି କହିଦେବୁ ନା କ'ଣ ?"

Digitized by srujanika@gmail.com

ନିଧି ସାନ ବୋହୂକୁ ଅନେଇ ହସିଦିଏ। କହେ, "ସମୟ ଆସିଲେ ଖୋଲିବି ମା'।" ସାନ ବୋହୂ ଗରଗର ହୋଇ କହେ,- "ସମୟ ଆସିବ ନା ସେଟା ଖୋଲାଯିବ।" ନିଧି ଖାଲି ଶୁଣେ।

ନା, ଆଉ ନିଦ ହେବ ନାହିଁ। ଫରଚା ପଡ଼ିଲାଣି। ନିଧି ଖଟିଆରେ ଉଠିବସିଲା। ଭାବିଲା, ଏ ସିନ୍ଦୁକ ବାବଦରେ କିଛି କରିବାକୁ ହେବ। ନ ହେଲେ ପିଲା ଗୁଡ଼ାକ ଅଶାନ୍ତିରେ ଗୋଳେଇ ଘାଂଟି ହୋଇ ରୋଗଗ୍ରସ୍ତ ହୋଇଯିବେ। ସେଦିନ ସକାଳୁ ନିତ୍ୟକର୍ମ ସାରି ନିଧି ବଡ଼ ବୋହୂକୁ ଡକେଇ ପଠାଇଲା। କହିଲା- "ଦେଖ ମା, ମୋର ବୟସ ହେଲାଣି। ପାଚିଲା ପତ୍ରଟିଏ ପରି ଗଛରେ ଝୁଲୁଛି। କେତେବେଳେ କେଉଁ କଥା। ଦମକାଏ ହାଲୁକା ପବନକୁ ନିଅଣ୍ଟ। ଆଖି ବୁଜିବା ଆଗରୁ ସେ ସିନ୍ଦୁକର ଦାୟିତ୍ୱ ତମ ମାନଙ୍କୁ ଦେଇଯିବି। କେତେ ପୁରୁଷର ସିନ୍ଦୁକ।"

କଥା ନ ସରୁଣୁ ବଡ଼ ବୋହୂ ଚା କପେ ଆଣି ଶଶୁରଙ୍କ ଆଗେ ରଖିଦେଇ କହିଲା- "ଆମର ସେ ସିନ୍ଦୁକରୁ କ'ଣ ମିଳିବ ? ତେବେ ତମର ଯାହା ଇଚ୍ଛା ସେୟା କର ବାପା।"

କଥା ଗୋଟିଏ କାନରୁ ଚାରିକାନ ହେଲା। ଦାଣ୍ଡ ଛାଡ଼ି ଘାଟରେ ପଡ଼ିଲା। ଗାଁରେ ସମସ୍ତେ ଟୁପୁରୁ ଟାପୁରୁ ହେଲେ। ଏଥର ନିଧି ବୁଢ଼ାର ସିନ୍ଦୁକ ମୋହ ଭାଙ୍ଗିଛି। ଦେଖାଯାଉ ବୁଢ଼ା କ'ଣ କରୁଛି ? ବୋହୂ ମାନେ ବି ନିଜ ନିଜ ସ୍ୱାମୀମାନଙ୍କ ସାଙ୍ଗରେ ନିରୋଳା ସମୟ ଦେଖି ବିଚାର ବିମର୍ଷ କରିସାରିଲେଣି।

ବଡ ମଝିଆଣୀଟା ସମୟ ଦେଖି ବୁଢା ସାଙ୍ଗେ ବସି ତା'ଦେହ ପା' ବିଷୟରେ ପଚରା ପଚରି କରୁଛି। ସାନ ମଝିଆଣୀଟା ବେଳକାଳ ଦେଖି ଖଣ୍ଡେ ଖଣ୍ଡେ ପାନ ବୁଢ଼ାକୁ ଦେବା ଆରମ୍ଭ କରିଛି। ସାନ ବୋହୂଟା ତ ସହଜରେ ବୁଢ଼ା ପାଖରେ ନସରପସର ହୁଏ। କେତେ ଥର ସିନ୍ଦୁକ ବିଷୟରେ ପଚାରିଲାଣି। କିନ୍ତୁ ନିଧି ବୁଢ଼ା ହସି ଦେଇ ଫାଙ୍କା ଉତ୍ତରଟେ ଫେରାଏ।

ଅକ୍ଷି ତୃତୀୟା ଆଉ ଦୁଇଦିନ ବାକି। ସେ ଦିନ ବୁଢ଼ୀର ଶ୍ରାଦ୍ଧ। ବୁଢ଼ା ଚାରି ପୁଅଙ୍କୁ ଡକାଇ ସିନ୍ଦୁକଟା ଅକ୍ଷି ତୃତୀୟା ଦିନ ଖୋଲାଯିବା ସମ୍ବନ୍ଧରେ ତାର ବହୁ ପ୍ରତିକ୍ଷୀତ ନିଷ୍ପତ୍ତି ଘୋଷଣା କରିଦେଲା। ସେବେଠୁ ନିଧି ପୁଅ ବୋହୂମାନଙ୍କର ଚାଲିଚଳନ, କଥାବାର୍ତ୍ତାରେ ଆତ୍ମୀୟତା ଅନୁଭବ କରେ। ନିଧି ଜାଣେ, ଏ ସବୁ ସେଇ ମହାମହିମ ସିନ୍ଦୁକର କରାମତି।

Digitized by srujanika@gmail.com

ଅକ୍ଷୟ ତୃତୀୟା ଦିନ ବୁଢ଼ୀର ଶ୍ରାଦ୍ଧ ପଡ଼ିବା ପୂର୍ବରୁ ନିଧି ଚାରି ପୁଅ, ବୋହୂଙ୍କୁ ଡାକି ଏକାଠି ସିନ୍ଦୁକ ପାଖରେ ବସାଇଲା। ସିନ୍ଦୁକ ଆଡ଼କୁ ଚାହିଁ କହିଲା- "ସିନ୍ଦୁକଟା ଆମ ପୂର୍ବ ପୁରୁଷଙ୍କ ସନ୍ତକ । ସମସ୍ତେ ମିଶି ତା'ର ଯତ୍ନ ନେବ। ଏଇ ସିନ୍ଦୁକହିଁ ସମସ୍ତଙ୍କୁ ଯୋଡ଼ି ରଖି ପାରିବ।" କଥା ଗୁଡ଼ାକ ପୁଅ ବୋହୂଙ୍କ କାନରେ ପଡ଼ି ବାହାରିଗଲା ସିନା କେହି ସେ କଥାର ଥଳ କୂଳ ପାଇଲା ପରି ମନେ ହେଲା ନାହିଁ। ସାନ ପୁଅ ଉଠି ପଡ଼ି କହିଲା- "ବାପା ମୋର ଗୋଟାଏ ଜରୁରୀ ସଭା ଅଛି। ଏ କାମ ସରିଲେ ମୁଁ ସେଆଡ଼େ ଯିବି।" ଅନ୍ୟ ମାନଙ୍କର ବି ସେଇ କଥା। କାମଟା ସରିଗଲେ ଯାଏ।

ସମସ୍ତଙ୍କର ବ୍ୟଗ୍ରତା ଅନୁଭବ କରି ନିଧି ତା ଅଂଟିରୁ ଚାବିଟି କାଢ଼ି ଏପଟ ସେପଟ କରି ଦେଖିଲା। ଏକ ଦୀର୍ଘ ନିଃଶ୍ୱାସ ପକାଇ ଚାବିଟା ବଡ଼ବୋହୂ ହାତକୁ ବଢ଼ାଇ ଦେଇ ଖୋଲିବାକୁ କହିଲା। ବଡ଼ ବୋହୂ ଇଚ୍ଛା ନଥିଲା ପରି ଚାବିଟି ନେଇ ତାଲା ଖୋଲିବାକୁ ଚେଷ୍ଟା କଲା। ଯେତେ ଚେଷ୍ଟା କଲେବି ତାଲା ଖୋଲି ହେଲାନି। ନିଧି ଜାଣିଥିଲା ତାର ପରିବାରରେ କଳଙ୍କି ଲାଗିଗଲାପରି ତାଲାରେ ବି କଳଙ୍କି ଲାଗିଯାଇଛି। କହିଲା- "କାହିଁ କେବେଠୁ ତାଲା ଖୋଲା ହୋଇନି। କଳଙ୍କି ଲାଗିଥିବ ପ୍ରାୟ। ତେଲ ଦେଇ ଖୋଲିବାକୁ ଚେଷ୍ଟା କର।"

ବଡ଼ ପୁଅ ବ୍ୟସ୍ତ। ସିନ୍ଦୁକ ଖୋଲା ସରିଲା ପରେ ଶ୍ରାଦ୍ଧ ପଡ଼ିବ। ଶ୍ରାଦ୍ଧ ପଡ଼ିବା ପରେ ଯାଇ ସେ ସ୍କୁଲ ଯିବ। ଏଣୁ ଗୋଟାଏ ଶିଳପୁଆ ଧରି ତାଲା ଉପରେ ଶକ୍ତ ଛେଚାଟିଏ ମାଇଲା। ଦୁର୍ବଳିଆ ତାଲାଟା ଏକାଥରକେ ଚାରିଖଣ୍ଡ ହୋଇଗଲା। ନିଧିର ଛାତିଟା ଧଡ଼୍‌କିନା ହେଲା। ତା ପରିବାର ପରି ତାଲାଟା ବି ତା'ଚକ୍ଷୁ ସମ୍ମୁଖରେ ଖଣ୍ଡ ଖଣ୍ଡ କରି ଚାରିଖଣ୍ଡ ହେଇଯାଇଛି।

ଗୁମ୍ ହୋଇ ବସି ରହିଲା ନିଧି। ଏହା ଭିତରେ ବଡ଼ ବୋହୂ ସିନ୍ଦୁକ ଭିତରେ ହାତ ପୂରାଇ ସାରିଲାଣି। ହାତରେ ତ କାହିଁ କିଛି ଲାଗୁନି। ଏପଟ ସେପଟ ହାତ ବୁଲାଇବା ପରେ ଗୋଟିଏ ପୁଟୁଳି ହସ୍ତଗତ ହେଲା। ପୁଟୁଳି କାଢ଼ି ଆଣି ବାହାରେ ରଖି ଦେଲା ବଡ଼ବୋହୂ। ସମସ୍ତଙ୍କ ମନରେ ଆଶା ପୁଳାଏ ଗହଣା ବା ଟଙ୍କା ଥିବ ନିଶ୍ଚୟ। ନିଧି ପୁଟୁଳିଟା ଉଠାଇ ଆଣି ଅତି ସତର୍କତାର ସହ ଖୋଲିଲା। ପୁଟୁଳିରୁ ଯାହା ବାହାରିଲା, ତାହା ହେଲା ବୁଢ଼ୀର ଫ୍ରେମରେ ବନ୍ଧା ଏକ ଫଟୋ, ଏକ ପୁରୁଣା ଭାଗବତ, ବୁଢ଼ୀ ବ୍ୟବହାର କରୁଥିବା ଏକ ନାମାବଳୀ, ଗୋଟିଏ ପିତଳ ଚାମୁଚ, ଏକ ନିର୍ମାଲ୍ୟ ଡବା ଏବଂ ପିତଳର ଏକ ଛୋଟ କଳସ।

Digitized by srujanika@gmail.com

ସାନ ପୁଅ ତା'ଆଖିକୁ ବିଶ୍ୱାସ କରି ନ ପାରି ଆଉ ଥରେ ସିନ୍ଦୁକ ଭିତରେ ହାତ ପୂରାଇ ଦରାଣ୍ଡି ଆଣିଲା, ସିନ୍ଦୁକଟା ପୂରା ଖାଲି। ସମସ୍ତଙ୍କ ବ୍ୟସ୍ତତା ଦେଖି ନିଧି କହିଲା- "ତମମାନଙ୍କ ଭଲମନ୍ଦ ବୁଝିବା ପରେ ମୁଁ ଆଉ କିଛି ସଂଚୟ କରି ପାରିନାହିଁ। ତମମାନଙ୍କ ମା'ଚାଲିଗଲା ପରେ ତା'ର ସ୍ମୃତିରେ କିଛି ଜିନିଷ ସିନ୍ଦୁକରେ ସାଇତି ରଖିଥିଲି।" ଏତକ କହି ସେ ସ୍ଥାନ ଛାଡ଼ି ଉଠିଗଲା ନିଧି। ଗଲାବେଳେ ସେ ପୁଟୁଳିକୁ କିଏ ଜଣେ କଚାଡ଼ି ଦେବାର ଏକ ଶବ୍ଦ ତା'କାନରେ ପଡ଼ିଲା । ତା' ସାଙ୍ଗକୁ କିଛି ଅଶ୍ରାବ୍ୟ ଭାଷା। ପଛକୁ ବୁଲିପଡ଼ି ନିଧି କହିଲା- "ଭାବିଥିଲି ତୁମ ମା'ର ସ୍ମୃତି ସବୁକୁ ତୁମେମାନେ ଆଗ୍ରହରେ ପରସ୍ପର ଭିତରେ ବାଣ୍ଟି ନେବ। ସେ କଥା ହେଲା ନାହିଁ।" ଥରଥର ହାତରେ ପୁଟୁଳିଟି ଉଠାଇ ତା' ବାରଣ୍ଡା ଆଡ଼କୁ ଅଗ୍ରସର ହେଲା ନିଧି।

ସେଦିନ ତା'ବୁଢ଼ୀର ଶ୍ରାଦ୍ଧ ପଡ଼ିଲା କି ନାହିଁ, ସେ କଥା ସେ ଜାଣି ପାରିଲା ନାହିଁ। ରାତିରେ କେହି ତାକୁ ଖାଇବାକୁ ବି ଡାକି ନାହାନ୍ତି। ଘରେ କାହାରି ସାଙ୍ଗରେ କାହାର କଥାବାର୍ତ୍ତା ନାହିଁ।

ଘର ଭିତରେ ଯେପରି ଚାରିଆଡ଼େ ଶ୍ମଶାନର ନିରବତା । ନଇଁ ଯାଇଥିବା ଦଉଡ଼ିଆ ଖଟିଆ ଉପରେ ଗୋଡ଼ ଛାଟ କରି ଶୋଇଗଲା ନିଧି।

ରାତି ପାହି ସକାଳ ହେଲାଣି କେତେବେଳୁ। ଲୋକମାନେ ବେଶ୍ ଚଳପ୍ରଚଳ ଆରମ୍ଭ କଲେଣି। ନିଧି କିନ୍ତୁ ଉଠିନି। ସାଧାରଣତଃ ବଡ଼ି ଭୋରରୁ ସେ ଶଯ୍ୟା ତ୍ୟାଗ କରେ। ଅନ୍ୟମାନେ ଉଠିବା ଆଗରୁ ନିତ୍ୟକର୍ମ ସମାପନ କରିସାରିଥାଏ। କେହି ଜଣେ କହିଲା- "କାଲିର ଘଟଣା ପାଇଁ ବୋଧହୁଏ ମନ ମାରି ଶୋଇଛି।" ଆଉ କିଏ କହୁଥିଲା- "ନିଧିଟା ତା'ସ୍ତ୍ରୀକୁ କେତେ ଭଲ ପାଉଥିଲା ସତେ !" ଏସବୁ ଭିତରେ କେହି ଜଣେ ନିଧିକୁ ହଲାଇ ଉଠାଇବାକୁ ଚେଷ୍ଟା କଲା। କିନ୍ତୁ ଏ କ'ଣ ? ନିଧିର ଦେହ ବରଫ ପରି ଥଣ୍ଡା। ପାଖରେ ଅଛି ବୁଢ଼ୀର ପୁଟୁଳି।

Digitized by srujanika@gmail.com

ରେବ

ସୁନେଲି ରଙ୍ଗର ଖରାଟା ଚାରିଆଡ଼େ ପଡ଼ିଆସିଲାଣି । ରାସ୍ତାଘାଟ ବେଶ୍ ଫରଚା ଦିଶୁଛି । ଲୋକେ ଦୈନନ୍ଦିନ କାମପାଇଁ ଚଳପ୍ରଚଳ ଆରମ୍ଭ କରିଦେଲେଣି । ପୋଖରୀ ତୁଠରେ ଦାନ୍ତକାଠି ଧରି ଚାରି ପାଞ୍ଚଟା ଭେଣ୍ଡିଆ ଟୋକା ଗପରେ ମସ୍‌ଗୁଲ୍ । ଝିଅ ବୋହୂମାନେ ପୋଖରୀ ତୁଠ ଆଡ଼େ ମୁହାଁଇବା ଆରମ୍ଭ କରିଦେଇଛନ୍ତି । ମୋଟାମୋଟି ସକାଳଟା ବିଗୁଲ୍ ବଜାଇ ତା'ର ଉପସ୍ଥିତି ଜାହିର କରିଦେଇଛି ।

ସବୁଦିନ ଅନ୍ଧାର ଥାଉଥାଉ ରେବ ଉଠିଯାଏ । ଆଜି କିନ୍ତୁ ଏ ଯାଏଁ ରେବ ଉଠିନି । କ'ଣ ଗୋଟାଏ ଶବ୍ଦରେ ରେବର ନିଦଟା ଚାଉଁକିନା ଭାଙ୍ଗିଗଲା । ଝରକା ଫାଙ୍କ ଦେଇ ସୂର୍ଯ୍ୟ କିରଣର ଧାରଟିଏ ବେଶ୍ ସ୍ୱଚ୍ଛନ୍ଦରେ ଘର ଭିତରକୁ ପ୍ରବେଶ କରି ସାରିଛି । ଅସଂଖ୍ୟ ଧୂଳିକଣା ସୂର୍ଯ୍ୟକିରଣ ଧାରଟିରେ ଖେଳିବୁଲି ପରିବେଶରେ ନିଜର ଅସ୍ତିତ୍ୱ ପ୍ରକଟ କରୁଛନ୍ତି । ଆଖି ବୁଲେଇ ଦେଖିଲା ରେବ । ସନାତନ ବିଛଣାରେ ନାହିଁ । ଛାତିଟା ଦାଉଁକିନା ହେଇଗଲା ରେବର । ସବୁଦିନ ସେ ସନାତନ ଉଠିବା ଆଗରୁ ଅନ୍ଧାର ଥାଉଥାଉ ଉଠେ । ଆଜି ଯେମିତି ସବୁ ଓଲଟ ପାଲଟ ହେଇଯାଇଛି । ଏବେ ସେ କରେ କ'ଣ ? ଦିନ ହେଇଗଲାଣି । ବାହାରକୁ ଯିବ ବା'କେମିତି ? ସନାତନ ଥିଲେ ବା' କିଛି କରିପାରିଥାନ୍ତା ।

ରେବ-ରେବତୀ ବଳିଆରସିଂ । ସୁବାସ ବଳିଆରସିଂଙ୍କ ଏକମାତ୍ର କନ୍ୟା । ସୁବାସଙ୍କର ତାଙ୍କ ଗାଁରେ ଭାରି ପ୍ରତାପ । ଗର୍ଭିଣୀ ଗାଈ ବାଟ ଛାଡ଼ିଦିଏ । ସୁବାସ କଥାଟାଏ କହିଦେବେ, ଆଉ କଥା ତଳେ ପଡ଼ିଯିବ, ଏମିତି କେବେ ହେଇନି । କିନ୍ତୁ ଦୁର୍ଭାଗ୍ୟ, ତାଙ୍କ ଅବସ୍ଥା ନିଜ ଘରେ ବାର ଗଣ୍ଡା ଦି'କଡ଼ା ହୋଇଛି । ସମସ୍ତ ବିରୋଧ ସତ୍ତ୍ୱେ ଝିଅ ରେବ ତାଙ୍କରି ଗାଁରେ ଅନ୍ୟ ଏକ ଜାତିରେ ସ୍ୱଇଚ୍ଛାରେ ବିବାହ କରିଛି ।

ବିରୋଧି ଲୋକେ କୁହାକୁହି ହେଲେ- "ଶଳାଟା ଏଥର ପାନେ ପାଇଛି । ସମସ୍ତଙ୍କ ଉପରେ ନାଲିଆଖି, ହାକିମାତି । ଏଥର ପଡ଼ିଛି ଗାତରେ, ଶଳା କ'ଣ କରୁଛି କରୁ ।"

Digitized by srujanika@gmail.com

ଲୋକଙ୍କ ଫୁସୁରୁ ଫାସୁରୁ, ଟୁପୁରୁ ଟାପୁରୁ ବଳିଆରସିଂହଙ୍କ କାନରେ ପଡ଼ିଲା। ବଳିଆରସିଂ ବି ଛାଡ଼ିବାର ଲୋକ ନୁହଁନ୍ତି। ନିଜ ପତିଆରା ରଖିବା ପାଇଁ ଫରମାନ୍‌ଟାଏ ଗାଁରେ ଜାରୀ କରିଦେଲେ-ରେବର ଶଶୁର ଘରକୁ ନିଆଁ ପାଣି ବାସନ୍ଦ। ଗାଁର କେହି ଜଣେ ବି ରେବ କିମ୍ବା ତାର ଶଶୁର ଘରର କୌଣସି ଲୋକ ସାଙ୍ଗେ ସମ୍ପର୍କ ରଖିବା ମନା।

ରେବ ନିଜ ଘର ଛାଡ଼ି ଶଶୁର ଘରେ ଆସି ରହିବା ପ୍ରାୟ ମାସଟିଏ ହେଲାଣି। ଏଇ ମାସଯାକ ସେ ଅନ୍ଧାର ଥାଉଥାଉ ଶଯ୍ୟା ତ୍ୟାଗ କରି ଗାଁ ଲୋକଙ୍କ ଅଗୋଚରରେ ନିତ୍ୟକର୍ମ ସାରି ଘରକୁ ଫେରିଆସେ। ନିଜ ବାପାଙ୍କ ନିର୍ଦ୍ଦେଶ ଯୋଗୁଁ ତାର ଏପରି ଦହଗଞ୍ଜ ଅବସ୍ଥା। ଆଜି କିନ୍ତୁ ସେ ଶୋଉଶୋଉ ଟିକେ ଡେରିଯାଏ ଶୋଇ ପଡ଼ିଛି। ସେ ଜାଣେ ନିତ୍ୟକର୍ମ ସାରିବା ପାଇଁ ତାକୁ ପୁଣି ଅନ୍ଧାର ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦିନ ବେଳେ ବାପାଙ୍କର ଚେଲା ଚାମୁଣ୍ଡାଙ୍କର ଟାହୁଲି ଟାପରା ତା' ପାଇଁ ଅସହ୍ୟ ହେବ ।

ସକାଳୁ ବାଡ଼ି ବଗିଚା ଆଡୁ ଘେରାଏ ବୁଲିଆସି ସନାତନ ଅଗଣାରେ ଥିବା ଚୁଲିରେ ନିଆଁ ଧରେଇଛି। ତା'ର ହେତୁ ହେବା ପୂର୍ବରୁ ତା' ମା' ଏ ସଂସାର ଛାଡ଼ି ଚାଲିଯାଇଛନ୍ତି। ହାତକୁ ଶକ୍ତି ପାଇଲା ଦିନଠୁ ସେ ସକାଳୁ ତା' ବାପାଙ୍କ ପାଇଁ ନାଲି ଚା'କରେ। ସେ ଚା'ରେ ଚିନି ବଦଳରେ ଟିପେ ଲୁଣ ପଡ଼େ। ନରହରି- ସନାତନର ବାପା, ସକାଳୁ ଗାଈଗୁହାଳ କାମ ସାରି ଦାଣ୍ଡଟା ପହଁରିବାରେ ଲାଗିଛନ୍ତି। ସନାତନ ଚା' କପ୍‌ଟିଏ ବାପାଙ୍କୁ ଦାଣ୍ଡରେ ଦେଇ ପଛକୁ ଅନେଇ ଦେଖିଲା ତା' ସ୍ତ୍ରୀ ରେବ କିଛି କହିବା କହିବା ଆଖିରେ ତାକୁ ଅନେଇଛି। ରେବ ଡେରିରେ ଉଠିଛି,ଏ କଥା ସନାତନ ଜାଣେ। ତା'ର ଯେ ନିତ୍ୟକର୍ମ ସାରିବାରେ ଅସୁବିଧା ହୋଇଛି, ସେ କଥା ବି ସନାତନକୁ ଜଣା।

ରେବର ହାତ ଟାଣିନେଇ ଖଟରେ ବସାଇ ସନାତନ କହିଲା- "ମୁଁ ବ୍ଲକ୍ ଅଫିସ୍ ପାଖରେ ଘରଟେ ଖୋଜୁଛି। ଆମେ ସେଠି ଯାଇ ରହିବା। ବାପା ବି ସେଥିରେ ରାଜି। ସବୁ ସମସ୍ୟାର ସମାଧାନ ହୋଇଯିବ।"

କଥା ନ ସରୁଣୁ ଘରକୁ ପଶିଆସିଲେ ନରହରି। ସନାତନର କିଛି କଥା ତାଙ୍କ କାନରେ ବାଜିଛି । କପ୍‌ଟା ରେବ ହାତକୁ ବଢ଼ାଇ ଦେଇ କହିଲେ- "ସନାତନ ଠିକ୍ କହୁଛି ବୋହୂ। ଅଯଥାରେ ତୁ ଗୁଡ଼ାଏ ଦଣ୍ଡ ପାଇବା ମୋ ଦେହରେ ଯାଉନାହିଁ। ମୁଁ ଗରିବ ହେଲେ ବି ମୋ ପୁଅ ବୋହୂଙ୍କର ମାନ ସମ୍ମାନ ମୋ ପାଇଁ ବଡ଼!"

- "ଆପଣଙ୍କ ପୂର୍ବ ପୁରୁଷଙ୍କ ଭିଟାମାଟି ଘର ଛାଡ଼ି ମୁଁ କୁଆଡ଼େ ଯିବିନି ବାପା। ଏଇଠି ଆମେ ସମସ୍ତେ ରହି ମିଳିମିଶି ମୋ ଅହଁକାରୀ ବାପାଙ୍କର ମୁକାବିଲା କରିବା!

Digitized by srujanika@gmail.com

ସ୍ୱାଧୀନ ଭାରତରେ ପୁଣି ଜାତି ଅଜାତିର ବିଚାର କ'ଣ ?" ଧୀର ଅଥଚ ଦୃଢ଼ କଣ୍ଠରେ କହିଗଲା ରେବ।

ନରହରି ବି ସେୟା ଚାହୁଁଥିଲେ। କିନ୍ତୁ ପୁଅ ବୋହୂଙ୍କର ଦୁରବସ୍ଥା ଦେଖି ସନାତନର ହଁରେ ହଁ ଭରିଥିଲେ ସେ। କିଛି ଉତ୍ତର ନଦେଇ ହଜି ଯାଇଥିବା ଗଣ୍ଠି ଧନଟିଏ ପାଇ ଗଲା ପରି ଅନେଇ ରହିଲେ ସନାତନକୁ। ବାପାଙ୍କ ମନର କଥା ସ୍ପଷ୍ଟ ବାରିପାରୁଥିଲା ସନାତନ।

ରେବର କଥାରେ ବଳ ପାଇଲା ପରି ଲାଗିଲା ସନାତନକୁ। ଶଶୁର, ପୁଅ, ବୋହୂଙ୍କର ମନ ଭିତରର କଥା ଏକ। ବିଚାର ବିମର୍ଷ କରି ଗୋଟାଏ ଆସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ମନ ସ୍ଥିର କରି ନେଲେ ସେମାନେ।

ମାଳପୁର। ଏଇ ଗାଁର ପାଣି ପବନରେ ବଢ଼ିଛନ୍ତି ସନାତନ ଆଉ ରେବ। ଦୁଇଜଣ ପ୍ରାୟ ଏକା ବୟସର। ଏକା ସ୍କୁଲରେ ଅଧ୍ୟୟନ କରିଛନ୍ତି। ସ୍କୁଲ ପରେ ପୁଣି ସମାନ କଲେଜରୁ ବି.ଏ. ପାଶ୍ କରିଛନ୍ତି। ଭଗବାନଙ୍କର ନିର୍ଦ୍ଦେଶ ବିଚିତ୍ର। ଦୁହେଁ ସାଙ୍ଗ ହୋଇ ବ୍ଲକ୍ ଅଫିସ୍‌ରେ ବି ସରକାରୀ ଚାକିରି ପାଇଛନ୍ତି। ଏ ସବୁ ଭିତରେ କେତେବେଳେ କିପରି ଦୁହେଁ ପରସ୍ପର ପ୍ରତି ଆକର୍ଷିତ ହୋଇଛନ୍ତି, ତାହାର ହିସାବ କାହା ପାଖରେ ନାହିଁ।

ବେଳେ ବେଳେ ପଛକଥା ଭାବି ବସେ ରେବ। ସ୍କୁଲରେ ପଢ଼ିଲା ବେଳେ ଦୁହେଁ ସ୍କୁଲ ପାଖ ବରକୋଳି ଗଛରୁ କୋଳି ତୋଳି ଭାଗ ବଂଟୁରା କରନ୍ତି। ଭାଗ ବଂଟୁରା ସିନା ହୁଏ, ସନାତନ କିନ୍ତୁ କିଛି ଅଧିକା କୋଳି ରେବକୁ ଦେଇଦିଏ। ସନାତନକୁ ଠକି ଦେଇଛି ଭାବି ରେବ ଖୁସି ହୁଏ। କୁମାର ପୂର୍ଣ୍ଣମୀ ବଡ ଘର ପାଇଁ ସନାତନ ଯେତେ କଇଁ ଫୁଲ ତୋଳେ, ସବୁତକ ରେବ ହାତରେ ହିଁ ଦିଏ। କଲେଜରୁ ଫେରିବା ରାସ୍ତାରେ ରେବ ପ୍ରାୟ ସବୁଦିନ ସନାତନକୁ କଲେଜରୁ ଫେରିବାର ଦେଖେ। ରେବର ଆଗପଛ ହୋଇ ସନାତନ ଘରକୁ ଫେରେ।

ଦୁହିଁଙ୍କ ଭିତରେ ବାହାଘର ପାଇଁ ପ୍ରଥମେ କିନ୍ତୁ ଜିଦ୍ ଧରିଥିଲା ରେବ। ସନାତନର ବାରଣ ସତ୍ତ୍ୱେ ଦିନେ ଅନ୍ଧାର ରାତିରେ ଘରୁ ଗୋଡ଼ କାଢ଼ି ସମସ୍ତଙ୍କ ଅଜାଣତରେ ସନାତନ ଘରେ ଆସି ପହଂଚିଯାଇଥିଲା। ତାକୁ ଫେରାଇଦେବାକୁ ନା ସାହସ ଥିଲା ନା ଇଚ୍ଛା ଥିଲା ସନାତନର। ଗୋଟାଏ ବଡ ଝଡ଼ର ଆଶଙ୍କା ସତ୍ତ୍ୱେ ନରହରି ପୁଅର ଖୁସି ପାଇଁ ଆଦରରେ ରେବକୁ ବୋହୂ ଭାବରେ ଗ୍ରହଣ କରିନେଇଥିଲେ।

Digitized by srujanika@gmail.com

ବ୍ଲକ୍ ଅଫିସ୍‌ରେ କଥାବାର୍ତ୍ତା କରି ଅସ୍ଥାୟୀ ଶୌଚାଳୟଟିଏ ଘର ପଛପଟେ ତିଆରି କରିଛି ସନାତନ। ରେବର ଚକ୍ଷୁରେ ସନାତନ ପାଇଁ ପ୍ରଶଂସାର ଜୁଆର। ସନାତନର ମନେ ପଡ଼େ ଏମିତି ଅତୀତରେ କେତେ ପ୍ରଶଂସାରେ ତାକୁ ପୋତି ପକାଇଛି ରେବ। କଲେଜରେ ବକ୍ତୃତା କିମ୍ବା ଦୌଡ଼ ପ୍ରତିଯୋଗିତାରେ ସେ ଆଗରେ ରହିଲେ ଶେଷ ପର୍ଯ୍ୟନ୍ତ ତାଳି ମାରୁଥାଏ ରେବ। ବେଳେ ବେଳେ ସେ ଏକା ତାଳି ମାରୁଥିବାର ବି ସନାତନ ଦେଖିଛି। ରେବର ତାଳିର ତାଳ ଯେ କେତେ ମଧୁର, ସେକଥା କେବଳ ସନାତନକୁ ଜଣା।

ସନାତନ ଘର ପଛଆଡ଼େ ଏକ ଶୌଚାଳୟ ନିର୍ମାଣ ଖବରଟା ବଳିଆରସିଂଙ୍କ କାନରେ ପଡ଼ିଲା। ଦଳେ ଖୋସାମତିଆ କହିଲେ- "ବଳିଆରସିଂକୁ ନୀଚା ଦେଖାଇବାକୁ ନରିଆର ଏ କାରସାଦି। ନ ହେଲେ ଶୌଚାଳୟଟେର କି ଦରକାର ?"

ବଳିଆରସିଂ ରାଗରେ ପାଚି ଲାଲ୍ ପଡ଼ିଗଲେଣି। କିଛି ଗୋଟାଏ କରିବାକୁ ହେବ।

ଧନ ଲୋଭରେ ଝିଅକୁ ଭୁଲାଇ ନେଇ ତା' ଘରେ ଲୁଚାଇ ରଖିଛି ବୋଲି ସନାତନ ନାଁରେ ଥାନାରେ ଅଭିଯୋଗଟିଏ ଠୁକି ଦେଲେ । ପରଦିନ ଗାଁରେ ଥାନା ବାବୁ ଆସି ଉପସ୍ଥିତ। ବଳିଆରସିଂଙ୍କ ଦଳେ ଅନୁଚର ବନେଇ ଚୁନେଇ ସାକ୍ଷୀ ଦେବାରେ ଲାଗିଛନ୍ତି। ଖବର ପାଇ ନରହରି ପ୍ରମାଦ ଗଣୁଛି- "ବଡ଼ବଡ଼ିଆଙ୍କ କଥା। ପେଞ୍ଚ, ପଇସା ସବୁ ତାଙ୍କ ପାଖେ ଅଛି। ଗରିବ ଗୁରୁବାଙ୍କ କଥା କିଏ କାହିଁକି ବିଶ୍ୱାସ କରିବ ?"

କଥା ରେବ କାନ ହେଲା । ସନାତନକୁ ଧରି ସେ ଥାନା ବାବୁ ଆଗରେ ପହଂଚି ଯାହା ବୟାନ ଦେଲା, ସେଥିରେ ବଳିଆରସିଂଙ୍କ ବୁଦ୍ଧି ଗୁଡୁମ୍। ରେବ ନିଜେ ସାବାଳିକା। ଜାତିପ୍ରଥାକୁ ଆଳ କରି ସାମାଜିକ ନିର୍ଯ୍ୟାତନା ଦେଇଥିବାରୁ ତା'ବାପାଙ୍କ ନାମରେ ଓଲଟା ଅଭିଯୋଗ ଦାଖଲ କଲା। ଥାନା ବାବୁଙ୍କ ପରାମର୍ଶରେ ବଳିଆରସିଂ କଥାଟା ରଫାଦଫା କରିବା ପାଇଁ ବାଧ୍ୟ ହେଲେ।

ବ୍ଲକ୍ ଅଫିସ୍‌କୁ ଯିବା ଆସିବା କରିବା ପାଇଁ ସନାତନ ବ୍ୟାଙ୍କରୁ ସ୍କୁଟିଟାଏ ଋଣରେ ଆଣିଛି। ସେ ଓ ରେବ ସେଥିରେ ଯିବା ଆସିବା କଲାବେଳେ ମେଂଚାଏ ଧୂଳି ଉଡ଼ିଯାଏ। ସେ ଧୂଳି ସବୁ ବଳିଆରସିଂଙ୍କ ଚେଲା ଚାମୁଣ୍ଡାଙ୍କ ଦେହରେ କଂଟା ଭଳି ଫୋଡ଼ିହୋଇଯାଏ। ହେଲେ କିଛି କରିବାର ବାଟ ନାହିଁ। ଥାନା ବାବୁ କିଛି ଅଯଥା କାମ ନ କରିବା ପାଇଁ ଆକଟ କରିଯାଇଛନ୍ତି।

ହଠାତ୍ ଦିନେ ଉଦୁଉଦିଆ ଖରାବେଳେ ନରହରିର ଦୁଇବଖରିଆ ଘରୁ ଧୂଆଁ ବାହାରିବାର ଦେଖାଗଲା। ରେବ, ସନାତନ ଦୁହେଁ ଅଫିସ୍‌ରେ। ନରହରି ବି ଘରେ

Digitized by srujanika@gmail.com

ନାହିଁ। ଦେଖୁ ଦେଖୁ ଧୂଆଁରୁ ନିଆଁ ବାହାରି ମାଡ଼ିଗଲା। ଖବର ପାଇ ନରହରି ପହଂଚିଲା ବେଳକୁ ଦୁଇ ବଖରା ଘର ନିଆଁ ପାଉଁଶରେ ଭର୍ତ୍ତି। ଯାହା ଅଳ୍ପ କିଛି ଆସବାବପତ୍ର ଥିଲା, ସବୁ ଅଗ୍ନିରେ ସ୍ୱାହା ହେଇଯାଇଛି। ସ୍ୱାମୀ-ସ୍ତ୍ରୀ ଅଫିସ୍‌ରୁ ଫେରି ନିଆଁ ଲାଗିବାର କାରଣ ଅନୁମାନ କରିପାରୁଥିଲେ ବି କରିବାର କିଛି ନ ଥିଲା। ଲୋକେ କୁହା କୁହି ହେଉଥିଲେ- "ବଳିଆରସିଂଙ୍କୁ ଦଇବ ଛାଡ଼ିଲାଣି ପରା। ନିଜ ଜନ୍ମକଲା ଝିଅ ସାଙ୍ଗେ ବାଦ ସାଧୁଛି।"

ତା'ପାଇଁ ଯେ ସନାତନ ଏତେ ଦଣ୍ଡ ପାଉଛି, ଏ କଥାକୁ ସହଜରେ ବରଦାସ୍ତ କରି ପାରୁ ନ ଥିଲା ରେବ। ମନେ ମନେ ପଣ କରୁଥିଲା ତାକୁ ପ୍ରତିରୋଧ କରିବାକୁ ହେବ। ମନ ଟାଣ କଲା ସେ। ସରକାରୀ ସାହାଯ୍ୟ ତଥା ନିଜର ଯାହା କିଛି ଗହଣା ଥିଲା, ସବୁ ବିକ୍ରୟ କରି ଦୁଇ ବଖରା ପକ୍କା ଘର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କଲା। ନରହରି ଏବଂ ସନାତନ ବି ତା' ପଛରେ ଠିଆ ହେଲେ।

ଏ ସବୁ କାମକୁ ସହଜରେ ନେଇ ପାରୁ ନଥିଲେ ସୁବାସ। ଦୁଷ୍ଟ ଲୋକର ପ୍ରକୃତି ମଲେ ହିଁ ତୁଟେ। ସେ ସେଥିରୁ ବାଦ୍ ଯାଆନ୍ତେ କେମିତି ? ଉପର ସ୍ତରରେ ଧରାଧରି କରି ଝିଅର ସୁଦୂର କୋରାପୁଟ ଜିଲ୍ଲାକୁ ବଦଳିଟାଏ କରାଇଦେଲେ। ରେବ କିନ୍ତୁ ହଟିବାର ନୁହଁ। ଉପର ଅଧିକାରୀଙ୍କୁ ସବୁ କଥା ବୁଝେଇ ବଦଳି ବାତିଲ କରିପକାଇଲା। ସତେ ଯେମିତି ନାରୀ ସଶକ୍ତିକରଣର ଏକ ଉଦାହରଣ ପାଲଟିଯାଇଥିଲା ସେ। ସ୍ୱାଧୀନ ଭାରତରେ ନାରୀ ଯେ ନିଜ ସ୍ଥାନ ନିଜେ ତିଆରି କରିବା ପାଇଁ ସକ୍ଷମ, ସେକଥା ଗୋଟାଏ ନିପଟ ମଫସଲର ଝିଅଟିଏ ପ୍ରମାଣ କରିବାକୁ ଚେଷ୍ଟା କରୁଥିଲା।

ଯେତିକି ଯେତିକି ଦିନ ଗଡ଼ି ଚାଲିଥିଲା, ରେବ ଭିତରେ ଆତ୍ମ ପ୍ରତ୍ୟୟର ଭାବ ସେତିକି ସେତିକି ବୃଦ୍ଧି ପାଉଥିଲା। ସ୍ୱାଧିନତା ପରେ ବି ଜାତିଆଣ ଭାବ, ଗାଁ ଗଣ୍ଡାରେ ଗୁଣ୍ଡା, ଦଲାଲଙ୍କ ହାକିମାତି, ନାରୀ ନିର୍ଯ୍ୟାତନା ଇତ୍ୟାଦି ତା' ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ମନ ସ୍ଥିର କଲା, ସେ ଲଢ଼ିବ। କେବଳ ଗୋଟିଏ ସୁବାସ ବଳିଆରସିଂ ନୁହଁ, ସମାଜର ସବୁ ସୁବାସ ବଳିଆରସିଂଙ୍କ ବିରୁଦ୍ଧରେ ଲଢ଼ିବ।

ସରପଞ୍ଚ ନିର୍ବାଚନ ପାଇଁ ନେତାମାନେ ସଜବାଜ ହେଲେଣି। ରେବ ଶୁଣିଛି ସୁବାସ ବଳିଆରସିଂ ବି ସରପଞ୍ଚ ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀ। ଦିନେ ଦୁଇଦିନ ହେବ ରେବ ଅନ୍ୟମନସ୍କ ରହୁଚି। ମନରେ ଅସୁମାରୀ ପ୍ରଶ୍ନର ଜୁଆର। ସୁବାସ ବଳିଆରସିଂ ଚରିତ୍ରର ଲୋକମାନଙ୍କୁ କ'ଣ ରାଜନୀତିରେ ପ୍ରଶ୍ରୟ ଦିଆଯିବା ଉଚିତ ? ଏଠି ବାପ-ଝିଅର ପ୍ରଶ୍ନ ନାହିଁ, ଅଛି ନ୍ୟାୟ-ଅନ୍ୟାୟର ପ୍ରଶ୍ନ।

Digitized by srujanika@gmail.com

ସନାତନ ଆଗରେ ମନ କଥା କହିଲା ରେବା। ବଳିଆରସିଂଙ୍କ ବିରୁଦ୍ଧରେ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ତାର ଇଚ୍ଛା।

- "ଯାହା ହେଲେ ବି ସେ ତମ ବାପା। ତାଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିଲେ ସମାଜ କେବେ ବି ଭଲ ଆଖିରେ ଦେଖିବନି" - ବୁଝାଇବାକୁ ପ୍ରୟାସ କଲା ସନାତନ।

-"ସମାଜ କଥା ଭାବିବା ଆଗରୁ ସର୍ବପ୍ରଥମେ ନିଜ ମନ କଥା ଭାବିବାକୁ ପଡ଼ିବ। ମୋ ମନ କହୁଛି, ଅନ୍ୟାୟର ପ୍ରତିରୋଧ ନ କରିବା ଅର୍ଥ ଅନ୍ୟାୟକୁ ପ୍ରଶ୍ରୟ ଦେବା।"

ସନାତନ ଦେଖିଲା ରେବ ବୁଝିବା ଅବସ୍ଥାରେ ନାହିଁ। କଥାର ମୋଡ଼ ବଦଳାଇବାକୁ ଯାଇ କହିଲା- "ତମ ବାପାଙ୍କ ବିରୁଦ୍ଧରେ ଲଢ଼ିବା ପୂର୍ବରୁ ମୋ ବାପାଙ୍କ ମତାମତ ନେଲେ କ୍ଷତି କ'ଣ ?"

-"ତମ ବାପା ମୋ ଶଶୁର। ତାଙ୍କ ମତାମତ ମୁଁ ନିଶ୍ଚୟ ନେବି।"

ସନାତନ ଲକ୍ଷ୍ୟ କରୁଛି, ଏଇ କିଛି ଦିନ ହେବ ରେବର କଥାବାର୍ତ୍ତାରେ ଦୃଢ଼ ଆତ୍ମବିଶ୍ୱାସର ଗନ୍ଧ ବେଶ୍ ବାରିହୋଇ ପଡୁଛି।

ପରଦିନ ସକାଳେ ନରହରି ଚା'ପିଇଲା ବେଳେ ରେବ ତା ବାପାଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିବା ବିଷୟ ଉତ୍ଥାପନ କରି ଚୁପ୍‌ଚାପ୍ ଠିଆ ହେଲା।

ନରହରି ଜାଣନ୍ତି ରେବ ଯାହା ବୁଝିଥିବ ସେୟା। ସନାତନ ସହ ତାର ବାହାଘର ବେଳେ ହିଁ ସେ ଏକଥା ବେଶ୍ ହୃଦୟଙ୍ଗମ କରିଛନ୍ତି। ରେବ ଜିଦ୍ ପାଇଁ ହିଁ ସେ ଦୁହିଁଙ୍କର ବିବାହ ସମ୍ଭବ ହେଇଛି। ତେବେ ସେ ତ କିଛି ଭୁଲ୍ କଥା କହୁନାହିଁ। ତାକୁ ବାଧା ଦେଇ ଲାଭ କ'ଣ ?

କିଛି ସମୟ ଚିନ୍ତା କରି ନରହରି କହିଲେ- "ମା'ତୋ ଇଚ୍ଛାରେ ମୋ ଇଚ୍ଛା। ତୋତେ ଯାହା ଭଲ ଲାଗୁଛି ତାହାହିଁ କର"।

ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ହେଲେ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ। ନିର୍ବାଚନ ଲଢ଼ିବା ପାଇଁ ସରକାରୀ ଚାକିରି ମୋହ ତ୍ୟାଗ କରିବାକୁ ରେବ ମନେ ମନେ ପ୍ରସ୍ତୁତ ହୋଇସାରିଥିଲା। ଶଶୁର ଏବଂ ସନାତନର ମତାମତ ନେଇ ସେଇ ଦିନ ବ୍ଲକ୍ ଅଫିସ୍ ଯାଇ ଚାକିରିରୁ ଇସ୍ତଫା ଦେଇଦେଲା।

ନିର୍ବାଚନ ପାଖେଇ ଆସିଲାଣି। ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ରେବ ସରପଞ୍ଚ ପାଇଁ ମନୋନୟନ ପତ୍ର ଦାଖଲ କରିସାରିଛି।

ନିର୍ବାଚନ ରଣାଙ୍ଗନରେ ସମ୍ମୁଖରେ ତାର ପିତା, ଜନ୍ମଦାତା ସୁବାସ ବଳିଆରସିଂ। ରେବର ମନେ ପଡ଼ିଯାଉଥିଲା। ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ଅର୍ଜୁନଙ୍କୁ ଉପଦେଶ।

Digitized by srujanika@gmail.com

ଅନ୍ୟାୟର ପ୍ରତିରୋଧ ପାଇଁ ନିଜର ଆତ୍ମୀୟ ସ୍ୱଜନଙ୍କ ବିରୁଦ୍ଧରେ ମଧ୍ୟ ଅସ୍ତ୍ର ଉତ୍ତୋଳନ କରିବା ଦୋଷାବହ ନୁହେଁ। ତାର ଭବିଷ୍ୟତ କର୍ମପନ୍ଥା ବିଷୟରେ ଦୃଢ ନିଶ୍ଚିତ ହେଇଯାଉଥିଲା ସେ । ବଳିଆରସିଂଙ୍କ ପୋଷ୍ଟର, ଲିଫ୍‌ଲେଟ୍, ବ୍ୟାନର ମାଳମାଳ। ଡାକବାଜି ଯନ୍ତର ଗର୍ଜ୍ଜନରେ ଦାଣ୍ଡଘାଟ, ଦୋକାନ ବଜାର କମ୍ପି ଉଠୁଛି। ବଳିଆରସିଂଙ୍କ ଚେଲାଏ ଅର୍ଥବଳର ପ୍ରଭାବରେ ପ୍ରମତ୍ତପ୍ରାୟ।

ଏ ସବୁ ନିର୍ବାଚନୀ ମାହୋଲ୍‌ର କୌଣସି ପ୍ରଭାବ ରେବ ଉପରେ ନାହିଁ। ତା'ର ଏକମାତ୍ର ଉଦ୍ଦେଶ୍ୟ ଅନ୍ୟାୟର ପ୍ରତିରୋଧ କରିବା। କିଛି ସାଙ୍ଗ ସାଥୀଙ୍କୁ ଧରି ସେ ଘର ଘର ବୁଲି ସୁବାସଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବୁଝାଇ ଚାଲିଛି। ଖିଆ ପିଆର କିଛି ଠିକ୍ ଠିକଣା ନାହିଁ। ତା' ପାଇଁ ଇୟେ ସଂଗ୍ରାମର ଆରମ୍ଭ ମାତ୍ର।

କାହାରି କୁତ୍ସାରଟନାକୁ ଭୃକ୍ଷେପ ନକରି ରେବ ତା' କାମରେ ଲାଗିପଡ଼ିଛି। ତାକୁ ତା' କର୍ତ୍ତବ୍ୟ କରିବାକୁ ହେବ । ଫଳ ପ୍ରାପ୍ତି ତା' ହାତରେ ନାହିଁ।

ନିର୍ବାଚନ ଦୁଇଦିନ ବାକି ଅଛି। ରାତି ଦି'ଘଡ଼ି ହେବ। ଜିପ୍‌ଟାଏ ଆସି ସନାତନ ଘର ଆଗରେ ଠିଆ ହେଲା। ଦ୍ୱାର ଖୋଲି ରେବ ଦେଖିଲା, ମକରା ଭାଇ ଆଟାଚିଟାଏ ଧରି ଠିଆହୋଇଛି। ରେବ ପିଲାଦିନୁ ମକରା ଭାଇକୁ ତାଙ୍କ ଘରେ ଦେଖି ଆସିଛି। ମକରା ଭାଇ ତା'ବାପା ସୁବାସ ବଳିଆରସିଂଙ୍କ ଅତି ବିଶ୍ୱସ୍ତ। ସବୁ ଗୁରୁତ୍ୱପୂର୍ଣ୍ଣ ତଥା ଗୋପନୀୟ କାର୍ଯ୍ୟରେ ମକରା ଭାଇ ଲୋଡ଼ା ହୁଏ। ମକରା ଭାଇ ରେବକୁ ବି ଭାରି ସ୍ନେହ କରେ। ତା'ର ସବୁ ଅଳି ଅର୍ଦ୍ଦଳି ପୂରଣ କରେ। ସେଇ ମକରା ଭାଇକୁ ଘରକୁ ବା' ନ ଡାକିବ କେମିତି ? ମକରା କିନ୍ତୁ ରେବ ନ ଡାକୁଣୁ ଘର ଭିତରେ ପଶି ଚୌକିଟାଏ ଉପରେ ବସି ପଡ଼ିଲା।

ରେବ କିଛି କହିବା ପୂର୍ବରୁ ସେ କହିଲା- "ଯାହା ହେବା କଥା ହେଲାଣି ସାନମା'। ଏବେ ରାଗ ରୁଷା ଛାଡ଼। ତମେ ନିର୍ବାଚନରୁ ଓହରିଯାଅ। ଆଉ ଦିନଟାଏ ଅଛି। ସାଆନ୍ତଙ୍କ ପକ୍ଷ ନେଇ ଗାଁରେ ବୁଲିଆସ। ଯେତେ ହେଲେ ସେ ତୁମର ବାପା ପରା। ତାଙ୍କ ମନରେ କିଛି ନାହିଁ। ତୁମ ଦୋଷ ତ୍ରୁଟି ସବୁ ସେ କେବେଠୁ ମାର୍ଜ୍ଜନା କରି ସାରିଲେଣି। ତୁମ ମନ ଖୁସି ପାଇଁ ଏଇଟା ଦେଇଛନ୍ତି" – କହି ଆଟାଚିଟା ରେବ ହାତକୁ ବଢ଼ାଇ ଦେଲା।

ରେବ ଆଟାଚି ଖୋଲିଲା । ଆଟାଚି ଟଙ୍କାରେ ଭର୍ତ୍ତି। ମନ ତା'ର ବାପାଙ୍କ ପ୍ରତି ଘୃଣାରେ ବିଷାକ୍ତ ହୋଇଗଲା। ବାପ ପୁଣି ଝିଅକୁ ଲାଂଚ ଦେଇପାରେ ! ନିଜର କାର୍ଯ୍ୟ

Digitized by srujanika@gmail.com

ସାଧନ ପାଇଁ ତା' ବାପା କେତେ ତଳକୁ ଯାଇପାରନ୍ତି ! ବାପାଙ୍କ ସ୍ଥାନରେ ରେବକୁ ଦୃଶ୍ୟ ହେଲା ରାକ୍ଷସ ମହିଷାସୁରର ମୁହଁ।

କ୍ରୋଧ ସମ୍ବରଣ କରି ଆଟାଚିଟା ମକରା ଭାଇକୁ ଫେରାଇ ଦେଉ ଦେଉ ରେବ କହିଲା- "ବାପାଙ୍କୁ ବୁଝାଇ କହିବ, ଟଙ୍କା ଦେଇ ଝିଅକୁ କିଣାଯାଇ ପାରେ ନାହିଁ। ଟଙ୍କା ବଦଳରେ ସିନ୍ଦୁର ପୁଡ଼ିଆଟେ ଦେଇଥିଲେ ମୋର ବନ୍ଧୁ ଭାଗ୍ୟ ହୋଇଥାନ୍ତା"।

ନରହରି ଏବଂ ସନାତନ କ'ଣ କରିବେ, କହିବେ କିଛି ସ୍ଥିର କରିପାରୁ ନ ଥିଲେ। ସେମାନଙ୍କୁ ଚଳଚିତ୍ରର ଏକ ଦୃଶ୍ୟ ପରି ବୋଧ ହେଉଥିଲା। ନିରବଦ୍ରଷ୍ଟା ସାଜି ରେବର କାର୍ଯ୍ୟକଳାପକୁ ନିରୀକ୍ଷଣ କରିବା ବ୍ୟତୀତ ତାଙ୍କ ପାଖରେ ଆଉ କିଛି ପନ୍ଥା ନ ଥିଲା। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ମକରା ଭାଇକୁ ସେଦିନ ଫେରାଇ ଦେଇଥିଲା ରେବ।

ନିର୍ବାଚନ ସରି ଭୋଟ ଗଣତି ଚାଲିଛି। ପ୍ରଥମରୁ ହିଁ ରେବର ଭୋଟ ଅଧିକ। ଗଣତି ସରିଲା ବେଳକୁ ସୁବାସଙ୍କ ଅମାନତ ବ୍ୟାଜ୍ୟାପ୍ତି ବୋଲି ହୁରି ପଡ଼ିଛି। ରେବ ବେକରେ ଫୁଲମାଳ ଗଦା ହେଇଗଲାଣି। ସମସ୍ତଙ୍କୁ ମୁଣ୍ଡ ନୁଆଇଁ କୃତଜ୍ଞତା ଜଣାଉଥାଏ ସେ। ନିର୍ବାଚନରେ ଜିତୁ ଜିତୁ ତା'ର ସ୍ଥାନ 'ରେବ ଅପା' ନେଇଗଲାଣି। "ରେବ ଅପା" ଜିନ୍ଦାବାଦ୍ ଧ୍ୱନିରେ ଚାରିଆଡ଼େ ଉଛୁଳି ପଡୁଛି। ଟେବୁଲଟାଏ ଉପରେ ଦଣ୍ଡାୟମାନ ହୋଇ ମହିଷାସୁର ମାନଙ୍କ ଦମନ ପାଇଁ ନିଜ ଜୀବନକୁ ଉର୍ତ୍ସଗ କରିଦେବ ବୋଲି ଘନଘନ କରତାଳି ମଧ୍ୟରେ ବଜ୍ର ଗମ୍ଭୀର କଣ୍ଠସ୍ୱରରେ ଘୋଷଣା କରୁଛି ରେବ।

ନିର୍ବାଚନ ପରର ଉତ୍ତେଜନା ଥମିଗଲାଣି। ରେବ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ତାର ସଂଗ୍ରାମକୁ ଶାଣିତ କରିଛି। ସେ ଜାଣେ, ସମାଜର ନରରାକ୍ଷସମାନଙ୍କୁ ଉଚିତ ଶିକ୍ଷା ଦେବାକୁ ହେଲେ, ଗୋଟିଏ ନୁହେଁ, ଅନେକ ରେବର ଆବଶ୍ୟକତା ରହିଛି। ରେବମାନଙ୍କୁ ଘର କୋଣରେ ନ ରହି ବାହାରକୁ ବାହାରି ଅନ୍ଧ ବିଶ୍ୱାସ, କୁସଂସ୍କାର, ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେବ।

ଝରକା ଦେଇ ବାହାରକୁ ଅନେଇଲା ରେବ। ସୁବର୍ଣ୍ଣ ରଙ୍ଗ ଖରାଟା ଚାରିଆଡେ ନୂତନ ସମ୍ଭାବନା ନେଇ ବିଛେଇ ପଡ଼ିଛି।

Digitized by srujanika@gmail.com

ବାବାଜି

ଚନ୍ଦ୍ରକାନ୍ତ ତରବର ହୋଇ ଦପ୍ତର ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ଗାଡ଼ି ଆସି କେତେବେଳୁ ହର୍ଣ୍ଣ ବଜାଇ ତା'ର ଉପସ୍ଥିତି ଜାହିର କରିସାରିଲାଣି। ସନ୍ତୋଷ- ଚନ୍ଦ୍ରକାନ୍ତଙ୍କର ଅଧସ୍ତନ କର୍ମଚାରୀ । ବାହାରେ ଆସି ଅପେକ୍ଷାରତ। ଏକା ସାଙ୍ଗେ ଦପ୍ତର ଯାଇ ସେଠୁ କ୍ଷେତ୍ର ପରିଦର୍ଶନ ଯିବାର କାର୍ଯ୍ୟକ୍ରମ ଅଛି। ଏତିକି ବେଳକୁ ସେ ଦରକାରୀ ଫାଇଲ୍‌ଟା କୁଆଡ଼େ ଗାଏବ୍। ଚନ୍ଦ୍ରକାନ୍ତ ଖୋଜି ଖୋଜି ନୟାନ୍ତ। ବହୁ ଖୋଜା ଖୋଜି ପରେ ଫାଇଲ୍ ପାଇଗଲେ ସିନା, ହେଲେ ମନଟା ସକାଳୁ ବିରକ୍ତିଆ ଧରିଗଲା। ଫାଇଲ୍‌ଟିକୁ ହାତରେ ଧରି ଝଡ଼ ବେଗରେ ଘରୁ ବାହାରି ଗଲା ବେଳେ ଗରଗର ହୋଇ କହୁଥାନ୍ତି "ଏକୋଇଶ ବର୍ଷ ହେଲାଣି, ପଦୋନ୍ନତିର ନାମ ଗନ୍ଧ ନାହିଁ। ଇଆଡ଼େ ଦିନ ରାତି ଖଟିବାରୁ ଫୁରସତ୍ ନାହିଁ।" ଚନ୍ଦ୍ରକାନ୍ତଙ୍କ ମନଟା ଯେତେବେଳେ ବିରକ୍ତିଆ ହୁଏ, ପଦୋନ୍ନତି ନ ହେବା କଥାଟା ତାଙ୍କ ମଥାକୁ ଜାବୁଡ଼ି ଧରେ।

କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କଲେ ବି ପଦୋନ୍ନତି ବିଳମ୍ବ ହେବା ଦୁଃଖଟା ତାଙ୍କୁ ସବୁବେଳେ ଘାରେ। ସରକାରୀ ନିୟମ ଯୋଗୁଁ ତଳେ ଥିବା କିଛି ଅଧିକାରୀ ଚନ୍ଦ୍ରକାନ୍ତଙ୍କୁ ପଛରେ ପକାଇ ଆଗକୁ ମାଡ଼ିଗଲେଣି। ଏ ସବୁ ଭାବି ଭାବି ତାଙ୍କ ମନଟା ବିମର୍ଷ ହୋଇଯାଏ।

ଗାଡ଼ିର ଆଗ ସିଟ୍‌ରେ ବସିଲେ ଚନ୍ଦ୍ରକାନ୍ତ। ପଛ ସିଟ୍‌ରେ ସନ୍ତୋଷ। ଘରୁ ଚନ୍ଦ୍ରକାନ୍ତ ଗରଗର ହୋଇ ବାହାରିବାର ଲକ୍ଷ୍ୟ କରିଥିଲେ ସନ୍ତୋଷ। ଉପରିସ୍ଥ ଅଧିକାରୀ ମାନଙ୍କୁ କଥା କହି ଖୁସି କରାଇବାରେ ସନ୍ତୋଷ ବେଶ୍ ପାରଙ୍ଗମ। ବେଳକାଳ ଦେଖି ମନକୁ ସ୍ପର୍ଶ କଲା ଭଳିଆ କଥା ଗୁଡ଼ାଏ କହିପାରନ୍ତି। ସନ୍ତୋଷ ଦେଖିଲେ ପାଗ ଯୋଗ ଭଲ ନାହିଁ। ଚନ୍ଦ୍ରକାନ୍ତଙ୍କ ମନଟା ଯେମିତି ଆମ୍ବିଳିଆ ଧରିଛି। ପୂର୍ବରୁ ଏମିତି କେତେଥର

Digitized by srujanika@gmail.com

ଚନ୍ଦ୍ରକାନ୍ତ ମୁହଁ ଆମ୍ବିଲା କରି ଗରଗର ହେବାର ସେ ଦେଖିଛନ୍ତି । ସାହସ କରି ଚନ୍ଦ୍ରକାନ୍ତଙ୍କ ସିଟ୍ ପଛକୁ ଲାଗି ଯାଇ ସନ୍ତୋଷ କହିଲେ- "ସାର୍, ଆପଣମାନଙ୍କ ପରି ଅଭିଜ୍ଞ ଅଧିକାରୀ ମାନଙ୍କର ପଦୋନ୍ନତି ନ ହେବା ଯୋଗୁଁ ଆମ ବିଭାଗଟା ବୁଡିଯିବାକୁ ବସିଲାଣି । ପଦୋନ୍ନତି ହେଉନି ସିନା, କିନ୍ତୁ ଅସଲ କାମବେଳକୁ ଆପଣଙ୍କୁ ଲୋଡ଼ା । ଆମେ କ'ଣ ଜାଣିନୁ ଆଜ୍ଞା ।"

କଥାଟା ଏକା ଢୋକକେ ସମାପ୍ତ କରି ପ୍ରତିକ୍ରିୟାକୁ ଅପେକ୍ଷା କରୁଥିଲେ ସନ୍ତୋଷ । ଚନ୍ଦ୍ରକାନ୍ତ କିନ୍ତୁ ଉଦାସୀନ । ନିକଟ ଭବିଷ୍ୟତରେ ସେ ପଦୋନ୍ନତିର କ୍ଷୀଣ ଆଲୋକ ରେଖାଟିଏ ମଧ୍ଯ ଦେଖିପାରୁ ନାହାନ୍ତି । ଏ ତୁଚ୍ଛା ମୂଲ୍ୟହୀନ କଥାଗୁଡ଼ାକ ପ୍ରତି ସେ ବା' ଆଗ୍ରହ ପ୍ରକାଶ କରନ୍ତେ କାହିଁକି । ସନ୍ତୋଷ କିନ୍ତୁ ହଟିଯିବାର ଲୋକ ନୁହନ୍ତି । ଯେମିତି ହେଲେ ସାର୍‌ଙ୍କ ମନଟାକୁ ଖୁସି କରାଇବାକୁ ହେବ । ଆମ୍ବିଲିଆ ମୁହଁରେ କିଛି ମିଠା ରସ ଭରିବାକୁ ହେବ । ଭାବି ଚିନ୍ତି ପୁଣି ଆରମ୍ଭ କଲେ- "ସାର୍ ଆଜି ଆମେ ଯେଉଁଆଡ଼େ ଗସ୍ତ କରିବା, ସେଇ ପାଖାପାଖି ଗୋଟେ ଆଶ୍ରମ ଅଛି । ବର୍ଷେ ହେବ ଜଣେ ସିଦ୍ଧ ପୁରୁଷ ସେଠି ଆସି ରହୁଛନ୍ତି । ଶୁଣାଯାଏ ସେ ତ୍ରିକାଳଦର୍ଶୀ । ସବୁ ଜାଣି ପାରନ୍ତି । କିନ୍ତୁ କଥା କମ୍ କହନ୍ତି । ତାଙ୍କୁ ଆପଣଙ୍କର ପଦୋନ୍ନତି ବିଷୟରେ ପଚାରି ବୁଝିଲେ ଭଲ ହୁଅନ୍ତା ସାର୍ ।"

ଚନ୍ଦ୍ରକାନ୍ତ ତଥାପି ଉଦାସୀନ । କିଛି ପ୍ରତିକ୍ରିୟା ନାହିଁ । ସତ କହିବାକୁ ଗଲେ ଚନ୍ଦ୍ରକାନ୍ତ ଆଜିକାଲିର ତଥାକଥିତ ବାବାମାନଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ପୁରାପୁରି ସନ୍ଦିହାନ । ଏମିତି ବି ସେ କେବେ କାହାକୁ ନିଜର ହସ୍ତରେଖା କିମ୍ବା ଜାତକ ଗଣନା ପାଇଁ ଦେଖାଇ ନାହାନ୍ତି । ଗୁଣି –ଗାରେଡ଼ି, ଖଡ଼ି ଇତ୍ୟାଦି ବିଷୟରେ ତାଙ୍କର ମୋଟ ଉପରେ ବିଶ୍ୱାସ ନାହିଁ ।

ଇତି ମଧ୍ୟରେ ଗାଡ଼ି ଦପ୍ତର ସମ୍ମୁଖରେ ପହଞ୍ଚି ସାରିଥିଲା । ଦପ୍ତରରୁ କିଛି କାଗଜପତ୍ର ଆଣି ସାରିବା ପରେ ଗାଡ଼ି ଗଡ଼ି ଚାଲିଲା ଗନ୍ତବ୍ୟ ପଥରେ । ସନ୍ତୋଷବାବୁଙ୍କର କିନ୍ତୁ ଝୁଙ୍କ୍ ଲାଗିଛି । ସାର୍‌ଙ୍କୁ ଯେମିତି ହେଲେ ମନେଇ ଆଶ୍ରମକୁ ନେବେ । ଦମ୍ ନେଇ ଆଉଥରେ ଆରମ୍ଭ କରି କହିଲେ- "ସାର୍, ଆମ ଯିବା ବାଟରେ ଆଶ୍ରମଟା ପଡ଼ିବ । ପାଞ୍ଚ ଦଶ ମିନିଟ୍ ଅଟକି ଗଲେ ହୁଅନ୍ତାନି ।"

ଚନ୍ଦ୍ରକାନ୍ତ ଜିପ୍‌ରୁ ବାହାରର ଦୃଶ୍ୟ ଉପଭୋଗ କରୁଥିଲେ । ନୀଳ ଆକାଶରେ ହାଲ୍‌କା ହାଲ୍‌କା ବାଦଲ । କ୍ଷେତରେ ଧାନ ପାଚିଆସୁଛି । ବେଶ୍ ହୃଷ୍ଟପୁଷ୍ଟ ଧାନ କେଣ୍ଡାର

Digitized by srujanika@gmail.com

ଭାଗରେ ଧାନଗଛ ଗୁଡ଼ିକ ନଇଁ ପଡ଼ିଛନ୍ତି। ଧାନ କିଆରିରେ ଅଳ୍ପ ଅଳ୍ପ ପାଣି। ଈଷତ ସବୁଜ ଏବଂ ହଳଦିଆ ରଙ୍ଗ ମିଶ୍ରଣର ଧାନ ଗଛ ସବୁ ମନ ଆନନ୍ଦରେ ମୁଣ୍ଡ ହଲାଇ ଆଗାମୀ ଦିନରେ ଭଲ ଫସଲ ଅମଳର ସଙ୍କେତ ଦେଉଥିଲେ। ଦୂରରୁ ଲହରିଆ ଆଉ ମନ ମତାଣିଆ ସୁରରେ ଭାସି ଆସୁଥିଲା ଗୀତଟିଏ। ଚନ୍ଦ୍ରକାନ୍ତଙ୍କର ନିଜ ଗାଁ କଥା ମନେ ପଡ଼ିଯାଉଥିଲା। ଗାଁରେ ବି ଏବେ ଧାନ ପାଚୁଥିବ। ପାଚିଲା ଧାନ କ୍ଷେତ ଗୁଡ଼ିକୁ ମନେ ପକାଇ ତାଙ୍କ ମନଟା ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଥିଲା। ଗାଁର ବିଲ, ବାଡ଼ି, ପୋଖରୀ ତୁଠ, ଧାନ କ୍ଷେତ, ଜୋଛନା ଭିଜା ଗାଁ ଦାଣ୍ଡ, ଆମ୍ବ ତୋଟା ସବୁକୁ ଚନ୍ଦ୍ରକାନ୍ତ ବେଶ୍ ଝୁରି ହୁଅନ୍ତି। କାର୍ଯ୍ୟ ବ୍ୟସ୍ତ ଯୋଗୁଁ ଗାଁକୁ ବେଶି ଯାଇ ପାରନ୍ତିନି ସିନା, କିନ୍ତୁ ଗାଁ ପ୍ରତି ତାଙ୍କର ସ୍ନେହ, ଶ୍ରଦ୍ଧା, ମୋହ କେବେ ଊଣା ହୋଇନାହିଁ।

ଏତିକି ବେଳେ ସନ୍ତୋଷ ଆଉଥରେ ତାଙ୍କ ପୂର୍ବ କଥାଟା ଦୋହରାଇ ଦେଲେ। ପୁରନ୍ତ କ୍ଷେତର ଦୃଶ୍ୟ ଚନ୍ଦ୍ରକାନ୍ତଙ୍କ ମନରେ ଏକପ୍ରକାର ସକାରାତ୍ମକ ଭାବନାର ବୀଜ ବପନ କରିସାରିଥିଲା। ସନ୍ତୋଷଙ୍କ କଥାରେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇ କହିଲେ- "ହଉ, ପାଞ୍ଚ-ଦଶ ମିନିଟ୍ ଭିତରେ ଆଶ୍ରମ ଆଡ଼େ ବୁଲି ଆସିବା।"

ଆଶ୍ରମ ଆସି ଯିବାରୁ ଡ୍ରାଇଭରକୁ ଜିପ୍ ରଖିବାକୁ କହି ଖପ୍ କିନା ଜିପ୍ ପଛରୁ ଡେଇଁ ପଡ଼ିଲେ ସନ୍ତୋଷ। ଇତି ମଧ୍ୟରେ ଚନ୍ଦ୍ରକାନ୍ତ ଜିପ୍‌ରୁ ଓହ୍ଲାଇ ଆଶ୍ରମ ଆଡ଼କୁ ପାଦ ବଢ଼ାଇ ସାରିଥାନ୍ତି।

ଆଶ୍ରମ ଆଗରେ କୋଡ଼ିଏ ପଚିଶ୍ ଲୋକଙ୍କର ସମାଗମ। ତହିଁରୁ ମହିଳାଙ୍କ ସଂଖ୍ୟା ଅର୍ଦ୍ଧାଧିକ। କେତେକଙ୍କ ହାତରେ ଗୋଟିଏ ଗୋଟିଏ ଛୋଟ କାଚର ବୋତଲ। ପଚାରିବାରୁ ବୁଝା ପଡ଼ିଲା, ଏଇ ବୋତଲରେ ବାବାଜିଙ୍କ ମନ୍ତୁରା ହୁକୁମ୍ ଜଳ ନେବେ। ଗୋଟାଏ ମାସ ଏ ହୁକୁମ୍ ଜଳ ସେବନ ପରେ ମନସ୍କାମନା ପୂରଣ ହେବା ଆରମ୍ଭ ହେବ। ଆଉ କେତେଜଣ ଭବିଷ୍ୟତ ଗଣନା ଉଦ୍ଦେଶ୍ୟରେ କିମ୍ବା ଝଡ଼ା ଫୁଙ୍କା ପାଇଁ ଅପେକ୍ଷାରତ। ଦୁଇଜଣ ଚିତାଧାରୀ ଶିଷ୍ୟ ବାବାଜିଙ୍କ ଦର୍ଶନ ଅପେକ୍ଷାରେ ବ୍ୟକ୍ତିମାନଙ୍କ ସହ ଆଳାପ ଆଲୋଚନାରେ ବ୍ୟସ୍ତ।

ଜଣେ ଚିତାଧାରୀ ଶିଷ୍ୟ କହୁଥାନ୍ତି-"ବାବାଜି ତ୍ରିକାଳଦର୍ଶୀ। ଦିନରେ ଥରେ ମାତ୍ର ଫଳାହାର କରନ୍ତି। ବାକି ସମୟ ଭଜନ, କୀର୍ତ୍ତନ, ପ୍ରବଚନ, ଯୋଗ, ଧ୍ୟାନରେ ଅତିବାହିତ କରନ୍ତି। ନିର୍ଲିପ୍ତ, ନିର୍ବିକାର ଜୀବନ ତାଙ୍କର। ବାବାଜିଙ୍କର ଶୁଭ ଦୃଷ୍ଟି ଯାହା ଉପରେ ପଡ଼େ, ତା'ର ସମସ୍ତ ଦୁଃଖ ଦୁର୍ଦ୍ଦଶା ଅଚିରେ ଦୂର ହୁଏ। ବାବାଜିଙ୍କ ଜୀବନ ଭକ୍ତଙ୍କ ପାଇଁ ସମର୍ପିତ ଜୀବନ।"

Digitized by srujanika@gmail.com

ଅନ୍ୟ ଶିଷ୍ୟ ଜଣଙ୍କ ଆଖି ନଚେଇ କହୁଥାନ୍ତି- "ଖାଲି ଭକ୍ତମାନଙ୍କ ପାଇଁ ନୁହେଁ, ବାବାଜିଙ୍କ ଜୀବନ ସମଗ୍ର ମାନବଜାତି ପାଇଁ ସମର୍ପିତ।"

ଚନ୍ଦ୍ରକାନ୍ତଙ୍କୁ ଏଇ ଶିଷ୍ୟ ଦୁଇଜଣଙ୍କର କଥାବାର୍ତ୍ତା ଏକ ଯାତ୍ରା ଦଳର ସଂଳାପ ପ୍ରାୟ ବୋଧ ହେଉଥାଏ। ଏଇ ବାବାଜି ଏବଂ ତାଙ୍କର ଚେଲା ଚାମୁଣ୍ଡା ମାନଙ୍କୁ କାହିଁକି କେଜାଣି ଚନ୍ଦ୍ରକାନ୍ତ କେବେ ବିଶ୍ୱାସ କରିପାରି ନାହାନ୍ତି। ଆଶ୍ରମ ଉପରେ ଆଖି ବୁଲାଇ ଆଣୁଥିଲେ ସେ। ଆଶ୍ରମ ହତା ମଧ୍ୟରେ ଯଜ୍ଞ କୁଣ୍ଡ ଏବଂ କିଛି ଫୁଲ ଗଛ। ଚାଳ ଛପର ଆଶ୍ରମର ଚଟାଣ ସବୁ ସିମେଣ୍ଟରେ ନିର୍ମିତ। ଚାରିଆଡ଼େ ପରିଷ୍କାର ପରିଚ୍ଛନ୍ନ। ବେଶ୍ ଶାନ୍ତ ପରିବେଶ। ଇତି ମଧ୍ୟରେ ଶିଷ୍ୟମାନଙ୍କ ସହ ଯୋଗାଯୋଗ କରି ସନ୍ତୋଷ ବାବାଜିଙ୍କ ସହ ସାକ୍ଷାତର ବନ୍ଦୋବସ୍ତ କରାଇ ସାରିଥାନ୍ତି।

ବାବାଜିଙ୍କୁ ପ୍ରଣାମ କରି ଚନ୍ଦ୍ରକାନ୍ତଙ୍କୁ ବାବାଜିଙ୍କ ନିକଟକୁ କଢ଼ାଇ ନେଲେ ସନ୍ତୋଷ। ସମ୍ମୁଖ ଚଟାଣରେ ପଡ଼ିଥିବା ଦୁଇ ଆସନରେ ବସିବାକୁ ନିର୍ଦ୍ଦେଶ ଦେଇ ବାବାଜି ଚକ୍ଷୁ ମୁଦ୍ରିତ କଲେ। ବାବାଜିଙ୍କର ମୁଖମଣ୍ଡଳ ଶ୍ମଶ୍ରୁଭରା। ନିଶ ସବୁ ଲମ୍ୱିଯାଇ ଓଠକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିସାରିଛନ୍ତି। ନିଶ ଦାଢ଼ିରେ ମୁହଁଟା ପୁରା ପୁରି ଘୋଡ଼େଇ ହୋଇ ଯାଇଥିବାରୁ ମୁହଁର ଆକାର ପ୍ରକାର ଜାଣିବା ଏକ ପ୍ରକାର କଷ୍ଟସାଧ୍ୟ। କେଶ, ଦାଢ଼ି ସବୁ ଅଧା କଂଚା, ଅଧା ପାଚିଲା। ଗେରୁଆ ଧୋତି ପରିଧାନ କରିଥିବା ବାବାଜିଙ୍କ ବକ୍ଷରେ ଆଉ ଏକ ଗେରୁଆ ବସ୍ତ୍ରର ଆବରଣ। କପାଳରେ ତିନୋଟି ଲମ୍ୱା ଚନ୍ଦନର ଗାର। ତିନି ଗାର ମଝିରେ ଏକ ବଡ ସିନ୍ଦୁର ଟୋପା। ନାସିକା ଉପରେ ତିଳକର ଏକ ଲମ୍ୱା ଧାର।

ଚନ୍ଦ୍ରକାନ୍ତ ଲକ୍ଷ୍ୟ କରୁଥିଲେ ବାବାଜିଙ୍କୁ। କେଉଁଠି କେବେ ଦେଖିଛନ୍ତି କି ? ମୁଖ ମଣ୍ଡଳ ଶ୍ମଶ୍ରୁଭରା। ବାବାଜିଙ୍କ କକ୍ଷଟି ସାମାନ୍ୟ ଅନ୍ଧାରୁଆ। ଚନ୍ଦ୍ରକାନ୍ତ ବିଶେଷ କିଛି ଠଉରେଇ ପାରୁନଥିଲେ।

"ହରି ଓଁ" କହି ଚକ୍ଷୁ ଉନ୍ମୀଳିତ କଲେ ବାବାଜି। ମୁଖ ନିମ୍ନଗାମୀ କରି ଧୀର କଣ୍ଠରେ କହିଲେ- "କାର୍ଯ୍ୟ ବିଳମ୍ୱ ହେବ। ତେବେ ପ୍ରତିକାର କଲେ ସୁଫଳ ଅବଶ୍ୟ ପ୍ରାପ୍ତ ହେବ। ଅନ୍ଧକାରକୁ ଦୂରକରିବା ମୋ ପକ୍ଷରେ ସମ୍ଭବ ନୁହଁ। ତଥାପି ଆଲୋକ ଦେଖାଇ ତୁମର ଦୁର୍ଗମ ଚଲାପଥକୁ ସୁଗମ କରିପାରିବି। ବିଶ୍ୱାସ ରଖ। ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ। ହରି ଓଁ, ହରି ଓଁ, ହରି ଓଁ।"

କଥାଗୁଡ଼ାକ ସନ୍ତୋଷଙ୍କୁ ବେଶ୍ ପ୍ରଭାବିତ କଲା। ସେ ଲମ୍ୱ ହୋଇ ବାବାଜିଙ୍କୁ ପ୍ରଣାମ କଲେ। ଚନ୍ଦ୍ରକାନ୍ତ ଭାବୁଥିଲେ- "କଥା ବନେଇ ଚୁନେଇ କହିବାରେ ବାବାଜି

Digitized by srujanika@gmail.com

ଭାରି କୁଶଳୀ । କଥାରେ ଅନ୍ୟମାନଙ୍କୁ ବଶୀଭୂତ କରିବାର କଳାରେ ମାହିର୍ ।" ସମୟ ଗଡ଼ି ଯାଉଥିଲା । ଅଫିସ୍ କାମ ଉଚ୍ଛୁର ହେଉଛି । ନମସ୍କାର ପରେ ସେ ସ୍ଥାନ ପରିତ୍ୟାଗ କରି ବାବାଜିଙ୍କ କକ୍ଷରୁ ବାହାରକୁ ଆସିଲେ । ବାହାରେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ଏପଟ ସେପଟ ହେଉଥିବାର ଚନ୍ଦ୍ରକାନ୍ତ ଲକ୍ଷ୍ୟ କଲେ । ଚନ୍ଦ୍ରକାନ୍ତଙ୍କୁ ବାହାରି ଆସିବାର ଦେଖି ସେ ବ୍ୟକ୍ତି ଜଣକ ବାବାଜିଙ୍କ ଦୈବୀ ଶକ୍ତି ବିଷୟରେ କିଛି ଜାଣିବାକୁ ଚାହିଁଲେ । ଚନ୍ଦ୍ରକାନ୍ତଙ୍କଠୁ କିଛି ଉତ୍ତର ନ ପାଇ ଅନ୍ୟ ଜଣେ ଅପେକ୍ଷାରତ ଦର୍ଶନାର୍ଥୀଙ୍କ ଆଡ଼କୁ ଅଗ୍ରସର ହେଲେ ।

ଇତି ମଧ୍ୟରେ ସନ୍ତୋଷ ବାବାଜିଙ୍କୁ ଏକଶତ ଏକ ଟଙ୍କା ପ୍ରଣାମୀ ପ୍ରଦାନ କରି ବାହାରକୁ ଆସିସାରିଥିଲେ । ଚନ୍ଦ୍ରକାନ୍ତ ଏବଂ ସନ୍ତୋଷ ଆଗ ପଛ ହୋଇ ଜିପ୍ ଆଡ଼କୁ ଅଗ୍ରସର ହେଉଥିଲେ । ଦୁହେଁ ଜିପ୍‌ରେ ସ୍ଥାନ ଗ୍ରହଣ କରିବା ପରେ ଜିପ୍ ଗନ୍ତବ୍ୟ ପଥରେ ଗଡ଼ି ଚାଲିଲା । କିଛି ସମୟ ପରେ ନିରବତା ଭଙ୍ଗ କରି ସନ୍ତୋଷ କହିଲେ- "ଆମେ କିଛିଟା ପ୍ରତିକାର କଲେ କ୍ଷତି କ'ଣ ସାର୍ । ବାବାଜିଙ୍କ କଥା ଅନ୍ୟଥା ହେବାର ନୁହେଁ । ଫଳ ଫଳିବ ନିଶ୍ଚୟ । ତାଙ୍କ ମୁଖ ମଣ୍ଡଳ ଅନ୍ଧାରରେ ବି କେମିତି ଦିବ୍ୟ ଜ୍ୟୋତିରେ ଦାଉଦାଉ ହେଉ ନ ଥିଲା ସାର୍ ?"

'ସବୁ ଠକ'- କହି ଲଘୁ ମନ୍ତବ୍ୟଟିଏ ଦେଲେ ଚନ୍ଦ୍ରକାନ୍ତ । ଉତ୍ସାହରେ ଉବୁଟୁବୁ ହେଉଥିବା ସନ୍ତୋଷଙ୍କ ମନ ଚନ୍ଦ୍ରକାନ୍ତଙ୍କ ମନ୍ତବ୍ୟରେ ପାଣିଚିଆ ଧରିଗଲା । ଏତେ ସବୁ ପରିଶ୍ରମ, ଚେଷ୍ଟା ବୃଥା । ସାର୍‌ଙ୍କୁ ଖୁସି କରିପାରିଲେନି । ସେ କିନ୍ତୁ ହାରିବାର ବ୍ୟକ୍ତି ନୁହନ୍ତି । ହାରିବାରେ ହିଁ ଜିତିବାର ସୂତ୍ର ନିହିତ ଅଛି ବୋଲି ଜ୍ଞାନୀ ଗୁଣୀମାନଙ୍କଠୁଁ ଶୁଣିଛନ୍ତି । ଏଣୁ ସନ୍ତୋଷ ଆଉ ଏକ ସୁଯୋଗକୁ ଅପେକ୍ଷା କରିବା ଶ୍ରେୟସ୍କର ବୋଲି ଧରିନେଇ ବର୍ତ୍ତମାନ ପାଇଁ ଚୁନି ରହିଲେ ।

ରାତିରେ ବିଶ୍ରାମ୍ ନେବା ସମୟରେ ଚନ୍ଦ୍ରକାନ୍ତଙ୍କର ସେଇ ବାବାଜିଙ୍କ କଥା ମନକୁ ବାରମ୍ବାର ଆସିଲା । ତାଙ୍କୁ ସେ କେଉଁଠି କେବେ ଦେଖିବା ପରି ମନେ ହେଲେ ବି ଠିକ୍ କିଛି ମନେ ପଡୁନି । ବାବାଜି ତାଙ୍କ କଥାବାର୍ତ୍ତା ଶୈଳୀରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାର କଳା, କୌଶଳକୁ ଯେ ଖୁବ୍ ଭଲ ଭାବରେ ଆୟତ୍ତ କରିପାରିଛନ୍ତି, ଏଥିରେ ଚନ୍ଦ୍ରକାନ୍ତଙ୍କର ସନ୍ଦେହର ଅବକାଶ ନଥିଲା । କିଏ ଏହି ବାବାଜି ? ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଚନ୍ଦ୍ରକାନ୍ତ କ୍ରମେ ଅଧିକରୁ ଅଧିକ ଉତ୍ସୁକ ହୋଇ ଉଠୁଥିଲେ । କିଏ ସିଏ ? କିଛି ନ କହୁଣୁ କାର୍ଯ୍ୟ ବିଳମ୍ବ ହେବ ବୋଲି କପିରି ଜାଣିଲେ ?

Digitized by srujanika@gmail.com

ଏ ସବୁ କିଛି ଦିବ୍ୟଶକ୍ତିର ପରିପ୍ରକାଶ ନା ଏକ ଶସ୍ତା ଧୂଆଁବାଣ ? କେତେଗୁଡ଼ିଏ ଅସମାହିତ ପଶ୍ନର କୂଳ କିନାରା ଅନ୍ୱେଷଣ କରୁକରୁ କେତେବେଳେ ନିଦ୍ରା ଦେବୀଙ୍କ କୋଳରେ ବିଶ୍ରାମ ନେଇ ସାରିଥିଲେ ସେ ।

ଏ ମଧ୍ୟରେ ପ୍ରାୟ ଏକମାସ ଅତିବାହିତ ହୋଇ ସାରିଲାଣି । ଏକ ମାସର ବ୍ୟବଧାନରେ ଚନ୍ଦ୍ରକାନ୍ତଙ୍କର ସେହି ଏକା ରାସ୍ତାରେ ଗସ୍ତ । ଛାଇ ଲେଉଟାଣି ବେଳ । ବାଟରେ ସେଇ ଆଶ୍ରମ ପଡ଼ିବ । ଅନେଇଲେ ଚନ୍ଦ୍ରକାନ୍ତ । ନିର୍ମେଘ, ନିର୍ମଳ, ନୀଳ ଆକାଶ । ଗତ ଥର ଗସ୍ତ ସମୟର ହାଲ୍‌କା ବାଦଲ ଏଥର ଆକାଶରୁ ଅପସରି ଯାଇଛି । ଆକାଶ ମେଘ ମୁକ୍ତ, ସ୍ୱଚ୍ଛ । କ୍ଷେତରେ ପାଚିଲା ଧାନର ହିଲ୍ଲୋଳ । ଏଇ ଦେଖୁ ଦେଖୁ ଆଶ୍ରମଟା ଦୃଶ୍ୟ ହେଲାଣି । ତେବେ ଏଥର ଆଶ୍ରମ ସମ୍ମୁଖରେ ଜନ ଗହଳି ବେଶ୍ ବୃଦ୍ଧି ପାଇଛି । ଚନ୍ଦ୍ରକାନ୍ତ ଭାବିଲେ- "ସତରେ କଣ ବାବାଜି ତ୍ରିକାଳଦର୍ଶୀ ? ନ ହେଲେ ଏତେ ଲୋକଙ୍କର ସମାଗମର କାରଣ କ'ଣ ହୋଇପାରେ ? ହୁଏତ ବାବାଜିଙ୍କର ଲୋକପ୍ରିୟତା ଇତି ମଧ୍ୟରେ ବହୁ ଗୁଣରେ ବୃଦ୍ଧି ପାଇଛି ।" ଏଇମିତି ଭାବୁ ଭାବୁ କୌତୁହଳ ବଶତଃ ଆଶ୍ରମ ନିକଟରେ ଗାଡ଼ି ଠିଆ କରାଇବାକୁ ନିର୍ଦ୍ଦେଶ ଦେଲେ ଡ୍ରାଇଭରକୁ । ଏଥର ସନ୍ତୋଷ ବାବୁ ସାଥିରେ ନାହାନ୍ତି । ଗାଡ଼ିରୁ ଏକୁଟିଆ ଓହ୍ଲାଇ ଚନ୍ଦ୍ରକାନ୍ତ ଜନଗହଳି ଅତିକ୍ରମ କରି ବାବାଜିଙ୍କ ଉଦ୍ଦେଶ୍ୟରେ ଅଗ୍ରସର ହେଲେ ।

ବାବାଜି ଦୃଶ୍ୟ ହେଉ ନାହାନ୍ତି । ଚାରି ଜଣ ପୋଲିସ୍ ପୋଷାକଧାରୀ ବ୍ୟକ୍ତି ତାଙ୍କୁ ଘେରି ରହିଥିବା ଚନ୍ଦ୍ରକାନ୍ତଙ୍କ ନଜରରେ ପଡ଼ିଲା । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଚନ୍ଦ୍ରକାନ୍ତଙ୍କୁ ପୂର୍ବ ଥର ଆଶ୍ରମ ଦର୍ଶନ ସମୟରେ ବାବାଜିଙ୍କର ଦୈବୀଶକ୍ତି ସମ୍ବନ୍ଧରେ ପଚାରି ବୁଝିଥିଲେ । ଚନ୍ଦ୍ରକାନ୍ତଙ୍କ ଉପରେ ପୁଲିସ୍ ପୋଷାକ ପରିହିତ ବ୍ୟକ୍ତି ଜଣଙ୍କର ଦୃଷ୍ଟି ପଡିବା ମାତ୍ରେ ସେ ଆଖିଠାରରେ ଚନ୍ଦ୍ରକାନ୍ତଙ୍କୁ ବାହାରକୁ ଯିବାକୁ ଇସାରା କରି ନିଜେ ବାହାରକୁ ଆସିଲେ ।

- "ଆପଣଙ୍କୁ ତ ସେଦିନ ସାଦା ପୋଷାକରେ ଦେଖିଥିଲି"- ପୋଲିସ୍ ପୋଷାକ ପରିହିତ ବ୍ୟକ୍ତିଙ୍କୁ ପଚାରିଲେ ଚନ୍ଦ୍ରକାନ୍ତ ।

- "ମୁଁ ଜଣେ ପୁଲିସ୍ ଅଫିସର । ଏ ତଥାକଥିତ ବାବାଜି ଜଣଙ୍କ ଏକ ଫେରାର୍ ଆସାମୀ । ଅଫିସ୍ ଟଙ୍କା ହେରଫେର କରି ଏକ ବର୍ଷ ହେବ ନିଖୋଜ ଥିଲେ । ତାଙ୍କରି ଖୋଜ ଖବର ନେବା ଉଦ୍ଦେଶ୍ୟରେ ଗତ ଥର ସାଧା ପୋଷାକରେ ଆସି ଆଶ୍ରମରେ ପହଂଚିଥିଲି । ଏ ଫେରାର୍ ଆସାମୀର ପ୍ରକୃତ ନାମ କୈଳାସ ନାୟକ ।"

Digitized by srujanika@gmail.com

କୈଳାସ ନାୟକ ନାମ ଶୁଣି ଚମକି ପଡ଼ିଲେ ଚନ୍ଦ୍ରକାନ୍ତ। ଏହିପରି ନାମଧାରୀ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଏକ ଏତାଲା ସେ ପ୍ରାୟ ଏକ ବର୍ଷ ପୂର୍ବରୁ ଥାନାରେ ଦାୟର କରିସାରିଛନ୍ତି। ସବୁ କଥା ସ୍ୱଷ୍ଟ ହୋଇ ଉଠୁଥିଲା। ଫେରାର କୈଳାସ ନାଏକ ପୁଲିସ ଆଖିରେ ଧୂଳି ଦେଇ ନିଜର କଳା କୌଶଳ ବଳରେ ଆଶ୍ରମରେ ବାବାଜି ରୂପରେ ଉଭା ହୋଇ ଲୋକଙ୍କୁ ଠକି ଚାଲିଛି।

ଏହା ମଧ୍ୟରେ ଠକ ବାବାଜିଙ୍କୁ ଧରି ପୁଲିସ୍‌ମାନେ ବାହାରକୁ ଆସି ସାରିଥିଲେ। ଚନ୍ଦ୍ରକାନ୍ତ ଲକ୍ଷ୍ୟ କଲେ ଦାଢ଼ିଧାରୀ ବ୍ୟକ୍ତିଟିକୁ। ଦାଢ଼ି ଏବଂ ନିଶରେ ନିଜର ମୁଖମଣ୍ଡଳକୁ ଆବୃତ କରି ଚେହେରା ଲୁକ୍କାୟିତ କରି ରଖିବାକୁ ଯେ କୈଳାସ ନାୟକ ଚେଷ୍ଟା କରିଛି, ଏଥିରେ ତାଙ୍କର ଆଉ ସନ୍ଦେହର ଅବକାଶ ନଥିଲା।

ନିର୍ବୋଧତା ଏବଂ ସରଳତାର ସୁଯୋଗ ନେଇ ଭଣ୍ଡ ବାବାଜିମାନଙ୍କର ସମାଜକୁ ବିଭ୍ରାନ୍ତ ଏବଂ ଲୁଣ୍ଠନ କରିବାର କଳା ବିଷୟରେ ଭାବି ଚାଲିଥିଲେ ଚନ୍ଦ୍ରକାନ୍ତ। ସବୁ ଜାଣି ଶୁଣି ସନ୍ତୋଷ ପରି ଶିକ୍ଷିତ ଲୋକମାନେ ଏ ଭଣ୍ଡ ବାବାଜିମାନଙ୍କର ଆଶ୍ରୟ ନିଅନ୍ତି କାହିଁକି ? ବିନା ଉଦ୍ୟମରେ ଏ ବାବାଜିମାନଙ୍କର ଆଶ୍ରିତ ହୋଇ କ'ଣ ସଫଳତା ହାସଲ କରାଯାଇପାରେ ? କର୍ମ ନ କରି ଫଳର ଆଶା କିଆଁ ?

ଏତିକି ବେଳେ ସେ ଚେଲା ଦି'ଟାଙ୍କର ବାର୍ତ୍ତାଳପରେ ଚିନ୍ତା ରାଜ୍ୟରୁ ଫେରିଆସିଲେ ଚନ୍ଦ୍ରକାନ୍ତ। ଗୋଟେ ଚେଲା ଆର ଜଣକୁ କହୁଥାଏ- "ଶଳାଟା ଦାଗୀ ଆସାମୀ ବୋଲି କିଏ ଜାଣିଥିଲା, ଏବେ ମଜା ପାଉ, ଘଣା ପେଲୁ...।"

ଆର ଚେଲାଟା କଥା ଛଡ଼େଇ ନେଇ କହିଲା- "ଏଟା ବାବାଜି ନୁହେଁ ବୋଲି ମୋତେ ଜଣାଥିଲା। ଘରେ ଅଶାନ୍ତି ଯୋଗୁଁ ବାଧ ହୋଇ ମୁଁ ଏ ଆଶ୍ରମରେ ଶରଣ ପଶିଥିଲି। ଭଲ ନାମ ନେଲି।"

ଇତି ମଧ୍ୟରେ ଠକ କୈଳାସକୁ ନେଇ ଧୂଳି ଉଡ଼ାଇ ପୁଲିସ୍ ଗାଡ଼ି ଆଗକୁ ଆଗକୁ ମାଡ଼ି ଚାଲୁଥିଲା। ଦୂର ଦିଗ୍‌ବଳୟରେ ସୂର୍ଯ୍ୟ ଅସ୍ତ ହୋଇ ଯାଉଥିଲେ। ତା' ସହିତ ଅସ୍ତ ହୋଇ ଯାଉଥିଲା କୈଳାସର କଳା କାର୍‌ନାମା।

ପରଦିନ ଅଫିସ୍‌ରେ ସନ୍ତୋଷ ବାବୁ ଏକ ଖବର କାଗଜ ଧରି ଚନ୍ଦ୍ରକାନ୍ତଙ୍କ ପାଖେ ହାଜର। ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲେ,- "ସାର୍, ଆପଣଙ୍କ କଥା ଅନୁସାରେ ସେ ବାବାଜିଟା ଠକ ପଡ଼ିଲା ସାର୍। ପୁଲେ ଟଙ୍କା ମାରି କୁଆଡୁ ଆସି ଏଠି ବାବାଜି ସାଜିଥିଲା। ଏ ଖବର କାଗଜରେ ସବୁ ବାହାରିଛି ଆଜ୍ଞା। କି ଜଘନ୍ୟ ଲୋକ।"

ଚନ୍ଦ୍ରକାନ୍ତ ହସୁଥିଲେ। ସନ୍ତୋଷ ଭାବୁଥିଲେ ସବୁ ବାବାଜି କ'ଣ ଏମିତି ?

❖❖❖

Digitized by srujanika@gmail.com

ରଘୁର ଶାନ୍ତି

ଦୁର୍ଗାପୂଜା ସରୁସରୁ ଶିମିଳିପାଳ ଅଭୟାରଣ୍ୟକୁ ଗମନାଗମନ କରିବାର ସରକାରୀ କଟକଣା ଉଠିଯାଏ। ସହର ବଜାର ହାଉହାଉ ମଧ୍ୟରୁ ମୁକ୍ତିଲାଭ କରି ଜଙ୍ଗଲର ଶୁନ୍‌ଶାନ୍ ବାତାବରଣରେ ନିଜକୁ ହଜାଇ ଦେବାପାଇଁ ସୌନ୍ଦର୍ଯ୍ୟ ପିପାସୁ ଭ୍ରମଣକାରୀମାନେ ଶିମିଳିପାଳ ଅଭୟାରଣ୍ୟ ଆଡ଼କୁ ମୁହାଁଇବା ପାଇଁ ପସନ୍ଦ କରନ୍ତି। ବର୍ଷା ଛାଡ଼ି ଯାଇଥିବାରୁ ଶିମିଳିପାଳ ଜଙ୍ଗଲର ଅଙ୍କାବଙ୍କା ରାସ୍ତା ସବୁ ଗମନାଗମନ ପାଇଁ ବେଶ୍ ଅନୁକୂଳ ହୋଇଥାଏ। ପିଲାଦିନୁ ଜଙ୍ଗଲର ପ୍ରାକୃତିକ ଶୋଭା ମଧ୍ୟରେ ସମୟ ଅତିବାହିତ କରିବା ମୋର ଏକ ବିଶେଷ ଦୁର୍ବଳତା। ସେଥର ମଧ୍ୟ ଦୁର୍ଗାପୂଜା ସରୁସରୁ ମୁଁ ଶିମିଳିପାଳ ଅଭୟାରଣ୍ୟକୁ ଭ୍ରମଣ ଉଦ୍ଦେଶ୍ୟରେ ରବିବାର ଦେଖି ଦିନଟାଏ ସ୍ଥିର କରିଦେଲି।

ନିର୍ଦ୍ଦିଷ୍ଟ ଦିନ ଅନ୍ୟ ଜଣେ ବନ୍ଧୁଙ୍କ ସହ ଶିମିଳିପାଳ ଜଙ୍ଗଲ ଅଭିମୁଖେ ଜିପ୍‌ରେ ଯାତ୍ରା ଆରମ୍ଭ ହେଲା। ଜଙ୍ଗଲର ଗହନ ଏବଂ ସବୁଜ ବନାନୀ, ଝରଣାର କୁଳୁକୁଳୁ ଶବ୍ଦ, ପଲପଲ ହାତୀଙ୍କର ଢଳିଢଳି ଚାଲିବାର ଦୃଶ୍ୟ ସାଙ୍ଗକୁ ଦଳଦଳ ହରିଣଙ୍କର କନକନ ନିରୀହ ଚାହାଣୀ, କେତେ ଜାତି ପ୍ରଜାତି ଚଢେଇଙ୍କର କଳରବ, ଏମିତି କେତେ କଣ ଦେଖିବା ତଥା ଅନୁଭବ ଆଶାରେ ମନରେ ଅଦମନୀୟ ଉତ୍କଣ୍ଠା।

ନାଲିଗୋଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ଶାଳ ବୃକ୍ଷର ଘଂଚ ଜଙ୍ଗଲ। ଶାଳ ଫୁଲର ମନ ମତାଣିଆ ବାସ୍ନା। ଖରା ଛାଇ ମଧ୍ୟରେ ଜିପ୍‌ଟି ଆଗକୁ ଅଗ୍ରସର ହେଉଥାଏ। ଉତ୍ସୁକତାର ସହ ଜଙ୍ଗଲର ମନୋଲୋଭା ଦୃଶ୍ୟ ଉପଭୋଗ କରୁଥାଏ। ହଠାତ୍ ଜିପ୍ ଚାଳକ ଜିପ୍‌ଟିକୁ ଅଟକାଇ ଦେଲା। କହିଲା- "ସାର୍, ଜିପ୍‌ର ପରଦା ସବୁ ପକାଇ ଦେବା। ନାଲି ଧୂଳିରେ ଆପଣଙ୍କୁ ମୁଣ୍ଡ ନାଲି ହୋଇଗଲାଣି।" ଜିପ୍ ର ଦର୍ପଣରେ ମୋ ମୁଣ୍ଡ ଆଡ଼କୁ ଦୃଷ୍ଟି ନିକ୍ଷେପ କଲି। ସମସ୍ତ କେଶ ଈଷତ୍ ନାଲି ରଙ୍ଗରେ ଆବୃତ। ହାତରେ

Digitized by srujanika@gmail.com

ଝାଡ଼ିଦେଲି । ପରକ୍ଷେ ଧୂଳି ଉଡ଼ିଗଲା । ଜିପ୍‌ର ଦୁଇ ପାର୍ଶ୍ୱ ଏବଂ ପଛ ପରଦା ପଡ଼ିବା ପରେ ଜିପ୍ ଆଗକୁ ମାଡ଼ି ଚାଲିଲା । ଜଙ୍ଗଲିଆ ଏବଂ ଅଙ୍କାବଙ୍କା ରାସ୍ତା ଯୋଗୁଁ ଜିପ୍ ଧିରେ ଧିରେ ଚାଲୁଥାଏ । ସେହି ସୁଯୋଗରେ ଜଙ୍ଗଲ ଦୃଶ୍ୟକୁ ଭଲ ଭାବରେ ପରଖି ନେଉଥାଏ ମୁଁ।

ହଠାତ୍ ଜଣେ କଳା ମଚ୍‌ମଚ୍ ସୁସ୍ଥ ସବଳ ଯୁବକଟିଏ ବୃକ୍ଷ ଛାୟାରେ ବସି ବଂଶୀ ବାଦନ କରୁଥିବା ମୋର ଦୃଷ୍ଟିଗୋଚର ହେଲା । କାହିଁକି କେଜାଣି ମନରେ କୌତୁହଳଟାଏ ସୃଷ୍ଟି ହେଲା । ଗାଡ଼ି ଚାଳକକୁ ଅଟକିବାକୁ କହି ଯୁବକ ଆଡ଼କୁ ଅଗ୍ରସର ହେଲି । ଯୁବକଟି ବୋଧହୁଏ ଏପରି ଏକ ପରିସ୍ଥିତି ପାଇଁ ପ୍ରସ୍ତୁତ ନ ଥିଲା । ବଂଶୀବାଦନ ବନ୍ଦ କରି ପ୍ରଶ୍ନବାଚକ ଚକ୍ଷୁରେ ସେ ମୋ ଆଡ଼େ ଅନାଇଲା ସିନା, ତା'ଅଧରରେ ଖେଳି ଗଲା ଚେନାଏ ହସ । ଯୁବକଟିର ଚେହେରା ଉପରେ ଆଖି ବୁଲାଇ ଆଣିଲି । ଖୋଲା ଦେହ, ବଳିଷ୍ଠ ଚେହେରା । ବୟସ କୋଡିଏ, ବାଇଶ ହେବ ପରା । ଦୁଇ ବାହୁ ଏବଂ ସୁଦୃଢ଼ ବକ୍ଷରେ ଯୌବନର ଉଦ୍ଦାମତା ବେଶ୍ ପରିସ୍ଫୁଟ । ମୁଣ୍ଡରେ କୁଂଚୁକୁଂଚିଆ କଳାହାଣ୍ଡି ରଙ୍ଗର ଘନ କେଶ । ପଟା ପଟା ଗାର ପଡ଼ିଥିବା ଧଳା ଗାମୁଛାଟେ ପିନ୍ଧି ହାତରେ ଧରିଛି ବଂଶୀଟିଏ । ଗାମୁଛାଟି ଆଣ୍ଠୁ ତଳକୁ ସାମାନ୍ୟ ଲମ୍ବି ଯାଇଛି । ପାଖରେ ଚମଡ଼ାବୃତ ଛୋଟ ଟ୍ରାନ୍‌ଜିଷ୍ଟରଟିଏ ମୁହଁ ବନ୍ଦ କରି ମନମାରି ବସିଥିବା ପରି ଲାଗିଲା ।

ଯୁବକଟି ପାଖକୁ ଯାଇ ପଚାରିଲି- "ବାବୁ ତମ ନାଁ କ'ଣ ?"

ସହଜ ସ୍ୱରରେ ଉତ୍ତର ମିଳିଲା – "ରଘୁ, ରଘୁ ହେମ୍ବ୍ରମ୍ ।"

କହିଲି- " ଆଚ୍ଛା ରଘୁ, ତମ ଘର କେଉଁଠି ? ତମେ ଏଠି କରୁଛ କ'ଣ ?"

"ମର୍ ଘର୍‌ଟା ଏଇ ପାଖ ଗାଁରେ । ହେଲେ ଇ ଜଙ୍ଗଲଟା ମର୍ ଅସ୍‌ଲି ଘର୍ । ଜଙ୍ଗଲରେ ମୁଇଁ ଘୂରି ବୁଲୁଥାଁଏ । କ'ଣ କରୁଛି ବୋଲି କି ନାଗି ପଚାରୁଛ, ଦେଖୁନ, ମୁଇଁ ବଇଁଶୀ ବଜଉଛେଁ ।"

ରଘୁର ଉତ୍ତର ତା' ସହିତ ଅଧିକ ବାର୍ତ୍ତାଳାପ କରିବା ପାଇଁ ମୋତେ ଆଗ୍ରହାନ୍ୱିତ କରିଦେଲା । କହିଲି – "ବଂଶୀ ତ ବଜାଉଛ, ଦେଖୁଛି । ହେଲେ ତୁମେ କର କ'ଣ ?"

– "କ'ଣ କରେ ? ମନ୍ ହେଲେ କାମ୍ କରେ । ନ ହେଲେ ବଇଁଶୀ ବଜାଏ । ଇୟାଡେ ସିଆଡେ ଜଙ୍ଗଲରେ ଘୂରି ବୁଲେ ।"

ବାଃ ଭଲ କହି ରଘୁ ପାଖରେ ପଡ଼ିଥିବା ଖଣ୍ଡେ ପଥର ଉପରେ ବସି ପଡ଼ି କହିଲି- "ରଘୁ ତମେ ଜଙ୍ଗଲରେ ଘୂରି ନ ବୁଲି ବାହାରକୁ ଗଲେ ତ ବେଶ୍ ଦୁଇ ପଇସା ରୋଜଗାର କରନ୍ତ । ଖୁସିରେ ଚଳନ୍ତ ।"

Digitized by srujanika@gmail.com

ମୋ କଥାଟା ବୋଧେ ରଘୁକୁ ଅପସନ୍ଦିଆ ଲାଗିଲା। ମୋ ମୁହଁ ଉପରୁ ଆଖି ଫେରାଇ ନେଇ ବହିଯାଉଥିବା ଝରଣା ଆଡ଼କୁ ଚାହିଁଲା। ତା' ମନର ଭାବକୁ ଠିକ୍ ଭାବରେ ବୁଝିବା ମୋ ପକ୍ଷରେ ସମ୍ଭବ ନଥିଲା। ଏଣୁ ମୁଁ ରଘୁକୁ ପଚାରିଲି- "ରଘୁ ମୋ କଥାର ଉତ୍ତର ଦେଲନି।"

ବଇଁଶୀଟାକୁ ହାତରେ ଏକଡ଼ ସେକଡ଼ କରୁକରୁ ରଘୁ ହସିହସି କହିଲା- "ଏଇ ଜଙ୍ଗଲରେ ମୁଁ ଖୁବ୍ ଖୁସିରେ ଅଛି ଆଜ୍ଞା, ଆଉ କେଉଁଠିକି ଯିବା କ'ଣ ଦରକାର ?"

- "ଆରେ ନାଇଁ, ଜଙ୍ଗଲ ଛାଡ଼ି ବାହାରକୁ ଗଲେ ଅଧିକା ରୋଜଗାର ହୁଅନ୍ତା। ବେଶ୍ ସୁଖ ଶାନ୍ତିରେ ତୁମ ଜୀବନ କଟନ୍ତା।"

ହଠାତ୍ ଗମ୍ଭୀର ହୋଇଯାଇ ରଘୁ କହିଲା- "ସୁଖ, ଶାନ୍ତି କାହାକୁ କୁହ ବାବୁ? ଏଇ ଜଙ୍ଗଲଠୁ ଅଧିକ ସୁଖ ଶାନ୍ତି ଆଉ କେଉଁଠି ମିଳିବ ? ଶାନ୍ତି ତ ମୋ ପାଖେ ପାଖେ ଅଛି।"

ଚମକି ପଡ଼ିଲି। ଜଣେ ସାଧାରଣ ଆଦିବାସୀ ଯୁବକ ମୁହଁରେ ଦାର୍ଶନିକର ଭାଷା।

ମୁଁ କିଛି କହିବା ପୂର୍ବରୁ ରଘୁ କହିଲା- "ଯାଇଥିଲି ଆଜ୍ଞା । କଲିକତା ଯାଇଥିଲି। କିଛି ଦିନ ଗୋଟାଏ ବଡ଼ ଗାଈ ଗୁହାଳରେ କାମ କରୁଥିଲି। ଗାଈଙ୍କର ଯତ୍ନ ନିଏ। ମାଲିକର କ୍ଷୀର ନେଇ ଦୋକାନରେ ଦିଏ। ଯାହା ଟଙ୍କା ମିଳେ ଖାଇ ପିଇ ଚଳିଯାଏ। କିନ୍ତୁ ମନ ଲାଗିଲାନି। ମୋତେ ଲାଗିଲା ଯେମିତି ଜଙ୍ଗଲଟା ମୋତେ ନ ଦେଖି ମନ୍ ଦୁଃଖରେ ଅଛି। ସହି ପାରିଲିନି ଆଜ୍ଞା। ପଳେଇ ଆସିଲି ପୁଣି ଏ ଜଙ୍ଗଲକୁ।"

ମୁଁ କିଛି କହିବା ପୂର୍ବରୁ ରଘୁ ପୁଣି କହିଲା- "ସହର ଗୁଡ଼ିକ ଭାରି ଧୂଳିଧୂସରିଆ ଆଜ୍ଞା। ଗାଡ଼ି ଘୋଡ଼ା ମାଳମାଳ। ଖାଲି କେଁ କାଁ। ସାବଧାନ୍ ନ ହେଲେ ଗାଡ଼ି ମାଡ଼ିଯିବ। ଖାଲି ଦଉଡ଼ା ଦଉଡ଼ି । କାହା ପାଖରେ ଆଉ କାହା ପାଇଁ ସମୟ କାହିଁ ?"

ରଘୁ ମୁହଁରୁ ତା'ର ଜୀବନ ଦର୍ଶନ ଶୁଣିବାକୁ ମୋର ଆଗ୍ରହ ଚରମ ସୀମାରେ ଉପନୀତ ହୋଇସାରିଥାଏ। ତା' ମୁହଁରୁ ଆଉ କିଛି ଶୁଣିବା ପାଇଁ ପଚାରିଲି- "ଆରେ ରଘୁ ତମେ ବାହା ହୋଇ ଘର ସଂସାର କରିବ। ପିଲାମାନଙ୍କ ଭରଣ ପୋଷଣ ପାଇଁ ଟଙ୍କାର ଆବଶ୍ୟକତା ଅଛି।"

ମୋ ମୁହଁରୁ କଥା ନ ସରୁଣୁ କଥା ଛଡ଼େଇ ନେଇ ରଘୁ କହିଲା- "ମୁଁ ବାହା ହୋଇ ସାରିଛି ଆଜ୍ଞା। ମର୍ ସ୍ତୀର ନାଁ ଶାନ୍ତି। ଶାନ୍ତିର ଘର୍ କଲିକତାରେ। ସେ ମୋତେ

Digitized by srujanika@gmail.com

ବାହା ହୋଇ ମୋ ସାଙ୍ଗରେ ଏ ଜଙ୍ଗଲକୁ ପକେଇ ଆସିଛି। ମୁଁ ଶାନ୍ତି ସହ ଏ ଜଙ୍ଗଲରେ ବେଶ୍ ଶାନ୍ତିରେ ଅଛି।"

ଶାନ୍ତି ବିଷୟ ବଖାଣିବାକୁ ଯାଇ ରଘୁ କହିଲା- "ଶାନ୍ତି ସାଙ୍ଗରେ ତା'ର କଲିକତାରେ ଦେଖା, ପରିଚୟ ଏବଂ ତା'ପରେ ସେଇ କଲିକତାରେ ହିଁ ବାହାଘର।"

ବାହାଘର ପରେ ରଘୁର ମନ ଆଉ କଲିକତାରେ ନ ଥିଲା। ଶାନ୍ତିକୁ ଧରି ସେ ଶିମିଳିପାଳ ଜଙ୍ଗଲ ପାଖ ତା' ଗାଁକୁ ଫେରିଆସିଲା।

ଘରେ ତା'ର ବୁଢ଼ା ବାପା। ରଘୁ ତା' ମା'କୁ ଦେଖିଥିବାର ମନେପଡୁ ନାହିଁ। ରଘୁର ହେତୁ ହେବା ପୂର୍ବରୁ ମା' ତା'ର ଆଖି ବୁଜି ଦେଇଛି। ବାପାହିଁ ରଘୁର ବାପା, ମା', ସବୁ କିଛି। ରଘୁ ଏବେ ତା' ବାପା ଏବଂ ଶାନ୍ତି ସହ ଜଙ୍ଗଲ ପାଖ ଗାଁରେ ରହେ। କଲିକତାର ଝିଞ୍ଜଟ ନାହିଁ । ଶାନ୍ତି ସହ ବେଶ୍ ଶାନ୍ତିରେ ସେ ଅଛି।

ଶାନ୍ତି କଥା ଶୁଣିବା ପରେ ତା' ବିଷୟରେ ଜାଣିବାର ଆଗ୍ରହକୁ ବେଶୀ ସମୟ ମୁଁ ଲୁଚାଇ ରଖିପାରିଲି ନାହିଁ। ରଘୁକୁ ପଚାରିଲି- "କଲିକତା ଝିଅକୁ ବାହା ହୋଇ ଜଙ୍ଗଲରେ ରଖି ଚଳାଉଛ କେମିତି।"

- "ସେ କଥା ନିଜେ ଶାନ୍ତି ହିଁ କହିବ ଆଜ୍ଞା!"

ରଘୁର କଥାବାର୍ତ୍ତା, ଢଙ୍ଗଢ଼ାଙ୍ଗରୁ ସେ କିଛି ପାଠ ନିଶ୍ଚୟ ପଢିଥିବ ବୋଲି ମୁଁ ଅନୁମାନ କରୁଥିଲି।

- "ପଚାରିଲି, ତମେ କଣ ପଢ଼ିଛ।"

ମୋତେ ବିସ୍ମିତ କରି ରଘୁ କହିଲା- "ତିନ୍ କ୍ଲାସ୍"।

ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ରଘୁର ଦାର୍ଶନିକଟିଏ ଭଳି ହାବଭାବ ଦେଖି ମୋର ଉତ୍ସୁକତାର ସୀମା ନଥାଏ। ଏପଟେ ଶାନ୍ତି ବିଷୟରେ ଜାଣିବାର ଆଗ୍ରହ ମଧ୍ୟ ବୃଦ୍ଧି ପାଇ ଚାଲିଥାଏ।

ପଚାରିଲି ଶାନ୍ତି କାହିଁ ? ତାକୁ ଡାକୁନ । ତା'ସାଙ୍ଗେ ଦି'ପଦ ଭଲମନ୍ଦ କଥା ହୁଅନ୍ତେ।

ଆମ କଥାବାର୍ତ୍ତା ଭିତରେ ଶାନ୍ତି କେତେବେଳେ ଆସି ମୋ ପାଖରେ ଠିଆ ହୋଇଛି, ସେ କଥା କୁ ମୋର ନିଘା ନ ଥାଏ। "ବାବୁ ନମସ୍କାର" ଶୁଣି ପଛ ପଟକୁ ବୁଲି ଦେଖିଲି ସୁନ୍ଦରୀ ଶ୍ୟାମଳୀଟିଏ ମୁରୁକି ମୁରୁକି ହସୁଛି। ସତେ ଯେମିତି ଜଙ୍ଗଲ ଭିତରେ ସଜ ଫୁଟା ଫୁଲଟିଏ। ସୁନ୍ଦରୀ ତରୁଣୀଟି ଯେ ଶାନ୍ତି ସେଥିରେ ମୋର ସନ୍ଦେହ

Digitized by srujanika@gmail.com

ନ ଥିଲା । ଏହା ଭିତରେ ଅତି ସହଜ ଢଙ୍ଗରେ ଶାନ୍ତି ଆସି ମୋ ସାମ୍ନାରେ ରଘୁ ପାଖରେ ବସି ସାରିଥାଏ ।

ଜଙ୍ଗଲକୁ ବରଣ କରିନେଇଥିଲେ ବି ଶାନ୍ତି ପାଖରେ ସହରୀ ଛାପ ବେଶ୍ ପରିଲକ୍ଷିତ ହେଉଥାଏ । ବେଶ୍ ପରିଷ୍କାର ଶାଢି, କପାଳରେ ଗୋଲ ସିନ୍ଦୁର ଟୋପା । ମୁଣ୍ଡ ସିନ୍ଥାରେ ଗାଢ଼ ସିନ୍ଦୁରର ଲମ୍ବା ଧାର ।

– "ପଚାରିଲି, ତମେ ଶାନ୍ତି ନା ?"

ମୁଣ୍ଡ ଟୁଙ୍ଗାରି ହଁ ରେ ଉତ୍ତର ଦେଲା ଶାନ୍ତି । ଶାନ୍ତିକୁ ପଚାରିବା ପାଇଁ ମୋ ମନରେ ଅସୁମାରୀ ପ୍ରଶ୍ନଙ୍କର ଭିଡ଼ ।

ମନ ସ୍ଥିର କରି କହିଲି- "ଶାନ୍ତି, ତମ ବିଷୟରେ କିଛି ଜାଣିବାକୁ ଇଚ୍ଛା, ତୁମ କଥା କିଛି କୁହ ।"

ଶାନ୍ତିର କଥାରେ ବଙ୍ଗଳା ଭାଷାର ଛାପ । ଓଡ଼ିଆ, ବଙ୍ଗଳା ଏବଂ ଆଦିବାସୀଙ୍କର କଥାବାର୍ତ୍ତାର ମିଶ୍ରଣର ଏକ ପ୍ରକାର ଭାଷା ଶୁଣିବାକୁ ମିଳିଲା ଶାନ୍ତି ମୁହଁରୁ । ଯାହା କହିଲା, ତା'ର ସାରାଂଶ ହେଲା- ଶାନ୍ତିର ନିଜର ବୋଲି କେହି ନାହିଁ । ହେତୁ ହେବା ଦିନରୁ ବାପା ମା'ଙ୍କୁ ଦେଖିବାର ସୁଯୋଗ ପାଇନାହିଁ । ବାବୁମାନଙ୍କ ଘରେ କାମ ପାଇଟି କରି ଆଜି ପର୍ଯ୍ୟନ୍ତ ସମୟ କଟାଇଛି । ରଘୁ ବହୁତ ଭଲ । ତାକୁ ଭେଟିବା ପରେ ତା' ସହ ରହିବାକୁ ଇଚ୍ଛା ହେଲା । ବାବୁମାନଙ୍କଠୁ ଅନୁମତି ନେଇ ସେ ରଘୁକୁ ବାହାହୋଇ ତା'ସାଙ୍ଗରେ ପଳେଇ ଆସିଛି । କଲିକତାଠୁ ଏ ଜଙ୍ଗଲଟା ତା'ର ଅତି ଆପଣାର । ରଘୁର ବାପା ବି ଭାରି ସ୍ନେହୀ ଲୋକ ।

ଶାନ୍ତିର କଥା ଶୁଣି ମୋ ମନରେ ଆନନ୍ଦର ସୀମା ନ ଥାଏ । ଏ ଜଙ୍ଗଲ ଭିତରେ ଜୀବନ ଏତେ ସୁନ୍ଦର ହୋଇପାରେ ସେ କଥା ମୁଁ ବିଶ୍ୱାସ କରିପାରୁ ନ ଥାଏ । ଆଶା ନାହିଁ, ଲୋଭ ନାହିଁ, ସ୍ନେହ ପ୍ରେମରେ ବନ୍ଧା ତିନୋଟି ପ୍ରାଣୀ ।

ମନକୁ କଥାଟିଏ ଆସିଲା ରଘୁକୁ ପଚାରିଲି- "ରଘୁ ଏ ଜଙ୍ଗଲଟା ହିଂସ୍ର ଜନ୍ତୁରେ ପରିପୂର୍ଣ୍ଣ । ତମକୁ ଭୟ ଲାଗେନି ।"

କିଛି ସମୟ ରହି ରଘୁ ଉତ୍ତର ଫେରେଇଲା – "ଜଙ୍ଗଲ ଆମର ମା' ଆଜ୍ଞା । ମା'କୁ ପୁଣି କି ଭୟ । ମା' ଆମର ସବୁ କଥା ବୁଝିବ ଆଜ୍ଞା । ଜୀବଜନ୍ତୁ କେବେ ହିଂସ୍ର ନୁହନ୍ତି । ତାଙ୍କର କ୍ଷତି ନ ହେଲେ ସେମାନେ କାହାରି ଅନିଷ୍ଟ କରନ୍ତିନି । ବରଂ ମଣିଷ ନିଜର ସ୍ୱାର୍ଥ ପାଇଁ ହିଂସ୍ର ହୋଇଯାଏ । ପଶୁ ପକ୍ଷୀଙ୍କୁ ହତ୍ୟା କରି ଖାଏ । ହିଂସ୍ର କିଏ- ଜୀବଜନ୍ତୁ ନା ମଣିଷ ?"

Digitized by srujanika@gmail.com

ଆଉ କିଛି ପଚାରିବାକୁ ସତ୍ ସାହସ ମୋର ନ ଥିଲା । ଆଧୁନିକ ସଭ୍ୟତାଠୁ ଦୂରରେ ଥାଇ ଜଙ୍ଗଲ ମଧ୍ୟରେ ସଂସାର କରି ମନୁଷ୍ୟ କେତେ ଆନନ୍ଦରେ ରହିପାରେ ସେକଥା ମୁଁ ମର୍ମେ ମର୍ମେ ଅନୁଭବ କରୁଥିଲି ।

ରଘୁ ଏବଂ ଶାନ୍ତିକୁ ଛାଡ଼ି ଆସିବାକୁ ଇଚ୍ଛା ହେଉ ନଥାଏ । ଇଚ୍ଛା ହେଉ ନ ଥିଲେ ମଧ୍ୟ ସେମାନଙ୍କଠୁ ବିଦାୟ ନେଇ ଆଗକୁ ବଢ଼ିଲୁ ଜିପ୍‌ରେ ।

ଏ ଭିତରେ ଲକ୍ଷ୍ୟ କଲି ବନ୍ଧୁ ମୋର ଆନମନା । କଥା ଛଳରେ ତାଙ୍କୁ କାରଣ ଜିଜ୍ଞାସା କଲି । ଦେଖିଲି ତାଙ୍କ ଚକ୍ଷୁ ଲୋତକରେ ପୂର୍ଣ୍ଣ । ଚକ୍ଷୁ ଉଛୁଳି ଲୋତକ ଝରିବାକୁ ଉଦ୍ୟମରତ । ପକେଟରୁ ରୁମାଲ କାଢ଼ି ଲୁହ ପୋଛି କିଛି ସମୟ ଗୁମ୍ ହୋଇ ରହିବା ପରେ କହିଲେ – "ମୋ ସ୍ତ୍ରୀ କାହିଁ କେବେଠୁ ଆର ପାରିକୁ ଚାଲିଗଲେଣି । ଏକ ମାତ୍ର ପୁତ୍ର । ତା'ର ପଢ଼ା ସମାପ୍ତି ପରେ ଚାକିରି ଏବେ ଆମେରିକାରେ । ବୋହୂ ସହ ସେଠାରେ ଅବସ୍ଥାନ କରେ । କାର୍ଯ୍ୟ ବ୍ୟସ୍ତତା ହେତୁ ତିନି ବର୍ଷ ହେବ ଘରକୁ ଆସିପାରି ନାହିଁ । ନାତିଟେ ହେଇଛି ଯେ ତାକୁ ଦେଖି ନାହିଁ । ତା' ଫଟୋଟିଏ ଦେଖିଛି । ସଂସାରଟା ଭାରି ଖାଁ ଖାଁ ଲାଗୁଛି । ମୁଁ ହେଲେ ରଘୁର ବାପା ହୋଇଥାନ୍ତି କି... । "

କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା ବନ୍ଧୁଙ୍କର । ତାଙ୍କ ପିଠିରେ ହାତ ଥାପୁଡ଼ାଇ ବୋଧ କରିବାକୁ ପ୍ରୟାସ କଲି । କଥାର ମୋଡ଼ ବଦଳାଇ ଶିମିଳିପାଳ ଜଙ୍ଗଲ ବିଷୟରେ କଥା ଆରମ୍ଭ କଲି । ଏକଦା ଶିମିଳି ବୃକ୍ଷର ରକ୍ତ ବର୍ଣ୍ଣର ପୁଷ୍ପରେ ଜଙ୍ଗଲ ମଧ୍ୟରେ ପାହାଡ଼ ଗୁଡ଼ିକ ଶୋଭା ପାଉଥିବାରୁ ଏହାର ନାମ ଶିମିଳିପାହାଡ଼ ଥିଲା ବୋଲି ଜନଶ୍ରୁତିରୁ ଜଣାପଡ଼େ । କ୍ରମେ ଅପଭ୍ରଂଶ ହୋଇ 'ଶିମିଳିପାହାଡ଼', 'ଶିମିଳିପାଳ' ନାମରେ ନାମିତ ହୋଇଥିବାର ଅନୁମାନ କରାଯାଏ । କଥାବାର୍ତ୍ତା ମଧ୍ୟରେ ଆମ ଗାଡ଼ି ଗଡ଼ି ଚାଲିଲା ବରେହୀପାଣି ଜଳପ୍ରପାତ ଉଦ୍ଦେଶ୍ୟରେ ।

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ପରିଦର୍ଶନ ସମାପ୍ତ ହେଲା ବେଳକୁ ସନ୍ଧ୍ୟା ଆଗତପ୍ରାୟ । ଏବେ ଘର ମୁହାଁ ପ୍ରତ୍ୟାବର୍ତ୍ତନର ପାଳି । ଅଭୟାରଣ୍ୟର ଗଭୀର ନିରବତା ତଥା ଅନ୍ଧାରକୁ ଚିରି ଜିପ୍ ତାର ଗନ୍ତବ୍ୟ ପଥରେ ଅଗ୍ରସର ହେବାକୁ ଆରମ୍ଭ କରିସାରିଥାଏ ।

ମୋ ମନ କିନ୍ତୁ ଥାଏ ରଘୁ ପାଖରେ । ଜୀବନକୁ ସହଜ ଓ ସରଳ ଭଙ୍ଗୀରେ ବଂଚିବାର ଏକ ସୂକ୍ଷ୍ମ ସୂତ୍ରକୁ ଆୟତ୍ତ କରିପାରିଛି ସେ । ସହରର ଚାକଚକ୍ୟ ତା'ର ଅଭିପ୍ରାୟ ନୁହେଁ । ବରଂ ଜଙ୍ଗଲର ସବୁଜ ବନାନୀ, କୁଳୁକୁଳୁ ନାଦରେ ବହିଯାଉଥିବା ଝରଣା, ପରିବାର ସଦସ୍ୟଙ୍କ ସ୍ନେହ, ପ୍ରେମ ତା'ର ଏକାନ୍ତ କାମ୍ୟ । ବଂଶୀର ମଧୁର

Digitized by srujanika@gmail.com

ସ୍ୱରରେ ସେ ବିମୋହିତ ହୁଏ। ଜୀବନର ସବୁ ସୁଖଶାନ୍ତି ସେ ଯେପରି ଏହି ଜଙ୍ଗଲରୁ ସାଉଁଟି ପକାଏ। ଅଧିକ କାମନାର ବା ଆବଶ୍ୟକତା କ'ଣ ? ରଘୁର ବଂଶୀ ସତେ ଅବା ରହିରହି କହି ଯାଉଥାଏ- "କାମନାର ବିନାଶରେ ଦୁଃଖର ବିନାଶ।"

ମୁଁ ଭାବି ଚାଲୁଥାଏ, ସମସ୍ତେ ରଘୁପରି ହୋଇ ପାରନ୍ତିନି କାହିଁକି ?

ହୁଏତ ସୁଖଶାନ୍ତିର ସଜ୍ଞାକୁ ରଘୁହିଁ ଠିକ୍ ଭାବେ ହୃଦୟଙ୍ଗମ କରିଛି। ଆଧୁନିକ ସଭ୍ୟତାର ଧାଁ ଦୌଡରୁ ନିଜକୁ ଦୂରେଇ ରଖି ସେ ସୁଖଶାନ୍ତିକୁ ପାଇଛି ଘଂଚ ଜଙ୍ଗଲର ପ୍ରାକୃତିକ ଶୋଭା ମଧ୍ୟରେ। ଶାନ୍ତିର ପ୍ରେମ ଓ ପରମ ପୂଜ୍ୟ ପିତୃଦେବଙ୍କର ଆଶିର୍ବାଦ ପାଖରେ ଧନ ସମ୍ପତ୍ତିର ମୋହ ରଘୁ ପାଖରେ ତୁଚ୍ଛ।

❖❖❖

Digitized by srujanika@gmail.com

ଲ୍ୟାଣ୍ଡ ଫୋନ୍

ଛାଇ ଲେଉଟାଣି ଅଳସସନ୍ଧ୍ୟା ନିଃଶବ୍ଦରେ କେତେବେଳୁ ସୁରେଶବାବୁଙ୍କୁ ଘେରି ଗଲାଣି, ସେ ଆଡ଼କୁ ତାଙ୍କର ନିଘା ନାହିଁ । ଘରଟା ଶୁନ୍‌ଶାନ୍, କେହି କୁଆଡ଼େ ଦେଖାଯାଉ ନାହାନ୍ତି। ଏକୁଟିଆ ଭାବ ତାଙ୍କୁ ଜାବୁଡ଼ି ଧରି ସତେ ଯେମିତି କୋଣଠେସା କରି ଚାଲିଛି। ମୁହଁ ସଂଜରେ ନିରୋଳାରେ ଘର ଅଗଣାରେ ବସି ଅତୀତର ଗତିପଥକୁ ମାପି ଚାଲିଛନ୍ତି ସେ। କିଶୋର ଅବସ୍ଥାରୁ ସ୍ୱାଧିନ ଭାରତରେ ସମାଜବାଦୀ ସମାଜ ପାଇଁ ସ୍ୱପ୍ନ ଦେଖି ଆସିଛନ୍ତି। ସେ ସ୍ୱପ୍ନ ଆଜି ଯେମିତି ମଳିନ ପଡ଼ିଯାଉଛି। ବର୍ତ୍ତମାନଟା ତାଙ୍କୁ ଆଉ ସୁହେଇଲା ଭଳି ଲାଗୁନି।

ପାଖରେ ପଡ଼ିଥିବା ଏଣ୍ଡ୍ରୋଏଡ୍ ମୋବାଇଲ୍ ଫୋନ୍‌ଟା ଉପରେ ନଜର ପଡ଼ିଗଲା ସୁରେଶବାବୁଙ୍କର। ଏଇ ଫୋନ୍ ବି ତାଙ୍କ ଉପରେ ଅକାରଣ ଦାଉ ସାଧୁଛି। ଭୁଲ୍‌ରେ କେଉଁଠି କେମିତି ହାତ ବାଜିଗଲେ ସବୁ ଓଲଟ ପାଲଟ। ଯେତେ ଚେଷ୍ଟା କଲେ ଏଇ ମୋବାଇଲ୍‌କୁ ସେ ଠିକ୍ ଭାବେ ଚଳାଇ ପାରନ୍ତିନି। କାହାଠୁ ଫୋନ୍ ଆସିଲେ କଥା ହେବା କିମ୍ବା କାହାକୁ ଫୋନ୍ ଲଗାଇ କଥା ହେବା ଛଡ଼ା ଆଉ ବେଶି କିଛି କାମରେ ମୋବାଇଲ୍‌ଟା ଲାଗେନି। ପୁଅ, ଝିଅ ବି ମଉକା ପାଇଲେ, ମଜା ନିଅନ୍ତି। କହନ୍ତି, ବାପାଙ୍କ ଦ୍ୱାରା କିଛି ହେବନି। ମୋବାଇଲ୍‌ରେ ମେସେଜ୍ ପଠାଇବା ଶିଖି ପାରିଲେନି।

ପୁଅ, ଝିଅ କାହିଁକି ସୁରେଶବାବୁଙ୍କୁ ବେଳେ ବେଳେ ଲାଗେ ସେ ମୋବାଇଲ୍‌ଟା ବି ତାଙ୍କୁ ପରିହାସ କରେ। ତହିଁରେ କେତେ ଗୁଣ ଭରପୁର। ହେଲେ ସୁରେଶବାବୁ ସେ ଗୁଣ ଠଉରାଇ ପାରନ୍ତିନି। ଖାଲି ଫୋନ୍ କରନ୍ତି। ଅନେକ ସମୟରେ ମୋବାଇଲ୍‌ଟା ମନ ଦୁଃଖରେ ମୁହଁ ମାଡ଼ି ପଡ଼ିଥାଏ । କ'ଣ ବା' କରନ୍ତା ? କାମତ କିଛି ନାହିଁ। ଏମିତି ଖାଲି ବସି ବସି ସେ ଅଳସୁଆ ହୋଇ ଗଲାଣି। ସେଥିରେ ପୁଣି ସୁରେଶବାବୁ ଅଧିକାଂଶ ସମୟରେ ତାକୁ ଘରେ ଛାଡ଼ି ବାହାରକୁ ପଳାନ୍ତି।

Digitized by srujanika@gmail.com

ଘର ଅଗଣା ବାରଣ୍ଡାରେ ଗୋଟେ କୋଣରେ ଥିବା ଲ୍ୟାଣ୍ଡ ଫୋନ୍‌ଟାକୁ କଣେଇ ଚାହିଁଲେ ସୁରେଶବାବୁ। ଏବେ ସେ ଫୋନ୍‌ଟା ବେଶ୍ ଚୁପ୍‌ଚାପ୍। ପରସ୍ତେ ଧୂଳି ତା' ଉପରେ ଆସ୍ଥାନ ଜମାଇ ରାଜ୍ କରୁଛି। ସମୟ ଥିଲା ଲ୍ୟାଣ୍ଡ ଫୋନ୍‌ର କ୍ରିଂ କ୍ରିଂ ଶବ୍ଦ ଶୁଣିଲେ ଘରର ସମସ୍ତେ ତା'ଆଡ଼କୁ ଝପଟି ଯାଉଥିଲେ। ଏବେ ତା'ର ବହୁତ ଅନାଦର। ସମସ୍ତଙ୍କ ହାତରେ ମୋବାଇଲ୍।

ନିଃସଙ୍ଗତା ଭାବ ସୁରେଶବାବୁଙ୍କୁ ଯେମିତି ଅଧିକରୁ ଅଧିକ ସଂକ୍ରମିତ କରିଚାଲିଥିଲା। ସେ ଭାବୁଥିଲେ ତାଙ୍କ ଅବସ୍ଥା ସେଇ ଲ୍ୟାଣ୍ଡ ଫୋନ୍ ପରି ଦିନକୁ ଦିନ ଅଦରକାରୀ ହୋଇ ପଡୁଛି। ଘରେ, ବାହାରେ ସବୁଆଡ଼େ ମୋବାଇଲ୍‌ର ରାଜୁତି।

ସୁରେଶ ପ୍ରଧାନ। ବୟସ ଷାଠିଏ ପାର ହୋଇଗଲାଣି ସିନା, ଭେଣ୍ଡା ମରଦର ବଳ। ବାପା,ଗୋସବାପାଙ୍କ ଅମଳରୁ ଚାଷହିଁ ମୁଖ୍ୟ ବେଉସା। ସେଇ ବେଉସାକୁ ଆଗକୁ ନେଇ ଚାଷ କାର୍ଯ୍ୟକୁ ନିଜ ବୃତ୍ତି ଭାବରେ ଗ୍ରହଣ କରି ନେଇଛନ୍ତି। ଚାଷ କାର୍ଯ୍ୟରୁ ଉଦ୍‌ବୃତ୍ତ ଧନରେ ତାଙ୍କ ପରିବାର ପ୍ରତିପୋଷଣ କରିଛନ୍ତି। ବି.ଏ. ପାସ୍ କରିଥିଲେ ମଧ୍ୟ ସୁରେଶବାବୁ କେବେ ଚାକିରି ପାଇଁ ମନ ବଳାଇ ନାହାନ୍ତି। କିନ୍ତୁ ପାଚିଲା ବୟସରେ ବେଳେ ବେଳେ ତାଙ୍କ ମନକୁ ଆସେ ଚାକିରି ନ କରି ସେ ଭୁଲ୍ କରିଦେଲେ କି ? ଚାଷ ଆଗ ପରି ଆଉ ସମ୍ମାନଜନକ ବେଉସା ହୋଇ ରହିନାହିଁ।

ସୁରେଶବାବୁଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ। ଦୁଇ ଜଣଙ୍କୁ ହାତରୁ ଦି'ହାତ କରିସାରଛନ୍ତି। ପୁଅର ଚାକିରି ଆମେରିକାରେ ଆଉ ଝିଅ ତା'ସ୍ୱାମୀ ସହ ଦୁବାଇରେ। ଯିଏ ଯାହା ବାଟରେ ସଂସାର ଚଳାଉଛନ୍ତି। ସ୍ତ୍ରୀ ଅର୍ଣ୍ଣପୂର୍ଣ୍ଣାଙ୍କ ସହ ଗାଁରେ ସମୟ କଟାନ୍ତି ସୁରେଶବାବୁ । ପିଲାମାନଙ୍କ ସହ ମୋବାଇଲ୍‌ରେ ଯାହା ସମ୍ପର୍କ। ପିଲାଙ୍କର ସବୁଦିନେ ସେଇ ଗୋଟିଏ କଥା- "ବାପା ଆମ ପାଖକୁ ଚାଲିଆସ। ଏ ବୁଢ଼ା ବୟସରେ ଗାଁରେ କାହିଁକି ପଡ଼ିଛ ? ତମେ ନ ଆସିଲେ ନାହିଁ, ବୋଉକୁ ପଠେଇଦିଅ।"

ଶେଷ ଧାଡ଼ିଟା ତାଙ୍କୁ ଛୁଂଚି ଫୋଡ଼ିଲା ପରି ଲାଗେ। ସ୍ତ୍ରୀ ଅର୍ଣ୍ଣପୂର୍ଣ୍ଣାଙ୍କ ସହ ଚଳିବା କେମିତି ଏକ ଧାରାରେ ପଡ଼ିଯାଇଛି। ସେ ଧାରାକୁ ଭାଙ୍ଗିବେ କେମିତି ? ତେବେ ସୁବିଧା ହେଲେ ଯିବା କହି କଥାର ମୋଡ଼ ବଦଳାଇ ଦିଅନ୍ତି ସୁରେଶବାବୁ।

ଯୁବକ ଅବସ୍ଥାରୁ ଗାନ୍ଧୀଙ୍କୁ ଆଦର୍ଶ ଭାବରେ ମାନି ଆସିଛନ୍ତି । କାହାର ଅନିଷ୍ଟ ଚିନ୍ତା କରନ୍ତି ନାହିଁ। ବରଂ ଦରକାର ପଡ଼ିଲେ ଯଥା ସମ୍ଭବ ସାହାଯ୍ୟ କରନ୍ତି। ଗାଁରେ ସମସ୍ତେ ତାଙ୍କୁ ମୁରବି ଭାବରେ ଦେଖି ଆସିଛନ୍ତି। ଭଲ ମନ୍ଦରେ ଡାକରା ପଡ଼େ।

Digitized by srujanika@gmail.com

କିନ୍ତୁ ଏବେ ଦିନକୁ ଦିନ ଅବସ୍ଥା ଅଲଗା ହେଲା ଭଳି ସୁରେଶବାବୁ ଅନୁଭବ କରୁଛନ୍ତି । କିଛି ଦିନ ତଳେ ଗାଁ ମୁଣ୍ଡରେ କିଏ ଜଣେ ମଦ ଦୋକାନଟିଏ ଖୋଲିଛି । ସନ୍ଧ୍ୟା ହେଲେ ସେଠି ବେଶ୍ ଭିଡ଼ ଜମେ । ସେଦିନ ସନ୍ଧ୍ୟାରେ ବର୍ଷା ଝଡ଼ିରେ ବି ଦଳେ ସେଠି ଆଡ୍ଡା ଜମାଉଥିବାର ଦେଖିଥିଲେ ସେ । ଗାଁ ରେ ମଦୁଆଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ମଦ ପିଇ ରାସ୍ତା ଘାଟରେ ପାଟିଗୋଳ ହେବା ଏକ ନିତିଦିନିଆ ବେପାର ହେଲାଣି । ଏ ସବୁ କଥା ସୁରେଶବାବୁଙ୍କର ହଜମ ହୁଏନି । ଥରେ ସରପଞ୍ଚଙ୍କ ଆଗରେ ମଦ ଦୋକାନଟାକୁ ଉଠାଇ ଦେବା ପ୍ରସ୍ତାବ ରଖୁରଖୁ ଦଳେ ଟୋକା ପାଟି ଗୋଳ ଆରମ୍ଭ କରିଦେଲେ-"ଗାନ୍ଧିଟାଏ ଆଇଲା ।" ସୁରେଶବାବୁଙ୍କର ସ୍ୱର ଟୋକାଙ୍କର ଉତ୍ତେଜନାର ହୋହଲ୍ଲା ମଧ୍ୟରେ କ୍ଷୀଣ ହୋଇ ଗଲା ସିନା ମଦ୍ୟ ପାନକୁ ସେ କେବେ ପ୍ରଶ୍ରୟ ଦେଇପାରି ନାହାନ୍ତି ।

"ଅନ୍ଧାରରେ କାହିଁକି ବସିଛ, ରମେଶ ପରା ବାହାରେ ଅପେକ୍ଷା କରିଛି"- ପତ୍ନୀ ଅର୍ଣ୍ଣପୂର୍ଣ୍ଣାଙ୍କ ସ୍ୱରରେ ଧ୍ୟାନ ଭଗ୍ନ ହେଲା ସୁରେଶବାବୁଙ୍କର । କେତେବେଳୁ ଅନ୍ଧାର ହୋଇଗଲାଣି । ସୁଇଚ୍ ଟିପି ଆଲୁଅ ଜଳାଇଦେଲେ ଅର୍ଣ୍ଣପୂର୍ଣ୍ଣା ।

ରମେଶଙ୍କ ବୟସ ଚାଳିଶ ପାଖାପାଖି ହେବ । ଗାଁ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରନ୍ତି । ସୁରେଶବାବୁଙ୍କୁ ସେ ବେଶ୍ ସମ୍ମାନ କରନ୍ତି । ରମେଶଙ୍କ ନାଁଟା ଶୁଣି ଧଡ଼ପଡ଼ ହୋଇ ଉଠିଗଲେ ସୁରେଶ ବାବୁ ।

"ଆରେ ରମେଶ, ଆସ ଆସ"-କହି ଘର ଭିତରକୁ ଡାକି ଆଣିଲେ ସୁରେଶବାବୁ । କିଛି ସମୟ କଥାବାର୍ତ୍ତା ପରେ ଅସଲ କଥାଟା ଆରମ୍ଭ କଲେ ରମେଶ । ଗାଁ ସମବାୟ ସମିତି ନିର୍ବାଚନ ଏଥର ଯୋର୍‌ଦାର ହେବ । ଦଳେ ଟୋକା ଅଂଟା ଭିଡ଼ିଛନ୍ତି ସମବାୟ ସମିତିଟାକୁ ଦଖଲ କରିବେ । ଏଥିପାଇଁ ରାଜନୀତିଆଙ୍କ ସଙ୍ଗେ ସଲାସୁତରା କରିସାରିଲେଣି । ସବୁଦିନ ସନ୍ଧ୍ୟାରେ ସେ ମଦ ଦୋକାନ ଆଗରେ ଜୋର୍‌ଦାର ଆଲୋଚନାର ଆସର ଜମୁଛି ।

ସୁରେଶବାବୁ ତାଙ୍କ ଗାଁ ସମବାୟ ସମିତିରେ ସଭାପତି । ସମବାୟ ସମିତିରେ ରାଜନୀତିର ପ୍ରଭାବକୁ ସେ କେବେ ପ୍ରଶ୍ରୟ ଦେଇ ନାହାନ୍ତି । ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ସକାଶେ ଗାଁ ସମିତିର ସୃଷ୍ଟି । ସଭ୍ୟମାନଙ୍କୁ ଅଳ୍ପ ସୁଧରେ କୃଷି ଋଣ ପ୍ରଦାନ କରି ଚାଷ ବାସରେ ସାହାଯ୍ୟ କରିବା ତା'ର ମୂଳ ଲକ୍ଷ୍ୟ । ସମସ୍ତେ ତ ଗାଁ ଲୋକ । ଏଠି ଦଳୀୟ ମନୋଭାବ ବା ରାଜନୀତିର ପ୍ରଶ୍ନ କାହିଁ ?

Digitized by srujanika@gmail.com

ସୁରେଶବାବୁ ରମେଶଙ୍କ କଥାକୁ ଅତି ଗମ୍ଭୀରତାର ସହ ଶୁଣୁଥିଲେ। କହିଲେ- "ଆଚ୍ଛା ହେଉ, ସେମାନେ ସମବାୟ ସମିତିର ଦାୟିତ୍ୱ ନେଲେ ଅସୁବିଧା କେଉଁଠି ? ନୂଆ ନୂଆ ଲୋକ ଆଗକୁ ଆସିବା ଦରକାର।"

"ନୂଆ ଲୋକ ଦାୟିତ୍ୱ ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ, ସମବାୟ ସମିତି କଳୁଷିତ ରାଜନୀତିରୁ ମୁକ୍ତ ରହିବା ଆବଶ୍ୟକ"- ଉଦ୍‌ବିଗ୍ନ ହୋଇ କହିଲେ ରମେଶ।

ସୁରେଶବାବୁଙ୍କୁ ନିରବ ରହିବା ଦେଖି ରମେଶ ଆଉ ଥରେ ତାଙ୍କ କଥାକୁ ଦୋହରାଇ କହିଲେ- "ଆମ ସମବାୟ ସମିତିକୁ କଳୁଷିତ ରାଜନୀତିରୁ ମୁକ୍ତ ରଖିବାପାଇଁ ଆପଣଙ୍କୁ ଆଉଥରେ ଦାୟିତ୍ୱ ନେବାକୁ ହେବ।"

ରମେଶଙ୍କ କଥା ରକ୍ଷା କରି ସୁରେଶବାବୁ ସମିତିର ନିର୍ଦ୍ଦେଶକ ପଦ ପାଇଁ ମନୋନୟନ ପତ୍ର ଦାଖଲ କଲେ। ସବୁଥର ସେ ନିର୍ବିବାଦରେ ନିର୍ବାଚିତ ହେଉଥିବା ବେଳେ ଏଥର ଦୁଇ ପ୍ରମୁଖ ରାଜନୈତିକ ଦଳ ସମର୍ଥିତ ପ୍ରାର୍ଥୀମାନେ ତାଙ୍କୁ ବିରୋଧ କରି ନିର୍ବାଚନ ଲଢ଼ିଲେ।

ଏବେ ଗାଁରେ ନିର୍ବାଚନ ମାହୋଲ୍। ଚାରିଆଡ଼େ ନିର୍ବାଚନ ପୋଷ୍ଟର। ଭୋଟ ହାତେଇବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଏବଂ ଅର୍ଥର ସାହାରା ନିଆଗଲାଣି। ନିର୍ବାଚନରେ ଏ ପ୍ରକାର ବାତାବରଣରେ ସୁରେଶବାବୁ ସ୍ତବ୍ଧ। ମନକୁ ମନ ପ୍ରଶ୍ନ କରୁଥାନ୍ତି, ଅର୍ଥ ବିନିମୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ସେ ଅର୍ଥର ଭରଣା କରିବେ କେମିତି ?

ସୁରେଶବାବୁ ତାଙ୍କ ମନରେ ଉବୁଟୁବୁ ହେଉଥିବା ପ୍ରଶ୍ନର ଉତ୍ତର ପାଇଲେନି ସିନା ଶକ୍ତ ଧକ୍କାଟିଏ ପାଇଲେ। ନିର୍ବାଚନରେ ବହୁ ଭୋଟ ବ୍ୟବଧାନରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଲା। ତାଙ୍କରି ଆଗରେ ତାଙ୍କଠୁ ବୟସରେ ବହୁ ସାନ ପିଲାଟିଏ ବେକରେ ଗଦାଏ ଫୁଲମାଳ ପକାଇ ଜୟ ଜୟକାର ଧ୍ୱନି ମଧ୍ୟରେ ପଟୁଆରରେ ଗାଁ ଭିତରେ ବୁଲିବା ଆରମ୍ଭ କରିଦେଇଛି। ମଦ ଦୋକାନ ଆଗରେ ଭିଡ଼ ବେଶ୍ ଜମିଛି।

ତା' ପରଠୁ ସମବାୟ ସମିତି ଆଡ଼େ ସୁରେଶବାବୁ ବୁଲି ଗଲେ ସମବାୟ ସମିତିରେ ସବୁ କିଛି ଠିକ୍ ଚାଲିନାହିଁ ବୋଲି ଶୁଣନ୍ତି। ସୁରେଶବାବୁ ବି ସେୟା ଅନୁଭବ କରନ୍ତି । ଗାଁରେ ତାଙ୍କର ଆଉ ଆଗପରି ପତିଆରା ନାହିଁ। ଭଲ ମନ୍ଦ କଥାରେ ତାଙ୍କୁ ଆଉ ବେଶି ଲୋଡ଼ା ପଡ଼େନି। ତାଙ୍କର ମନେ ପଡ଼େ ଲ୍ୟାଣ୍ଡ ଫୋନ୍ କଥା । ସେ ଲ୍ୟାଣ୍ଡ

Digitized by srujanika@gmail.com

ଫୋନ୍ ପରି ଆଉ ଅଚଳ ହୋଇ ଗଲେକି ? ବିକଳରେ ଲ୍ୟାଣ୍ଡ ଫୋନ୍‌ଟାକୁ ଜାବୁଡ଼ି ଧରନ୍ତି । ସାହସ ବାନ୍ଧନ୍ତି ମନରେ ।

ମୋବାଇଲ୍‌ରେ ପିଲାଙ୍କ ସଙ୍ଗେ ସବୁଦିନ ରାତିରେ ଭୋଜନ ପରେ ସୁଖ ଦୁଃଖ ହୁଅନ୍ତି ସୁରେଶବାବୁ । ସେଦିନ କଥା ହେଉ ହେଉ ପୁଅ କହିଲା- "ବାପା ଲ୍ୟାଣ୍ଡ ଫୋନ୍‌ଟା କିଛି କାମରେ ଲାଗୁନି । ସରେଣ୍ଡର କରିଦିଅ । ବରଂ ଭଲ ମୋବାଇଲ୍‌ଟେ ନିଅ ।"

ପୁଅ କଥା ଶୁଣି ସୁରେଶବାବୁଙ୍କ ଛାତିଟା ଚାଉଁକିନା ହେଲା । ଅଜଣା ଆତଙ୍କରେ ମନଟା ଦବି ଗଲା ପରି ବୋଧ ହେଲା । ଦୁଶ୍ଚିନ୍ତାରେ ସେଦିନ ରାତିରେ ନିଦ ହେଉ ହେଉ ବେଶ୍ ଡେରି ହୋଇଗଲା ।

ତା' ପରଦିନ ସକାଳେ ଚାରିଆଡ଼େ ଖରା ବିଛାଡ଼ି ହେଇ ପଡ଼ିସାରିଲାଣି । ଡେରିରେ ଶୋଇଥିବା ଯୋଗୁଁ ସୁରେଶବାବୁ ଏବେ ବି ନିଦରେ । ଅର୍ଣ୍ଣପୂର୍ଣ୍ଣା ଦେବୀଙ୍କ ଡାକରେ ନିଦ୍ରାଭଙ୍ଗ ହେଲା । ମୁହଁ ନ ଧୋଇ ବିଛଣାରେ ବସି ଚା'ପିଇବା ତାଙ୍କର ଏକ ପୁରୁଣା ସଉକ୍ । ଚା'କପ୍‌ଟା ବଢ଼େଇ ଦେଉ ଦେଉ ଅର୍ଣ୍ଣପୂର୍ଣ୍ଣା କହିଲେ- "ଦୁବାଇରୁ ଝିଅ ନୀତୁ ଫୋନ୍ କରିଥିଲା । କହୁଥିଲା ଲ୍ୟାଣ୍ଡ ଫୋନ୍‌ଟା କାଟି ଦେବାକୁ । ଭଲ ମୋବାଇଲ୍‌ଟେ ସେ ପାର୍ଶଲ କରି ପଠେଇଛି ।"

ସକାଳୁ ସକାଳୁ ଲ୍ୟାଣ୍ଡ ଫୋନ୍ କାଟିବା କଥା ହଜମ କରିପାରିଲେନି ସୁରେଶ ବାବୁ । ଏ ଫୋନ୍ ପ୍ରତି ସମସ୍ତେ ଏତେ ବିମୁଖ କାହିଁକି ? ସମୟ ଥିଲା ଲ୍ୟାଣ୍ଡ ଫୋନ୍‌ର ଉପଯୋଗୀତା ବହୁତ ବେଶି ଥିଲା । ଏବେ ବି ଯେ ତା'ର ଉପଯୋଗୀତା କମି ଯାଇଛି ତା' ନୁହେଁ । କେବଳ ତା' ପ୍ରତି ଆମର ମନୋଭାବର ପରିବର୍ତ୍ତନ ହୋଇଛି । କାହିଁକି କେଜାଣି ଲ୍ୟାଣ୍ଡ ଫୋନ୍ କଥା ଉଠିଲେ, ସୁରେଶବାବୁ ନିଜ କଥା ଭାବନ୍ତି । ତାଙ୍କର ଅବସ୍ଥା ସେଇ ଲ୍ୟାଣ୍ଡ ଫୋନ୍ ଭଳି । ଲ୍ୟାଣ୍ଡ ଫୋନ୍ ଭଳି ତାଙ୍କର ଆଦର ସମାଜରେ କମି କମି ଯାଉଛି ।

ଚା'କପ୍‌ଟା ରଖି ଦେଇ ଅଧୁଆ ମୁହଁରେ ସୁରେଶ ବାବୁ ଧାଇଁ ଗଲେ ଲ୍ୟାଣ୍ଡ ଫୋନ୍ ପାଖକୁ । କପଡ଼ା ଖଣ୍ଡକରେ ତା ଉପରେ ଜମିଥିବା ଧୂଳିକୁ ପୋଛି ସଫା କରିଦେଲେ । ଫୋନ୍‌ଟାକୁ ଟେକି ଧରି ଛାତିରେ ଲଗାଇଲେ ।

ଅତୀତ ଦିନର କଥା ତାଙ୍କର ମନେ ପଡ଼ି ଯାଉଥିଲା । ଫୋନ୍ ଲାଗିବା ଦିନ ପାଖ ପଡୋଶୀଙ୍କୁ କେତେ ମିଠା ବାଣ୍ଟିଥିଲେ । କେତେବେଳେ ଫୋନ୍ କଲ୍‌ଟା ଆସିବ,

Digitized by srujanika@gmail.com

ଉତ୍ସୁକତାର ସହ ଅନେଇ ବସିଥିଲେ। ବନ୍ଧୁ ମାନଙ୍କୁ ଫୋନ୍ କରି ନିଜ ନମ୍ବର ଦେଇ ଅପାର ଆନନ୍ଦ ଲାଭକରିଥିଲେ। ଏବେ ବି ଲ୍ୟାଣ୍ଡ ଫୋନ୍ ତା' କାମ କରି ଚାଲିଛି। ତାହେଲେ ସେ ତା'କୁ କାଟି ଦେବେ କାହିଁକି ?

ସୁରେଶବାବୁଙ୍କ ମନରେ ଉତ୍ସାହର ଜୁଆର। ସେ ଏବେ ବି ସମାଜରେ ଅଦରକାରୀ ନୁହନ୍ତି। ବଂଚିଥିବା ଯାଏ ତାଙ୍କର କର୍ତ୍ତବ୍ୟ ସେ କରି ଚାଲିଥିବେ। ଫୋନ୍ କରି ପୁଅ, ଝିଅକୁ ଜଣାଇ ଦେଲେ ଲ୍ୟାଣ୍ଡ ଫୋନ୍ ଠିକ୍ ଅଛି, କଟା ଯିବାର ଆବଶ୍ୟକତା ନାହିଁ।

❖❖❖

Digitized by srujanika@gmail.com

ଘର

ନବ ଦାସ କେବେଠୁ ଘର ଡିହଟେ କ୍ରୟ କରିସାରିଥିଲେ ସୁଦ୍ଧା ପାଚେରି ବୁଲେଇବାକୁ ସମୟ ସୁବିଧା ପାଇ ନାହାନ୍ତି। ଜାଗା କ୍ରୟ କରୁକରୁ ତାଙ୍କର ଅନ୍ୟତ୍ର ବଦଳି ଯୋଗୁଁ ସମ୍ଭବତଃ ଏ ଅସୁବିଧା ସୃଷ୍ଟି ହୋଇଛି। ପାଚେରି ବିନା ଜାଗାଟା ପଡ଼ୋଶୀମାନଙ୍କ ଅଳିଆ ଆବର୍ଜନା ଜମା ହେବାର ଏକ ପେଣ୍ଠ ସ୍ଥଳୀରେ ପରିଣତ ହୋଇ ସାରିଲାଣି। କେବେ କେମିତି ଜାଗା ଉପରକୁ ଆସିଲେ ଏ ଅବସ୍ଥା ଦେଖି ନବ ଦାସ ଗଭୀର ବେଦନା ଅନୁଭବ କରନ୍ତି। ଆଜି କଥା କାଲିକୁ ନ ଥାଏ। ନବ ଦାସଙ୍କର ସେଇ ପୁରୁଣା ସ୍ଥାନକୁ ପୁଣିଥରେ ବଦଳି ହୋଇଛି। ଏ ସୁଯୋଗ ହାତ ଛଡ଼ା କରିବାର ନୁହେଁ। କ୍ରୟ କରିଥିବା ଜାଗାରେ ପାଚେରି ବେଢ଼ାଇବାକୁ ମନ ସ୍ଥିର କରିନେଲେ ନବ ବାବୁ। ଏଇ ଜାଗା ଖଣ୍ଡିକୁ ନିଜ ନାମରେ ଦରଜ କରିବା ପାଇଁ କମ୍ କଷ୍ଟ ସ୍ୱୀକାର କରି ନାହାନ୍ତି ସେ। ପାଚେରିଟାଏ କରି ଜାଗାଟିକୁ ସୁରକ୍ଷିତ କରି ଦେଲେ ଯାଏ। ନହେଲେ ଆଜିକାଲି ଲୋକଙ୍କର ମନୋବୃତ୍ତି ଯାହା, କିଏ କେତେବେଳେ ଖଣ୍ଡେ ମାଡ଼ି ବସିବ, ତାର ଠିକଣା ନାହିଁ।

ନବ ଦାସଙ୍କ ପୁରା ନାମ ନବଘନ ଦାସ। ସରକାରୀ କାଗଜ ପତ୍ରରେ ସେୟାହିଁ ଦରଜ ଅଛି। କିନ୍ତୁ ଡକା ଡକିରେ ନବଘନ ଘସି ମାଜି ହୋଇ କେବେଠୁ ନବ ହୋଇ ଯାଇଛନ୍ତି, ସେ କଥା ନବଘନ ନିଜେ ବି ଜାଣନ୍ତି ନାହିଁ । ନବ ଦାସ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ। ଦୁଇଟି ସନ୍ତାନର ଜନକ। ତେଲ ଲୁଣର ଜଂଜାଳ ମଧ୍ୟରେ କେବେ ମନ ଖୁସିରେ ସିନେମା ଘର ଆଡ଼େ ବୁଲି ଆସିବା ତାଙ୍କ କପାଳରେ ଜୁଟି ନାହିଁ। ଏଥିପାଇଁ ଶ୍ରୀମତୀଙ୍କଠୁ ବେଳ ଅବେଳରେ ଗଂଜଣା ଯେ ନ ଶୁଣନ୍ତି ତା’ ନୁହେଁ।

ମାସିକ ଦରମା ଯାହା, ସେଥିରେ ରାଜଧାନୀରେ ଚାରି ପ୍ରାଣୀଙ୍କ ଗୁଜୁରାଣ ମେଂଟାଇବା ନବ ଦାସଙ୍କ ପକ୍ଷରେ କାଠିକର ପାଠ। ପୁଣି ବନ୍ଧୁ ବାନ୍ଧବମାନଙ୍କ ଯା’ଆସ ଲାଗି ରହିଛି। ମାସର କୋଡ଼ିଏ ଦିନ ନ ହେଉଣୁ ଅବସ୍ଥା ଠଠାଠି। ଅତି

Digitized by srujanika@gmail.com

ଜରୁରୀ ନ ପଡ଼ିଲେ ସେ ହାତ ଉଧାରି କରିବାକୁ ପସନ୍ଦ କରନ୍ତି ନାହିଁ। ପିଲା ଛୁଆଙ୍କ ଦେହ ପା' ଖରାପ ହେଲେ ଅଲଗା କଥା।

ଜାଗା ଚାରିପଟେ ପାଚେରି ନିର୍ମାଣ ପାଇଁ ନବ ଦାସ କିଛି ସରକାରୀ ଋଣ ଯୋଗାଡ଼ କରିଛନ୍ତି। ସକାଳ, ସଂଜ ଦୁଇ ବେଳା ସାଇକେଲରେ ଜାଗା ଆଡ଼େ ଟିକେ ବୁଲି ଆସନ୍ତି। ପାଚେରି ନ ହେଉଣୁ ଘରଟିଏ ଠିଆ କରାଇବାର ସ୍ୱପ୍ନ ଦେଖନ୍ତି। ସାଙ୍ଗ ସାଥିରୁ କିଏ କିଏ ଘର କରିସାରିଲେଣି ତ ଆଉ କିଏ ଘର କରିବାର ଯୋଜନା କରିସାରିଲେଣି। ଦମ୍ଭ ଧରନ୍ତି ନବ ଦାସ-ଯଦି ଅନ୍ୟମାନେ ପାରିଲେ, ସେ ନ ପାରିବେ କାହିଁକି ?

ଗୋଡ଼ି, ବାଲି ଜାଗା ଉପରେ ପଡ଼ିଗଲାଣି। ମାତ୍ର ଘରେ ନ ପଶୁଣୁ ଚାଳ ବାଛିଲାଣି। ପାଚେରି ପାଇଁ ମାପଚୁପ ହେବା ଦିନ ପଡ଼ୋଶୀ ଘରର ଭେଣ୍ଡା ଟୋକାଟିଏ ଆସି ଜାଗା ଉପରେ ହାଜର। ତା' କହିବା କଥା, ତାଙ୍କ ଜାଗା ନବ ଦାସଙ୍କ ଆଡ଼େ ଅଛି। ଗୁଡ଼ାଏ ଯୁକ୍ତି ତର୍କ ଚାଲିଲା। ଆଉ କେତେଟା ଟୋକା ପଡ଼ୋଶୀ ଟୋକାଟା ସମର୍ଥନରେ ବାହାରିଲେଣି। ଜଣେ କିଏ କହିଲା- "ଏଠି କେମିତି ଘର କରିବ ଦେଖିବା।" ଆଉ ଗୋଟାଏ କିଏ କହିଲା- "ୟାର ଗୋଡ଼ି , ବାଲି ସବୁ ଆଜି ରାତିରେ ପାର କରିଦେବା।" ନବ ଦାସ ଦେଖିଲେ କଥାଟା ଆୟତ୍ତ ବାହାରକୁ ଚାଲିଯାଉଛି। ସମାଧାନ କରିଦେବା ବୁଦ୍ଧିମାନର କାମ ହେବ।

ବାରମ୍ୱାର ମପାମପି ପରେ ନବ ଦାସ ଛଅ ଇଂଚ ଜାଗା ଛାଡ଼ି ପାଚେରି କରିବାକୁ ରାଜି ହେଲେ । ଅନ୍ତରେ କଥାଟା ସମାଧାନ ହେଲା ସିନା, ନବ ଦାସ କିନ୍ତୁ କଥାଟା ସହଜରେ ହଜମ କରିପାରିଲେନି। ଡରେଇ ଧମକେଇ ଟୋକାଗୁଡ଼ା ତାଙ୍କଠୁ ଜମି ଛଡ଼ାଇନେଲା ଭଳି ତାଙ୍କୁ ବୋଧ ହେଲା। ପୁଣି ଟୋକାଗୁଡ଼ା ଦାନ୍ତ ନେଫାଡ଼ି ହସିବାର ଦୃଶ୍ୟ ତାଙ୍କ ଦେହରେ ଛୁଂଚି ଭଳି ଟପ୍ ଟପ୍ ଗଳିଯିବା ପରି ଲାଗୁଥାଏ। ପରାଜୟର ଗ୍ଲାନିରେ ସେ ମୁଣ୍ଡରେ ଭୀଷଣ ଯନ୍ତ୍ରଣା ଅନୁଭବ କଲେ। କିଏ ଯେମିତି ହାତୁଡ଼ିରେ ମୁଣ୍ଡଟା ପିଟି ଚାଲିଛି।

ନବ ଦାସ ଘରେ ପହଂଚିଲା ବେଳକୁ ସଂଜ ହୋଇଗଲାଣି। ସ୍ୱାମୀଙ୍କୁ ଦେଖି କମଳା ଅନୁମାନ କରି ନେଲେ, କିଛି ଗୋଟେ ଅଘଟଣ ଘଟିଛି ନିଶ୍ଚୟ। କମଳାଙ୍କ ଶିକ୍ଷାଗତ ଯୋଗ୍ୟତା ସେମିତି କିଛି ନ ଥିଲେ ମଧ୍ୟ ସେ ବେଶ୍ ବୁଦ୍ଧିମତୀ। ମଣିଷ ଚିହ୍ନିବାରେ ମାହିର୍। ଭଲ ମନ୍ଦରେ ସୁବିଧା ଅସୁବିଧାକୁ ବେଶ୍ ଭଲରେ ତୁଲେଇ

Digitized by srujanika@gmail.com

ନିଅନ୍ତି। ସ୍ୱାମୀଙ୍କଠୁ ସବୁ ଶୁଣି ସାହସ ଦେଇ କହିଲେ- "ଏସବୁ କାମରେ ଏମିତି ହୁଏ। ଅଧୈର୍ଯ୍ୟ ହେଲେ ଚଳିବ ନାହିଁ। ଧୈର୍ଯ୍ୟ ଧର, ସବୁ ଠିକ୍ ହୋଇ ଯିବ। ଧିର ପାଣି ପଥର କାଟେ ପରା।"

କମଳାଙ୍କ କଥା ଗୁଡ଼ାକ ଗୁଲୁଗୁଲିଆ ପାଗରେ ଧାରେ ଥଣ୍ଡା ପବନ ଖେଳିଗଲା ଭଳି ଲାଗିଲା ନବ ବାବୁଙ୍କୁ। ସେ ଟିକିଏ ହାଲୁକା ଅନୁଭବ କଲେ। ଗୋଡ଼ ହାତ ଧୁଆ ଧୋଇ ସରିଲା ବେଳକୁ ଚା କପ୍‌ଟିଏ ରଖିଦେଲେ କମଳା । ଚା' କପ୍‌ଟିକୁ ଓଠରେ ସ୍ପର୍ଶ ଦେଉ ଦେଉ ନବ ଦାସଙ୍କ ମନ ପୁଣି ଟାଣି ହୋଇଗଲା ସେଇ ପୂର୍ବ ଘଟଣାକୁ। ମନେ ମନେ ଭାବିଲେ, ପାଚେରି କାମ ପରେ ଘରଟାଏ କରିଦେଲେ ଯାଏ।

ଯାହା କିଛି ଋଣ ହେଇଥିଲା, ସେଥିରେ ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଗଲାଣି। ନବ ଦାସଙ୍କର ଅହରହଃ ଗୋଟିଏ ଚିନ୍ତା- ଘର ତିଆରି ଚିନ୍ତା। ଅଫିସରେ, ଘରେ, ବଜାରରେ ବାବୁ ସେଇ ଗୋଟିଏ ଚର୍ଚ୍ଚା ନିହାତି କରନ୍ତି। ସମୟ ସୁବିଧା ପାଇଲେ କାଗଜ ଖଣ୍ଡିଏ ଟାଣି ଆଣି ଭବିଷ୍ୟତ ଘରର ନକ୍ସାଟିଏ ଆଙ୍କି ଦିଅନ୍ତି। ଘରର ଥାକ, ଆଲମାରୀ, ସବୁଆଡ଼େ ଏଭଳି ନକ୍ସାର ଖଣ୍ଡେ ଖଣ୍ଡେ କାଗଜ ମିଳିବାରେ ଅସୁବିଧା ନାହିଁ। ମ୍ୟୁନିସ୍‌ପାଲିଟି, ଟାଉନ୍ ପ୍ଲାନିଂ ଅଫିସ୍ ଦଉଡ଼ା ଦଉଡ଼ି କରି ଘରର ନକ୍ସାଟିଏ ମଧ୍ୟ ସେ ଅନୁମୋଦନ କରାଇ ଆଣିଛନ୍ତି।

ଘର ତିଆରି କରିବା ନିଶାଟା ଘାରିଛି ସିନା, ହେଲେ ନବ ଦାସଙ୍କ ଅଂଟିଟା ଦୁର୍ବଳ। ଘରର ନିତିଦିନିଆ ଖର୍ଚ୍ଚ ତ ଦରମାକୁ ନିଅଂଟ। ଘର ତିଆରି ପାଇଁ ଅର୍ଥ ଯୋଗାଡ଼ ଚିନ୍ତାରେ ସେ କେମିତି ପାଣିଚିଆ ଦେଖାଗଲେଣି। ଏ ବ୍ୟାଙ୍କରୁ ସେ ବ୍ୟାଙ୍କକୁ ଧାଁ ଦଉଡ଼ କରୁଛନ୍ତି। ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଣ ପାଇଁ ଦରଖାସ୍ତ କରିଛନ୍ତି। ମାତ୍ର ଏ ଭିତରେ ତାଙ୍କୁ ସୁହାଇଲା ଭଳି ଘଟଣାଟାଏ ଘଟିଗଲା। ଘଟଣାଟିରେ ଲୋକମାନେ ସାମଗ୍ରିକ ଭାବରେ କ୍ଷତିଗ୍ରସ୍ତ ହେଲେ ମଧ୍ୟ ନବ ଦାସେ ସେଥିରୁ ଫାଇଦାଟିଏ ଉଠାଇ ନେଲେ।

ଏସନ ଲଗାଣ ବର୍ଷାରେ ଗାଁରେ ନାହିଁ ନଥିବା ବଢ଼ି। ନଈ, ନାଳ, ଧାନ ବିଲ ସବୁ ସମାନ। ଚାରିଆଡେ ଜଳାର୍ଣ୍ଣବ। ସାପ ବେଙ୍ଗ ଏକାଠି। ଧାନ ଗଛର ନାମ ନିଶାନ୍ ନାହିଁ। ପୁରୁଣା ଲୋକେ କୁହା କୁହି ହେଲେ-"ଏମିତି ବନ୍ୟା ତାଙ୍କ ଜାଣତରେ ନାହିଁ।"

ସାତ ଦିନ ହେଲାଣି ବିଲରୁ ପାଣି ଛାଡ଼ିବାକୁ ନାହିଁ। ଯେବେ ପାଣି ଛାଡ଼ିଲା, ଧାନ ଗଛ ସବୁ ବାଲିରେ ପୋତି ହୋଇ ପଚି ଯାଇଛନ୍ତି। ଫସଲ ଅମଳ କଥା ଛାଡ଼,

Digitized by srujanika@gmail.com

ଗାଈ ବଳଦଙ୍କ ପାଇଁ କୁଟା କେରାଏର ବି ଆଶା ନାହିଁ। ଚାଷୀଏ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ଷକ ପରିଶ୍ରମ ବୃଥା। କଥାରେ ଅଛି – "ଚାଷୀ ବୁଡ଼ିଲେ ବରଷେ।" ବର୍ଷାର ପ୍ରକୋପ ସାଙ୍ଗକୁ ବାଆ ବତାସରେ କାହାର ଚାଳ ଛପର ଉଡ଼ିଯାଇଛି ତ କାହା ଘରର କାନ୍ଥ ମାଟିରେ ମିଶି ଯାଇଛି। ନୂତନ ବାସଗୃହ ନିର୍ମାଣ ତଥା ପୁରାତନ ବାସଗୃହର ମରାମତି ପାଇଁ ଋଣ ପ୍ରଦାନ କ୍ଷେତ୍ରରେ ସରକାର ଆଗଭର। ପରିସ୍ଥିତିର ସୁଯୋଗ ନେଇ ନବ ଦାସ ବାସଗୃହ ନିର୍ମାଣ ପାଇଁ କିଛି ଋଣ ଉଠାଇ ଘର ତିଆରିରେ ମାତି ଗଲେଣି। ଟଙ୍କା ଅଭାବ ହେଲେ ବାଧକୁ ହାତ ଉଧାରି ଚାଲିଛି। ପ୍ରୋଭିଡେଣ୍ଟ ଫଣ୍ଡ୍ ଟଙ୍କା ମଧ୍ୟ ଖର୍ଚ୍ଚ ସରିଗଲାଣି। ନବ ଦାସ କରଜ ଭାରରେ ନଇଁ ପଡିଛନ୍ତି ସିନା, ତାଙ୍କ ସ୍ୱପ୍ନର ଘରଟାକୁ କିନ୍ତୁ ଠିଆ କରେଇ ପାରିଛନ୍ତି।

ତିନି ବଖରା ଶୋଇବା ଘର ଏବଂ ବସା ଉଠା କରିବା ପାଇଁ ଏକ ଡ୍ରଇଂ ରୁମ୍। ତା' ବାଦେ ରୋଷେଇ ଘର ଇତ୍ୟାଦି। ଆଉ ବଖରାଟିଏ ପାଇଁ ମନରେ ଅଦ୍ୟମ ଇଚ୍ଛା ସତ୍ତ୍ୱେ ସଫଳ ହୋଇ ପାରିନାହାନ୍ତି ନବ ବାବୁ। ସୀମିତ ଅର୍ଥ ତାଙ୍କ ଅଭିଳାଷ ପୂରଣ ପଥରେ ବାଧକ ସାଜି ଦଣ୍ଡାୟମାନ। ଘରଟି ଛୋଟ ହେଲେ ମଧ୍ୟ ବାବୁ ବେଶ୍ ଖୁସି। ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନଟିଏ ତ ମିଳିଛି। ଘରଟା ସତେ ଯେମିତି ତାଙ୍କୁ ନୂତନ ପରିଚୟଟିଏ ଦେଇଛି। ଭଡ଼ା ଘରେ ତାଙ୍କୁ କେତେ ନ୍ୟୁନ ହେବାକୁ ପଡ଼ିନାହିଁ ସତେ !

ଘର ମାଲିକ ମୁହଁରୁ ଭଡ଼ାଟିଆ ଶବ୍ଦଟା ଶୁଣିଲେ ନବ ଦାସଙ୍କ ଦେହରେ ଜହର ଚରିଯାଏ। ମାତ୍ର ଏବେ ପରିସ୍ଥିତି ଭିନ୍ନ। ସେ ଏବେ ଭଡ଼ାଟିଆରୁ ଘର ମାଲିକକୁ ରୂପାନ୍ତରିତ ହୋଇ ସାରିଛନ୍ତି। ବଳକା ସମୟରେ ପୋର୍ଟିକୋରେ ଚେୟାରଟାଏ ଉପରେ ଉପବିଷ୍ଟ ହୋଇ ବାବୁ ଚାରିଆଡ଼ ନିରୀକ୍ଷଣ କରନ୍ତି । ମୁହଁରେ ତାଙ୍କର ଆତ୍ମ ସନ୍ତୋଷର ଝଲକ ସ୍ପଷ୍ଟ ବାରିହୋଇ ପଡ଼େ।

ପିଲା ଦୁହିଁଙ୍କର ପଢ଼ାପଢ଼ି ପରେ ସେମାନଙ୍କୁ ହାତରୁ ଦି'ହାତ କରିସାରିଲେଣି ନବ ବାବୁ। ବଡ ପୁଅ ରାଜଧାନୀରେ ଏକ ସରକାରୀ ଅଫିସରେ କାମ କରେ। ସାନ ଚାକିରି ପାଇନି, ବ୍ୟବସାୟରେ ମାତିଛି। ଦୁହିଁଙ୍କର ପରିବାର ବଢ଼ିଲାଣି। ବଡ଼ର ଗୋଟିଏ ପୁଅକୁ ସାନର ଝିଅଟିଏ। ନବ ବାବୁଙ୍କ ଘରେ ଏବେ ଭାରି ଗହଳ ଚହଳ। ଘରଟା ଭାରି ଭିଡ଼ ଭିଡ଼ ଜଣା ପଡେ।

ପିଲା ଦୁହିଁଙ୍କ ବିବାହ ପରେ ବନ୍ଧୁବାନ୍ଧବଙ୍କ ଚଳପ୍ରଚଳ ଆଗ ଅପେକ୍ଷା ବେଶ୍ ବଢ଼ିଯାଇଛି। ଘରେ ବେଶି ଗହଳି ହେଲେ ନବ ଦାସ ତାଙ୍କ ଶୋଇବା ଘରଟା

Digitized by srujanika@gmail.com

ଅନ୍ୟମାନଙ୍କ ପାଇଁ ଛାଡ଼ି ଦେଇ ଦାଣ୍ଡ ଘରେ ଶୁଅନ୍ତି। ବନ୍ଧୁବାନ୍ଧବଙ୍କୁ ତ ଖାତିର କରିବାକୁ ହେବ !

ଉପର ମହଲାରେ ଆଉ ଦୁଇ ବଖରା ବଢ଼େଇ ଦେଲେ ସମସ୍ୟାର କିଛିଟା ସମାଧାନ ହୁଅନ୍ତା। କିନ୍ତୁ ସାହସ କୁଳାଏନି ନବ ବାବୁଙ୍କର। ପିଛିଲା ଋଣ ସୁଝା ସାଙ୍ଗକୁ ଘର ଖର୍ଚ୍ଚ ବି ବୃଦ୍ଧି ପାଇ ଚାଲିଛି। ପିଲାଏ ରୋଜଗାର କଲେଣି ସିନା, ତାଙ୍କ ଖର୍ଚ୍ଚ ରୋଜଗାରକୁ ବଳକା ହୋଇଯାଏ। ଭରସି କରି ପିଲାଙ୍କୁ କିଛି କହିପାରନ୍ତିନି ସେ। ମନକୁ ସାନ୍ତ୍ୱନା ଦିଅନ୍ତି-ଆଗକୁ ସୁବିଧା ହେଲେ ପିଲାଏ ଆଉ ଦି'ବଖରା ତୋଳିବେନି। ବର୍ତ୍ତମାନକୁ ଏଇଥିରେ ଚଳିବାକୁ ହେବ।

ନବ ଦାସଙ୍କର ଚାକିରି ସରି ସରି ଆସୁଛି। ଆଉ ମାତ୍ର ମାସ ଦୁଇଟା। ମଝିରେ ମଝିରେ ଦେହଟା ଦଗା ଦେବାକୁ ଆରମ୍ଭ କଲାଣି। କେତେବେଳେ ଅଣ୍ଟା ତ କେତେବେଳେ ଆଣ୍ଠୁ ଗଣ୍ଠି ବାତର ପ୍ରକୋପ। କେତେବେଳେ କେଉଁ କଥା। ଆଜି କଥା କାଲିକୁ ଦେଖିଛି କିଏ ? ଚାକିରି ଥାଉ ଥାଉ ଆଉ ଦି'ବଖରା ଘର କରିଦେଇଥିଲେ, ପାଇଟି ସରିଥାନ୍ତା। ସବୁ ଆଡକୁ ପାଇଥାନ୍ତା।

ଆଉ ଦି' ବଖରା ଘର କରିବେ ଭାବି ଭାବି ନବ ଦାସେ ଚାକିରିରୁ ଅବସର ନେଇ ସାରିଲେଣି। ଛୋଟ ହେଉ ପଛେ ଚାକିରି କାଳ ମଧ୍ୟରେ ଘରଟିଏ କରିପାରିଥିବାରୁ ବେଶ୍ ହାଲୁକା ଅନୁଭବ କରନ୍ତି ସେ। ଅବସର ପରେ ହାତରେ ସମୟ ବଳକା ଯୋଗୁଁ ସମୟେ ସମୟେ ଆଖପାଖରେ ଥିବା ବନ୍ଧୁ ମାନଙ୍କ ଘର ଆଡ଼େ ବୁଲି ଆସନ୍ତି। ମଧୁ ଜେନା – ତାଙ୍କ ସ୍କୁଲ ବେଳର ପୁରାତନ ବଂଧୁ। ସବୁ ବଂଧୁମାନଙ୍କ ମଧ୍ୟରେ ମଧୁ ଜେନାଙ୍କ ଘରଟା ନବ ଦାସଙ୍କ ଘରକୁ ନିକଟ। ହେଲେ ମଧୁ ଜେନାର ଘରଟା ଭଡ଼ାଘର।

ମଧୁ ଜେନା ବେଳେ ବେଳେ ନବ ଦାସଙ୍କ ଘରକୁ ବୁଲି ଆସନ୍ତି। ମନ ମାରି କହନ୍ତି- "ବୁଝିଲୁ ନବ, ଜୀବନରେ ଗୋଟାଏ ଅବସୋସ୍ ରହିଗଲାରେ। ଭଡ଼ା ଘରେ ରହି ରହି ଚିଡ଼ା ଲାଗିଲାଣି। ଜୀବନ କାଳ ଭିତରେ ତୋ ପରି ଘରଟିଏ କରିପାରିଥିଲେ, ଶେଷ ସମୟଟା ଖୁସିରେ କଟିଥାନ୍ତା ସିନା। ଏଇ ଗୋଟିଏ କଥା ପାଇଁ ମୋ ସ୍ତ୍ରୀଟା ସବୁବେଳେ ରାଉଁରାଉଁ ହଉଛି।"

ବନ୍ଧୁ ମଧୁଙ୍କ ଏ କଥାଟା ବେଶ୍ ମିଠା ଲାଗେ ନବ ବାବୁଙ୍କୁ। ଗଡ଼ଟେ ଜୟ କଲା ପରି ଲାଗେ। ହେଲେ ମନର କଥା ମନରେ ଚାପି କହନ୍ତି- "ତୋର କେଉଁଥିରେ

Digitized by srujanika@gmail.com

ଅଭାବ ଯେ। ଭଗବାନ ଚାହିଁଲେ ସବୁ ହେବ। ଗୋ, କନ୍ୟା, ଭୂମି ସବୁ ଭାଗ୍ୟରେ ଥିଲେ ମିଳେ।"

ଏବେ କିଛି ଦିନ ହେଲାଣି ନବ ଦାସ ଲକ୍ଷ୍ୟ କରୁଛନ୍ତି ତାଙ୍କ ଘରେ ଭିଡ଼ ବଢ଼ି ବଢ଼ି ଚାଲିଛି। ଦାଣ୍ଡ ଘରେ ବି ଶୁଆ ବସା ପାଇଁ ଅସୁବିଧା ହେଲାଣି। ଦିନରେ ଖାଇ ସାରିବା ପରେ ନିରୋଳାରେ ଟିକେ ଶୋଇବାର ସୁବିଧା ହୁଏ ନାହିଁ। ରାତିରେ ବି ବାରମ୍ବାର ଲାଇଟ୍ ଜଳା ଲିଭାରେ ନବ ଦାସ ଏବଂ ତାଙ୍କ ସ୍ତ୍ରୀଙ୍କ ନିଦରେ ବ୍ୟାଘାତ ହୁଏ। କିଛି କହି ପାରନ୍ତିନି। ଏଟା ଗୋଟେ କି କଥାଯେ କାହାକୁ କହିବେ।

ବେଳେ ବେଳେ ନବ ଦାସ ପୁଅ ଦୁହିଁଙ୍କ ସଙ୍ଗେ ଆଉ ଦୁଇ ବଖରା ଘର ତିଆରି ବିଷୟରେ ଆଲୋଚନା କରିବା ପାଇଁ ମନ ସ୍ଥିର କରନ୍ତି । ସକାଳ ହେଲେ ନିଶ୍ଚେ କଥା ହେବେ ଭାବି ରାତିରେ ବିଛଣାକୁ ଯାଆନ୍ତି। ସବୁଦିନ ପରି ସକାଳ ହୁଏ। ମାତ୍ର ପିଲା ଦୁହିଁକ କାର୍ଯ୍ୟ ବ୍ୟସ୍ତତା ଦେଖି ମନ କଥା କହିବାକୁ ସମୟ ସୁଯୋଗ ପାଆନ୍ତିନି ସେ । ଦିନ ଗଡ଼ି ଚାଲେ। ନବ ଦାସ ଅନୁଭବ କରନ୍ତି – ଘରର ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ । ଟଣାଟଣିରେ ଘର ଚାଲିଛି। ଆଉ ଦୁଇ ବଖରା ଘର କରିବା ବିଷୟଟା ତାଙ୍କ ମନର ଚାରିକାନ୍ଥରୁ ମୁକୁଳି ପାରେନି। ମନ କଥା ମନରେ ରହିଯାଏ।

କମଳା ଦେବୀ ସୁଗୃହିଣୀ। ଚାରିଆଡ଼କୁ ତାଙ୍କର ନଜର। ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଯେ ପୂର୍ବ ଭଳି ଭଲ ରହୁ ନାହିଁ, ଏ କଥା ତାଙ୍କ ନଜରରୁ ବାଦ୍ ପଡ଼ି ପାରିନାହିଁ। ରାତିରେ ସ୍ୱାମୀଙ୍କୁ ପ୍ରାୟ ନିଦ ହୁଏ ନାହିଁ । ଯେତେବେଳେ ଦେଖ ଡବଡ଼ବ କରି ଉପରକୁ ଅନେଇ ରହୁଛନ୍ତି। ଡାକ୍ତର କହୁଛନ୍ତି ନିଦ ଭୋଗ ହେଉ ନଥିବାରୁ ଏପରି ଅବସ୍ଥା। ନିଦ ଭୋଗ ନ ହେବାର କାରଣଟା ନବ ଦାସ ଅନୁଭବ କରି ପାରୁଥିଲେ ବି ପ୍ରତିକାରର କିଛି ଉପାୟ ନାହିଁ।

ନିଦ ନ ହେଲେ, ନବ ଦାସଙ୍କର ଗାଁ କଥା ମନେ ପଡ଼ିଯାଏ। ଗାଁ ଦାଣ୍ଡ, ବାଡ଼ି-ବଗିଚା, ପୋଖରୀ, ଧାନ - ବିଲ ଏସବୁ ତାଙ୍କର କେତେ ପ୍ରିୟ ନ ଥିଲା ସତେ ! ଏଇ ଗୋଲାମ ନଗରୀରେ ଘର କରିବା ନିଶାରେ ସେ ଗାଁକୁ ପର କରି ଦେଇଛନ୍ତି। ପିଲାଗୁଡ଼ା ବି ଗାଁ ମୁହାଁ ହେଲେନି। ତାଙ୍କର ବା' ଭୁଲ କ'ଣ ? ସେ ନିଜେ ତ ପିଲାଙ୍କୁ ଗାଁଠୁ ଦୂରେଇ ରଖିଛନ୍ତି। ଗାଁରେ ମାଣେ ପ୍ରମାଣେ ଜମି ଭାଗରେ ଲାଗିଛି। କିଛି ମିଳେନି ଜାଣ। ସେ ମିଳିବା ନ ମିଳିବା ସମାନ। ଗାଁ ଘରଟା ବି ତାଲା ପଡ଼ି ଅବହେଳା ହୋଇ ପଡ଼ିଛି।

Digitized by srujanika@gmail.com

ସେଦିନ ରାତିରେ ଗାଁ କଥା ଭାବୁଭାବୁ ନବ ବାବୁଙ୍କର ରାତିଟା ପାହିଗଲା। ଦାଣ୍ଡ କବାଟ ଖୋଲି ଦେଖିଲେ, ସିନ୍ଦୁରା ଫାଟିଲାଣି। ପୂର୍ବାକାଶର ରକ୍ତିମ ଆଭା ତାଙ୍କ ମନରେ କେମିତି ପୁଲକର ଜୁଆରଟିଏ ଖେଳାଇ ଦେଲା। ସେ ମନେ ମନେ ନିଷ୍ପତ୍ତି କଲେ କିଛି ଦିନ ପାଇଁ ହେଉ ପଛେ ସସ୍ତ୍ରୀକ ଗାଁକୁ ଯାଇ ବୁଲି ଆସିବେ । ସେ କମଳାଙ୍କୁ ଭଲ ଭାବେ ଜାଣନ୍ତି। ଗାଁ କଥା କହିଲେ ସେ କେବେ ଅମଙ୍ଗ ହେବେ ନାହିଁ। ନବ ବାବୁ ଅନୁଭବ କରୁଥିଲେ ସତେ ଯେମିତି ଗାଁର ସେଇ ପୂର୍ବ ପୁରୁଷଙ୍କ ଘର ତାଙ୍କୁ ହାତ ଠାରି ଡାକୁଛି।

ପିଲାଙ୍କ କାନରେ କଥାଟା ପକେଇ ଦେଇ ସ୍ୱାମୀ ସ୍ତ୍ରୀ ଦୁହେଁ ଗାଁ ଉଦ୍ଦେଶ୍ୟରେ ବାହାରିଗଲେ। ବସ୍‌ରୁ ଓହ୍ଲାଇ ଗାଁ ରାସ୍ତାରେ ପାଦ ଦେଉ ଦେଉ ନବ ଦାସଙ୍କ ଆନନ୍ଦ କହିଲେ ନ ସରେ। ସତେ ଯେମିତି ହଜିଲା ଦରବଟା ହାତ ପାହାନ୍ତାରେ ମିଳିଯାଇଛି। ଗାଁ ମୁଣ୍ଡରେ ମହାଦେବଙ୍କ ମନ୍ଦିର। ମନ୍ଦିରକୁ ଲାଗି ପୋଖରୀ। କାଚ କେନ୍ଦୁପରି ପାଣି। ପିଲାଦିନ କଥା ମନେପଡ଼ିଗଲା ତାଙ୍କର । ବାପା ମା'ଙ୍କ ଆକଟ ସତ୍ତ୍ୱେ ଘଂଟା ଘଂଟା ଧରି ପାଣିରେ ପଡ଼ି ରହନ୍ତି। ପୋଖରୀରେ ଗୋଡ଼ ହାତ ଧୋଇ ଲମ୍ବ ହୋଇ ମହାଦେବଙ୍କୁ ପ୍ରଣାମ କଲେ ଦୁଇ ପ୍ରାଣୀ। କାହିଁ କେତେ ପୁରୁଷର ମନ୍ଦିର, ସେ କଥା ନବ ଦାସଙ୍କୁ ଅଗୋଚର।

ଘର ଦାଣ୍ଡରେ ପହଂଚିବା ବେଳକୁ ସୂର୍ଯ୍ୟ ବୁଡ଼ବୁଡ଼ ହେଲେଣି। କମଳା କବାଟ ଖୋଲି ଘର ଭିତରକୁ ଗଲେ। ନବ ଦାସ ଦାଣ୍ଡ ପିଣ୍ଡାରେ ବସି ଯାଇ ଶୁକୁରାକୁ ମୋବାଇଲ୍‌ରେ ଡକାଇ ପଠାଇଲେ। ଆଜିକାଲି କାହା ପାଖରେ ମୋବାଇଲ୍ ନାହିଁ ଅବା ! ନବ ଦାସଙ୍କ ଜମି ବାଡ଼ି, ଘର ଆଦି ଦେଖାଶୁଣା କରେ ଶୁକୁରା। ଆଗରୁ ଖବର ପାଇଥିଲାକି କ'ଣ, ଶୁକୁରା ସହସା କିଛି ଚାଉଳ, ଡାଲି, ପରିବା ଧରି ହାଜର। ସମସ୍ତେ ମିଶି ଗୋଟେ ନିଃଶ୍ୱାସରେ ଘରଦ୍ୱାର ଝାଡ଼ିଝୁଡ଼ି ସଫା କରିଦେଲେ।

ଟିକିଏ ଥକ୍କା ମାରି ବସିବା ଭିତରେ ଶୁକୁରା ଭାତ, ଡାଲମାର ବନ୍ଦୋବସ୍ତ କରିସାରିଥାଏ। ଖିଆପିଆ ସାରି କମଳା ବିଛଣାପତ୍ର ସଜାଡ଼ି ଦେଲେ। ଗୋସେଇଁ ବାପା ଅମଳର ଖଟଟା ସେମିତି ପଡ଼ିଛି। ସେଦିନ ରାତିରେ ନବ ଦାସ ଶୋଇଗଲେ ଯେ କଡ଼ ବି ଲେଉଟାଇ ନାହାନ୍ତି। ସକାଳୁ ଉଠିଲା ବେଳକୁ ଅନୁଭବ କଲେ ସତେ ଯେମିତି ଗୋଟିଏ ରାତିରେ ବରଷକର ନିଦ ଭୋଗ ହୋଇ ଯାଇଛି।

ଗାଁରେ ପନ୍ଦରଟା ଦିନ ପାଖ-ପଡୋଶୀଙ୍କ ମେଳରେ ବେଶ୍ ଆନନ୍ଦରେ କଟିଗଲା। ନବବାବୁ ବି ଆଗ ଅପେକ୍ଷା ସୁସ୍ଥ ଅନୁଭବ କରୁଛନ୍ତି। ପୁଅ ଦି' ଜଣ ଫୋନ କରି

Digitized by srujanika@gmail.com

ଫେରିବାକୁ କହିଲେଣି। ସ୍ୱାମୀ ସ୍ତ୍ରୀ ଦି' ଜଣଙ୍କର ପୁଅ-ବୋହୂ, ନାତି, ନାତୁଣୀ ବି ଖୁବ୍ ମନେ ପଡୁଛନ୍ତି। ନାତି, ନାତୁଣୀ ଦି'ଟା କମଳାଙ୍କ ପାଖରେ ଘସିନେସି ହୁଅନ୍ତି। ବିଚାର ବିର୍ମଷ କରି ସ୍ୱାମୀ- ସ୍ତ୍ରୀ ଦୁହେଁ ରାଜଧାନୀ ପ୍ରତ୍ୟାବର୍ତ୍ତନ କଲେ।

ଦୁଇ ତିନି ଦିନ କଟିଗଲା । ଅବସ୍ଥା ପୂର୍ବବତ୍। ବରଂ ପୂର୍ବାପେକ୍ଷା ଆହୁରି ଶୋଚନୀୟ। ଭିଡ଼ ବଢ଼ିଛି ସିନା, କମିବାର ପ୍ରଶ୍ନ ନାହିଁ। ହୋ ହାଲ୍ଲାରେ ଘରଟା ଉଠୁଛି, ପଡୁଛି। ଶାନ୍ତିରେ ଟିକେ ବିଶ୍ରାମ ନେବା ଦୁରୂହ ବ୍ୟାପାର। ନବବାବୁ ଅନୁଭବ କଲେ ସତେ ଯେମିତି ନିଜ ଘରେ ତାଙ୍କର ନିଜର ସତ୍ତା ନାହିଁ।

ନବ ଦାସଙ୍କୁ ସେଇ ପୁରୁଣା ରୋଗଟା ପୁଣି ଘାରିଲାଣି। ରାତିରେ ଆଖିକୁ ନିଦ ନାହିଁ। ରାତି ସାରା ଡବଡ଼ବ କରି ଛାତକୁ ଅନେଇ ରହୁଛନ୍ତି। ଡାକ୍ତରଙ୍କ ସଙ୍ଗେ ପରାମର୍ଶ କରି ଔଷଧ ସେବନ ବି ଆରମ୍ଭ କରିଦେଇଛନ୍ତି । କିନ୍ତୁ ସେମିତି କିଛି ଲାଭ ଜଣାପଡୁନି।

ବାରମ୍ବାର ଗୋଟିଏ କଥା ତାଙ୍କୁ ଦଂଶନ କରୁଛି। ଲୁହ ଲହୁ ଦେଇ ଯେଉଁ ଘର ଖଣ୍ଡିକ କରିଥିଲେ, ସେଠି ଶାନ୍ତିରେ ଘଂଟାଟିଏ ଶୟନ କରିବା ପାଇଁ ମଧ୍ୟ ସ୍ଥାନର ଅଭାବ। ତାଙ୍କର ହୃଦ୍‌ବୋଧ ହେଲା ଯେମିତି ଜୀବନର ସବୁ ପରିଶ୍ରମ ବୃଥା ହୋଇ ଯାଇଛି। ମୁଣ୍ଡ ଗୁଂଜି ଆଶ୍ରୟ ନେବାପାଇଁ କରିଥିବା ଘରଟି ଯେମିତି ତାଙ୍କ ନିଦ୍ରା ହରଣ କରିଛି। ଜୀବନର ସାୟାହ୍ନରେ ସୁଖ ନିଦ୍ରାଟିଏ ତାଙ୍କ ପାଇଁ ପ୍ରଶ୍ନବାଚୀ। ଫଳତଃ ତାଙ୍କୁ ମେଡିସିନ୍‌ର ଆଶ୍ରୟ ନେବାକୁ ପଡ଼ିଛି।

କିଛି ସମୟ ଆଖି ବୁଜି ବସିଲେ ନବବାବୁ। କୁହାଯାଏ, ଆଖି ବୁଜି ବସିଲେ ଉପାୟ ଆପେ ଆପେ ଆସେ। ନବବାବୁଙ୍କ କ୍ଷେତ୍ରରେ ସେୟା ହେଲା । ବହୁ ଭାବି ଚିନ୍ତି ନିଷ୍ପତ୍ତିଟାଏ ନେଲେ- ମେଡିସିନ୍ ପରିବର୍ତ୍ତେ ଫକୀର ମୋହନଙ୍କ ପେଟେଣ୍ଟ ମେଡିସିନ୍‌ର ଉପଯୋଗ କରିବେ।

ରବିବାରଟିଏ ଦେଖି ନିଜର ପିଲାଦିନର ବନ୍ଧୁ ମଧୁକୁ ଡକାଇ ପଠାଇଲେ। ଦୁଇ ପୁଅ, ବୋହୂ, ସ୍ତ୍ରୀ କମଳାଙ୍କୁ ମଧ୍ୟ ଦାଣ୍ଡ ଘରକୁ ଡାକି ବସାଇଲେ। ବନ୍ଧୁ ମଧୁ ଉଦ୍ଦେଶ୍ୟରେ ଲକ୍ଷ୍ୟ କରି କହିଲେ- "ମଧୁ, ତୋର ମୋ ଘର ପରି ଘରଟିଏ ଦରକାର ପରା! ମୁଁ ଏ ଘର ବିକ୍ରୟ ପାଇଁ ମନ ସ୍ଥିର କରିଛି। ଯଦି ଚାହୁଁ, ଏ ଘର ତୁ କ୍ରୟ କରିପାରୁ।"

ସତେ ଯେମିତି ବୋମାଟିଏ ବିନା ଶବ୍ଦରେ ପଡ଼ିଗଲା । ସମସ୍ତେ ସ୍ତବ୍ଧ, ନିର୍ବାକ। କାହାରି ମୁହଁରେ ପଦେ ଭାଷା ନାହିଁ। ହୋହାଲ୍ଲାରେ ମାତି ଉଠୁଥିବା ଘରେ ଅସ୍ୱାଭାବିକ ନିରବତା।

Digitized by srujanika@gmail.com

ନିରବତା ଭଙ୍ଗ କଲେ କମଳା- "ତମ ମୁଣ୍ଡ ଖରାପ ହୋଇଛି ନା କ'ଣ ?"

- "ଯେଉଁ ଘରେ ଶାନ୍ତିରେ ଟିକେ ବିଶ୍ରାମ ନେବା ସମ୍ଭବ ନୁହେଁ, ସେଠି ମୁଣ୍ଡ ଖରାପ ହେବନି ତ ଆଉ କ'ଣ ହେବ ? ଚାରିକାନ୍ଥର ମଝିକୁ କ'ଣ ଘର କୁହାଯାଇ ପାରେ ?" ବିରକ୍ତି ଭରା କଣ୍ଠରେ ଉତ୍ତର ଦେଲେ ନବ ଦାସ।

ଘରେ ପୁଣି ନିରବତା। ଆଉ କେହି କିଛି ବୁଝି ପାରୁ ନଥିଲେ ବି କମଳା ସବୁ ବୁଝି ପାରୁଥିଲେ। ଇସାରାରେ ଦୁଇ ପୁଅ, ବୋହୂଙ୍କୁ ଘର ଭିତରକୁ ଯିବା ପାଇଁ ଇଙ୍ଗିତ ଦେଇ ପଛେ ପଛେ ତାଙ୍କୁ ଅନୁସରଣ କଲେ। କାହାରି ନଜରରେ ପଡ଼ିଲାନି ସିନା, ନବବାବୁ କିନ୍ତୁ ମୁରୁକି ହସଟିଏ ବନ୍ଧୁଙ୍କ ଉପରକୁ ଫିଙ୍ଗି ଦେଇ ତାଙ୍କ ହାତଟା ଚିପି ଧରି ବାହାରକୁ ବାହାରିଗଲେ।

ସେଦିନ ରାତିରେ ଘରେ କୁଆଡ଼େ କିଛି ଶୋର ଶବ୍ଦ ନାହିଁ। ସବୁ ଦିନିଆ ବାତାବରଣରେ ବି ଅଦ୍ଭୁତ ପରିବର୍ତ୍ତନ। ହୋହାଲ୍ଲା ତ ପରକଥା, ଘରଟା ବେଶ୍ ନିରୋଳା ଲାଗୁଛି। ଖାଇବା ବେଳେ ବୋହୂମାନଙ୍କର ଆନ୍ତରିକତା ଟିକେ ଅଧିକା ପରି ଅନୁଭବ କଲେ ନବ ବାବୁ। ଖିଆ ପିଆ ପରେ ବେଶ୍ ଆରାମରେ ନିଦ୍ରା ଦେବୀଙ୍କ କୋଳରେ ଆଶ୍ରୟ ନେଇଗଲେ।

ଗୋଟାଏ ଟ୍ରାକ୍ଟରର ଘଡ଼ଘଡ଼ ଶବ୍ଦରେ ନିଦ୍ରା ଭଙ୍ଗ ହେଲା ନବ ଦାସଙ୍କର। ଝରକା ଦେଇ ବାହାରକୁ ଦୃଷ୍ଟି ନିକ୍ଷେପ କଲେ। ଟ୍ରାକ୍ଟରଟା ତାଙ୍କ ଘର ଆଗରେ ଗଳଗଳ ଶବ୍ଦ କରି ଚିପ୍ସ ଓ ବାଲି ଓଜାଡ଼ି ପକାଉଛି । କାହାରିକୁ କିଛି ପଚାରିବା ପୂର୍ବରୁ କମଳା କହି ପକାଇଲେ- "ଛାତ ଉପରେ ଆଉ ଦୁଇ ବଖରା ଘର ତୋଳା ହେବ ତ, ସେଥିପାଇଁ ଏ ବ୍ୟବସ୍ଥା ପିଲାଏ କରଛନ୍ତି।"

ନବ ଦାସ ବୁଝି ପାରିଥିଲେ ପେଟେଣ୍ଟ ମେଡିସିନ୍‌ର କରାମତି। ଫକୀର ମୋହନଙ୍କ ମହାପ୍ରୟାଣର ଏକ ଶତାବ୍ଦୀ ପରେ ମଧ ତାଙ୍କ ଦ୍ୱାରା ଆବିଷ୍କୃତ ପେଟେଣ୍ଟ ମେଡିସିନ୍‌ର ଉପଯୋଗିତା ଯେ ପୂର୍ବପରି କାଏମ୍ ଅଛି, ସେଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନ ଥିଲା ନବବାବୁଙ୍କର।

କାହାକୁ କିଛି ନ କହି ବନ୍ଧୁ ମଧୁକୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଘରୁ ନିର୍ଗତ ହୋଇଗଲେ ନବଘନ ଦାସ।

Digitized by srujanika@gmail.com

ହାତ ପାହାନ୍ତାରେ

ପାହାଡ଼ ଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଫୁଲପୁରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦପ୍ତରରେ ସମ୍ପ୍ରସାରଣ ଅଧିକାରୀ ଭାବେ ଆଜି ହିଁ କାର୍ଯ୍ୟରେ ଯୋଗଦାନ କରିଛି ବିମଳ । ଚବିଶଟି ବସନ୍ତର ଅଧିକାରୀ, ସୁନ୍ଦର ଚେହେରା । ଜନ୍ମ ରାଜଧାନୀ ଭୁବନେଶ୍ୱରରେ ହେଲେ ମଧ୍ୟ କିଶୋରାବସ୍ଥାରୁ ବଣ ଜଙ୍ଗଲର ଶାନ୍ତ ଶୀତଳ ପରିବେଶ ତାକୁ ଆକର୍ଷିତ କରିଛି । ସଂଯୋଗକୁ ବଣ ଜଙ୍ଗଲ ଘେରା ସୀମାନ୍ତ ଅଞ୍ଚଳ ଫୁଲପୁରରେ ତାର ପୋଷ୍ଟିଂ । କ୍ୱାଟରସ୍ ଆବଣ୍ଟନ ହୋଇନଥିବାରୁ ଡାକବଙ୍ଗଳାରେ ରାତ୍ରି ଯାପନ । ହଠାତ୍ ଆଦିବାସୀ ସଂଗୀତର ମଧୁର ସ୍ୱରଟାଏ ତା'କାନରେ ପ୍ରତିଧ୍ୱନିତ ହେଲା । କି ସୁନ୍ଦର ସଂଗୀତ ! ଏମିତି ସଂଗୀତ ସେ କେତେଥର ରେଡ଼ିଓରୁ ଉପଭୋଗ କରିଛି । ହେଲେ ନିଶାର୍ଦ୍ଧରେ କାହାର ଏ ସଂଗୀତର ନିଶା । ବେଶ୍ ଆହ୍ଲାଦିତ ହେଲା ବିମଳ ।

ଦ୍ୱାର ଉନ୍ମୁକ୍ତ କରି ବାହାରକୁ ବାହାରିଲା ସେ । ସଂଗୀତର ସ୍ୱର କ୍ରମେ ସ୍ପଷ୍ଟରୁ ସ୍ପଷ୍ଟତର ହେଉଛି । ଚନ୍ଦ୍ରିନୀ ରାତି । ଚରିଆଡ଼େ ଜୋଛନା ହାଉଯାଉ । ରାତି କି ଦିନ ବାରି ହେଉନି । ରାସ୍ତାଘାଟ ବେଶ୍ ଉଜ୍ଜ୍ୱଳ । ସଫଳତାର ଶୀର୍ଷ ପାବଚ୍ଛରେ ଜହ୍ନ । ପୂର୍ଣ୍ଣମୀ ରାତିର ମହକରେ ଢେଉ ଢେଉକା ପାହାଡ଼ ସବୁ ମହକିତ ।

ଶାରଦୀୟ ଜହ୍ନ । ଶୀତ ତା'ର ଉପସ୍ଥିତି ଜାହିର କରିବ କରିବ ବୋଲି ବିଳମ୍ବ କରିଚାଲିଛି । ଢଳଢଳ, ଟଳଟଳ କାକର ବିନ୍ଦୁମାନେ କିନ୍ତୁ ଏଣେ ତେଣେ ବେଶ୍ ସ୍ୱଚ୍ଛନ୍ଦରେ ଘୂରି ବୁଲୁଛନ୍ତି । ଏଇ କାକର ଭିଜା ଜହ୍ନ ରାତି ବିମଳର ବେଶ୍ ଆପଣାର । କାକରରେ ଭିଜି ଭିଜି ଜହ୍ନ ରାତି ସହ ଭାବ ବିନିମୟରୁ ଖୁବ୍ ଆନନ୍ଦ ପାଏ ସେ ।

ବିମଳ ବାହାରକୁ ଆସିବା ଦେଖି ଦଉଡ଼ିଆ ଖଟିଆରୁ ଉଠି ଠିଆ ହେଲା ସୋରେନ୍ । ହାତରେ ଶକ୍ତ ଲାଠି । ସୋରେନ୍ ଏଇ ଡାକବଙ୍ଗଳାର ରାତ୍ର ଜଗୁଆଳି । କର୍ତ୍ତବ୍ୟରେ ସେ ହେଲା କରିଥିବା କେହି କେବେ କହିନି କି ଦେଖିନି ।

Digitized by srujanika@gmail.com

ଘରିଆଡ଼କୁ ଦୃଷ୍ଟି ପକାଇଲା ବିମଳ । ଜହ୍ନ ରାତିରେ ଆଖିଟା ବେଶ୍ ଲମ୍ୱାଯାଏ ପାଉଛି । ଆଖପାଖରେ ଘରଟେ ବି ଦୃଶ୍ୟ ହେଉନାହିଁ । ତେବେ ଏ ସଂଗୀତର ସୁର ଆସୁଛି କେଉଁଠୁ ?

"ଏତେ ରାତିରେ କିଏ ରେଡ଼ିଓ ବଜାଉଛି ସୋରେନ୍ ? ଆଖପାଖରେ ଘରଟାଏ ବି ତ ଦୃଶ୍ୟ ହେଉନି" -ପଚାରିଲା ବିମଳ ।

-"ରେଡ଼ିଓ ନାଇଁ ଆଜ୍ଞା । ଆମର ଧାଙ୍ଗ୍ଡ଼ା ଧାଙ୍ଗ୍ଡ଼ି ମାନେ ଗାଉଚନ୍ ।"

ଶିହରଣଟାଏ ଚରିଗଲା ବିମଳ ଦେହରେ । ମଧୁର ଆଦିବାସୀ ସଂଗୀତ, ମାଦଳ ଶବ୍ଦର ମାଦକତା ସେ ଅତୀତରେ ଅନୁଭବ କରିଛି ବେତାର ଯନ୍ତ୍ରରୁ । ମାତ୍ର ସ୍ୱଚକ୍ଷୁରେ ଧାଙ୍ଗ୍ଡ଼ାଙ୍କର ଲାଇଭ ପ୍ରୋଗାମ୍‌କୁ ଦେଖିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନଥିଲା ସେ ।

- "କେତେ ଦୂରରେ ଏ ନାଚ ଗୀତ ହେଉଛି ସୋରେନ୍ ?"

- "ପାଏ ବାଟ୍ ହେବ ଆଜ୍ଞା ।"

- "ମୁଁ ଟିକେ ନାଚ ଗୀତ ଦେଖନ୍ତି...।"

- "ଧାଙ୍ଗ୍ଡ଼ା ଧାଙ୍ଗ୍ଡ଼ି ମାନେ ନାଚୁଚନ୍ । କିସ୍‌ଟା ଦେଖିବୁ ବାବୁ ... ।"

- "ମୋତେ ଆଦିବାସୀ ନାଚ ଗୀତ ଖୁବ୍ ଭଲ ଲାଗେ ସୋରେନ୍ ।"

- "ଠିକ୍ ଅଛେ, ଦେଖିମା ଯେ ଟିକେ ଦୂରୁ ଦେଖିମା ।"

ବିମଳର ମନ ସତେ ଯେମିତି ଆନନ୍ଦରେ କୁରୁଳି ଉଠୁଥିଲା । ଜହ୍ନ ରାତିରେ ପାହାଡ଼ ଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀ ନୃତ୍ୟ ସଂଗୀତ ଉପଭୋଗ କରିବାର ଅନନ୍ୟ ସୁଯୋଗ । ଲୋଭ ସମ୍ୱରଣ କରିପାରୁନଥିଲା ବିମଳ ।

ସୋରେନ୍ ଡାକବଙ୍ଗଳାର ଦ୍ୱାର ବନ୍ଦ କରି ହାତରେ ଲାଠି ଧରି ରାସ୍ତା କଢ଼େଇ ନେଲା ବିମଳକୁ । ଗୀତର ସୁର,ମାଦଳର ଶବ୍ଦ କ୍ରମେ ନିକଟତର ହୋଇ ଆସୁଥାଏ । ଟିକିଏ ଦୂରରୁ ହାତ ଠାରି ଅଟକାଇଲା ସୋରେନ୍ । "ଇନୁ ଦେଖିମା ବାବୁ" -କହିଲା ସୋରେନ୍ ।

ବିମଳ ଲକ୍ଷ୍ୟ କଲା ଅଣ୍ଟାରେ ହାତ ଛନ୍ଦାଛନ୍ଦି ହୋଇ ଦଳେ ଆଦିବାସୀ ଝିଅ-ପୁଅ ମାଦଳ, ଢୋଲ, ଘୁଙ୍ଗୁର ତାଳେ ତାଳେ ଗୀତ ଗାଇ ନୃତ୍ୟରେ ମସ୍‌ଗୁଲ୍ ଅଛନ୍ତି । ଘରିଟା ବଡ଼ ବଡ଼ କାଠ ଗଣ୍ଡି ମଝିରୁ ନିଆଁ ତା'ର ଜିଭ ଲହଲହ କରୁଛି ।

Digitized by srujanika@gmail.com

ତୋଫା ତୋରା ଜହ୍ନ ସାଙ୍ଗକୁ ଧାଙ୍ଗଡ଼ା ଧାଙ୍ଗଡ଼ିଙ୍କର ମତୁଆଲା ନୃତ୍ୟ । ହାତ ପାହାନ୍ତାରେ ଏପରି ଏକ ମଧୁମୟ ଦୃଶ୍ୟରେ ବିମଳ ଆନନ୍ଦରେ ବିଭୋର । ସୋରେନ୍‌ର କଥା ମାନି ଟିକିଏ ଦୂରରୁ ନୃତ୍ୟ ଗୀତର ବେଶ୍ ମଜା ଉଠାଇଲା ସେ ।

ଫେରିବାକୁ ମନ ଡାକୁ ନ ଥିଲେ ମଧ୍ୟ କିଛି ସମୟ ପରେ ସୋରେନ୍ ସହ ଫେରି ଆସିଲା ବିମଳ । ଫେରିଲା ବେଳେ ସୋରେନ୍ କହୁଥିଲା- " ମର୍ ଝି ପିଲାଟା ବି ନାଚୁଛେ ଆଜ୍ଞା ।"

ବିମଳ ଭାବୁଥିଲା, ଆଦିବାସୀମାନେ କେଡ଼େ ସୁଖୀ ସତେ ! ଦିନ ସାରା ହାଡ଼ଭଂଗା ପରିଶ୍ରମ । ପରିଶ୍ରମକୁ ଟିକେ ବି ଖାତିର ନାହିଁ । ରାତିରେ ହାଣ୍ଡିଆ, ନୃତ୍ୟ ଗୀତର ମଜା, ବେଫିକର ଜୀବନ । ଆଜି ପାଇଁ ବଂଚିଯିବା ଜୀବନ ଆଦର୍ଶ । ଆସନ୍ତା କାଲି ପାଇଁ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତିନି ସେମାନେ । ବେଶ୍ ଖୋଲା ମେଲା ଜୀବନ । ଛନ୍ଦ କପଟର ଲେଶ ମାତ୍ର ଚିହ୍ନ ନାହିଁ । ନିଶାର୍ଦ୍ଧରେ ଦାଣ୍ଡରେ ଝିଅଟିଏ ନୃତ୍ୟ ଗୀତରେ ମସ୍‌ଗୁଲ୍ । ଅଥଚ ବାପର ଟିକେ ବି ଦକ ନାହିଁ । ଗଭୀର ଆତ୍ମପ୍ରତ୍ୟୟ, ଆତ୍ମବିଶ୍ୱାସର ଝଲକ । ବଞ୍ଚିବାର କେଡ଼େ ସହଜ ସୂତ୍ରଟିଏ ଆବିଷ୍କାର କରିଛନ୍ତି ସେମାନେ ।

ପରଦିନ ସକାଳେ ନିଦ୍ରା ସାଙ୍ଗ ହେଉ ହେଉ ସାମାନ୍ୟ ବିଳମ୍ବ ହୋଇଯାଇଥିଲା ବିମଳର । ବିଗତ ରାତିର ସେ ମଧୁର ସ୍ମୃତି ଅନୁଭୂତି ଏବେ ବି ତା'ମନକୁ ଆଚ୍ଛନ୍ନ କରି ରଖିଥିଲା । ଚାକିରିରେ ଯୋଗଦାନର ପ୍ରଥମ ରାତ୍ର ଯେ ସବୁଦିନ ପାଇଁ ମଧୁର ସ୍ମୃତି ବିଜଡ଼ିତ ହୋଇ ରହିଯିବ, ଏକଥା ବିମଳ କେବେ କଳ୍ପନାରେ ମଧ୍ୟ କଳ୍ପନା କରିପାରୁନଥିଲା ।

ବିମଳର ନିଦ ଭାଙ୍ଗିଲା 'ବେଳକୁ ସୋରେନ୍ ଚା'ଧରି ତୟାର । ସୋରେନ୍ ସାଥୀରେ ଶାଢ଼ି ପିନ୍ଧା ଝିଅଟିଏ । ଶାଢି ଗୋଇଠି ଉପରକୁ ଟେକି ହୋଇ ରହିଛି । ରଂଗ କଳା ହେଲେ ମଧ୍ୟ ଡଉଲ ଡାଉଲ ଚେହେରା । ଚିହ୍ନେଇ ଦେଇ ସୋରେନ୍ କହିଲା-

"ଏ ମୋର ଝି ଆଜ୍ଞା ।"

ଝିଅଟି ଲାଜରା ହସଟିଏ ହସିଦେଇ ନମସ୍କାର କଲା ବିମଳକୁ । ଚା' କପ୍‌ରେ ଢ଼ାଳି ରଖିଲା ଟି ପୟ୍ ଉପରେ ।

- "ତୋ ନାଁ କଣ ?" ନମସ୍କାର ଫେରାଉ ଫେରାଉ ବିମଳ ପଚାରିଲା ।

- "ଋମି ସୋରେନ୍ ।"

ବିମଳ ଦେଖିଲା ବେଶ୍ ଶାନ୍ତ ସୁଧାର ଝିଅଟିଏ । ଚା'ଦେଇ ଧିର ପଦକ୍ଷେପରେ ନିର୍ଗତ ହୋଇଗଲା ଋମି ।

Digitized by srujanika@gmail.com

–"କହୁଥିଲ ପରା କାଲି ରାତିରେ ଋମି ବି ନାଚୁଥିଲା । ତାକୁ ପାଠ ପଢ଼ଉଛ ନା ନାହିଁ ?" ଋ ପିଉ ପିଉ ପଋରିଲା ବିମଳ । "ନଅ କ୍ଲାସ୍‌ରେ ପଢ଼େ ଆଜ୍ଞା ।ତା'ର ସାର୍ ମାନେ କହସନ୍ ସେ ଭଲ୍ ପଢୁଛେ" ହସି ହସି କହିଲା ସୋରେନ୍ ।

ପ୍ରତ୍ୟୁତ୍ତରରେ ବିମଳ କହିଲା – "ତା ପଢ଼ା କେବେ ବନ୍ଦ କରିବନି ସୋରେନ୍ । ଆଜିକାଲି ପଢ଼ାର ଗୁରୁତ୍ୱ ଖୁବ୍ ବେଶି ।"

– "ଝି ପିଲାଟା, ଆମେ ଆଦିବାସୀ ଲୋକ । କେତେ ଆଉ ପଢ଼ିବ ଆଜ୍ଞା ।"

"ଝିଅ ପିଲା ଏବଂ ଆଦିବାସୀ, ଏ ଦୁହିଁଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ଖୁବ୍ ବେଶି । ଋମିର ପଢ଼ା କେବେ ବି ବନ୍ଦ କରିବନି ସୋରେନ୍" ପୂର୍ବ କଥା ଆଉ ଥରେ ଦୋହରାଇଲା ବିମଳ ।

ସବୁ ବୁଝିଗଲା ପରି ମୁଣ୍ଡ ଟୁଙ୍ଗାରି ଋ'କପ୍ ନେଇ ଋଲିଗଲା ସୋରେନ୍ ।

ବଣ, ପାହାଡ, ଝରଣା, ଆଦିବାସୀ ସଂସ୍କୃତି ଏସବୁ ବିମଳର ଭାରି ପ୍ରିୟ । ହାଟ, ଆଦିବାସୀ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ । ସରକାରୀ କାର୍ଯ୍ୟରୁ ଅବସର ମିଳିଲେ ବିମଳ ହାଟ ଆଡ଼େ ବୁଲି ଆସେ । ହାଣ୍ଡି, ପାଛିଆ, କୁଲା, ଝାଡୁ, ରିବନ୍, ସିନ୍ଦୁର, କୁଙ୍କୁମ, ଅଳତା, ଚୁଡ଼ି, ଇତ୍ୟାଦି କିଣା ବିକାରେ ହାଟ ମସ୍‌ଗୁଲ୍ ହୋଇଉଠେ । ଧାଙ୍ଗ୍‌ଡ଼ା ଧାଙ୍ଗ୍‌ଡ଼ି ଭେଟ୍ ଘାଟ୍ ପାଇଁ ହାଟ ଏକ ପ୍ରକୃଷ୍ଟ ସ୍ଥାନ । ହସ-ଖୁସି, ଥଟ୍ଟା-ମଜାରେ ଆଦିବାସୀ ହାଟଗୁଡ଼ିକ ଝୁମି ଉଠିବାର ଲକ୍ଷ୍ୟ କରେ ବିମଳ । ତେବେ ହାଟରେ ବେପାରୀ ମାନଙ୍କ ଦ୍ୱାରା ଆଦିବାସୀମାନଙ୍କୁ ଶୋଷଣ କରାଯାଉଥିବାର ଦେଖିଲେ ମନ ତାର ବିଦ୍ରୋହ କରି ଉଠେ ।

ହାଟର ଶେଷ ମୁଣ୍ଡରେ ହାଣ୍ଡିଆ ହାଟଟା ବେଶ୍ ଜମେ । ଆଦିବାସୀମାନେ ହାଟକୁ ଆସି ହାଣ୍ଡିଆ ନ ପିଇଲେ ମନ ମାନେନି । ବେଳେ ବେଳେ ହାଣ୍ଡିଆରେ ବାଖର୍ ମାତ୍ରାଟା ଅଧିକା ହେଲେ ନିଶାଟା ଟିକେ କଡ଼ା ହୋଇଯାଏ । କେବେ କେବେ ହାଟରେ ଧାଙ୍ଗ୍‌ଡ଼ାମାନଙ୍କ ସହ ଋମିକୁ ଥଟ୍ଟା ମଜା ହେବାର ଦେଖିଛି ବିମଳ । ଥରେ ତ ଋମିକୁ ଝୁଲି ଝୁଲି ହାଟରୁ ଫେରିବାର ବି ଦେଖିଛି ସେ ।

ସରକାରୀ କ୍ୱାର୍ଟର ମିଳିବା ପରଠୁ ବିମଳ ଆଉ ଡାକବଙ୍ଗଳାରେ ରହେନି । କିନ୍ତୁ ଯେତେବେଳେ ବି ସୋରେନ୍ ସହ ଭେଟ ହୁଏ ଋମିର ପଢ଼ାପଢ଼ି ବିଷୟରେ ପଋରି ବୁଝେ । ପଢ଼ାପଢ଼ି ବନ୍ଦ ନ କରିବାକୁ ପରାମର୍ଶ ଦିଏ । ମଝିରେ ଦି'ଥର ସୋରେନ୍ କୁ ନେଇ ଦୂରରୁ ଧାଙ୍ଗ୍‌ଡ଼ା ଧାଙ୍ଗ୍‌ଡ଼ି ନୃତ୍ୟ ଉପଭୋଗ କରିବାର ମଜା

Digitized by srujanika@gmail.com

ଉଠାଇଛି ବିମଳ । ନାଚ ଗୀତରୁ ଫେରିଲା ବେଳେ ଝମିର ପଢ଼ାପଢ଼ି ଜାରୀ ରଖିବାକୁ ତାଗିଦ୍ ବି କରେ ।

ଦିନେ ମୁହଁ ସଂଜବେଳରେ ଅଫିସରୁ ଫେରି କ୍ୱାର୍ଟରରେ ବିଶ୍ରାମ ନେଉଛି ବିମଳ । ଧଇଁସଇଁ ହୋଇ ପଶି ଆସିଲା ସୋରେନ୍ ।

- "ଝମିକୁ ସରଗଡ଼ା ଗାଁର ଗୋଟେ ଧାଙ୍ଗ୍‌ଡ଼ା ତାର ସାଙ୍ଗ ମାନଙ୍କ ସଙ୍ଗେ ମିଶି ହାଟରୁ ଝିଙ୍କି ନେଇଯାଇଛେ ସାର୍ । ଆରୁ ଝମିଟା ପଢି ନାଇଁ ପାରେ ।" ଏକା ନିଃଶ୍ୱାସରେ କହିଗଲା ସୋରେନ୍ ।

ଆଦିବାସୀ ସଂସ୍କୃତିରେ ଗୋଟାଏ ଧାଙ୍ଗ୍‌ଡ଼ାକୁ ଧାଙ୍ଗ୍‌ଡ଼ିଟାଏ ପସନ୍ଦ ହେଲେ, ସେ ତାଙ୍କୁ ସାଙ୍ଗ ମାନଙ୍କ ସାଙ୍ଗରେ ଝିଙ୍କି ନେଇ ବାହା ହେବାର ଏକ ପ୍ରଥା ଅଛି ବୋଲି ବିମଳ ଜାଣେ । ମାତ୍ର ଝିଅଟିର ସମ୍ମତି ନଥିଲେ ଏ ବାହାଘର ବାତିଲ୍ ମଧ୍ୟ କରାଯାଇପାରେ ।

ବିମଳ ଭାବିଲା, ଝମି ଏବେ ବି ନାବାଳିକା । ତା'ର ବିବାହ ଆଇନ ସମ୍ମତ ନୁହେଁ । ପୁଣି ତା'ର ସମ୍ମତି ବିଷୟରେ ବୁଝିବାକୁ ହେବ । କାଳ କ୍ଷେପଣ ନ କରି ସୋରେନ୍‌କୁ ଧରି ସରଗଡ଼ା ଗାଁ ଅଭିମୁଖେ ଯାତ୍ରା ଆରମ୍ଭ କଲା ବିମଳ । ଗାଁରେ ପହଞ୍ଚି ଭଦ୍ର ଲୋକଙ୍କ ସମ୍ମୁଖରେ ଝମିର ମତାମତ ନିଆଗଲା । ଝମି ବାହାଘରରେ ଅସମ୍ମତି ପ୍ରକାଶ କରିବାରୁ ଝମିକୁ ଧରି ସୋରେନ୍ ସହ ଫେରିଆସିଲା ବିମଳ । ସେଇ ଦିନୁ ଝମି ମଧ୍ୟ ବିମଳ ବାବୁଙ୍କୁ ନିଜର ଶୁଭାକାଂକ୍ଷୀ ଭାବରେ ଗ୍ରହଣ କରିନେଇଛି ।

ଝମି ଏବେ ଦଶମ ଶ୍ରେଣୀରେ । ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ପାଇଁ ଯୋରସୋରରେ ପ୍ରସ୍ତୁତି ଚଳାଇଛି । ବିମଳ ମଧ୍ୟ ସମୟ ସୁବିଧା ପାଇଲେ ତା'ର ପଢ଼ା ଦେଖାଶୁଣା କରିବାରେ ହେଳା କରେ ନାହିଁ । ଆଜିକାଲି ହାଟରେ ତାକୁ ବୁଲାବୁଲି କରିବାର ଦେଖାଯାଏ ନାହିଁ । ନିଜର ପରିଶ୍ରମ ତଥା ବିମଳର ଉପଯୁକ୍ତ ତତ୍ତ୍ୱାବଧାନ ହେତୁ ବୋର୍ଡ଼ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛି ଝମି । ଏବେ ବିମଳ ପ୍ରତି ତା'ର ସମ୍ମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଝମି ପ୍ରତି ବିମଳର ସ୍ନେହ, ଆନ୍ତରିକତା ମଧ୍ୟ କିଛି କମ୍ ନୁହେଁ । ଝମି ଏବେ ଗାଁ ପାଖ କଲେଜରେ ନାଁ ଲେଖାଇଛି । ମଝିରେ ମଝିରେ ବିମଳକୁ ପଢ଼ାପଢ଼ି ନେଇ ଭେଟେ । ଝମି ଏବଂ ବିମଳକୁ ନେଇ ଆଖପାଖ ଲୋକେ ଟୁପୁରୁ ଟାପୁରୁ ହୁଅନ୍ତି । ସୋରେନ୍ ସେଥିରେ କାନ ଦିଏନି । ବିମଳ କଥାଟା ଶୁଣି ହସରେ ଉଡ଼େଇ ଦିଏ । ଝମିକୁ କିନ୍ତୁ ବିମଳ ବାବୁ ଖୁବ୍ ଭଲ ଲାଗନ୍ତି ।

Digitized by srujanika@gmail.com

ସରକାରୀ ଚାକିରି । ବିମଳର ଅନ୍ୟତ୍ର ବଦଳି ଆଦେଶ ହୁଏ । ପାଦ ତଳୁ ମାଟି ଘୁଞ୍ଚିଗଲା ପରି ଲାଗେ ଚାମିକୁ । ମନକୁ ବୁଝାଇ ନିଏ । ବିମଳ ବାବୁ ତ ସହରୀ ଲୋକ । ବଡ ଘର ପିଲା । ତାଙ୍କ ସାଙ୍ଗେ ଏତେ ଭାବ କଣ ? ତଥାପି ବିମଳ ବାବୁଙ୍କର ବିଦାୟ ଦିନ ନିଜର ଲୁହକୁ ରୋକି ପାରେନି ସେ ।

ସମୟ ଗଡ଼ି ଚାଲେ । ଚାମିର ବାପା ଅବସର ନେବା ପୂର୍ବରୁ ଏ ଦୁନିଆ ଛାଡ଼ି ଆର ପାରିକୁ ଚାଲି ଯାଆନ୍ତି । ଦୁଃଖ ଓ ସଂଘର୍ଷମୟ ଜୀବନ ଭିତରେ ଆଗକୁ ମାଡ଼ି ଚାଲେ ଚାମି । ପାଠ ପଢ଼ା ଜାରୀ ରଖିବାକୁ ଦୃଢ ସଂକଳ୍ପ କରେ । ବିମଳ ବାବୁ ତାର ଆଦର୍ଶ ପୁରୁଷ । ତାଙ୍କ ଉପଦେଶ ମାନିବାକୁ ହେବ । ଏସବୁ ସତ୍ତ୍ୱେ ଭରସା କରି ବିମଳ ବାବୁଙ୍କ ସହ ଯୋଗାଯୋଗ କରିବାକୁ ସାହସ ଜୁଟାଇ ପାରେନା ଚାମି । ମନେ ମନେ କିନ୍ତୁ ସମସ୍ତଙ୍କ ଅଜାଣତରେ ବିମଳ ବାବୁଙ୍କୁ ଝୁରେ । ବି.ଏ ପାସ ପରେ ରିହାବିଲିଟେସନ୍ ସ୍କିମରେ ଫୁଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଫିସରେ ଚାକିରିଟିଏ ପାଇଯାଏ ଚାମି ।

ଫୁଲପୁରରୁ ବଦଳି ପରେ ପାରିବାରିକ ଜୀବନରେ ବହୁ ଝଡ଼ଝଞ୍ଜାର ସାମ୍ନା କରିବାକୁ ପଡ଼େ ବିମଳକୁ । ବିବାହର ଏକ ବର୍ଷ ନପୁରୁଣୁ ତା'ର ସ୍ତ୍ରୀ ତାକୁ ଛାଡ଼ି ଆରପାରିକୁ ଚାଲିଯାନ୍ତି । ଦୁଃଖରେ ଭାଙ୍ଗି ପଡ଼ି ମାନସିକ ଭାରସାମ୍ୟ ହରାଇ ବସେ ସେ । ସମୟ ସବୁଦିନ ସମାନ ରହେନା । ଏ ଦୁନିଆଟା ଆଲୁଅ-ଅନ୍ଧାର, ଖରା-ଛାଇ ର ସମାହାର । ବହୁଦିନ ଶାରୀରିକ ଏବଂ ମାନସିକ ଭାବରେ ଅସୁସ୍ଥ ରହିବା ପରେ ବିମଳ କ୍ରମେ ସୁସ୍ଥ ହୁଏ ଏବଂ ଚାକିରିରେ ଯୋଗଦାନ କରେ । ପୁଣି ଆଗକୁ ବଢ଼ିବା ପାଇଁ ସାହସ ସଞ୍ଚୟ କରେ । ଆଉ ଥରେ ବିବାହ ବନ୍ଧନରେ ଛନ୍ଦି ହେବାକୁ ସୁଯୋଗ ପାଇନାହିଁ ବିମଳ ।

ବିଶ୍ୱ ନିୟନ୍ତାଙ୍କର ବିଧି, ନିର୍ଦ୍ଦେଶ ସହଜରେ ବୁଝିହୁଏନା । ଏ ଦୁନିଆରେ ମଣିଷ କାହିଁକି କେତେବେଳେ କାହାକୁ କେଉଁଠି ଭେଟେ, ପୁଣି କାହିଁକି କେତବେଳେ ସେ ସମ୍ପର୍କର ବିଚ୍ଛେଦ ହୁଏ, ତାର ହିସାବ ନିକାଶ କରିବା ମଣିଷର ଶକ୍ତି ବାହାରେ । ପାଣି ସ୍ରୋତରେ କୁଟା ଖିଅ ପରି ମଣିଷର ଅବସ୍ଥା । ସ୍ରୋତର ଗତି ଅନୁସାରେ ତାକୁ ଚାଲିବାକୁ ହୁଏ । କେବଳ କର୍ମ କରିବା ଛଡ଼ା ନିଜର କିଛି ବି ନଥାଏ ।

ଫଳର କୌଣସି ଆଶା ନରଖି ନିଜ କର୍ମରେ ଲିପ୍ତ ଅଛି ବିମଳ । ଫୁଲପୁର ଛାଡ଼ିବାର ପନ୍ଦର ବର୍ଷ ପରେ ପୁଣି ଫୁଲପୁର ବ୍ଲକ୍‌ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ

Digitized by srujanika@gmail.com

ଭାବରେ ଅବସ୍ଥାପିତ ହେବାର ସରକାରୀ ଆଦେଶ ପାଇ ଆନନ୍ଦରେ ଶିହରି ଉଠେ ସେ । ଅତୀତର କେତେ ସ୍ମୃତି ଉଜାଗର ହୁଏ । ମନେ ପଡ଼ିଯାନ୍ତି ସୋରେନ୍, ଋମି । ମନେ ପଡ଼ିଯାଏ ଜ୍ୟୋତ୍ସ୍ନା ବିଧୌତ ରଜନୀରେ ମାଦଳର ତାଳେ ତାଳେ ହାତ ପାହାନ୍ତାରେ ଧାଙ୍ଗ୍ଡ଼ା, ଧାଙ୍ଗ୍ଡ଼ିଙ୍କ ନୃତ୍ୟ । ଫୁଲପୁରରେ କାର୍ଯ୍ୟରେ ଯୋଗ ଦେବାକୁ ଅଧିର ହୋଇପଡ଼େ ବିମଳ ।

ସେଦିନ ଫୁଲପୁରରେ ପହଞ୍ଚିଲାବେଳକୁ ସଂଧ୍ୟା ଆସନ୍ନପ୍ରାୟ । ସିଧା ଡାକବଙ୍ଗଳା ଅଭିମୁଖେ ଯାତ୍ରା କଲା ବିମଳ । ଡାକବଙ୍ଗଳାର ଆକାର ପ୍ରକାରରେ ବେଶ୍ ପରିବର୍ତ୍ତନ । ପୁରାତନ ଡାକବଙ୍ଗଳାର ସ୍ଥାନ ନେଇଛି ଏକ ନୂତନ ସୁଦୃଶ୍ୟ ନୂତନ ଡାକ୍‌ବଙ୍ଗଳାଟିଏ । ବିମଳର ଚକ୍ଷୁ ଅନ୍ୱେଷଣ କରି ଋଲୁଥିଲା ସୋରେନ୍‌କୁ । କିନ୍ତୁ ସୋରେନ୍ କାହିଁ? ସୋରେନ୍ ବଦଳରେ ଅଳ୍ପ ବୟସର ପିଲାଟିଏ ନମସ୍କାର କରି ବିମଳର ହାତରୁ ଆଟାଚିଟି ନେଇ ରୁମ୍‌ରେ ରଖିଲା ।

"ତୁମେ କିଏ ?" -ପ୍ରଶ୍ନ କଲା ବିମଳ ।

"ମୁଁ ଟୁଡୁ ଆଜ୍ଞା । ଏଠିକାର ୱାଚ୍ ମେନ୍ ।" ପିଲାଟି ବିନମ୍ରତାର ସହିତ ଉତ୍ତର ଦେଲା ।

"ଆଉ ସୋରେନ୍ ?"

- "ସେ କେବେଠୁ ମରିଗଲେଣି ଆଜ୍ଞା । ତାଙ୍କ ସ୍ଥାନରେ ମୁଁ କାମ କରେ ।"

ବିମଳର ମନଟା ହଠାତ୍ ଫିକା ପଡ଼ିଗଲା । ତା' ଉତ୍ସାହର ଜୁଆରରେ ଭଟ୍ଟା ପଡ଼ିଲା ପରି ଅନୁଭବ କଲା ସେ । ତେବେ ଋମି କେଉଁଠି ? ତା' ଖବର ପାଇବ କେମିତି ? ମନରେ ଅନେକ ଅସମାହିତ ପ୍ରଶ୍ନ ନେଇ ରାତ୍ର ଯାପନ କଲା ବିମଳ ।

ପରଦିନ ସକାଳେ ଅଫିସ୍ ପହଞ୍ଚୁ ପହଞ୍ଚୁ ବାରଣ୍ଡାରେ ଋମିକୁ ଦେଖି ନିଜ ଆଖିକୁ ବିଶ୍ୱାସ କରିପାରିଲାନି ବିମଳ । ଋମି ବିମଳର ପାଦ ଛୁଇଁ ପ୍ରଣାମ କଲା । ବିମଳ ଫେରିଯାଇଥିଲା ପନ୍ଦର ବର୍ଷ ତଳକୁ । ସେ ଦିନର ଋମି ଆଉ ଆଜିର ଋମି ଭିତରେ ବେଶ୍ କିଛି ଫରକ । ଋମିର ଦେହର ରଂଗ ଆଗ ଅପେକ୍ଷା ଫରଚା ପଡ଼ିଯାଇଛି । ଋମିକୁ କଳା କୁହାଯାଇପାରିବନି । ସେ ଏବେ ଗୌର ଶ୍ୟାମଳୀ । ଚେହେରାରେ ଆକର୍ଷଣୀୟ ପରିବର୍ତ୍ତନ । ଋମିର ଶାଢ଼ି ପିନ୍ଧିବାର ଢଙ୍ଗ ବେଶ୍ ମାର୍ଜିତ ଏବଂ ସଂଜତ । ବିମଳ ମନରେ ଅବର୍ଣ୍ଣନୀୟ ଆନନ୍ଦ । ମନର ଭାବନା ମନରେ ଋପି ରଖି ନିଜ ଅଫିସ୍ ରୁମ୍ ଭିତରକୁ ଡାକି ନେଲା ଋମିକୁ । ବିମଳକୁ ଅଭ୍ୟର୍ଥନା ଜଣାଇବା ପାଇଁ ରୁଣ୍ଡ

Digitized by srujanika@gmail.com

ହୋଇଥିବା କର୍ମଚାରୀମାନଙ୍କୁ ମନରେ ଅନେକ ପ୍ରଶ୍ନ ନେଇ ଅଫିସ ରୁମ୍ ବାହାରେ ଅପେକ୍ଷା କରିବାକୁ ପଡ଼ିଲା । ପ୍ରାୟ ଦଶମିନିଟ୍ ମଧ୍ୟରେ ବିମଳ ଏବଂ ଝମି ପନ୍ଦର ବର୍ଷର ଦୂରତାକୁ ଅତିକ୍ରମ କରିସାରିଥିଲେ ।

କାର୍ଯ୍ୟରେ ଯୋଗଦାନର ପ୍ରଥମ ଦିନରେ ଅଫିସରେ କାମର ଚାପ । କାମ ସରୁ ସରୁ କେତେବେଳେ ଅନ୍ଧାର ଘର ଭିତରେ ପ୍ରବେଶ କରିସାରିଛି, ବିମଳର ସେ ଆଡ଼କୁ ନଜର ନାହିଁ । ଅଫିସରୁ କାମ ସାରି ଡାକବଙ୍ଗଳାକୁ ଫେରି ଆସିଥିଲା ବିମଳ । ବିଛଣାରେ ଗଡୁ ଗଡୁ ବିମଳ ଶୁଣି ପାରୁଥିଲା ମାଦଳର ତାଳେ ତାଳେ ଆଦିବାସୀ ସଂଗୀତ । ମନେ ପଡ଼ିଯାଉଥିଲେ ଝମି ଆଉ ସୋରେନ୍ । ବଦଳି ଯାଇଥିବା ଝମିର ଚେହେରାକୁ ମନେ ମନେ ମାପି ବିମୋହିତ ହେଉଥିଲା ବିମଳ ।

ଝମି ବି ଭାବୁଥିଲା ବିମଳ ବାବୁଙ୍କ କଥା । ପନ୍ଦର ବର୍ଷର ବ୍ୟବଧାନ ପରେ କ୍ଷଣିକ ଦେଖାରେ ବିମଳ ବାବୁଙ୍କ ପ୍ରତି ଆକର୍ଷିତ ହୋଇପଡ଼ିଥିଲା ସେ । ସତେ ଅବା ସମ୍ପର୍କଟା କାହିଁ କେତେ ଦିନର । ଯେଉଁ ଫୁଲର ସୁଗନ୍ଧରେ ଝମି ଆତ୍ମହରା, ସେ ଫୁଲ ଯେ ତା' ହାତ ପାହାନ୍ତାରେ ନାହିଁ, ଏକଥା ତା'କୁ ଭଲ ଭାବେ ଜଣା । ତଥାପି ନିଜର ମନର ଭାବନାକୁ ରୋକ୍ ଲଗାଇବାର ଅବସ୍ଥାରେ ନଥିଲା ଝମି । ସବୁ ଫୁଲକୁ ବୃନ୍ତଚ୍ୟୁତ କରି କବରୀରେ ଖୋସି ହୁଏ ନାହିଁ । ଦୂରରୁ ଥାଇ ସେ ପୁଷ୍ପର ସୁଗନ୍ଧ ଏବଂ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ସେ ପାଇଛି, ତାହାହିଁ ତା' ପାଇଁ ଯଥେଷ୍ଟ । ସବୁ ଇଛା ସବୁବେଳେ କଣ ପୂରଣ ହୁଏ ? ତଥାପି ସମୟକୁ ଅପେକ୍ଷା କରିବାରେ କ୍ଷତି କ'ଣ ?

ହାଟରେ ବେପାରୀ, ଦଲାଲଙ୍କ ଶୋଷଣ କ୍ରମେ ବଢ଼ି ବଢ଼ି ଚାଲିଛି । ଗୁଲାବ୍ ସିଂ ଦଳେ ଚେଲା ଚାମୁଣ୍ଡାଙ୍କ ସାହାଯ୍ୟରେ ଜିନିଷ କିଣା ବିକାରେ ଆଦିବାସୀଙ୍କୁ ଠକି ଚାଲିଛି । ଆଦିବାସୀଙ୍କୁ କେହି ଠକିଲେ, ହଇରାଣ ହରକତ୍ କଲେ ବିମଳ ଦେହରେ ଯାଏନି । ବିମଳ ଠିକ୍ କଲା ସବୁ ହାଟ ପାଳିରେ ସେ ହାଟ ତଦାରଖ କରିବ । ଗୁଲାବ୍ ସିଂହର ଭାରି ପରାକ୍ରମ । ଜିନିଷ ଓଜନ, ଟଙ୍କା ହିସାବ କିତାବରେ ନିରୀହ ଆଦିବାସୀଙ୍କୁ ପଟି ମାରେ । ତା'ଚେଲା ଚାମୁଣ୍ଡା ତହିଁକି ବଳି । ସେ ଚେଲା ଚାମୁଣ୍ଡାଙ୍କ ଭିତରେ ଝମିକୁ ଝିଙ୍କି ନେଇଥିବା ଧାଙ୍ଗଡ଼ାଟା ବି ସାମିଲ୍ ଅଛି ।

ବିମଳ ପୁଲିସ, ଯୋଗାଣ ବିଭାଗ ଅଧିକାରୀଙ୍କୁ ନେଇ ହାଟରେ ଚଢ଼ଉ ଆରମ୍ଭ କରିଦେଇଛି । ଗୁଲାବ୍ ସିଂଟା ଏବେ ପୁଲିସ ହାଜତରେ । ଚେଲା ଚାମୁଣ୍ଡା, ଅସାଧୁ ବେପାରୀଙ୍କ ଭିତରେ ଚହଳ ପଡ଼ିଯାଇଛି । ବିମଳକୁ ପାନେ ଦେବାପାଇଁ ମସୁଧା ଚାଲିଛି ।

Digitized by srujanika@gmail.com

ରମିକୁ ଝିଙ୍କି ନେଇଥିବା ଧାଙ୍ଗଡ଼ାଟା ଏବେ ଦୋକାନ ବଜାରରେ ବିମଳ ଆଉ ରମିକୁ ନେଇ ଗୁଡ଼େ ଆଜେ ବାଜ୍ୟେ କଥା ଗପୁଛି । ଆଦିବାସୀ ଝିଅଟାକୁ ଠକେଇ ଭୁଲେଇ ବିମଳ ମଜା ନେଉଛି ବୋଲି ଗୁଜବଟାଏ ବଜାରକୁ ଛାଡ଼ିଛି । ତିନି ତୁଣ୍ଡରେ ଛେଳି କୁକୁର । ତୁଣ୍ଡ ବାଇଦ ସହସ୍ର କୋଷ । କଥାଟା ଘରିଆଡ଼େ ବ୍ୟାପି ଗଲାଣି । ରମି, ବିମଳ କିନ୍ତୁ ସେ କଥାକୁ ଖାତିର କରନ୍ତି ନାହିଁ ।

କଥାଟା ଏବେ ସେଠି ଅଟକିନି । ଗୁଲାବ୍ ସିଂ ପୁଲିସ ହାଜତରେ ଥାଇ ଦଳେ ଟୋକାଙ୍କୁ ବିମଳ ଉପରେ ଶାରୀରିକ ଆକ୍ରମଣ ପାଇଁ ବଇନା ଦେଇଛି । ଫଳସ୍ୱରୂପ ବିମଳ ରକ୍ତାକ୍ତ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ । ତା'ସାଙ୍ଗକୁ ଆଦିବାସୀ ଝିଅଟାକୁ ବିମଳ ଶାରୀରିକ ଶୋଷଣ କରୁଥିବାର ପ୍ରଚରପତ୍ର କାନ୍ଥ ବାଡ଼ରେ ଲାଗିଛି ।

ବିମଳ ବିରୁଦ୍ଧରେ ପ୍ରଚର ଯେତେ ବଢ଼ି ଚାଲିଛି, ରମି ପ୍ରତି ବିମଳର ଆକର୍ଷଣ, ଆତ୍ମୀୟତା ସେତିକି ଗଭୀର ହେବାରେ ଲାଗିଛି । ପ୍ରେମ ଶାଶ୍ୱତ, ପବିତ୍ର । ସେଠି ଜାତି-ଅଜାତି, ଉଚ୍ଚ-ନୀଚ୍ଚର ମାନେ କିଛି ନାହିଁ । ଅପପ୍ରଚରର ଦମ୍ ନାହିଁ ।

ରମି ଆହତ ବିମଳର ସେବା ଶୁଶ୍ରୂଷା କରୁ କରୁ ଭାବୁଥିଲା ସେ ଅପେକ୍ଷା କରିଥିବା ସମୟ ଏବେ ତା'ହାତ ପାହାନ୍ତାରେ । କେତେ ଦିନ ଆଉ ମନ କଥା ମନରେ ଚପି ରଖିପାରିବ । ବିମଳ ବାବୁଙ୍କୁ ମନ ଖୋଲି କହିଦେଲେ କ୍ଷତି କ'ଣ ? ଦମକାଏ ଦେହ ଉଲୁସା ଶୀତଳ ପବନ ରମିକୁ ସ୍ପର୍ଶ କରି ବିମଳ ଦେହରେ ଘସି ହୋଇଗଲା । ବିମଳ ଭାବୁଥିଲା, ନଦୀ ସାଗରର ମିଳନକୁ ରୋକି ପାରିବାକୁ ଅବା କାହାର ସାଧ ଅଛି ?

❖❖❖

Digitized by srujanika@gmail.com

ସରଅପା

ଆଖପାଖର ଯେତେ ପିଲା, ଯେଉଁମାନେ ସରଠୁ ବୟସରେ ସାନ, ସମସ୍ତେ ସରକୁ ସରଅପା ବୋଲି ସମ୍ବୋଧନ କରନ୍ତି । ସେ ସମସ୍ତଙ୍କର ଆଦର୍ଶ ସରଅପା । ତା'ର ବିନା ପରାମର୍ଶରେ କେହି କିଛି କରନ୍ତି ନାହିଁ । ଯେଉଁମାନେ ତା'ଠୁ ବୟସରେ ବଡ଼, ସେମାନେ ସବୁ କାମରେ ତାକୁ ହିଁ ଖୋଜନ୍ତି । ସେ ବି ସାନ ବଡ଼ ସମସ୍ତଙ୍କ କଥା ବୁଝେ । ସବୁ କଥାକୁ ପାରଙ୍ଗମ । ଚିକୁ କଥା ତ ନିଆରା । ସମୟ ପାଇଲେ ସର ଅପା ପାଖକୁ ଦଉଡ଼େ । ତାକୁ ଦେଖିଲେ କୋଟି ନିଧି ପାଇଲା ପରି ହୁଏ । ଯେତେବେଳେ ଦେଖିବ ତା' ପଛେ ପଛେ ଚିକୁ । ଦଳଟେ ଚିକୁକୁ ସରଅପାର ଲାଙ୍ଗୁଡ଼ ବୋଲି କହି ଥଟ୍ଟା-ମଜା କରନ୍ତି ।

ଚିକୁର ତୃତୀୟ ଶ୍ରେଣୀ । ପାଠ ଅପେକ୍ଷା ଖେଳକୁଦରେ ବେଶି ମନ । ଅଙ୍କ ବୁଝିବା ବାହାନାରେ ଖାତା, କଲମ ଧରି ସରଅପା ପଛରେ ଗୋଡ଼ାଏ । ସର ଅଷ୍ଟମ ଶ୍ରେଣୀରେ ପଢ଼ିଲାଣି । ଚିକୁ ଅନୁସାରେ ସରଅପା ଭଳି କେହି ନୁହନ୍ତି । ସେ ଯେମିତି ଅଙ୍କ ବୁଝାଏ, ସେମିତି ଆଉ କେହି ପାରିବେନି । ବେଳେ ବେଳେ ଚିକୁ ନିରିଖେଇ ସରଅପାକୁ ଦେଖେ । ତା'ମୁଣ୍ଡକୁ ଅନାଏ । ତା' ମୁଣ୍ଡରେ ଏତେ ବୁଦ୍ଧି ହେଲା କେମିତି ? ଯେତେ କଷ୍ଟ ଅଙ୍କ ହେଲେ ବି ଫଟାଫଟ୍ ବୁଝାଇଦେବ । ଅଙ୍କ କଲାବେଳେ ଚିକୁ ସରଅପାର ହାତକୁ ଅନାଏ । ତା'ର ଗୋରା ଆଉ ନରମ ହାତରେ କଲମ ସାଏଁ ସାଏଁ ଚାଲେ । ଅଟକିବାର ପ୍ରଶ୍ନ ନାହିଁ । ବେଳେ ବେଳେ ଚିକୁ ସର ଅପାର ସେ ଗୋରା ହାତକୁ ଧରି ପକାଇ କହେ- "ସରଅପା ମୁଁ ତମଭଳି ଲେଖିପାରୁନି କାହିଁକି ?" ସରଅପା ହସି କହେ- "ପାରିବୁ, ବଡ଼ ହେଲେ ପାରିବୁ" । ଚିକୁ ମନେ ମନେ ଭାବେ ସେ କେବେ ବଡ଼ ହେବ । ସରଅପା ପରି ସାଏଁ ସାଏଁ ଲେଖିବ ।

ରବିବାର ହେଲେ ସରଅପାର ଗୁରୁତ୍ୱ ଆହୁରି ବଢ଼ିଯାଏ । ସବୁ ପିଲାଙ୍କୁ ମେଳି କରି କାହା ବାଡ଼ିରୁ ପିଜୁଳି, କାହା ବାଡ଼ିରୁ ବରକୋଳି ବିଛା ହୁଏ । ବିନା ଶବ୍ଦରେ

Digitized by srujanika@gmail.com

କୋଳି, ପିଜୁଳି ପାରିବାର ତରିକା ସବୁ ତାକୁ ଜଣା। କିଏ ପିଜୁଳି ଗଛକୁ ଚଢ଼ିବ, କିଏ ନଗିରେ ବରକୋଳି ପାରିବ, ଏ ସବୁ ତା'ର ନିର୍ଦ୍ଦେଶ ଅନୁସାରେ ହୁଏ। ଚିକୁକୁ ଅନ୍ୟ ପିଲାମାନଙ୍କ ସହିତ ମିଶି କୋଳି, ପିଜୁଳି ଗୋଟାଇବାର ଦାୟିତ୍ୱ ଦିଆଯାଏ। କିନ୍ତୁ କୋଳି ହେଉ କି ପିଜୁଳି ସବୁର ମାଲିକ ସରଅପା । ସେଗୁଡ଼ିକ ବାଣ୍ଟିବାର ଅଧିକାର କେବଳ ତା'ର । ସେ ସମସ୍ତଙ୍କୁ ସମାନଭାବରେ ବାଂଟେ। ବେଳେ ବେଳେ ଚିକୁ ଭାଗରେ ଗୋଟେ ଅଧେ କୋଳି ଅଧିକା ପଡ଼ିଗଲେ ତା'ର ଛାତି କୁଣ୍ଢେ ମୋଟ ହୋଇଯାଏ। ସେ ଭାବେ, ସରଅପା କେତେ ଭଲ।

ପୂଜା, ଯାନି ଯାତ୍ରାରେ ଦଳେ ଚେଲାଙ୍କୁ ଧରି ଅନ୍ୟ କାହା ବାଡ଼ି ବଗିଚାରୁ ଫୁଲ ଚୋରି କରିବାରେ ସରଅପା ଖୁବ୍ ଧୁରନ୍ଧର। ଚିକୁ ସେ ସମୟରେ ଅତି ଭୋରୁ ଉଠି ତା' ପାଖକୁ ଦଉଡ଼େ। ରଙ୍ଗ ବେରଙ୍ଗର ମେଞ୍ଚେ ଫୁଲ ତୋଳି ସର ଅପା ସମସ୍ତଙ୍କୁ କିଛି କିଛି ଫୁଲ ବାଂଟିଦିଏ। ଚିକୁ ଭାଗରେ ବି କିଛି ପଡ଼େ। ଫୁଲ ଗଣ୍ଡାଏ ଧରି ସେ ଏକା ନିଃଶ୍ୱାସରେ ଘରକୁ ଦଉଡ଼େ। ସତେକି ଗଡ଼ଟାଏ ଜିତିଛି।

କୁମାର ପୂର୍ଣ୍ଣମୀରେ ସରଅପା ଜହ୍ନି ଓଷା କରେ। କଇଁ ଫୁଲ ପାଖୁଡ଼ାରେ ବଡ଼ ଘର କରି ଜହ୍ନକୁ ପୂଜା କରେ। ଜହ୍ନକୁ ମୁଣ୍ଡିଆ ମାରେ। କେହି ଜଣେ ଚିକୁକୁ କହିଛି, ଭଲ ବର ପାଇବା ପାଇଁ ସେ ଜହ୍ନକୁ ମୁଣ୍ଡିଆ ମାରେ। ଭଲ ବର କ'ଣ ଚିକୁ କିଛି ବୁଝି ପାରେନି ସିନା ଜହ୍ନକୁ ମୁଣ୍ଡିଆ ମାରି କହେ- "ସରଅପାକୁ ଭଲ ବର ଦିଅ"। ମୁଣ୍ଡିଆ ମାରି ସାରି ସରଅପା ପାଖକୁ ଦଉଡ଼େ। କହେ- "ମୁଁ ଜହ୍ନକୁ ମୁଣ୍ଡିଆ ମାରି ତମକୁ ଭଲ ବର ଦେବା ପାଇଁ କହିଛି।" ସରଅପା ହସି ଦେଇ ଚିକୁକୁ କୁଣ୍ଢେଇ ପକାଏ।

ଚିକୁର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଖେଇ ଆସୁଛି। ସରଅପା ଚିକୁକୁ ସବୁବେଳେ ପଢ଼ିବା ପାଇଁ ତାଗିଦ୍ କରେ। କଥା ମାନି ଚିକୁ ପାଠରେ ମନ ଦିଏ। ହେଲେ ସବୁବେଳେ 'ଭଲ ବର' କଥାଟା ତା' ମନକୁ ଆସେ। ଭାବେ ସମୟ ପାଇଲେ ସର ଅପାଠୁ 'ଭଲ ବର' ବିଷୟରେ ବୁଝି ନେବ।

ସର ଅପା ନବମ ଶ୍ରେଣୀକୁ ଗଲାଣି। ଏବେ ସେ ଫ୍ରକ୍ ଛାଡ଼ି ଶାଢ଼ି ପିନ୍ଧୁଚି। ଚିକୁ ଲକ୍ଷ୍ୟ କରୁଛି, ଶାଢ଼ି ପିନ୍ଧିବା ଦିନଠୁ ସେ କେମିତି ଟିକେ ବଦଳି ଗଲାଣି। ଆଗ ଭଳି ଧାଁ ଦୌଡ଼, ଠେଲା ପେଲା କରୁନି। ଯା' ତା' ବାଡ଼ି ବଗିଚାରେ ପଶି ଫୁଲ ଚୋରି କମେଇ ଦେଇଛି। ତଥାପି ସେ ପିଲାଙ୍କର ନେତ୍ରୀ। ତା'କଥା ଅନୁସାରେ ସବୁ କାମ ହୁଏ। ପୁଣି ଚିକୁ ପାଇଁ ତ ସରଅପାର କଥା ବେଦର ଗାର।

Digitized by srujanika@gmail.com

ଚିକୁ ପଂଚମ ଶ୍ରେଣୀକୁ ଗଲାଣି। ପାଠପଢ଼ାର ଚାପ ବଢ଼ିଛି। ବାପା ତାକୁ ପଢ଼ାପଢ଼ିରେ ମନ ଦେବା ପାଇଁ ତାଗିଦ୍ କରିଛନ୍ତି। ହେଲେ ଦିନରେ ଥରୁଟିଏ ସର ଅପାକୁ ନ ଭେଟିଲେ ତା'ର ମନ ଥୟ ଧରେନି। ସରଅପା ମାଟ୍ରିକ ପରୀକ୍ଷା ଦେବ। ଆଗ ଅପେକ୍ଷା ସେ ବେଶୀ ସମୟ ପଢ଼ାପଢ଼ି କରୁଛି।

ସର ଅପାର ମାଟ୍ରିକ ପରୀକ୍ଷା ସରିଗଲାଣି। ତଥାପି ସେ ଆଉ ଆଗ ଭଳିଆ ବାହାରକୁ ଯାଉନି। ମନ ମାରି ଘରେ ରହୁଛି। ଚିକୁ ସାଙ୍ଗରେ ଦେଖା ହେଲେ ଛୋଟ ହସଟିଏ ହସିଦେଇ ହତାଶ ଆଖିରେ ଚାହିଁ ରହୁଛି। ତା'ର ଏପରି ବ୍ୟବହାରକୁ ବୁଝିପାରେନି ଚିକୁ। ଭାବେ ସେ ବୋଧେ ଭଲ ବରଟା ପାଉନି। ସେଥିପାଇଁ ତା'ର ଏତେ ଚିନ୍ତା। ଦିନେ ସାହସ କରି ପଚାରିଲା "ସରଅପା, ମୁଁ ଯଦି ତମକୁ ଭଲ ବର ଆଣିଦିଏ, ତମେ ମୋ ସାଙ୍ଗେ ଆଗ ଭଳି ଖେଳିବ ନା !" ସରଅପା କିଛି ଉତ୍ତର ଦିଏନି, ଘର ଭିତରକୁ ଚାଲିଯାଏ।

ସେଦିନ ରବିବାର ଥାଏ। ରାଉତ ସାହିରେ ଗୋଟିଏ ପିଜୁଳି ଗଛରେ ଗୁଡ଼ାଏ ପିଜୁଳି ପାଚି ଝୁଲୁଛି ବୋଲି ସନାଭାଇ ଚିକୁକୁ କହିଲା। ପିଜୁଳିର ଭିତର ଗୁଡ଼ା ପୁରା ଲାଲ୍। ମଞ୍ଜି ନାହିଁ। ଭାରି ମିଠା। ସନା ଭାଇ କଥା ଶୁଣି ଚିକୁ ସରଅପା ପାଖକୁ ଦୌଡ଼ିଲା। ତାକୁ ଡାକି ସବୁ କଥା କହିବ। ସେ ଚାହିଁଲେ କେତେ ଯେ ପିଜୁଳି ତୋଳା ହେବ, ତା'ର ଠିକଣା ନାହିଁ। କିନ୍ତୁ ସରଅପା କାହିଁ ? ସରଅପାର ଦାଣ୍ଡ ଘରେ ଚାରି ଜଣ କିଏ ବସିଛନ୍ତି। ତାଙ୍କ ସଙ୍ଗେ ସରଅପାର ବାପା ବି ବସିଛନ୍ତି। ସର ଅପା ଘର ଭିତରୁ ଗୋଟେ ଟ୍ରେରେ ପାଞ୍ଚ କପ୍ ଚା'ଧରି ବାହାରିଲା। ଟ୍ରେ ଥୋଇ ଦେଇ ସମସ୍ତଙ୍କୁ ନମସ୍କାର କରି ଚୁପ୍‌ଚାପ୍ ବସି ରହିଲା। ଚିକୁ ଆଡକୁ ମୁହଁ ଟେକି ଥରୁଟିଏ ବି ଅନେଇଲାନି। ତାକୁ ଲାଗିଲା, ଏ ସରଅପା ତାର ପୂର୍ବ ସରଅପା ନୁହଁ। ମନ ଦୁଃଖରେ ଘର ମୁହାଁ ହୋଇ ଦଉଡ଼ିଲା ସେ।

ସେଦିନ ସଂଧ୍ୟାରେ ଚିକୁ ଶୁଣିଲା, ସର ଅପାର ବାହାଘର ଠିକ୍ ହେଇଯାଇଛି। ଦିନ କେଇଟାରେ ସେ ବାହା ହୋଇ ଶାଶୂଘର ଚାଲିଯିବ। ସରଅପା ଶାଶୂଘର ଚାଲିଯିବ ଶୁଣିଲା ବେଳକୁ ଚିକୁର ଛାତିଟା ଭୟରେ ଦାଉଁକିନା ହେଇଗଲା। ସେ ଚାଲିଗଲେ ଚିକୁକୁ ବୁଦ୍ଧି ବତେଇବ କିଏ ? ମନେ ମନେ ତା' ଉପରେ ଅଭିମାନ କଲା- "ସବୁବେଳେ ତ ଭଲ ବର ପାଇଁ ଜହ୍ନକୁ ମୁଣ୍ଡିଆ ମାରିଲା। ଏବେ ତା' କଥା ବୁଝୁ ସିଏ।" ଚିକୁର ମନ ବୁଝିଲାନି। ବାହାଘର ଦିନ ଦଉଡ଼ିଲା ସର ଅପା ପାଖକୁ। ଏକୁଟିଆ ଦେଖି ତାକୁ

Digitized by srujanika@gmail.com

ପଚାରିଲା- "ସରଅପା, ତମେ ଭଲ ବର ପାଇଗଲନା। ତମେ ଚାଲିଗଲେ ମୋର କ'ଣ ହେବ ?"

ସରଅପା ବିକଳ ହୋଇ ଚିକୁକୁ ଚାହିଁଲା। କଣ କହିବ କହିବ ହେଇ କିଛି କହିପାରିଲାନି। ତା ଆଖି ଲୁହରେ ଜକେଇ ଯିବା ଦେଖିପାରିଲା ଚିକୁ। ଆଖିଏ ଲୁହ, ଛାତିଏ କୋହ ନେଇ ଏକମୁହାଁ ହୋଇ ଘରକୁ ଧାଇଁଲା ସେ। ସବୁ ଯେମିତି ଗୋଳମାଳିଆ ଲାଗୁଥାଏ। ବେଶି କିଛି ବୁଝିପାରୁ ନଥିଲେ ବି ଏଇ ବାହାଘରଟାକୁ ଚିକୁ ସହଜରେ ନେଇ ପାରୁ ନ ଥାଏ। ତାକୁ ଲାଗୁଥାଏ ଯେମିତି ଗୋଟାଏ କିଛି ଭୁଲ ହେଇ ଯାଉଛି। "ସରଅପା ତ ଆହୁରି ପଢ଼ିପାରିଥାନ୍ତା, ମୋତେ ବି ପଢ଼େଇଥାନ୍ତା। ଏ ସବୁ ହଉଛି କାହିଁକି ?" ଚିକୁ ଅସହାୟ ଭାବରେ ବାରମ୍ବାର ନିଜକୁ ପ୍ରଶ୍ନ କରିଚାଲିଥାଏ।

ସମୟ କାହାକୁ ଅପେକ୍ଷା କରେନା। ସେ ତା' ବାଟରେ ଚାଲେ। ସରଅପା ବି ବାହା ହୋଇ ଶାଶୂ ଘରକୁ ଚାଲିଗଲା। ଚିକୁ ଏ ଭିତରେ ମାଟ୍ରିକ ପାଶ୍ କରି କଲେଜରେ ପଢ଼ିବା ପାଇଁ ଗାଁ ଛାଡ଼ି ସହରକୁ ଚାଲିଗଲାଣି। ସରଅପା ସାଙ୍ଗେ ତା'ର ଆଉ ଦେଖା ହୁଏନି କିମ୍ବା ତା'ର ଖବର ଅନ୍ତର ତା' ପାଖରେ ନାହିଁ। କିନ୍ତୁ ଚିକୁର ମନ ଥାଏ ସର ଅପା ପାଖରେ। ଚିକୁର ଏବେ କିଛିଟା ବୁଝିବାର ଶକ୍ତି ହେଲାଣି। ସେ ଭାବେ "ଅଧାରୁ ପାଠ ଛଡ଼େଇ ଅଳ୍ପ ବୟସରୁ ସରଅପାକୁ ବାହାକରିଦେବା ଏକ ସାମାଜିକ ଅପରାଧ ନୁହେଁ କି ?" ଚିକୁର ମନ ବିଦ୍ରୋହ କରିଉଠେ। ଇଚ୍ଛା ହୁଏ ତାର ଯଦି ଶକ୍ତି ଥା'ନ୍ତା, ସେ ସରଅପାକୁ ଫେରେଇ ଆଣନ୍ତା ।

+ଦୁଇ ବିଜ୍ଞାନ ପରୀକ୍ଷା ପରେ ଗାଁକୁ ଫେରେ ଚିକୁ। ଅପ୍ରତ୍ୟାଶିତ ଭାବରେ ଦେଖାହୁଏ ସରଅପା ସହିତ ପୋଖରୀ ତୁଠରେ। ଆଖିକୁ ବିଶ୍ୱାସ କରି ପାରେନି। ଖୁସିରେ ତା'ର ଛାତି କୁଣ୍ଢେ ମୋଟ ହୋଇ ଯାଏ। ଯାହା ହେଉ ସରଅପା ଫେରି ଆସିଛି। ସରଅପା କିନ୍ତୁ କଥା ହୁଏ ନି। ପଦେ ଦୁଇ ପଦ କଥା କହି ଚୁପ୍ ରହେ। ଯେମିତି ଆଗ ସରଅପା ଆଉ ନାହିଁ। ଭାରାକ୍ରାନ୍ତ ମନରେ ଚିକୁ ବିଦାୟ ନିଏ। ପରେ ଜାଣିବାକୁ ପାଏ ସରଅପା ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ ପ୍ରାଣ ଭୟରେ ଗାଁକୁ ପଳେଇ ଆସିଛି। ସମାଜରେ ନାରୀ ପ୍ରତି ଏ ଅବିଚାର କାହିଁକି ? ଚିକୁ ଭାବେ ନାରୀ, ପୁରୁଷ ଦୁହେଁ ଈଶ୍ୱରଙ୍କର ସୃଷ୍ଟି। ଏକ ବିନା ଆରକର ସ୍ଥିତି, ଗତି ଅସମ୍ଭବ। ନାରୀର ଶିକ୍ଷା, ସ୍ୱାଧିନତା ପାଇଁ ପୁରୁଷ ପ୍ରଧାନ ସମାଜ ଏତେ ବିମୁଖ କାହିଁକି ? ସର ଅପାକୁ ଆଉ ସାମ୍ନା ସାମ୍ନି ହେବାର ସାହସ ସଂଚୟ କରି ପାରିଲାନି ଚିକୁ। ଜଣେ ପୁରୁଷ

Digitized by srujanika@gmail.com

ହିସାବରେ ସରଅପାର ଦୁର୍ଦ୍ଦଶା ପାଇଁ ନିଜକୁ ଦାୟୀ ମନେ କରୁଥିଲା ଟିକୁ। ପରୀକ୍ଷା ଫଳ ବାହାରିବା ପରେ ଟିକୁର ଇଂଜିନିଅରିଂ ପଢ଼ିବା ସ୍ଥିର ହେଲା। ଗାଁ ଛାଡିବା ପୂର୍ବରୁ ସରଅପାକୁ ଭେଟିବାକୁ ଗଲା ସେ। ବହି ଯାଉଥିବା ଝରଣାଟି ଯେମିତି ସ୍ଥିର ହୋଇଯାଇଛି। କୁଳୁକୁଳୁ ଶବ୍ଦ ସତେ ଅବା ଅଟକି ଯାଇଛି। ଦେହ ପା' ବିଷୟରେ ପଚାରି ଫେରି ଆସିଲା ଟିକୁ।

ମଝିରେ ଆଉ ସରଅପା ସାଙ୍ଗେ ଭେଟ ହୁଏ ନାହିଁ। ଯେତେବେଳେ ଛୁଟିରେ ଗାଁକୁ ଆସିଛି, ଟିକୁ ସରଅପାକୁ ପାଇ ନାହିଁ। ବୁଝେ, ସେ ଶଶୁର ଘରେ ଅଛି।

ଇଂଜିନିଅରିଂ ପରୀକ୍ଷା ପରେ ଟିକୁ ଗାଁ କୁ ଫେରିବା ବାଟରେ ଆଗେ ଗାଁ ମୁଣ୍ଡ ଦେଉଳକୁ ଗଲା। ମା' ମଙ୍ଗଳାଙ୍କୁ ଦର୍ଶନ କରି ଘରକୁ ଯିବ। ମଙ୍ଗଳାଙ୍କ ମୁଣ୍ଡରେ ଦାଉ ଦାଉ ସିନ୍ଦୁର। ପିଲାବେଳୁ ମଙ୍ଗଳାଙ୍କ ଏ ରୂପରେ ସେ ଅଭ୍ୟସ୍ତ। ମାତ୍ର ଦେଉଳରେ ମଙ୍ଗଳାଙ୍କୁ ଦର୍ଶନ ପୂର୍ବରୁ ଯାହାଙ୍କର ସେ ଦର୍ଶନ ପାଇଲା ତାଙ୍କ ମୁଣ୍ଡରେ ସିନ୍ଦୁର ନଥିଲା। ରଙ୍ଗୀନ୍ ଶାଢ଼ି ପରିବର୍ତ୍ତେ ଶ୍ୱେତ ବର୍ଣ୍ଣର ଶାଢି। ନୁଖୁରା ହାତ। ସରଅପାର ଏ ଦୃଶ୍ୟ ଦେଖି ଟିକୁର ପାଦ ତଳୁ ଭୂମି ଘୁଂଚିଯିବା ପରି ପ୍ରତୀୟମାନ ହେଲା। ଅଧୈର୍ଯ୍ୟରେ ଟିକୁ ସରଅପାର ହାତ ଧରି ଗୁଡ଼ାଏ ପ୍ରଶ୍ନ ନେଇ ଅପଲକ ନେତ୍ରରେ ଅନେଇ ରହିଲା ସିନା, କିଛି କହି ପାରିଲା ନାହିଁ। ପ୍ରକୃତିସ୍ଥ ହେଲା ବେଳକୁ ସରଅପା ହାତ ଖସାଇ ନେଇ ଆଗକୁ ବଢ଼ିଯାଇଥିଲା।

ରାତି ସାରା ଟିକୁ ଆଖିରେ ନିଦ ନାହିଁ। ସରଅପାର ଦୁର୍ଦ୍ଦଶା ତାକୁ ଅଥୟ କରିପକାଉଥାଏ। ଯନ୍ତ୍ରଣାରେ ସେ ଛଟପଟ ହେଉ ଥାଏ। ଉପଯୁକ୍ତ ଶିକ୍ଷାର ଅଭାବ, ଅସମୟରେ ବିବାହ, ଯୌତୁକ ନିର୍ଯ୍ୟାତନା ଏବଂ ବୈଧବ୍ୟର ଯନ୍ତ୍ରଣା ଯେ ସରଅପାର ଜୀବନକୁ ନର୍କରେ ପରିଣତ କରି ସାରିଛି, ସେକଥା ମର୍ମେ ମର୍ମେ ଅନୁଭବ କରୁଥିଲା ଟିକୁ। କିନ୍ତୁ ହାତ ବାନ୍ଧି ବସିଲେ ଚଳିବ ନାହିଁ। ସରଅପା ତ କହିଛି ତୁ ବଡ଼ ହେଲେ ପାରିବୁ। ସାହସ ସଂଚୟ କରି ପରଦିନ ଭାରାକ୍ରାନ୍ତ ମନରେ ସକାଳୁ ସରଅପା ଘର ଅଭିମୁଖେ ବାହାରିଲା ଟିକୁ। ମନଖୋଲା ଦି'ପଦ କଥା ହେଇ ଫେରିଆସିଲା ବେଳକୁ ଟିକୁକୁ ଯେମିତି ବେଶ୍ ହାଲୁକା ଲାଗୁଥାଏ। ସରଅପା ତା' କଥାରେ ରାଜି।

ଚାକିରି ଉଦ୍ଦେଶ୍ୟରେ ଟିକୁ କେବେଠୁ ଗାଁ ଛାଡ଼ି ଚାଲିଗଲାଣି। ସରଅପାର କିନ୍ତୁ ବହୁତ ପରିବର୍ତ୍ତନ । ଟିକୁ କଥା ମାନି କିଛି ପିଲା ଯୋଗାଡ଼ କରି ସେ ଏବେ ଟ୍ୟୁସନ୍ କରୁଛି। ପିଲାଙ୍କ ଗହଣରେ ତା'ର ସମୟ ବେଶ୍ କଟି ଯାଉଛି।

Digitized by srujanika@gmail.com

ବସନ୍ତ ପଞ୍ଚମୀରେ ଟ୍ୟୁସନ୍ ପିଲାଙ୍କର ବାଗ୍‌ଦେବୀଙ୍କ ଆରାଧନା । ବସନ୍ତର ମୃଦୁ ମଳୟ ମନକୁ ବେଶ୍ ପୁଲକିତ କରୁଛି। ଥୁଣ୍ଟା ଗଛରେ ପଲ୍ଲବୀତ ସବୁଜ ପତ୍ରର ସମ୍ଭାର। କୋଇଲିର କୁହୁତାନ ବେଶ୍ ମନୋମୁଗ୍ଧକର । ଛୁଟିରେ ସମୟ ପାଇ ଗାଁକୁ ଫେରିଛି ଚିକୁ। ସରଅପାର ପରିବର୍ତ୍ତନରେ ତା'ମନରେ ଅଫୁରନ୍ତ ଆନନ୍ଦ।

ବାଗ୍‌ଦେବୀଙ୍କୁ ପ୍ରଣାମ କରି ସରଅପା ପାଖରେ ବସିପଡ଼ିଲା ଚିକୁ। ସେ ତାକୁ କିଛି ଅନୁରୋଧ କରିବ। ବେଶ୍ କିଛି ସମୟ କଥାବାର୍ତ୍ତା ପରେ ସରଅପା ମୁଖମଣ୍ଡଳରେ ଲକ୍ଷ୍ୟ କଲା ସମ୍ମତିର ଲକ୍ଷଣ। ଚିକୁର ମନରେ ଆନନ୍ଦର ସୀମା ନାହିଁ। ଆଉ ଥରେ ସଂସାର କରିବାକୁ ସରଅପା ଏକ ପ୍ରକାର ରାଜି।

ନିଜର କର୍ମକ୍ଷେତ୍ରକୁ ଫେରିଆସିଲା ଚିକୁ। ହେଲେ ମନ ତା'ର ବିଚଳିତ ହୁଏ ସମାଜର ଏ ସରଅପାମାନଙ୍କ ପାଇଁ । ଏମାନଙ୍କ ପାଇଁ ସମାଜର କ'ଣ କିଛି ଦାୟିତ୍ୱ ନାହିଁ। ସମସ୍ତଙ୍କର ସହାୟତାର ଗୋଟିଏ ଗୋଟିଏ ଛୋଟିଆ ପଦକ୍ଷେପରେ ଏ ସର ଅପାମାନଙ୍କର ଉଜୁଡ଼ି ଯାଇଥିବା ସଂସାର ପୁଣି କୁସୁମିତ ହୋଇ ପାରନ୍ତା। ନାରୀ ଦୁର୍ବଳା ନୁହେଁ । ଏ ପୁରୁଷ ପ୍ରଧାନ ସମାଜର ସୀମାହୀନ ଘାତ, ପ୍ରତିଘାତକୁ ସାମ୍ନା କରି ସେ ବି ତାର କଳ୍ପନାର ସୌଧକୁ ଜୀବନ୍ତ ରୂପ ଦେବାକୁ ଚାହେଁ।

ନିଦାଘ ଗୀଷ୍ମ ପରେ ବର୍ଷା ଋତୁର ଆଗମନ। ବର୍ଷାର ରିମ୍‌ଝିମ୍ ସଙ୍ଗୀତରେ ଗ୍ରୀଷ୍ମ ଋତୁର ଶୁଷ୍କ ଧରଣୀଟା ଏବେ ବେଶ୍ ମତୁଆଲା ହୋଇଉଠିଛି। ଚାରିଆଡ଼େ ସବୁଜ ବୃକ୍ଷଲତା, ସବୁଜିମାର ରାଜୁତି । ନଦୀ ନାଳ ଭରପୁର।

ସର ଅପାଠୁ ଚିଠି ଆସିଛି।

ଲଫାପାଟା ଚିରି ଚିଠି ଖୋଲି ପଢ଼ିଲା ଚିକୁ -

"ମୋ ବାହାଘରକୁ ତୁ ନିଶ୍ଚୟ ଆସିବୁ ଚିକୁ।"

-ସରଅପା

ଚିକୁ ଲକ୍ଷ୍ୟ କରୁଥିଲା ଆକାଶରେ ଇନ୍ଦ୍ରଧନୁର ଜୁଆର। ଏଥର ଯେ ସରଅପା ଭଲ ବରଟିଏ ପାଇବ, ଏଥିରେ ତା' ମନରେ ଆଉ ସନ୍ଦେହର ଅବକାଶ ନଥିଲା।

❖❖❖

Digitized by srujanika@gmail.com

ଆଉଟ୍ ହାଉସ୍

ହାଡଭଙ୍ଗା ଶୀତ, ନାହିଁ ନଥିବା ଥଣ୍ଡା । ଏ ବର୍ଷ ସବୁ ଶୀତ ମିଶି ଜମାଟ ବାନ୍ଧି ଯାଇଛି କି କଣ ! ତା'ହେତୁ ହେବା ଦିନଠୁ ଏତେ ଜାଡ଼ କେବେ ଅନୁଭବ ହେଇ ନଥିଲା ବୋଲି ଆଲୁରା ବାଲୁରା ବୁଢ଼ା ମଧୁ ମହାନ୍ତି କହିବାର ବିପିନ୍ ଶୁଣିଛି । ଏମିତି ବି ମଧୁ ମହାନ୍ତିଙ୍କୁ ବହୁ କଥା ଜଣା । ବୁଢ଼ାଟା ଜାଣିବା ଶୁଣିବାର ଲୋକ ବୋଲି ସମସ୍ତେ କହନ୍ତି । ଭବିଷ୍ୟତକୁ ଚୀନ ପାକିସ୍ଥାନର ହାତ ଛାଡ଼ି ଭାରତର ହାତ ଧରିବ ବୋଲି ସେ ପୂର୍ବାନୁମାନଟାଏ କରିଛି । ବେଲ୍‌ଜିଅମ୍ ଯଦି ନିଶାର୍ଦ୍ଧରେ କଳିଙ୍ଗ ହକି ପ୍ରାନ୍ତରରେ ପୂଜା ସମ୍ପନ୍ନ କରିନଥାନ୍ତା, ବିଶ୍ୱ ହକି କପ୍ ଫାଇନାଲ୍‌ରେ ହଲାଣ୍ଡଠାରୁ ପରାସ୍ତ ହେବା ଥୟ ଥିଲା ବୋଲି ତା'ର ଦୃଢ଼ ମତ । ହିମାଳୟର ଗଭୀରତମ ପ୍ରଦେଶରେ ଦୁଇଶହ ବର୍ଷ ବୟସର ସାଧୁ ସନ୍ଥମାନେ ବିନା ଆହାରରେ ଏବେ ବି ଯୋଗ ସାଧନାରେ ଲିପ୍ତ ଥିବାର ପ୍ରମାଣ ମଧୁ ମହାନ୍ତି ପାଖରେ ଗଚ୍ଛିତ ଅଛି ବୋଲି ସେ ଦାବି କରେ । ତୃତୀୟ ବିଶ୍ୱଯୁଦ୍ଧ ଜଳ ଯୋଗୁ ସଂଘଟିତ ହେବ ବୋଲି ମଧୁ ବୁଢ଼ାର ଭବିଷ୍ୟତ ବାଣୀ ।

ବୟସ ଅଶି ପାଖାପାଖି ହେଲାଣି । ଝୋଟ ଭଳି ଧୋବ ଫରଫର କେଶ ଗୁଡ଼ାକ ସବୁବେଳେ ଆଲୁରା ବାଲୁରା । ସେଥିପାଇଁ ସମସ୍ତେ ତାକୁ ଆଲୁରା ବାଲୁରା ବୁଢ଼ା ମଧୁ ମହାନ୍ତି ବୋଲି ଡାକନ୍ତି । ବୁଢ଼ାଟା ଗୋଟାଏ କ'ଣ ବଡ଼ ଚାକିରି କରିଥିଲା ସିନା, ହେଲେ ତା'ଅବହେଳାରୁ ତା' ବାପା ମା'ଙ୍କର ମୃତ୍ୟୁ ପରେ ସେ ଅର୍ଦ୍ଧପାଗଳ ହୋଇଗଲା । ଏକମାତ୍ର ଭେଣ୍ଡିଆ ପୁଅ ତା'କୁ ପରିତ୍ୟାଗ କରି ଚାଲି ଯିବା ପରେ ସେ ଏବେ ସମ୍ପୂର୍ଣ୍ଣ ପାଗଳ । ଦିନ ସାରା ଏପଟ ସେପଟ ବୁଲି ବୁଲି ଭବିଷ୍ୟତ ବାଣୀ କରିବା ତାର କାମ । ତା'ପାଗଳାମି ଦେଖି ସ୍ତ୍ରୀଟା କୁଆଡେ ଯାଇଛି ଯେ ତାର ଖୋଜ ଖବର ନାହିଁ ।

ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗଟା ଶୀତକୁ ପ୍ରବଳରୁ ପ୍ରବଳତର କରୁଛି । ହୁଗୁଳି ପଡ଼ିଥିବା ସାଲ୍‌ଟାକୁ ଦେହରେ ଭିଡ଼ି ଧରିଲା ବିପିନ୍ । ସ୍ୱେଟର ପିନ୍ଧିଥିଲେ ମଧ

Digitized by srujanika@gmail.com

ସାଲ୍ ପ୍ରତି ତା'ର ଭୀଷଣ ଦୁର୍ବଳତା । ଦେହରେ ସାଲ୍‌ଟେ ପଡ଼ିଥିଲେ ବିପିନ୍‌କୁ ଭାରି ଆରାମ ଲାଗେ । ଶୀତର ଟାଣଟା ଧଡ଼୍‌କିନା ନରମି ଯାଏ । ରାତି ନ'ଟା ପାଖାପାଖି ହେଲାଣି । ରାସ୍ତାରେ ଚଳପ୍ରଚଳ ଅପେକ୍ଷାକୃତ କମ୍ । ଅଟୋ ରିକ୍ସାର ପଛ ସିଟ୍‌ରେ ଚକାମାଡ଼ି ବସି ସାଲ୍‌ଟା ଦେହରେ ପକେଇ ବାହାରକୁ ବଗ ପରି ଏକ ଲକ୍ଷ୍ୟରେ ଚାହିଁଛି ବିପିନ୍ । ଗ୍ରାହକଟେ ମିଳିଲେ, ଝାମ୍ପି ନେବ ପରା !

ଆସନ୍ତା ପଣା ସଂକ୍ରାନ୍ତିକୁ ବିପିନ୍‌କୁ ଚାଳିଶ ଛୁଇଁବ । ସାତ ଆଠ ବର୍ଷ ହେଲାଣି ଭୁବନେଶ୍ୱରରେ ସେ ଅଟୋ ଚାଳକର ଭୂମିକାରେ ନିୟୋଜିତ । ପୂର୍ବେ ଭଡ଼ା ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଉଥିଲା । ଏବେ ବ୍ୟାଙ୍କରୁ ଋଣ ଆଣି ଅଟୋଟାଏ ଖରିଦ୍ କରିଛି । ନିଜ ଅଟୋରେ ଚାଳକ ନିଜେ । ରୋଜଗାର ଆଗ ଅପେକ୍ଷା ଭଲ । ଘରର ଖର୍ଚ୍ଚପାଣି ବାଦେ ଯଥା ସମୟରେ ଋଣ ପଇଠ କରେ ବିପିନ୍ । ଘରେ ସ୍ତ୍ରୀ ବୀଣା ଏବଂ ଦୁଇ ଛୁଆ । ଗାଁରେ ବାପା ମା'। ତେବେ ବାପା ମା'ଙ୍କ ଯତ୍ନରେ କେବେ ହେଳା କରେନି ବିପିନ୍ ।

ବର୍ଷା ଆଉ ନାହିଁ । ଶୀତର ପ୍ରକୋପକୁ ମୁକାବିଲା କରିବା ପାଇଁ ଦଳେ ରାସ୍ତା କଡ଼ରେ ଧୁନି ଜଳେଇବା ଆରମ୍ଭ କରିଦେଲେଣି । ରାସ୍ତାରେ ଲୋକବାକ ଆହୁରି ପତଳା । ବିପିନ୍ ଭାବିଲା, ଆଉ ଅପେକ୍ଷା କରିବାର ମାନେ କିଛି ନାହିଁ । ଆଜି ପାଇଁ ଏତିକି । ରୋଜଗାର ବି କିଛି ମନ୍ଦ ନୁହେଁ । ତା'କୁ ଘରକୁ ଫେରି ଯିବାକୁ ହେବ । ଏମିତି ବି ଅତି ଜରୁରୀ ଭଡ଼ା ନ ଜୁଟିଲେ ବିପିନ୍ ରାତି ଦଶଟା ସୁଦ୍ଧା ଘରକୁ ଫେରିଯାଏ ।

ସାଲ୍‌ଟାକୁ ଚାରିଭାଙ୍ଗ କରି ଯଥା ସ୍ଥାନରେ ରଖି ଅଟୋକୁ ଘରମୁହାଁ କଲା ବିପିନ୍ । ବିପିନ୍‌ର ନିଜର ଘର ନାହିଁ । ଜଣେ ବାବୁଙ୍କର ଦି'ବଖରିଆ ଆଉଟ୍ ହାଉସ୍‌ରେ ସେ ଭଡ଼ା ଦେଇ ରହେ । ତେବେ ଘର ମାଲିକଙ୍କର ଭଲମନ୍ଦ କିଛି କିଛି ବିପିନ୍‌କୁ ବୁଝିବାକୁ ପଡ଼େ । ହେଲେ ବି ତା'ର ମନ ଦୁଃଖ ନୁହେଁ । ଅନ୍ୟକୁ ସାହାଯ୍ୟ କରିବାରେ ବିପିନ୍‌ର ଆନନ୍ଦ ।

ଘର ସାମ୍ନାରେ ହର୍ଣ୍ଣରେ ଟିପ ଦେଲା ବିପିନ୍ । ବୀଣା ଆସି ଗେଟ୍ ଖୋଲିବା ପୂର୍ବରୁ ଘରମାଲିକଙ୍କ ଘରୁ କିଛି ଉଚ୍ଚ ବାଚର ଶବ୍ଦ ବିପିନ୍ କାନରେ ପଡ଼ିଲା । ମଝିରେ ମଝିରେ ବିପିନ୍ ଏମିତି ଉଚ୍ଚବାଚର ସ୍ୱର ଘରମାଲିକଙ୍କ ଘରୁ ଶୁଣେ । ବୀଣା ଗେଟ୍ ଖୋଲିବା ପରେ ଅଟୋକୁ ଯଥା ସ୍ଥାନରେ ରଖି ବୀଣାକୁ ଅପେକ୍ଷା କଲା ବିପିନ୍ । ବୀଣା ଗେଟ୍‌ରେ ତାଲା ପକାଉ ପକାଉ କହିଲା ଗାଁରୁ ବାପାଙ୍କର ଫୋନ୍ ଆସିଥିଲା । କହୁଥିଲେ ସେମାନଙ୍କର ଦେହ ଭଲ ନାହିଁ ।

Digitized by srujanika@gmail.com

ବାପା କି ବୋଉର କାହା ଶରୀର ଅସୁସ୍ଥ ସମ୍ବାଦଟିଏ ପାଇଲେ ବିପିନ୍ ବ୍ୟସ୍ତ ହୋଇପଡ଼େ । କାଳ ବିଳମ୍ବ ନ କରି ଘରେ ପ୍ରବେଶ କରୁ କରୁ ବାପାଙ୍କୁ ଫୋନ୍ ଲଗାଇ ଖବର ବୁଝିଲା । ଏମିତି ବି ବିପିନ୍ ସବୁଦିନ କାମ ଫେରନ୍ତା ବାପା ବୋଉଙ୍କର ଭଲମନ୍ଦ ଖବର ଫୋନ୍‌ରେ ବୁଝେ । ସେମିତି ବେଶି କିଛି ଅସୁବିଧା ନାହିଁ ଜାଣି ଆଶ୍ୱସ୍ତ ହେଲା ସିନା, କିଛିଦିନ ପାଇଁ ବାପା ବୋଉଙ୍କୁ ଭୁବନେଶ୍ୱର ଆଣି ପାଖରେ ରଖିବାକୁ ମନରେ ନିଶ୍ଚୟ କଲା ବିପିନ୍ ।

ବିପିନ୍ ବଡ଼ । ସାନ ଦୁଇ ଭାଇ ଗାଁରେ ରହନ୍ତି । ଜମି ବାଡ଼ି ବୋଲି ସେମିତି କିଛି ନାହିଁ । ଦୁଇ ଭାଇଙ୍କର ରୋଷେଇ ବ୍ୟବସ୍ଥା ଅଲଗା । ପ୍ରତି ପୁଅଙ୍କ ପାଖରେ ବାପା ବୋଉଙ୍କର ଚରିମାସିଆ ପାଳି । ପାଳି ବାଦେ ବି ବିପିନ୍ ସୁବିଧା ଅସୁବିଧାରେ ବାପା ବୋଉଙ୍କର କଥା ବୁଝେ । ଯେତେ ସମ୍ଭବ ବାପା ବୋଉଙ୍କର ଯତ୍ନ ନିଏ । ଭଲ ମନ୍ଦରେ ଭାଇମାନଙ୍କ ପାଖରେ ବି ଠିଆ ହୁଏ ।

ବିପିନ୍ ଭୁବନେଶ୍ୱର ଆସିବା ଦିନଠୁ ବୀଣା ଗାଁରୁ ଆସି ତା'ପାଖେ ରହୁଛି । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା । ଶୀତ ଦିନ ସାଙ୍ଗକୁ କୋହଲା ପାଗ । ବୀଣା ପାଣି ଉଷୁମ କରି ରଖିଛି । ବିପିନ୍ ଉଷୁମ ପାଣିରେ ଗୋଡ଼ ହାତ ଧୋଇ ନେଲା । ଖିଆପିଆ ପରେ ପୋଷାଏ ଉଷୁମ୍ ସୋରିଷ ତେଲ ବିପିନ୍‌ର ଦୁଇ ପାଦରେ ମାଲିସ୍ କରିଦେଲା ବୀଣା ।

ଆଜି କାହିଁକି କେଜାଣି ବିପିନ୍‌ର ତା'ବାପା ବୋଉଙ୍କ କଥା ବେଶି ମନକୁ ଆସୁଛି । ମନେ ପଡ଼ି ଯାଉଛି ତା'ପିଲା ଦିନର ସ୍ମୃତି । ବିପିନ୍‌ର ପିଲାଦିନ ସମୟଟା ଦାରିଦ୍ର୍ୟର କଷାଘାତରେ ପେଷି ହେଇ ଯାଇଛି । ଅନାହାର ଜନିତ ଜ୍ୱାଳାକୁ ମର୍ମେ ମର୍ମେ ଅନୁଭବ କରିଛି ବିପିନ୍ । ଓଳିଏ ଖାଇଲେ, ଓଳିଏ ଉପାସ । ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ବିପିନ୍‌ର ବାପା ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କ ପାଇଁ ଦି'ଓଳିର ଆହାର ଯୋଗାଡ଼ କରିବାକୁ ସକ୍ଷମ ହୋଇପାରନ୍ତିନି । ସ୍କୁଲ ପିଣ୍ଡା ମାଡ଼ିବା କେବଳ ବିପିନ୍ କାହିଁକି କୌଣସି ଭାଇଙ୍କ କପାଳରେ ଜୁଟିବା ସମ୍ଭବ ହେଇପାରିନି । "ଏତେ ଭାବୁଛ କଣ ? ସୁବିଧା ଦେଖି ବାପା ବୋଉଙ୍କୁ ଗାଁରୁ ନେଇ ଆସ"- ବୀଣାର କଣ୍ଠସ୍ୱରରେ ଭାବନା ରାଜ୍ୟରୁ ଫେରିଆସିଲା ବିପିନ୍ । ପିଲାଏ ଶୋଇପଡ଼ିଲେଣି । ହଁ ସେୟା କରିବା କହି ବିପିନ୍ ବି ଆଖି ବନ୍ଦ କରି ଶୋଇଗଲା । ସତେ ଯେମିତି ତା'ମନ ଭିତରେ ଉବୁଟୁବୁ ହେଉଥିବା ସମସ୍ୟା ସମାଧାନର ସରଳ ସୂତ୍ରଟିଏ ପାଇଯାଇଛି !

Digitized by srujanika@gmail.com

ପରଦିନ ପ୍ରଭାତରୁ ବିପିନ୍ ନିତ୍ୟ ନୈମିତ୍ତିକ କାର୍ଯ୍ୟ ସମାପନ କରି ଅଟୋ ଧରି କର୍ମକ୍ଷେତ୍ରକୁ ବାହାରିଲା ବେଳକୁ ଘର ମାଲିକଙ୍କଠୁ ଡକରାଟିଏ ପାଇଲା । ଘରମାଲିକ କହିଲେ- "ବିପିନ୍, ମୋ ମମି ଡାଡ଼ିଙ୍କ ମନ ଭୁବନେଶ୍ୱରରେ ଲାଗୁନି । ଏଠିକା ପାଣି, ପବନ ତାଙ୍କୁ ସୁହାଉନି ବୋଧେ । ଶରୀର ବାରମ୍ବାର ଅସୁସ୍ଥ ହେଉଛି । ଥଣ୍ଡା,କାଶ, ଜ୍ୱର, ପିଛା ଛାଡୁନି । ଆସନ୍ତା କାଲି ସକାଳୁ ତାଙ୍କୁ ନେଇ ଗାଁରେ ଛାଡ଼ି ଆସିବା ଦାୟିତ୍ୱ ତମର । ମୋର ଜରୁରୀ ଅଫିସ୍ କାମ ଅଛି । ଟିକିଏ ବି ଫୁରସତ୍ ନାହିଁ । ତମେ ଦାୟିତ୍ୱ ନେଇ କାମଟା କରିଦେବ ।"

ବିପିନ୍ ଘର ମାଲିକଙ୍କ ହଁରେ ହଁ ମିଶାଇ ଅଟୋ ଧରି ନିଜ କାମରେ ବାହାରିଗଲା ସିନା, କଥାଟାର ଆଦି ଅନ୍ତ ଠଉରେଇ ପାରିଲାନି । ଦେହ ପା' ଅସୁସ୍ଥ ହେଲେ ଲୋକେ ଚିକିତ୍ସା ପାଇଁ ଗାଁରୁ ଭୁବନେଶ୍ୱରକୁ ଆସନ୍ତି, ହେଲେ ତାଙ୍କ ବାବୁ ମମି, ଡାଡ଼ିଙ୍କ ଦେହ ଭଲ ରହୁନାହିଁ ବୋଲି ଗାଁକୁ ପଠାଉଛନ୍ତି କଣ ? ବିପିନ୍‌ର ମୁଣ୍ଡ ଗୋଳମାଳିଆ ଧରିଗଲା । ଭାବିଲା ଏସବୁ କଥା ତା'ଆୟତ୍ତର ବାହାରେ । ଘର ମାଲିକ ବାବୁ ଭାୟା ଲୋକ । କେତେ କ'ଣ ପାଠ ପଢ଼ିଥିବେ । ନିଶ୍ଚେ କଥାଟାଏ ଭାବି ଚିନ୍ତି ନିଷ୍ପତ୍ତି ନେଇଥିବେ ନା । ଘର ମାଲିକଙ୍କ ଗାଁ ଭୁବନେଶ୍ୱରରୁ ଷାଠିଏ କିଲୋମିଟର ରାସ୍ତା । ସକାଳୁ ସକାଳୁ ସଅଳ ବାହାରିବାକୁ ହେବ ଭାବି ବିପିନ୍ ତା' ଡିଉଟିରେ ବାହାରିଗଲା ।

ସେଦିନ ବିପିନ୍‌ର ନିରୋଳା ଡାକ୍ତରଖାନା ଡିଉଟି । କାହିଁ କେତେ ଦୂର ଦୂରାନ୍ତରୁ, ଗାଁ ଗଣ୍ଡାରୁ ଭଲ ଡାକ୍ତରୀ ଚିକିତ୍ସା ପାଇଁ ଲୋକେ ଭୁବନେଶ୍ୱରକୁ ଧାଉଁଛନ୍ତି । ଏମିତି ବି ଡାକ୍ତରଖାନାକୁ ରୋଗୀଙ୍କୁ ବୋହି ବୋହି କିଛି ଡାକ୍ତରଙ୍କ ସଙ୍ଗେ ବିପିନ୍‌ର ଭଲ ପରିଚୟ ଆଗରୁ ଅଛି । ଘର ମାଲିକଙ୍କ ମମି, ଡାଡ଼ିଙ୍କ କଥା ପୁଣି ମନକୁ ଘାରିଲା । ବଡ଼ ବାବୁ, ମା'ଏଠି ଚିକିତ୍ସା ନ ହୋଇ ଗାଁକୁ ଯାଉଛନ୍ତି କାହିଁକି ?

ଘର ମାଲିକଙ୍କ ଗାଁ ବିପିନ୍‌ର ଗାଁଠୁ ପ୍ରାୟ ପାଞ୍ଚ କିଲୋମିଟର ରାସ୍ତା । ବିପିନ୍ ଜାଣେ ସେ ଗାଁଟା ଗୋଟେ ଅପନ୍ତରା ଗାଁ । ଡାକ୍ତରୀ ଚିକିତ୍ସାର ବିନ୍ଦୁ ବିସର୍ଗ ନାହିଁ । ଭାବିଲା, ଘର ମାଲିକଙ୍କ ସହ ପଦେ କଥା ହେଲେ କ୍ଷତି କଣ ?

ଅଟୋ ଭଡ଼ା ଡିଉଟିରୁ ଫେରି ମୁଣ୍ଡ ଆଉଁସି ଆଉଁସି ଘର ମାଲିକଙ୍କ ସମ୍ମୁଖରେ ଠିଆ ହେଲା ବିପିନ୍ । ବଡ଼ ବାବୁ, ମା'ଗାଁକୁ ଯିବା ପୂର୍ବରୁ ଭୁବନେଶ୍ୱରରେ ଥରେ ଡାକ୍ତରୀ ପରୀକ୍ଷା କରାଇ ନେଲେ ଭଲ ହୁଅନ୍ତା ବୋଲି କଥାଟାଏ ଶଙ୍କି ଶଙ୍କି କହି ପକାଇଲା ସେ ।

Digitized by srujanika@gmail.com

ବିପିନ୍ ମୁହଁରୁ କଥା ନସରଣୁ ବାବୁ ଜଣକ ଚିହିଁକି ଉଠି କହିଲେ- "ନା, ନା ତାଙ୍କ ମନ ଏଠି ଭଲ ରହୁନାହିଁ । ସେମାନେ ଗାଁ ଆଡ଼େ ଯାଇ କିଛି ଦିନ ବୁଲି ଆସନ୍ତୁ । ବୁଝିଲ ବିପିନ୍ , ମନର ମୂଳେ ଏ ଜଗତ । ମନ ସୁସ୍ଥ ନ ରହିଲେ ଶରୀର ସୁସ୍ଥ ରହିବା ସମ୍ଭବ ନୁହଁ ।"

ବିପିନ୍‌ର ମନ କିନ୍ତୁ ମାନିଲାନି । ସେ ବଡ଼ ବାବୁ ମା'ଙ୍କୁ କଣେଇ ଚହିଁଲା । ଲକ୍ଷ୍ୟ କଲା, ଦୁହେଁ ଉଦାସ । ମନରେ ସରସତା ନାହିଁ । ହୁଏତ ଶରୀରର କିଛି ଅସୁସ୍ଥତା ସେମାନଙ୍କ ମନକୁ ବିଷାଦଗ୍ରସ୍ତ କରୁଛି । ବିପିନ୍‌ର ବା' ବୁଦ୍ଧି କେତେ ? ସ୍ୱର୍ଗକୁ ନିଶୁଣି ନାହିଁ କି ବଡ ଲୋକଙ୍କୁ ଉତ୍ତର ନାହିଁ । ସେ ଭାବୁଥିଲା ଶରୀର ସୁସ୍ଥ ନ ରହିଲେ ମନ ସୁସ୍ଥ ରହିବ କେମିତି ? ଦ୍ୱନ୍ଦର ଅତୁଆ ସୁତାରେ ଛନ୍ଦି ହୋଇଗଲା ବିପିନ୍ ।

ବିବ୍ରତ ହୋଇ ଘରକୁ ଫେରିଲା ବିପିନ୍ । ସମାଧାନର ସୂତ୍ରଟିଏ ପାଇବା ଆଶାରେ ବୀଣାକୁ ପଚାରିଲା- "ଆଲୋ ବୀଣା, କହିଲୁ ଶରୀର ଆଗ ନା ମନଟା ଆଗ । ଆମ ବାବୁ କହୁଛନ୍ତି ମନଟା ଆଗ" । ବୀଣା ଆଁଟାଏ କରି ବିପିନ୍‌କୁ କ୍ଷଣେ ଅନେଇ କହିଲା- "ଶୁଣ ବଡ଼ଲୋକିଆଙ୍କ କଥାରେ ମୁଣ୍ଡ ଖେଳାଇ ଲାଭ କ'ଣ ? ସେମାନେ ପଲଙ୍କରେ ଶୋଇଲେ ଆମେ ସପରେ ଶୋଉଛେ । ସେମାନଙ୍କ ସଙ୍ଗେ ଆମର କି ତାଳମେଳ । ବରଂ କଥାଟିଏ କର । ବାବୁଙ୍କ ଗାଁ ତ ଆମ ଗାଁକୁ ନିକଟ । ବଡ଼ ବାବୁ ମା'ଙ୍କୁ ଗାଁରେ ଛାଡ଼ି ଫେରନ୍ତା ରାସ୍ତାରେ ତୁମେ ବାପା ବୋଉଙ୍କୁ ନେଇ ଆସ । ଡାକ୍ତର ଦେଖାଇଦେବା । ବୟସ ହେଲାଣି । ଗଛର ପାଚିଲା ପତ୍ର ସେମାନେ । କେତେବେଳେ କେଉଁ କଥା ।"

ବୀଣାର ପ୍ରସ୍ତାବଟା ବିପିନ୍ ମନକୁ ବେଶ୍ ଛୁଇଁଲା । ବୀଣାକୁ ମନେ ମନେ ଧନ୍ୟବାଦ ଦେଲା ବିପିନ୍ ।

ପରଦିନ ସକାଳୁ ବିପିନ୍ ଶେଯ ଛାଡ଼ିଲା ବେଳକୁ ଦେଖିଲା ଆକାଶରେ କଳାହାଣ୍ଡିଆ ମେଘ । ତୁହାକୁ ତୁହା ଘଡ଼ଘଡ଼ି ସାଙ୍ଗକୁ ଆଖି ଝଲସା ବିଜୁଳି । ଆକାଶଟା ଫାଟି ପୃଥିବୀଟା ବର୍ଷା ଜଳରେ ବହିଯିବ ପରା ! ଭଡ଼ାରେ ଯିବ କି ନଯିବ ଭାବିଲା ବେଳକୁ ଘର ମାଲିକଙ୍କ ପାଟି ଶୁଭିଲା । ବିପିନ୍ ବାହାରିପଡ଼, ନହେଲେ ବର୍ଷା ଆରମ୍ଭ ହେଇଯିବ ।

ସେଦିନ ଅଟୋରେ ଗଲାବେଳେ ବଡ଼ ବାବୁ, ମା' ବିଶେଷ କିଛି କଥା ହେଇନାହାନ୍ତି । କେବଳ କଥା ଛଳରେ ବଡ଼ ମା'କହୁଥିଲେ ତାଙ୍କ ପୁଅଟା ପିଲାବେଳୁ

Digitized by srujanika@gmail.com

ରୋଗଣା । କଥା କଥାକେ ଥଣ୍ଡା ଜ୍ୱର । କେତେ ରାତି ତା'ପାଇଁ ଅନିଦ୍ରା ହେଇନାହାନ୍ତି ସେ । ପିଲାଟା ବା' କଣ କରନ୍ତା ? ସବୁବେଳେ ଅଫିସ୍ କାମରେ ବ୍ୟସ୍ତ । ଆଉ କାହା କଥା ବୁଝିବାକୁ ତା' ପାଖରେ ଫୁରସତ୍ କାହିଁ ? କଥାରେ ଅଛି - "ଛାଡ଼ ପିତୃକାର୍ଯ୍ୟ ଧର ରାଜକାର୍ଯ୍ୟ ।"

ବିପିନ୍ ମୁହଁରେ ଭାଷାର ମରୁଡ଼ି । ସେ ଜାଣିଥିଲା,ମନ ବୁଝାଇବାକୁ ବଡ଼ ମା'ଙ୍କର ଏପରି କଥା । ଶରୀର ଆଗ ନା ମନ ଆଗ ଦ୍ୱନ୍ଦରେ ଏବେ ବି ସେ ବିବ୍ରତ । ବଡ଼ ବାବୁ, ମା'ଙ୍କୁ ତାଙ୍କ ଘରେ ନିରାପଦରେ ପହଞ୍ଚାଇ ଅଟୋ ମୁହାଁଇଲା ତା'ନିଜ ଗାଁ ଆଡ଼କୁ । ବାପା ବୋଉଙ୍କୁ ନେଇ ଭୁବନେଶ୍ୱର ଫେରିଲାବେଳେ ବେଶ୍ ଉଶ୍ୱାସ ଅନୁଭବ କରୁଥିଲା ସେ ।

ବାପା ବୋଉଙ୍କର ଦେହ ଦେଖା ସରିଲାଣି । ଏବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ । ସମୟ ପାଇଲେ ବିପିନ୍ ତା' ଅଟୋରେ ବାପା, ବୋଉଙ୍କୁ ମନ୍ଦିର, ମେଳା ଆଡ଼େ ବୁଲାଇ ଆଣେ । ମନ ମୁତାବକ ଛୋଟମୋଟ ଜିନିଷଟାଏ ବି କିଣିଦିଏ । ସବୁଦିନ ରାତିରେ ଗରମ ସୋରିଷ ତେଲ ପୋଷାଏ ବାପା ବୋଉଙ୍କ ଗୋଡ଼ରେ ମାଲିସ୍ କରିଦିଏ । ସବୁ କାମଦାମ ପରେ ବୀଣା ବି ବିପିନ୍ ପାଦରେ ତେଲ ମାଲିସ୍ କରିଦିଏ । ପିଲାଏ ଜେଜେବାପା, ଜେଜେମା'ଙ୍କ ପାଖରେ ନସର ପସର ହୁଅନ୍ତି । ଗଡ଼ି ଚାଲେ ବିପିନ୍‌ର ସୁଖ ଦୁଃଖର ସଂସାର ।

ବିପିନ୍‌ର ବାପା, ମା' ଆସିବା ଚାରିମାସରୁ ଉର୍ଦ୍ଧ୍ୱ ହେଲାଣି । ଶୀତ ଯାଇ ନିଦାଘ ଗ୍ରୀଷ୍ମର ରାଜୁତି ହେଲେ ବି ଘର ବାହାରେ ଦେହ ଉଲୁସା ପବନ । ବିପିନ୍ ସେଦିନ ସଂଧ୍ୟାରେ ଶୀଘ୍ର ଘରକୁ ଫେରିଛି । ଘର ବାହାରେ ସପଟା ପକାଇ ଦେଇ ବାପା ବୋଉଙ୍କ ସାଙ୍ଗରେ ଅତୀତର ସ୍ମୃତି ବିଜଡ଼ିତ ସମୟକୁ ରୋମନ୍ଥନ କରିଚାଲିଛି ସେ । ହାତରେ ସମୟ ଥିବାରୁ ବାପାଙ୍କ ପାଦରେ ହାତ ବୁଲାଇ ଆଣୁଛି । ଘର ମାଲିକ କେତେବେଳେ ପଛପଟୁ ଆସି ତାକୁ ଲକ୍ଷ୍ୟ କରୁଛନ୍ତି, ସେକଥାକୁ ତାର ନିଘା ନାହିଁ ।

ଦଣ୍ଡେ ନିରବ ନିଶ୍ଚଳରେ ଠିଆ ହୋଇ ରହିଲେ ଘରମାଲିକ । କାହିଁ ସେ ତ କେବେ ଏପରି ହସ ଖୁସିରେ ମମି, ଡାଡ଼ିଙ୍କ ସହ ସମୟ ଅତିବାହିତ କରିଥିବାର ମନେ ପଡୁନାହିଁ । ବିପିନ୍ ପାଠଶାଠ ନ ପଢ଼ି ଯଦି ବାପା ମା'ଙ୍କର ଦାୟିତ୍ୱ ନେଇ ପାରୁଛି, ତେବେ ତାର ଅସୁବିଧା କେଉଁଠି ? ଅଫିସ୍ କାମର ଆଳ ଦେଖାଇ ସେ ବାପା ମା'ଙ୍କୁ ଅବହେଳା କରିଛି ନିଶ୍ଚୟ । ବିବେକ ଦଂଶନର ତୀବ୍ର ଯନ୍ତ୍ରଣା ଅନୁଭବ କରୁଥିଲେ ଘର

Digitized by srujanika@gmail.com

ମାଲିକ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ବିପିନ୍‌କୁ କହିଲେ "ମୋ ମମି, ଡାଡ଼ିଙ୍କ ଦେହ ଭୀଷଣ ଅସୁସ୍ଥ । କାଲି ସାଙ୍ଗ ହୋଇ ଗାଁକୁ ଯିବା । ମମି,ଡାଡ଼ିଙ୍କୁ ଆଣି ତାଙ୍କ ଦେହ ଡାକ୍ତରଙ୍କୁ ଦେଖାଇବାକୁ ହେବ ।"

ନିଜ ଘର ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ ଘର ମାଲିକ । ପ୍ରକାଣ୍ଡ ଅଟ୍ଟାଳିକା । ବିପିନ୍‌ର ଆଉଟ୍ ହାଉସ୍‌ଟା ଦୁଇ ବଖରିଆ ଘର । ମାତ୍ର ତାଙ୍କୁ ବୋଧ ହେଲା ବିପିନ୍ ରହୁଥିବା ଆଉଟ୍ ହାଉସ୍‌ଟା ସେ ରହୁଥିବା ପ୍ରକାଣ୍ଡ ଅଟ୍ଟାଳିକାଠାରୁ ଢେର ବଡ଼ । ଆଉଟ୍ ହାଉସ୍‌ଟା ସ୍ନେହ ଶ୍ରଦ୍ଧାରେ ଭରା ଏକ ଘର । ତାଙ୍କ ଘରଟା ଇଟା, ସିମେଣ୍ଟ, ବାଲିରେ ନିର୍ମିତ ଏକ ଅଟ୍ଟାଳିକା ମାତ୍ର । ବିପିନ୍‌କୁ ଡାକଟାଏ ପକାଇ କହିଲେ- "ଏଥର ମମି ଡାଡ଼ି ଆସିଲେ ଏଇଠି ମୋ ପାଖେ ରହିବେ । ମୋ ଅଟ୍ଟାଳିକାଟାକୁ ମୁଁ ଆଉଟ୍ ହାଉସ୍ ପରି ଘରଟିଏ କରିବାକୁ ପ୍ରୟାସ କରିବି । ତାଙ୍କର ମନେ ପଡିଯାଉଥିଲା-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"

ବିପିନ୍ ଭାବୁଥିଲା ସତେ ଯେମିତି ସେ ତା' ପ୍ରଶ୍ନର ଉତ୍ତର ପାଇଯାଇଛି ।

ଆଲୁରା ବାଲୁରା ପାଗଳ ମଧୁ ମହାନ୍ତିଟା ବିକଟାଳ ରଡ଼ିଟାଏ ଛାଡ଼ି କଣ କହୁଥିଲା କେହି ବୁଝି ପାରୁନଥିଲେ । ଆଉ ବୁଝିବାର କିଛି ନାହିଁ । ବାପା ମା'ଙ୍କୁ ସେବା କରିବାର ସୁଯୋଗ ମଧୁ ମହାନ୍ତି ଏ ଜନ୍ମରେ କେବେଠୁ ହରାଇ ସାରିଛି ।

❖❖❖

Digitized by srujanika@gmail.com

ମଳୟର ଗାଁ ଦାଣ୍ଡ

ମଳୟ ପ୍ରାୟ ତିନି ବର୍ଷ ହେବ ଗାଁକୁ ଯାଇନି। ଗାଁ ଛାଡ଼ିଛି ଯେ ଛାଡ଼ିଛି। ତାକୁ ବି କେହି କେବେ ଖୋଜିନି। ବାପା ମା' ତ ଆରପାରିରେ । ତାକୁ ଆଉ ଖୋଜନ୍ତା କିଏ ?

କାହିଁକି କେଜାଣି ଆଜି ଗାଁ କଥା ବେଶ୍ ମନେ ପଡୁଛି ମଳୟର। ରୋଜଗାର ନିଶାରେ ତିନି ବର୍ଷ ହେଲାଣି ଗାଁ କଥା ହେଜି ପାରି ନାହିଁ। ଧୂଳି ଧୂସରିଆ ଗାଁ ଦାଣ୍ଡ ମଳୟର ଭାରି ପ୍ରିୟ। ଏହି ଗାଁ ଦାଣ୍ଡରେ ସେ ଶୀତ ଦିନରେ ଖରା ପୁଏଁ ତ ଗରମ ଦିନ ରାତିରେ ଥଣ୍ଡା ସୁଲୁସୁଲିଆ ପବନର ମଜା ନିଏ। ବର୍ଷା ଦିନରେ ଦାଣ୍ଡରେ ପାଣିର ସୁଅ ମଳୟ ମନରେ ଅଫୁରନ୍ତ ଆନନ୍ଦ ସୃଷ୍ଟି କରେ। ଅମାନିଆ ପିଲାଏ ବରଷାରେ ଓଦା ହୋଇ କାଗଜ ଡଙ୍ଗାର ମଜା ଉଠାନ୍ତି। କୁଟା କାଠି କାଟି ଯାହାର ଡଙ୍ଗା ଆଗକୁ ମାଡ଼ିଯାଏ, ତାର ମଜା କହିଲେ ନସରେ। ଧାରା ଶ୍ରାବଣ ବର୍ଷାରେ ପକ୍ଷିଆ ମୁଣ୍ଡେଇ ଅଧା ଚାଲି -ଦଉଡ଼ ଆଉ ଗୋଇଠି ବୁଡ଼ା ପାଣିରେ ଚାଷୀଟିଏ ଏକ ମୁହାଁ ଗାଆଁ ଦାଣ୍ଡ ପାରି ହୋଇ ବିଲ ଆଡ଼େ ଚାଲି ଯିବାର ଦୃଶ୍ୟକୁ ଦାଣ୍ଡ ପିଣ୍ଡାରେ ଜାକିଜୁକି ହେଇ ବସି ଲକ୍ଷ୍ୟ କରିବାକୁ ମଳୟକୁ ବେଶ୍ ମଉଜ ଲାଗେ।

ଦୁଇ ଚାରି ଜଣ ମିଶି ଗାଁ ଦାଣ୍ଡରେ ଗୁଲି ଖଟି କରିବାର ମଜା ନିଆରା। ହାଣ୍ଡିଶାଳରୁ ଆମେରିକା, ଖେଳରୁ ରାଜନୀତି, ଯାତ୍ରାରୁ ସିନେମା–ସବୁର ଚର୍ଚ୍ଚା ତା'ର ଡେଣା ମେଲାଏ। ସେ ଚର୍ଚ୍ଚା, ଆଲୋଚନା, ସମାଲୋଚନା ସତେ ଯେମିତି ଥମିବାର ନୁହେଁ।

ଗାଁରେ ମଳୟର ଦୁଇ ବଖରିଆ ଘର। ଚାଷ ଜମି ବୋଲି ଗୁଣ୍ଠ ନାସ୍ତି। ବାପା ମା' ଦୁଇଜଣ ଜୀବନ ସାରା ପରଘରେ ମୂଲ ଲାଗିଛନ୍ତି। ବାପା ମା'ଙ୍କ ଅନ୍ତେ ପେଟ ପାଟଣା ପାଇଁ ଗାଁ ଛାଡ଼ି ସହର ମୁହାଁ ହୋଇଛି ମଳୟ। ପାଠ ତ ମାତ୍ର ମାଟ୍ରିକ୍ ଖଣ୍ଡେ।

Digitized by srujanika@gmail.com

ସେ ପାଠ କେଉଁ କୂଳକୁ ବି ନୁହେଁ। ଲୁଗା କଳରେ ମଜୁରୀ ଲାଗି ପେଟ ପୋଷିବା କଥା।

ମଳୟର ଘର ସାମ୍ନାରେ ରଘୁ ପ୍ରଧାନଙ୍କ ଘର। ଦୁଇ ଘର ମଝିରେ ଓସାରିଆ ଗାଁ ଦାଣ୍ଡ। ପ୍ରଧାନଙ୍କ ଘର ବାରଣ୍ଡାରେ ସବାରିଟିଏ ଶକ୍ତ ଝୋଟ ଦଉଡ଼ିରେ ବନ୍ଧା ହୋଇ ଝୁଲା ହୋଇଥାଏ। ଆଗରୁ ବାହାଘରରେ ଦରକାର ହେଉଥିଲା । ଏବେ ପ୍ରାୟ ତା'ର ବ୍ୟବହାର ନାହିଁ। ତଥାପି ବଂଶ ଆଭିଜାତ୍ୟର ଲକ୍ଷଣ ସ୍ବରୂପ ସବାରିଟିଏ ବାରଣ୍ଡାରେ ଝୁଲନ୍ତା ଅବସ୍ଥାରେ ବିଦ୍ୟମାନ। ପୁଣି ପ୍ରଧାନଙ୍କ ଘର ଆଗରେ ଗାଈ ଗୋରୁଙ୍କ ବନ୍ଧାହେବା ପାଇଁ ଧାଡ଼ିଏ କାଠ ଖୁଂଟ ମାଟିରେ ସବୁବେଳେ ପୋତା ହୋଇ ରହିଥାନ୍ତି। କାଠ ଖୁଂଟର କିଛି ଅଂଶ ମାଟି ଉପରେ ମୁଣ୍ଡ ଟେକି ଚାରିଆଡ଼େ ନଜର ପକାଇ ଜଗି ରହିଲା ଭଳିଆ ଚାହିଁ ରହିଥାନ୍ତି। ମାଟି ଉପରକୁ ବାହାରିଥିବା ସବୁ ଖୁଂଟରେ ଗୋଟିଏ ଗୋଟିଏ ପଘା। ବଳଦ ଚାଷବାସରୁ କିମ୍ବା ଚରି ବୁଲି ଫେରିଲେ ସେହି ପଘାରେ ବନ୍ଧା ହୁଅନ୍ତି। ଯେତେ ଲାଞ୍ଜ, ମୁଣ୍ଡ ହଲେଇଲେ ସୁଦ୍ଧା ବଳଦମାନଙ୍କୁ ମଶା, ମାଛିର ପ୍ରକୋପରୁ ସହଜରେ ରକ୍ଷା ମିଳେ ନାହିଁ। ଅବସ୍ଥା ଅସମ୍ଭାଳ ହେଲେ ପ୍ରଧାନେ ଘସି ଧୂଆଁରେ ମଶା, ମାଛି ନିରାକରଣର ବ୍ୟବସ୍ଥା କରନ୍ତି। ମଳୟ ଦାଣ୍ଡ ପିଣ୍ଡାରେ ଚୁପ୍‌ଚାପ୍ ବସି ଏସବୁ ଲକ୍ଷ୍ୟ କରେ।

କୁମାର ପୂର୍ଣ୍ଣିମା ପୂର୍ବଦିନ ରାତିରେ ଗାଁ ଦାଣ୍ଡରେ କୁମାରୀଏ କଇଁ ଫୁଲରେ ସୁଦୃଶ୍ୟ ଚିତ୍ରମାନ ତିଆରି କରନ୍ତି ଯାହାକୁ ବଡ଼ଘର କୁହାଯାଏ। ସାହି ସାହି ମଧ୍ୟରେ ବଡ଼ଘରକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ହୁଏ। ସଫା ଜହ୍ନରେ କଇଁ ଫୁଲର ସେ ସୁଦୃଶ୍ୟ ଚିତ୍ରକୁ ଦେଖଣାହାରୀ ଘଡ଼ିଏ ଅନେଇ ରହନ୍ତି।

କିଏ ମରିଗଲେ ବାରଦିନ ଦିନ ଗାଁ ଦାଣ୍ଡରେ ଦଧି ଉତ୍ସବ ମନାଯାଏ। ପାଣି ଢାଳି ଦାଣ୍ଡକୁ କର୍ଦ୍ଦମାକ୍ତ କରିଦିଆଯାଏ ଏବଂ ମୃତ ବ୍ୟକ୍ତିର ସମ୍ପର୍କୀୟମାନେ କର୍ଦ୍ଦମାକ୍ତ ଦାଣ୍ଡରେ ଏ ମୁଣ୍ଡରୁ ସେ ମୁଣ୍ଡ ଗଡ଼ିଯାଆନ୍ତି। ମଳୟ ବି ତା' ବାପା ମା'ଙ୍କ ପାଇଁ ଗାଁ ଦାଣ୍ଡରେ ଗଡ଼ିଛି।

ଛାଇ ଲେଉଟାଣି ଗାଁ ଦାଣ୍ଡରେ ଗାଈ ଗୋରୁଙ୍କ ଘର ବାହୁଡ଼ା ଆରମ୍ଭ ହୋଇଯାଏ। ହମ୍ବା ରଡ଼ି ଛାଡ଼ି ମୁଣ୍ଡ ହଲେଇ ହଲେଇ ଆଗକୁ ଆଗକୁ ମାଡ଼ି ଚାଲନ୍ତି ସେମାନେ। ଗୋଟେ ଗୋଟେ ଅମଣିଆ ଗାଈ ବଳଦଙ୍କ ବେକରେ ଓଜନିଆ ଲମ୍ବା କାଠ ଖଣ୍ଡେ ଖଣ୍ଡେ ଝୁଲୁଥାଏ ତ କାହା ମୁହଁରେ ତୁଣ୍ଡିଟିଏ ବନ୍ଧା।

Digitized by srujanika@gmail.com

ରଘୁ ପ୍ରଧାନଙ୍କ ଘର ଆଗ ଦାଣ୍ଡରେ ପାଞ୍ଚଟି ନାରିକେଳ ବୃକ୍ଷ ଧାଡ଼ି ହୋଇ ଠିଆ ହେବାର ଦୃଶ୍ୟ ଅତୀବ ମନଛୁଆଁ। ଜହ୍ନ ରାତିରେ ଗଛର ପତ୍ର ମଧ୍ୟରୁ ଜହ୍ନକୁ ନିରୀକ୍ଷଣ କରି ମଳୟ ବେଶ୍ ମଜା ନିଏ। ତୋଫା ଜହ୍ନରେ ଗାଁ ଦାଣ୍ଡଟା ରୂପା ଭଳି ଝଲସି ଉଠେ। ଚାରିଆଡ଼ ତୋରା ସଫା।

କନକ ତା'ସାଙ୍ଗ ସାଥୀକୁ ନେଇ ଗାଁ ଦାଣ୍ଡରେ ଥଟ୍ଟାମଜା, ଖେଳକୁଦରେ ମାତିଥାଏ। ଦାଣ୍ଡରେ କାଠି ଖଣ୍ଡକରେ ଘର କାଟି ଖପରା କାତି ପକେଇ ଡେଇଁ ଡେଇଁ ମସଗୁଲ୍ ହୋଇଯାଏ । କନକ, ରଘୁ ପ୍ରଧାନଙ୍କ ଏକମାତ୍ର ଅଳିଅଳ ଝିଅ। ବୟସ ଏଗାର କି ବାର। ବେଳେ ବେଳେ ସଫା ଜହ୍ନରେ ଗାଁ ଦାଣ୍ଡଟା ପୁଚି ଖେଳରେ ଦୁଲୁକି ଉଠେ। ଏବେ କନକ ଆହୁରି ତିନି ବର୍ଷ ବଡ଼ ହେଇ ଯିବଣି। ମଳୟ ପିଲାଦିନେ ଚିରା କନାରେ ପେଣ୍ଡୁ ତିଆରି କରି ଗାଁ ଦାଣ୍ଡରେ କେତେ ନ ଖେଳିଛି ସତେ !

ରଘୁ ପ୍ରଧାନଙ୍କ ଘର ପାଖକୁ ଗୋପାଳଜୀଉଙ୍କ ମନ୍ଦିର। କେଉଁ କାଳରୁ ଗୋପାଳଜୀଉ ସେ ମନ୍ଦିରରେ ପୂଜା ପାଉଛନ୍ତି, ସେ ବିଷୟରେ ମଳୟର କିଛି ବି ଧାରଣା ନାହିଁ। ସଂଜ ନଇଁ ଆସିଲେ ଝିଅ, ବୋହୂ, ଭୁଆସୁଣୀଏ ଘରୁ ଦୀପଟିଏ ମାନ ଧରି ମନ୍ଦିର ଉଦ୍ଦେଶ୍ୟରେ ବାହାରି ଆସନ୍ତି। ହୁଳହୁଳି, ଶଙ୍ଖ ଧ୍ୱନିରେ ମନ୍ଦିର, ଗାଁ ଦାଣ୍ଡ ପ୍ରକମ୍ପିତ ହୁଏ।

ହୋଲିରେ ଗାଁ ଦାଣ୍ଡରେ ଆଖପାଖ ଗାଁର ଠାକୁରଙ୍କ ମେଳଣ ହୁଏ । "ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ, ହରେ କୃଷ୍ଣ ହରେ ରାମ ଶ୍ରୀ ରାଧା ଗୋବିନ୍ଦ" ସ୍ୱରରେ ଗ୍ରାମବାସୀ ମତୁଆଲା ହୋଇ ଉଠନ୍ତି। ଗାଁଠୁ ବହୁ ଦୂରରେ ଥାଇ ବି ସବୁ ଜଳଜଳ ଦିଶୁଥାଏ ମଳୟକୁ।

"ଆରେ ମଲ୍ଲୁ, କାହା କଥା ଭାବୁଛୁ। ବାହାରକୁ ବଲବଲ କରି ଅନେଇଚୁ କଣ ?"

ବିନୁର ଡାକରେ ଧ୍ୟାନ ଭଗ୍ନ ହେଲା ମଳୟର । ବିନୁ ମଳୟର ବନ୍ଧୁ। ସାଙ୍ଗ ହୋଇ ଲୁଗା କଳରେ ଦୁହେଁ କାମ କରନ୍ତି। ବିନୁ ମଳୟକୁ ସ୍ନେହରେ ମଲ୍ଲୁ ବୋଲି ଡାକେ।

ମଳୟର ମନ କିନ୍ତୁ ହଜି ଯାଇଥିଲା ତାର ପ୍ରିୟ ଗାଁ ଦାଣ୍ଡରେ। ସତେ ଅବା ଗାଁ ଦାଣ୍ଡ ତାକୁ ହାତ ଠାରି ଇସାରା କରୁଛି। ମନଟା ଥୟ ଧରିଲାନି। ଛୁଟି ନେଇ ପରଦିନ ଗାଁକୁ ଯିବା ପାଇଁ ନିଷ୍ପତ୍ତି କଲା ସେ ।

Digitized by srujanika@gmail.com

ତହିଁ ପରଦିନ ଗାଁରେ ପହଂଚୁ ପହଂଚୁ ସୂର୍ଯ୍ୟ ମୁଣ୍ଡ ଉପରୁ ତଳକୁ ଖସିବା ଆରମ୍ଭ କଲେଣି। ରାସ୍ତାରେ ଖିଆପିଆ କାମ ସରିଛି। ଘରେ ବା' କିଏ ଅଛି ଯେ ଖାଇବାକୁ ଆଶା ରଖିବ । ବସ୍‌ରୁ ଓହ୍ଲାଇବା ସ୍ଥାନରେ ଗୋଟାଏ ମାତାଜୀ ମଠ ଥିବାର ମଳୟ ତା'ର ହେତୁ ହେବା ଦିନଠୁ ଦେଖି ଆସିଛି। ମଠ ପରିସର ମଧ୍ୟରେ କାଚ କେନ୍ଦୁ ପରି ପାଣି ଥିବା ପୁଷ୍କରିଣୀଟିଏ। ତୁଠରେ ପକ୍କା ପାହାଚ। ଯାତ୍ରୀମାନେ ଏଇ ପକ୍କା ପାହାଚରେ ବସି ବସ୍‌କୁ ଅପେକ୍ଷା କରନ୍ତି। ବରଷକେ ଥରେ ବଡ଼ ଯାକଯମକରେ ଗୋଟାଏ ଯଜ୍ଞର ଆୟୋଜନ ମଠରେ ହୁଏ।

ବସ୍‌ରୁ ଓହ୍ଲାଉ ଓହ୍ଲାଉ ଦମକାଏ ପବନ ମଳୟ ଦେହରେ ଘସି ହୋଇଗଲା। ଏଇ ପବନ ତାର ଅତି ନିଜର। ଏମିତି ପବନ ସାଙ୍ଗରେ ତାର ଗାଁରେ ହିଁ କେବଳ ଭେଟ ହୁଏ। ସହରୀ ପବନଟା ତା'ର ମନ ମୁତାବକ ନୁହେଁ।

ବସ୍‌ରୁ ଓହ୍ଲାଇବା ପରେ ମାତାଜୀ ମଠ ଆଡ଼କୁ ତା'ଆଖି ଯୋଡ଼ିକ ଟାଣି ହେଇଗଲା। ମଠର ନାମ ନିଶାନ୍ ନାହିଁ। ମଠଟା ଭାଙ୍ଗି ଯାଇଛି କି କ'ଣ ? ଦଳେ ଭେଣ୍ଡିଆ ଟୋକା ସେଠି ଆଡ୍ଡା ଜମାଇବାରେ ବ୍ୟସ୍ତ। ଟୋକାଙ୍କ ଉପରେ ନଜର ପକାଇଲା ସେ। ସମସ୍ତଙ୍କ ମୁହଁ ଅଚିହ୍ନା। ଟୋକା ଦଳଙ୍କ ପାଇଁ ମଳୟ ବି ଥିଲା ନବାଗତ ବିଦେଶୀ। ମେଞ୍ଚେ ପ୍ରଶ୍ନ ନେଇ ସେମାନଙ୍କର ଦୃଷ୍ଟି ନିବଦ୍ଧ ଥିଲା ତା' ଉପରେ। ନିଜ ଗାଁରେ ନିଜକୁ ଏକ ବିଦେଶୀ ପରି ଅନୁଭବ କରିବାର ତିକ୍ତ ଅନୁଭୁତି ତାକୁ ବ୍ୟସ୍ତ କରିପକାଉଥିଲା।

ବସ୍‌ରୁ ଓହ୍ଲାଇବା ସ୍ଥାନ ମାତାଜୀ ମଠଠୁ ମଳୟର ଗାଁ ପ୍ରାୟ ଏକ କିଲୋମିଟର। ମାତାଜୀ ମଠ ନଥିଲେ ନଥାଉ, ଆଟାଚିଟି ଧରି ଆନନ୍ଦ ମନରେ ଗାଁ ଆଡ଼କୁ ଗୋଡ଼ ବଢ଼ାଇଲା ମଳୟ। ଆଖି ତାର ଖୋଜୁଥିଲା କିଛି ଚିହ୍ନା ମୁହଁ। ଦୁର୍ଭାଗ୍ୟ, ସେମିତି କେହି ନଜରରେ ପଡ଼ିଲେ ନାହିଁ। ତଥାପି ଗାଁ ଯେତେ ପାଖ ହୋଇ ଆସୁଥାଏ, ମଳୟର ମନ ଉଚ୍ଚାଟିଆ ହେଉଥାଏ। ତିନି ବର୍ଷର ଅନ୍ତରାଳରେ ତା'ଜନ୍ମଭୂମିରେ ପାଦ ଥାପିବ ସେ। ଏତେଦିନ ପରେ ବାରଣ୍ଡାରେ ବସି ଗାଁ ଦାଣ୍ଡର ମଜା ନେବ। ରଘୁ ପ୍ରଧାନଙ୍କ ଘର ବଳଦଙ୍କ ସଂଖ୍ୟା ସେତିକି ଥିବ ନା ଆଉ ବଢ଼ିଥିବ? କନକ କେତୁଟିଏ ହବଣି? ସେମିତି ଖେଳ କୌତୁକରେ ମାତୁଥିବ ନିଶ୍ଚୟ। ଏମିତି ଭାବୁଭାବୁ କେତେବେଳେ ସେ ତା' ଘର ଆଗରେ ପହଞ୍ଚି ଯାଇଛି, ସେଥିକୁ ତାର ନିଘା ନାହିଁ।

"ଏତେ ଦିନେ ଗାଁ କଥା ମନେ ପଡ଼ିଲା କିରେ" – ମଳୟ ବୁଲିପଡ଼ି ଦେଖିଲା ସନିଆ'ଇ ତା' ଆଡ଼କୁ ଆସୁଛି।

Digitized by srujanika@gmail.com

- "ନମସ୍କାର ସନିଆ'ଇ'। ଗାଁ ପରା ଜନ୍ମଭୂମି । ଜୀବନ ଥିବା ଯାଏ ଗାଁ କୁ କ'ଣ କେବେ ଭୁଲି ହେବ ? ଗାଁର ମହକ ଆଉ କେଉଁଠି ବି ନାହିଁ ସନିଆ'ଇ। ଏଇଠି ଏନ୍ତୁଡ଼ିଶାଳ, ଏଇଠି ଶ୍ମଶାନ।" ମୁଣ୍ଡ ନୁଆଁଇ ସନିଆ'ଇ କୁ ନମସ୍କାର କରୁକରୁ ଏକା ନିଃଶ୍ୱାସରେ କହିଗଲା ମଳୟ।

ହସି ଦେଲା ସନିଆ। ରାଉତ ସାହିରେ ସନିଆର ଘର। ବୟସରେ ମଳୟଠୁ ଚାରି ପାଞ୍ଚ ବର୍ଷ ବଡ଼ ହେବ। ବଡ଼ ଭାଇ ପରି ସ୍ନେହ କରେ ମଳୟକୁ। ମଳୟକୁ କୁଣ୍ଢେଇ ପକେଇ କହିଲା- "କେତେ ଦିନ ପରେ ଗାଁକୁ ଆସିଛୁ । ଲୁଗାପଟା ବଦଳାଇ ଟିକେ ବିଶ୍ରାମ ନେ। ପରେ କଥା ହେବା। ହଁ ରାତିର ଖାନାଟା ଆମ ଘରେ। ଆସିବୁ ନିଶ୍ଚୟ। ମୁଁ ଅପେକ୍ଷା କରିଥିବି।"

ସନିଆ'ଇ ଗଲା ପରେ ମଳୟ ତା'ଘର ଉପରେ ନଜର ପକାଇଲା। ଘର ପାହାଚରେ ତିନି ଚାରିଟା ବୁଲା କୁକୁର ବେଫିକର ହୋଇ ଶୋଇଛନ୍ତି। ସେମାନେ ଉଠିଲେ ସେ ଚାବି ଖୋଲିବ।

- "ଏଃ ଶଳା ଉଠବେ" – ମଳୟର ଚିତ୍କାର ଶୁଣି କୁକୁରଟେ ଗୋଟିଏ ଆଖି ଅଧା ଖୋଲି ପ୍ରଶ୍ନବାଚକ ମୁଦ୍ରାରେ ମଳୟକୁ ଚାହିଁଲା। କହି ପାରୁଥିଲେ କହିଥାନ୍ତା- "ତମେ କିଏ, ଏଟା ତ ଆମ ଘର।"

ମଳୟ ବି ଟିକେ ଶଙ୍କିଯାଇ ହାସୁ ହାସୁ କଲା। ଅନିଚ୍ଛା ସତ୍ତ୍ୱେ କୁକୁର ଗୁଡ଼ା ଧାଡ଼ି ହୋଇ ଉଠିଗଲେ ସିନା, ଆଗକୁ ନ ଯାଇ ଠିଆ ହୋଇ ରହିଲେ। ସେମାନଙ୍କୁ ବାଟ କାଟି ମଳୟ ପାହାଚ ଉପରକୁ ଉଠି ଯାଇ ଘରର ତାଲା ଉପରେ ନଜର ପକାଇଲା। କଳଙ୍କି ଧରିଛିକି ଆଉ ! ପକେଟରୁ ଚାବି କାଢ଼ି ତାଲା ଖୋଲିବାକୁ ଚେଷ୍ଟା କଲା। ଚାବି କାଠି ମୋଟେ ବୁଲିବାକୁ ନାରାଜ। ବର୍ଷା, କାକରରେ ତାଲାର ଭିତରଟା ଜାମ୍ ହୋଇଯାଇଛି ନିଶ୍ଚୟ। ଚାବିରେ ଏପଟ ସେପଟ ଖେଂଚା ଖେଂଚି କଲା, ମାତ୍ର ତାଲା ଖୋଲିବାର ନୁହେଁ। ପଥରଟାଏ ଆଣି ଏକ ଶକତ ମାଡ଼ ଦେଲା ତାଲା ଉପରେ। ଏକା ଥରକେ ତାଲା ଦିଫାଳ। ଦୁର୍ବଳିଆ ତାଲାଟା ବୋଧେ।

ଘର ଭିତରକୁ ଯାଇ ଘରଦ୍ୱାର ସାମାନ୍ୟ ଝଡ଼ାଝଡ଼ି କରି ଲୁଙ୍ଗିଟାଏ ପିନ୍ଧି ଦାଣ୍ଡ ପିଣ୍ଡାରେ ବସି ପଡ଼ିଲା ମଳୟ। ଗାଁ ଦାଣ୍ଡକୁ ଏତେ ଦିନେ ଆଖି ପୂରେଇ ଦେଖିବ।

ମାତ୍ର ଗାଁ ଦାଣ୍ଡ କାହିଁ ? ଦାଣ୍ଡକୁ ଦିଫାଳ କରି କଂକ୍ରିଟ୍ ରାସ୍ତାଟିଏ ଏ ମୁଣ୍ଡରୁ ସେମୁଣ୍ଡକୁ ଲମ୍ବିଯାଇଛି। ରଘୁ ପ୍ରଧାନଙ୍କ ଘର ଆଡ଼େ ଆଖି ବୁଲାଇ ଆଣିଲା ମଳୟ।

Digitized by srujanika@gmail.com

ବାରଣ୍ଡାରେ ଝୁଲା ହୋଇଥିବା ସବାରିଟା ନାହିଁ। ତା' ବଦଳରେ କଳା ରଙ୍ଗର ମଟର ସାଇକେଲଟେ ଆସ୍ଥାନ ଜମେଇ ବସିଛି। ରଘୁ ପ୍ରଧାନଙ୍କ ଘର ଆଗରେ ବନ୍ଧା ହେଉଥିବା ବଳଦଙ୍କର ଦେଖା ଦର୍ଶନ ନାହିଁ। ସଂଜ ନଇଁବା ନଇଁବା ହେଲାଣି। ହମ୍ବା ରଡ଼ି ଛାଡ଼ି ଗାଁରେ ଗୋରୁ ପଲଙ୍କର ପଟୁଆର କାହିଁ ? ବରଂ ବିକଟାଳିଆ ଶବ୍ଦ କରି ମଟର ସାଇକେଲଟେ ଗାଁ ଦାଣ୍ଡକୁ ଚିରି ଠିଆ ହୋଇଥିବା ରାସ୍ତା ଉପରେ ଦୁମ୍‌ଦୁମ୍ ହୋଇ ଚାଲିଗଲା। ପେଟ୍ରୋଲ୍ ମିଶ୍ରିତ ଗନ୍ଧର କିଛି କଳା ଧୂଆଁ ଭକ୍ ଭକ୍ ହୋଇ ଚାରିଆଡ଼େ ଖେଳିଗଲା। ଗାଁ ଦାଣ୍ଡଟା କେମିତି ଖାପଛଡା ଲାଗିଲା ମଳୟକୁ । ଗୁମ୍ ହେଇ ବସି ମନ୍ଦିର ଆଡ଼େ ଦୃଷ୍ଟି ପକାଇଲା। ଜଣେ କିଏ ସଞ୍ଜବତିଟିଏ ଧରି ମନ୍ଦିର ଆଡ଼େ ଚାଲିଗଲା। ଝିଅ, ବୋହୂ, ଭୁଆସୁଣୀଙ୍କର ଦଳ ଗଲେ କୁଆଡ଼େ? ଲୁଚି ଛପି ଜଣେ ସଞ୍ଜ ଦେଇଗଲା ପରି ଲାଗୁଛି।

ଅନ୍ଧାର ମାଡ଼ି ମାଡ଼ି ଆସୁଛି। ସଂଯୋଗକୁ ପୂର୍ଣ୍ଣମୀ ତିଥି। ଆଉ କିଛି ନ ହେଉ ପଛେ ଜହ୍ନ ଆଲୁଅରେ ସଫା ଗାଁ ଦାଣ୍ଡଟାକୁ ମନ ଭରି ଉପଭୋଗ କରିବାକୁ ସଳଖ ହେଇ ବସିଲା ମଳୟ। ଆକାଶ ଆଡ଼କୁ ଅନେଇ ଜହ୍ନଟା ଖୋଜିଲା ବେଳକୁ ଘର ସାମନାରେ ଥିବା ବିଦ୍ୟୁତ୍ ଖୁଂଟରେ ଏଲ୍.ଇ.ଡି. ଲାଇଟ୍ ଦାଉଁକିନା ଜଳି ଉଠିଲା। ଚାରିଆଡ଼େ ଆଲୋକମୟ। ମଳୟ ଅନୁଭବ କଲା ବିଜୁଳି ଆଲୁଅ ପ୍ରଭାବରେ ଜହ୍ନ ଆଲୁଅଟା ସତେ ଯେମିତି ତାର ସତ୍ତା ହରେଇଛି। ଜହ୍ନର ଜୋଛନା ଭିଜା ଗାଁ ଦାଣ୍ଡଟା ମଳୟକୁ ବେଶ୍ ରୋମାଣ୍ଟିକ ଲାଗେ, ମନରେ ଏକ ଆନନ୍ଦର ଭାବ ଛାଇଯାଏ। ବିଜୁଳି ବତିର ଆଲୁଅ କ'ଣ କେବେ ଜହ୍ନ ଯୋଛନାର ସମତୁଲ ହୋଇପାରେ ? ମନଟା ବିଷର୍ଣ୍ଣ ହୋଇଗଲା। ଯେଉଁ ଗାଁ ପାଇଁ ତା' ମନ ଏତେ ଉଚ୍ଚାଟ ହେଉଥିଲା, ଇଏ କ'ଣ ସେଇ ଗାଁ ? ଗୁଡ଼ାଏ ଅଛିଣ୍ଡା ପ୍ରଶ୍ନରେ ମନଟା ଗୁଡ଼େଇ ତୁଡ଼େଇ ହେଇ ଯାଉଥିଲା।

ଗାଁ ଦାଣ୍ଡରେ କଂକ୍ରିଟ୍ ରାସ୍ତାଟା ତାର କାୟା ବିସ୍ତାର କରିଛି। ହେଲେ କନକର ଫୁଲ ଘର, ପିଲାଙ୍କର ଖେଳଡ଼ଙ୍ଗା ଭସା କଥା କ'ଣ? ଆସିବା ବେଳଠୁ କନକ ନଜରରେ ପଡ଼ିନି। କିଛି କାମରେ ବ୍ୟସ୍ତ ଥିବ ପରା। ଦାଣ୍ଡ ଦୁଆର ଆଉଜାଇ ଦେଇ ଦାଣ୍ଡ ରାସ୍ତା ଉପରେ ଠିଆ ହେଲା ମଳୟ। ସ୍କୁଟିଟାଏ ମାଡ଼ିଆସି ମଳୟ ସାମ୍‌ନାରେ ଅଟକି ଗଲା । ମଳୟ ଦେଖିଲା କନକ ସ୍କୁଟିରେ ଷ୍ଟାଣ୍ଡ ଦେଉଛି। ବେଶ ପୋଷାକର ପରିବର୍ତ୍ତନ ବେଶ୍ ପରିସ୍ଫୁଟ। ଫ୍ରକ୍ ଛାଡ଼ି ସେ ଏବେ ଜିନ୍ ପେଣ୍ଟ୍ ସାର୍ଟ ପରିଧାନ କରିଛି।

Digitized by srujanika@gmail.com

– "ଆରେ କନକ, ମୋତେ ଚିହ୍ନି ପାରୁନୁ।"

କନକ ନିରିଖେଇ ଦେଖିଲା ମଳୟକୁ। କହିଲା– "ଟମକୁ ଚିହ୍ନି ପାରିବିନି। ଟମେ ପରା ମଳୟ ଭାଇ।"

ଆଉ ପଦେ କଥା ହେବାକୁ ଚାହୁଁଥିଲା ମଳୟ। ହେଲେ କାହା ଡାକ ଶୁଣି ତରବର ହୋଇ ଘର ଭିତରକୁ ପଶିଗଲା କନକ। ଏତେ ଦିନ ପରେ ଏଇ ସଂକ୍ଷିପ୍ତ ଭେଟକୁ ହଜମ କରିପାରିଲାନି ମଳୟ।

କିଛି ସମୟ ରାସ୍ତା ଉପରେ ଠିଆ ହୋଇ ସନିଆ'ଇ ଘର ଆଡ଼କୁ ମୁହାଁଇଲା ମଳୟ। ଗାଁ ଦାଣ୍ଡ ବଦଳରେ କଂକ୍ରିଟ୍ ରାସ୍ତାର ସ୍ପର୍ଶ। ଖିଆପିଆ ଭିତରେ ସନିଆ'ଇ କହିଲା– "ଆଉ ଆଗ ଗାଁ ନାହିଁରେ ମଳୟ। କଥା କଥାକେ ରାଜନୀତି। ସାଇ ଭାଇଙ୍କ ଭିତରେ ପୂର୍ବ ଆନ୍ତରିକତାର ଭଟ୍ଟା ପଡ଼ି ଆସୁଛି। ବିପଦ ଆପଦରେ ଭରସା ପାଉନି। ମଟରସାଇକେଲ ଗୁଡ଼ାକ ମାଳମାଳ ହେବାରୁ ପିଲାଙ୍କୁ ଗାଁ ଦାଣ୍ଡରେ ଖେଳିବା ମନା। ହୋଲିର ମେଳଣ ଗାଁ ଦାଣ୍ଡରେ ସ୍ଥାନାଭାବରୁ ଗାଁ ମୁଣ୍ଡ ପଡ଼ିଆରେ ହେଉଛି।"

ମଳୟ ମନରେ ଆଗରୁ ଗୁଡ଼ାଏ ପ୍ରଶ୍ନ ବସା ବାନ୍ଧି ସାରିଥିଲା। ସନିଆ'ଇକୁ କିଛି ପଚାରିବ, ପଚାରିବ ହେଉଥିଲା । ସନିଆ'ଇର କଥା ଶୁଣି ସେ ସୁଯୋଗଟେ ପାଇଗଲା।

"ରଘୁ ପ୍ରଧାନଙ୍କ ବଳଦ ସବୁ ଗଲେ କୁଆଡେ କି ସନିଆ'ଇ ? ତାଙ୍କର ତ ଅତି କମ୍‌ରେ ତିନି ହଳ ବଦଦ ଥା'ନ୍ତି।" ଶଙ୍କି ଶଙ୍କି ପଚାରିଲା ମଳୟ।

ସନିଆ'ଇ ହସି ଦେଇ କହିଲା– "ଆଉ ବଳଦଙ୍କ କି କାମ ? ହଳ ତ ଟ୍ରାକ୍ଟରରେ ହଉଛି। ବଳଦ ଗୁଡ଼ାକ ଅଯଥାରେ ପୋଷା ହୁଅନ୍ତେ କିଆଁ? ସବୁ ବଳଦ ବିକ୍ରି ହେଇଗଲେ।"

ତିନି ବର୍ଷରେ ଗାଁ ରେ ହେଇଥିବା ପରିବର୍ତ୍ତନକୁ ସିନା ଅନୁଭବ କରିପାରୁଥିଲା, କିନ୍ତୁ ଗ୍ରହଣ କରିପାରୁ ନ ଥିଲା ମଳୟ। ଦାଣ୍ଡ ତ ଦି'ଭାଗ। ନା ଏଠି କଇଁଫୁଲ ଘର ପାଇଁ ସ୍ଥାନ ଅଛି ନା ଦଧି ପାଇଁ। ପୁଣି ଦାଣ୍ଡକୁ ଧାଡ଼ି ଧାଡ଼ି ବନ୍ଧା ବଳଦ ସିନା ସୁନ୍ଦର! ମୋଟାମୋଟି ମଳୟ ଯାହା ହୃଦୟଙ୍ଗମ କଲା, ତାହା ହେଉଛି ଗାଁ ଦାଣ୍ଡର ପୂର୍ବ ମହକ ଆଉ ନାହିଁ।

ସନିଆ'ଇ ଘରୁ ଖିଆପିଆ ସାରି ସହସା ଘରକୁ ଲେଉଟି ଆସିଲା ମଳୟ। ବିଛଣାପତ୍ର ସଜାଡ଼ି ବିଛଣାରେ ଗଡ଼ପଡ଼ ହେଲା ସିନା, ଆଖିରେ ନିଦ ନାହିଁ। ଯେଉଁ ସହର ଛାଡ଼ି ସେ ଗାଁକୁ ଧାଇଁ ଆସିଥିଲା, ସେ ସହରଟା ସତେ ଯେମିତି ତା'ଆଗରୁ

Digitized by srujanika@gmail.com

ଆସି ଗାଁରେ ପଶିସାରିଛି । ମାଗୁଣିର ଶଗଡ଼ ପରି ଗାଁ ଦାଣ୍ଡଟା ଯା' ଭିତରେ ତା' ପରିଚୟ ହଜେଇ ସାରିଲାଣି । ପଦୁଟିଏ ମନ ଖୋଲା କଥା ପାଇଁ ବି କାହା ପାଖରେ ସମୟ ନାହିଁ । ଏମିତି କେତେ କ'ଣ ଭାବୁଭାବୁ କେତେବେଳେ ମଳୟର ଆଖି ପତା ଲାଗି ଯାଇଛି ।

ରାତିରେ ଡେରିରେ ଶୋଇଥିଲେ ବି ସକାଳୁ ସଅଳ ନିଦ ଭାଙ୍ଗିଗଲା ମଳୟର । ସୂର୍ଯ୍ୟ ବାହାରିବାକୁ ସମୟ ଆହୁରି ବାକି ଅଛି । ଆଟାଚି ସଜାଡ଼ି ଘରୁ ବାହାରି ଗଲା ମଳୟ । ପଛରେ ରହିଗଲା ମଳୟର ବଦଳି ଯାଇଥିବା ଗାଁ ଦାଣ୍ଡ ।

❖❖❖

Digitized by srujanika@gmail.com

ଜୀବନ ଯଜ୍ଞ

ସରକାରୀ ଚାକିରିରୁ ଅବସର ନେବା ପରେ ବିଜୟ କିଛି ଦିନ ସରକାରୀ ବାସଭବନରେ ରହିବା ପାଇଁ ବାଧ ହୋଇଥିଲେ। କ'ଣ ବା କରିଥାନ୍ତେ ? ନିଜେ ତ ସହରରେ ଘର ଖଣ୍ଡିଏ କରିପାରିନାହାନ୍ତି। ନିଜ ଗ୍ରାମରେ ଥିବା ପୈତୃକ ବାସଗୃହକୁ ନ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ଯୋହା ହେଉ ଏବେ ଭଡ଼ା ଘରଟିଏ ଦେଖା ହୋଇଛି। ଏହି ଦୁଇ ଦିନ ମଧ୍ୟରେ ସରକାରୀ ବାସ ଭବନ ଛାଡ଼ି ଭଡ଼ା ଘରକୁ ଯିବାକୁ ହେବ।

ସବୁ ଜିନିଷ ବନ୍ଧାବନ୍ଧି କରିବା ପାଇଁ ବିଜୟ ଲାଗି ପଡ଼ିଛନ୍ତି। ଚାକିରି ଜୀବନର ଅନେକ ନଥିପତ୍ର, ଚିଠି, ଦରକାରୀ କାଗଜ ଏପଟ ସେପଟ ହୋଇ ପଡ଼ିଛି। ବନ୍ଧା ବନ୍ଧିରେ ସାହାଯ୍ୟ କରିବା ପାଇଁ ସ୍ତ୍ରୀ ସୁଲୋଚନାଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ଗୁଡ଼ାଏ ଦରକାରୀ, ଅଦରକାରୀ କାଗଜ ଖେଳାଉ ଖେଳାଉ ମନିଅର୍ଡ଼ର ଫର୍ମରେ ଲେଖାଯାଇଥିବା ଦୁଇ ଧାଡ଼ିଆ ଚିଠି ଖଣ୍ଡେ ଆଖିରେ ପଡ଼ିଗଲା। କାହିଁ କେତେ ଦିନର ଚିଠି ଖଣ୍ଡକ। ଦୁଇ ଭାଙ୍ଗ କରି ମୋଡ଼ା ହୋଇଛି। ଅକ୍ଷର ସବୁ ଫିକା ପଡ଼ିଗଲେଣି। ନିଜର ଚଷମାକୁ ପୋଛି ଦେଇ ବିଜୟବାବୁ ପଢ଼ିବାକୁ ଲାଗିଲେ। ବିଜୟଙ୍କର ଇଏ ଗୋଟାଏ ପୁରୁଣା ଅଭ୍ୟାସ। ପୁରୁଣା କାଗଜ, ଚିଠି କିଛି ପାଇଗଲେ ତାକୁ ପଢ଼ି ବସନ୍ତି। କିଛି ସେ ଆନନ୍ଦ ପାଆନ୍ତି ନିଶ୍ଚୟ। ପୁରୁଣା କଥା ତାଙ୍କର ମନେ ପଡ଼ିଯାଏ।

କାଗଜଟିର ଦୁଇପାଖ ଓଲଟାଇ ଦେଖିଲେ ବିଜୟ। ଅକ୍ଷର ପାଣିଚିଆ ଦିଶୁଛି। ଚଷମା ସଳଖେଇ ପଢ଼ିଲେ।

ମହାଶୟ,

ପ୍ରଣାମ ନେବେ। ଅସମୟରେ ସାହାଯ୍ୟ କରିଥିବାରୁ ଜୀବନ ସାରା ଆପଣଙ୍କ ପାଖରେ କୃତଜ୍ଞ ରହିବି।

ଇତି

ରମା

Digitized by srujanika@gmail.com

ପଢ଼ିସାରି ରସିଦଟିକୁ ଭାଙ୍ଗିଦେଇ ପୁଣି ପୂର୍ବ ସ୍ଥାନରେ ରଖିଦେଲେ। ଏ ରସିଦଟି କାହିଁକି ସାଇତା ହୋଇ ରହିଛି, ତାର ଉତ୍ତର ବିଜୟଙ୍କ ପାଖରେ ନାହିଁ। ମାତ୍ର ଏକଥା ସତ ଯେ ସେ ରସିଦଟିକୁ ଫିଙ୍ଗି ପାରି ନାହାନ୍ତି। ଏଣେ ଶ୍ରୀମତୀଙ୍କ ତାଗିଦ୍‌ରେ ପ୍ରକୃତିସ୍ଥ ହେଲେ ବିଜୟ। ଉଚ୍ଚ ଗଳାରେ ଶ୍ରୀମତୀ କହୁଛନ୍ତି – "ସବୁବେଳେ ତ ସେଇ ପୁରୁଣା କାଗଜ ଗୁଡ଼ାକୁ ପଢ଼ିବାର ପୁରୁଣା ଅଭ୍ୟାସ ଗଲାନି, ଜିନିଷ ବନ୍ଧାବନ୍ଧି ହେବ କେତେବେଳେ ?"

ଏବେ ନୂଆ ଭଡ଼ା ଘରେ ପ୍ରବେଶ ହୋଇ ସାରିଲାଣି। ଝରକା ପାଖରେ ଠିଆ ହୋଇ ବିଜୟ ଆଖପାଖ ଚାରିଆଡ଼ ଉପରେ ଦୃଷ୍ଟି ବୁଲାଇ ଆଣୁଛନ୍ତି। ସନ୍ଧ୍ୟା ଆଗତ ପ୍ରାୟ। ସୂର୍ଯ୍ୟଙ୍କ ବିଶ୍ରାମ ସମୟ। ପଶ୍ଚିମାକାଶ ଦେଇ ସ୍ୱସ୍ଥାନକୁ ବାହୁଡ଼ିବାକୁ ଉଦ୍ୟମ କରୁଛନ୍ତି। ରକ୍ତିମ ଛିଟାରେ ଆକାଶ ବେଶ୍ ମନଲୋଭା। ଦମକାଏ ଥଣ୍ଡା ପବନ ଝରକା ଦେଇ ଘର ଭିତରକୁ ପଶିଆସୁଛି । ହଠାତ୍ କଲିଂ ବେଲ୍‌ର ଶବ୍ଦରେ ବିଜୟଙ୍କ ଧ୍ୟାନ ଡ୍ରଇଂ ରୁମ୍ ଆଡ଼କୁ ଆକର୍ଷିତ ହେଲା। ଇତି ମଧ୍ୟରେ ଶ୍ରୀମତୀ କବାଟ ଖୋଲି ସାରିଥିଲେ। ଜଣେ ଭଦ୍ର ମହିଳା ନମସ୍କାର କହିବା ବିଜୟଙ୍କ କାନରେ ପଡ଼ିସାରିଥାଏ। ବିଜୟ ଡ୍ରଇଂ ରୁମ୍‌କୁ ଆସିଲା ବେଳକୁ ଭଦ୍ରମହିଳା ଜଣଙ୍କ ସହ ଶ୍ରୀମତୀ କଥୋପକଥନରେ ମାତି ସାରିଥିଲେ। ମାତ୍ର ଏ କ'ଣ ? ବିଜୟ ଘର ଭିତରକୁ ଆସୁ ଆସୁ ଅଟକି ଗଲେ। ଚିହ୍ନା ଚିହ୍ନା ମୁହଁ। କେଉଁଠି ଯେମିତି ବହୁ ପାଖରୁ ଭେଟ ହେଇଛି। ଧିରେ ଧିରେ ପଦଚାଳନା କରି ସୋଫା ଉପରେ ଅନ୍ୟମନସ୍କ ଭାବରେ ବସିଡ଼ିଲେ ବିଜୟ।

ବିଜୟ ଭାବି ଚାଲିଥାନ୍ତି। କିଛି ସ୍ପଷ୍ଟ ମନେ ପଡୁ ନଥାଏ। ଖୁବ୍ ନିକଟରୁ ଭେଟ ହୋଇଛି ମାତ୍ର କେଉଁଠି ? ଏହା ମଧ୍ୟରେ ଭଦ୍ର ମହିଳା ଜଣକ ନମସ୍କାର ମୁଦ୍ରାରେ ସୋଫାରୁ ଉଠି ଠିଆ ହୋଇ ସାରିଥାନ୍ତି। ହାତ ଯୋଡ଼ି କହି ଚାଲିଥାନ୍ତି – "ଆପଣଙ୍କ ସାଙ୍ଗରେ ଏପରି କେବେ ଦେଖା ହେବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ଏହା ଭିତରେ ତିରିଶ ବର୍ଷ ବିତି ଯାଇଛି।"

ସୁଲୋଚନା ଯେପରି ପୃଥିବୀ ଛାଡ଼ି ଅନ୍ୟ ଏକ ଗ୍ରହରେ ପ୍ରବେଶ କରିସାରିଥାନ୍ତି। ଭଦ୍ର ମହିଳାଙ୍କ ସହ ତାଙ୍କର କେବେ ଦେଖା ସାକ୍ଷାତ ହେଲା ଭଳିଆ ମନେ ପଡୁନି।

ବିଜୟଙ୍କ ମନରେ ଅସୁମାରୀ ପ୍ରଶ୍ନ। ଚିହ୍ନା ଲାଗୁଛି ଅଥଚ କିଛି ମନେ ପଡୁନି।

ଆଗନ୍ତୁକ ଭଦ୍ରମହିଳା କିନ୍ତୁ ବେଶ୍ ସହଜ ଓ ସରଳ ଭଙ୍ଗୀରେ ଅନାଇ ରହିଥାନ୍ତି ବିଜୟଙ୍କୁ। ନମ୍ର କଣ୍ଠରେ କହିଲେ – "କ'ଣ ଆଜ୍ଞା ମନେ ପଡୁନି। ତିରିଶ ବର୍ଷ

Digitized by srujanika@gmail.com

ତଳେ ବାଦାମ ବାଡ଼ି ବସ୍ ଷ୍ଟାଣ୍ଡରେ ଗୋଟେ ବସ୍‌ରେ ଆମର ଭେଟ ହୋଇଥିଲା। ମୁଁ ବିପଦରେ ପଡ଼ିଥିବାରୁ ଚିହ୍ନା ଜଣା ନ ଥାଇ ସୁଦ୍ଧା ଆପଣ ଟଙ୍କା ଧାର ଦେଇଥିଲେ। ସେ ସାହାଯ୍ୟ ମୁଁ ଜୀବନ ସାରା ଭୁଲି ପାରିନାହିଁ ଆଜ୍ଞା। ସେଦିନ ଆପଣ ସାହାଯ୍ୟ କରିବାକୁ ଆଗେଇ ଆସି ନ ଥିଲେ, ମୋ ଛୁଆଟିର ଯେ କ'ଣ ହୋଇଥାନ୍ତା...।"

ଏବେ ସବୁ କଥା ବିଜୟଙ୍କ ପାଖେ ସ୍ପଷ୍ଟ ହୋଇଗଲା। ବହୁ ବର୍ଷ ତଳର କଥା ସବୁ ଦେଖିଥିବା ଚଳଚିତ୍ରର ଦୃଶ୍ୟ ପରି ତାଙ୍କ ଆଖି ଆଗରେ ନାଚି ଉଠିଲା।

X X X

ଦୁର୍ଗା ପୂଜା ଛୁଟି କାଟିବା ପାଇଁ ବିଜୟ ଗାଁକୁ ଯାଉଥାନ୍ତି। ବାଦାମ୍‌ବାଡ଼ି ବସ୍ ଷ୍ଟାଣ୍ଡରେ ବସ୍ ରହିଥାଏ। ଝରକା ପାଖ ସିଟ୍‌ରେ ବିଜୟ ବସି ବାହାରର ଦୃଶ୍ୟ ଉପଭୋଗ କରୁଥାନ୍ତି। ଧଳା ଶାଢ଼ି ପିନ୍ଧି ଅଳ୍ପ ବୟସର ଝିଅଟିଏ କେତେବେଳେ ପାଖରେ ଆସି ବସି ସାରିଥିଲା, ବିଜୟଙ୍କର ନିଘା ନଥିଲା। ଗୋଟେ କଅଁଳ ଶିଶୁର କାନ୍ଦରେ ଝରକାରୁ ଆଖି ଫେରାଇଲେ ସେ। ଦେଖିଲେ ଶିଶୁଟିର କାନ୍ଦ ବନ୍ଦ କରିବାପାଇଁ ଚେଷ୍ଟା କରୁଛି ତାଙ୍କ ପାଖରେ ବସିଥିବା ଝିଅଟି। ତା' ଉପରେ ଆଖି ବୁଲାଇ ଆଣିଲେ । ବୟସ କୋଡ଼ିଏ କି ଏକୋଇଶ ହେବ । ଗୋରା ବର୍ଣ୍ଣ। ସୁନ୍ଦର ପତଳା ଚେହେରା। ଅଳ୍ପ ବୟସର ଝିଅଟି ହାତରେ କଅଁଳା ଶିଶୁ କେମିତି ଖାପଛଡ଼ା ଲାଗୁଥାଏ।

କିଛି ସମୟ ପରେ ଶିଶୁଟିର କାନ୍ଦ ବନ୍ଦ ହୋଇଯାଇଥାଏ। ବୋଧ ହୁଏ ଥକିଯାଇ ଶୋଇପଡ଼ିଥାଏ।

ଛୁଆଟିର କାନ୍ଦ ବନ୍ଦ ଦେଖି ଝିଅଟି ଆଶ୍ୱସ୍ତ ବୋଧ କରୁଥାଏ। ବାମ ହାତରେ ଛୁଆଟିକୁ ଧରି ଡାହାଣ ହାତରେ ଗୋଡ଼ ପାଖରେ ଥିବା ଗୋଟିଏ ବ୍ୟାଗରୁ କ'ଣ ଖୋଜି ଚାଲିଥାଏ। କ୍ରମେ ଝିଅଟି ବ୍ୟସ୍ତ ବିବ୍ରତ ଜଣାପଡୁଥାଏ। ବୋଧ ହୁଏ ଖୋଜୁଥିବା ଜିନିଷଟା ମିଳୁନି। ଝିଅଟିର ବ୍ୟସ୍ତତା ଦେଖି ବିଜୟ ପଚାରିଲେ-କ'ଣ କିଛି ହଜିଯାଇଛି କି ?"

ଝିଅଟି ଶଙ୍କିଯାଇ କହିଲା- "ତରବରରେ ଆସୁଆସୁ ବୋଧ ହୁଏ ଛାଡ଼ି ଆସିଲି ଆଜ୍ଞା। କଣ କରିବି ଏବେ। ଛଅ ଘଂଟାର ବାଟ। ମୋ ଛୁଆର ଗୁଣ୍ଡ ଦୁଧ ଡବାଟା ଛାଡ଼ି ଆସିଛି ଆଜ୍ଞା ।" କଥା ଦି'ପଦ କହିସାରି ଅସହାୟ ଦୃଷ୍ଟିରେ ଝିଅଟି ବିଜୟଙ୍କୁ ଚାହିଁଲା।

ବିଜୟ ସହସା କହିଲେ- "ଆଉ ଗୋଟେ ଡବା କିଣି ଆଣିଲେ ସମସ୍ୟାର ସମାଧାନ ହୋଇଯିବ। ବ୍ୟସ୍ତ ହେବାର କ'ଣ ଅଛି ?"

Digitized by srujanika@gmail.com

ଝିଅଟି ହତାଶ ସ୍ୱରରେ କହିଲା, "ଡବା କିଣିବା ପାଇଁ ମୋ ପାଖରେ ଟଙ୍କା ନାହିଁ ଆଜ୍ଞା।"

ଟିକିଏ ରହିଯାଇ ବିଜୟ କହିଲେ – "କିଛି ବ୍ୟସ୍ତ ହବାର ନାହିଁ, ମୋ ପାଖରେ ଟଙ୍କା ଅଛି।"

ଝିଅଟି କିଛି ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ଗୁଣ୍ଡ ଦୁଧ ଡବାର ନାମଟି ବୁଝି ଯାଇ ବିଜୁଳି ବେଗରେ ବସ୍‌ରୁ ଓହ୍ଲାଇ ଯାଇଥିଲେ ବିଜୟ। ନିକଟସ୍ଥ ଦୋକାନରୁ ଗୁଣ୍ଡ ଦୁଗ୍ଧ ଡବାଟି କିଣି ଖୁବ୍ ଶୀଘ୍ର ବସ୍‌କୁ ଫେରି ଆସିଥିଲେ। ବିନା ବାକ୍ୟ ବ୍ୟୟରେ ଡବାଟି ଝିଅଟି ହାତକୁ ବଢ଼ାଇ ଦେଇ ନିଜ ସ୍ଥାନ ଗ୍ରହଣ କରିନେଇଥିଲେ ସେ। ଏ ସବୁ ଖୁବ୍ ଅକସ୍ମାତ ଭାବରେ ଘଟିଯାଇଥିଲା।

ହଁ କି ନାଁ କହିବା ପାଇଁ ଝିଅଟି ପାଖରେ କିଛି ସୁଯୋଗ ନଥିଲା। ଅଗତ୍ୟା ଗୁଣ୍ଡ ଦୁଗ୍ଧ ଡବାଟିକୁ ଗ୍ରହଣ କରିବା ଛଡ଼ା ତା' ପାଖରେ ଆଉ କୌଣସି ଉପାୟ ନଥିଲା। ଛୁଆଟିକୁ ତ ଖୁଆଇବାକୁ ହେବ। ନିଜର କୃତଜ୍ଞତା ପ୍ରକାଶ କରି ବ୍ୟାଗରୁ ଥର୍ମୋଫ୍ଲାକ୍ସ, ଷ୍ଟିଲ୍ ଗ୍ଲାସ ଏବଂ ଚାମଚଟିଏ କାଢ଼ିଲା। ଦୁଧ ପାଣିକୁ ଫିଡିଂ ବଟଲରେ ଭର୍ତ୍ତିକରି ଛୁଆଟି ମୁହଁରେ ଧରାଇ ଦେଇ ଆଶ୍ୱସ୍ତ ହେଲା ଝିଅଟି। ସତେ ଯେମିତି ମହାବିପଦରୁ ରକ୍ଷା ପାଇଯାଇଅଛି।

ବିଜୟଙ୍କ ମନରେ ପ୍ରଶ୍ନ। ଝିଅଟି ଶିଶୁଟିର କିଏ ?

ଝିଅଟି ବିବାହିତ ପରି ଜଣାପଡୁନାହିଁ। ସାଙ୍ଗରେ ବି କେହି ନାହାନ୍ତି।

– "ଆପଣଙ୍କ ସାହାଯ୍ୟ ଜୀବନ ସାରା ଭୁଲିପାରିବିନି ଆଜ୍ଞା"– ବିଜୟଙ୍କ ଧ୍ୟାନ ଭଗ୍ନ ହେଲା। ଝିଅଟି ତାଙ୍କରି ଆଡକୁ ଚାହିଁଛି।

– "ନାଇଁ ନାଇଁ, ଏମିତି କିଛି ନାହିଁ। ମୁଁ ଯାହା କଲି, ଯେକୌଣସି ଲୋକ ତ ସେୟା କରିଥାନ୍ତା।" ସହଜ ଗଳାରେ କହିଲେ ବିଜୟ। ବସଟି ଗଡ଼ିବାକୁ ଆରମ୍ଭ କରିଥିଲା। ଆଉ ବେଶି କିଛି ଭାବର ଆଦାନ ପ୍ରଦାନ ହୋଇ ନଥିଲା। କଥା ଛଳରେ ଝିଅଟି ବିଜୟଙ୍କର ଠିକଣା ବୁଝି ନେଇଥିଲା।

ପାଖାପାଖି ତିନି ଘଂଟାର ଯାତ୍ରା ପରେ ବିଜୟ ନିଜର ଗାଁ ପାଖ ବସ୍ ଷ୍ଟପରେ ଓହ୍ଲାଇ ଯାଇଥିଲେ। ଓହ୍ଲାଇବା ସମୟରେ 'ଆଜ୍ଞା ନମସ୍କାର' କହି ଝିଅଟି ବିଦାୟ ଜଣାଇଥିଲା। ବିଜୟ ମଧ୍ୟ ପ୍ରତି ନମସ୍କାର କରି ବିଦାୟ ନେଇଥିଲେ।

Digitized by srujanika@gmail.com

କିଛି ଦିନ ପରେ ବିଜୟ ଏକ ମନିଅର୍ଡ଼ର ପାଇଲେ। ଝିଅଟି ଟଙ୍କା ଫେରାଇ ଦେଇଥିଲା। ବିଜୟଙ୍କ ମନରେ ଏକ ଅଜଣା ଆନନ୍ଦ ଖେଳିଯାଇଥିଲା। ଏମିତି ବି ହୋଇପାରେ। ବିଶ୍ୱାସ ହେଉନଥିଲା।

ଅନୁତାପ କରୁଥିଲେ ବିଜୟ। ଝିଅଟି ବିଷୟରେ କିଛି ଅଧିକ ଜାଣିବା ତାଙ୍କର ଉଚିତ ଥିଲା। ମନଟା ଘାଂଟି ଚକଟି ହେଉଥାଏ। ଅବଶ୍ୟ କିଛି ଦିନ ପରେ ସେ ଝିଅଟିକୁ ତା' ଠିକଣାରେ ଭେଟିବାକୁ ଉଦ୍ୟମ କରିଥିଲେ। ମାତ୍ର ସମ୍ଭବ ହୋଇ ନ ଥିଲା। ବୋଧ ହୁଏ ସେ ତା' ଠିକଣା ବଦଳାଇ ସାରିଥିଲା।

ନିରବତା ଭଙ୍ଗକରି ଭଦ୍ରମହିଳା ଜଣଙ୍କ ପଚାରିଲେ-"କ'ଣ ଆଜ୍ଞା କିଛି ମନେ ପଡ଼ିଲା।"

ଅବିଶ୍ୱାସନୀୟ ଆଖିରେ ବିଜୟ ଅନାଇ ରହିଥିଲେ ସେହି ଭଦ୍ରମହିଳା ଜଣଙ୍କୁ। ସେ ଦିନ ହାତରେ ଶିଶୁଟିକୁ ଧରିଥିବା ଝିଅଟି ଆଜି ତାଙ୍କ ଆଗରେ ଆଉ ଏକ ରୂପରେ ଉପସ୍ଥିତ, ମାତ୍ର ଚେହେରା ସମାନ। ଚିହ୍ନିବାରେ ଅସୁବିଧା ନାହିଁ।

ଗୋଟିଏ ଉପନ୍ୟାସର କାହାଣୀ ପରି ଲାଗୁଥାଏ । ବୋଧହୁଏ ଭଦ୍ରମହିଳା ଜଣଙ୍କ ବିଜୟଙ୍କର ମନ କଥା ଠଉରେଇ ନେଇଥିଲେ। କହିଲେ- "ମୁଁ ଆପଣଙ୍କ ଠିକଣାରେ ଆପଣଙ୍କୁ ଚିଠି ଖଣ୍ଡେ ଦେଇଥିଲି। ବୋଧ ହୁଏ ସେ ଚିଠି ଆପଣଙ୍କର ହସ୍ତଗତ ହୋଇନାହିଁ। ନ ହେଲେ ତ ଉତ୍ତର ମୁଁ ନିଶ୍ଚୟ ପାଇଥାନ୍ତି। ଆପଣଙ୍କ ଭଳି ଲୋକ ଚିଠିର ଉତ୍ତର ଦେବେନି, ଏକଥା ବିଶ୍ୱାସ କରି ହୁଏନା।"

ସୁଲୋଚନା ଦେବୀଙ୍କ ଆଖିରେ ଅସୁମାରୀ ପ୍ରଶ୍ନ। ଘଟଣାର ଆଦି ଅନ୍ତ ପାଉ ନାହାନ୍ତି। ହଠାତ୍ ଦୁଇଟି ଅଜଣା ମଣିଷ ଏଇ କେଇ ମୁହୂର୍ତ୍ତ ମଧରେ ଏତେ ଅନ୍ତରଙ୍ଗ ହେଲେ କେମିତି! ସୁଲୋଚନାଙ୍କୁ ଅଧିକ ଦ୍ୱନ୍ଦ ମଧ୍ୟକୁ ଠେଲି ଦେଇ ଭଦ୍ରମହିଳାଙ୍କୁ ଅନେଇ ବିଜୟ କହିଲେ- "ମୁଁ ବି ତମକୁ ଖୋଜିବାକୁ ଚେଷ୍ଟା କରିଛି। ଖୋଜି ପାଇନି। ସୁଲୋଚନା ଦେବୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ଆରମ୍ଭ କରିସାରିଥାଏ। କୌତୁହଳ ତଥା ବିରକ୍ତି ମିଶା ଭାଷାରେ କହିଲେ- "ମୁଁ ବି ଏଠି ଅଛି। ମୋତେ ତ କିଛି ଜାଣିବାକୁ ଦିଅ।"

ବିଜୟ କଥାକୁ ଆଗକୁ ବଢ଼ାଇ ତିରିଶ ବର୍ଷ ତଳେ ଘଟିଥିବା ଘଟଣାର ପୁନରାବୃତ୍ତି କଲେ। ସୁଲୋଚନା ଦେବୀଙ୍କ ପାଇଁ ସବୁ କିଛି ସ୍ପଷ୍ଟ ହୋଇ ଆସୁଥିଲା। କିନ୍ତୁ ଭଦ୍ରମହିଳାଙ୍କର ହଠାତ ଆବିର୍ଭାବ କେମିତି ? ସୁଲୋଚନା ଦେବୀଙ୍କ ମନରେ ଅନେକ ପ୍ରଶ୍ନ ଉବୁଟୁବୁ ହେଉଥିଲା।

Digitized by srujanika@gmail.com

ବିଜୟବାବୁ କିଛି ନ କହି ଜିଜ୍ଞାସୁ ନୟନରେ ଭଦ୍ରମହିଳାଙ୍କ ଆଡ଼କୁ ଅନାଇ ରହିଥିଲେ।

ଭଦ୍ରମହିଳା ଜଣଙ୍କ ତାଙ୍କ ଆତ୍ମ ଆରମ୍ଭ କଲେ। ଏଇ ପାଖ ନୀଳ ରଙ୍ଗ ଘରେ ସେ ତାଙ୍କ ପୁଅ ସହ ଭଡ଼ାରେ ରହନ୍ତି। ଜଣେ ନୂଆ ପଡ଼ୋଶୀଙ୍କ ସହ ବନ୍ଧୁତା ଉଦ୍ଦେଶ୍ୟରେହିଁ କଲିଂ ବେଲ୍ ଦବାଇଥିଲେ। ଦ୍ୱାର ଖୋଲିବା ପରେ ଯେଉଁ ଘଟଣା ଘଟିଗଲା, ସେ ସବୁ ତାଙ୍କ କଳ୍ପନା ବାହାରେ ଥିଲା।

ବିଜୟ ବାବୁ କଣ କହିବେ, ପଚାରିବେ ଭାବି ପାରୁ ନଥିଲେ। ଏକ ପ୍ରକାର ସ୍ତବ୍ଧ ହୋଇଯାଇଥିଲେ ସେ। ତେବେ ପରିସ୍ଥିତିକୁ ହାଲୁକା କରିବାକୁ ଯାଇ ପଚାରିଲେ- "ପୁଅ ତମର କ'ଣ କରେ ରମା ?"

ରମା ସମ୍ବୋଧନରେ ଭଦ୍ରମହିଳା ଜଣକ ଭାବ ବିହ୍ୱଳ ହେବା ପରି ଜଣା ପଡୁଥିଲେ। ତାଙ୍କ ମୁଖ ମଣ୍ଡଳ କେମିତି ଏକ ପ୍ରକାର ଆଭାରେ ଉକୁଟି ଉଠୁଥିଲା।

କିଛି ଉତ୍ତର ନ ଦେଇ ଉଠି ଠିଆ ହେଲେ ରମା। ଦୁଇ ପାଦ ଆଗେଇ ଯାଇ ବିଜୟ ବାବୁଙ୍କ ପାଦ ସ୍ପର୍ଶ କରି ପ୍ରଣାମ କଲେ। ସୁଲୋଚନା ଦେବୀଙ୍କୁ ଅନାଇ କହିଲେ- "ଆଉ କେବେ ଦେଖା ହେଲେ ସବୁ କହିବି। ଆଜି ଯାଏ । ପୁଅର ଆସିବା ସମୟ ହେଇଗଲାଣି ।" ପଛକୁ ବୁଲି ପଡ଼ି ଘରୁ ବାହାରି ପାହାଚରେ ଧିରେ ଧିରେ ଓହ୍ଲାଇଗଲେ। ଚକିତ ନୟନରେ ଅନାଇ ରହିଥିଲେ ବିଜୟ ବାବୁ। ସୁଲୋଚନା ଦେବୀ ଭାବୁଥିଲେ, ପ୍ରକୃତରେ ଏ ରମା କିଏ ?

ଦୁଇ

ପରଦିନ ସକାଳ ପ୍ରାୟ ଏଗାରଟା ହେବ। ଆକାଶ ମେଘାଚ୍ଛନ୍ନ। ଅଦିନିଆ ମେଘ ଆକାଶକୁ ଘୋଡ଼ାଇ ରଖିଛି। ମଝିରେ ମଝିରେ ଘଡ଼ଘଡ଼ି, ବିଜୁଳିର ଶବ୍ଦ, ବିଜୁଳିର ଚମକ । ସୁଲୋଚନା ଦେବୀଙ୍କ ମନ କେମିତି ଉଦାସ ଉଦାସ ଲାଗୁଥାଏ। କାମ କିଛି ନାହିଁ। ଅନ୍ୟମନସ୍କ ରହୁଥାନ୍ତି ସେ। ରନ୍ଧାବଢ଼ା ସରିଯାଇଛି। ବାବୁ କ'ଣ କାଗଜ ଖୋଜିବାରେ ବ୍ୟସ୍ତ। କବାଟ ଧିରେ ଆଉଜାଇ ଦେଇ ଘରୁ ଗୋଡ଼ କାଢ଼ିଲେ ସୁଲୋଚନା ଦେବୀ।

ଦୁଇଟି ଘର ଛାଡ଼ି ନୀଳ ରଙ୍ଗର ଘରଟିଏ। କଲିଂ ବେଲ୍‌ରେ ଟିପ ଦେଲେ ସୁଲୋଚନା ଦେବୀ। ମୁହଁ ପୋଛି ପୋଛି ଦ୍ୱାର ଖୋଲିଲେ ରମା। ସାମ୍‌ନାରେ ହଠାତ୍ ସୁଲୋଚନା ଦେବୀଙ୍କୁ ଦେଖି ଖୁବ୍ ଖୁସି ହୋଇଯାଇଥିଲେ ସେ। ଅତ୍ୟନ୍ତ ଆଦରର ସହ

Digitized by srujanika@gmail.com

ଘର ଭିତରକୁ କଢ଼ାଇ ନେଇ ବସିବାକୁ ଅନୁରୋଧ କଲେ। ସୁଲୋଚନା ଦେବୀ ସୋଫାରେ ବସିପଡ଼ି ଚାରିଆଡ଼େ ଦୃଷ୍ଟି ବୁଲାଇ ଆଣୁଥାନ୍ତି।

"କଣ କେହି ଘରେ ନାହାନ୍ତି କି ?" – ପ୍ରଶ୍ନ କଲେ ସୁଲୋଚନା ଦେବୀ।

"ପୁଅ ଅଫିସ୍ ବାହାରି ଗଲାଣି"- ଉତ୍ତର ଦେଲେ ରମା।

"ଆଉ ଆପଣଙ୍କ ସ୍ୱାମୀ ?"- ପୁଣି ପଚାରିଲେ ସୁଲୋଚନା ଦେବୀ।

"ମୁଁ ବାହା ହୋଇନି ଆଜ୍ଞା"- ଅଳ୍ପ ହସି ଉତ୍ତର ଫେରାଇଲେ ରମା।

ବାହା ହୋଇ ନାହାନ୍ତି ଅଥଚ ପୁଅ ଅଛି, ସୁଲୋଚନା ଦେବୀ ଦ୍ୱନ୍ଦରେ ପଡ଼ିଗଲେ।

କିଛି ସମୟର ନିରବତା ପରେ ରମା ଦେବୀ କହିଲେ-"ଆପଣ ଟିକେ ବସନ୍ତୁ। ମୁଁ ଆପଣଙ୍କ ପାଇଁ ଚା'କପେ ନେଇ ଆସୁଛି। ପରେ ସୁସ୍ଥରେ କଥାବାର୍ତ୍ତା ହେବା।"

ଚା'ପର୍ବ ସରିଲା ପରେ ରମା ଦେବୀ ତାଙ୍କ କଥା ଆରମ୍ଭ କଲେ।

X X X

ତିରିଶ ବର୍ଷ ତଳେ ବସରେ ଯାତ୍ରା କଲାବେଳେ ଯେଉଁ ଶିଶୁଟି ମୋ କୋଳରେ ଥିଲା, ସେହି ହେଉଛି ଏଇ ପୁଅ। ମୋର ହେତୁ ହେବା ପୂର୍ବରୁ ମୋ ବାପା, ବୋଉ ଆରପାରିକି ଚାଲିଯାଇଥିଲେ। ମୋ ବଡ଼ ଭାଇ ମୋର ଲାଳନ ପାଳନ ଦାୟିତ୍ୱ ନେଇଥିଲେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା। ଏଣୁ ମାଟ୍ରିକ୍ ପରେ ନର୍ସିଂ ତାଲିମ ନେଇ କଟକ ବଡ଼ ଡାକ୍ତରଖାନାରେ ଚାକିରି ଆରମ୍ଭ କରିଥିଲି। ଚାକିରି ମାତ୍ର ଦୁଇ ମାସ ହୋଇଥାଏ। ପ୍ରସୂତି ବିଭାଗରେ ମୋର ରାତି ଡିୟୁଟି ଥାଏ। ହଠାତ୍ ଏକ କଅଁଳ ଶିଶୁର କ୍ରନ୍ଦନ ମୋ କାନରେ ପଡ଼ିଲା। ବାରଣ୍ଡାରେ ଆସି ଦେଖିଲି କେହି କୁଆଡ଼େ ନାହାନ୍ତି। କିନ୍ତୁ ଛୋଟ ପିଲାଟିଏ ବାରଣ୍ଡାରେ ରାହା ଧରି ଶୋଇ କାନ୍ଦିବାରେ ଲାଗିଛି। ପିଲାଟିକୁ ଚୁପ୍ କରାଇବାକୁ କୋଳକୁ ନେଲି। କିଛି ସମୟ ପରେ ପିଲାଟି ଚୁପ୍ ହୋଇଗଲା ସିନା, ତାର ଦାବିଦାର କେହି ନଥିଲେ।

ସମୟ ଗଡ଼ିଚାଲୁଥିଲା। ସିନ୍ଦୁରା ଫାଟି ଆସୁଥିଲା। ଆସ୍ତେ ଆସ୍ତେ ସବୁ କଥା ସ୍ପଷ୍ଟ ହୋଇ ଉଠୁଥିଲା । ବୋଧ ହୁଏ କେହି ଜଣେ ଏ ପିଲାକୁ ପରିତ୍ୟାଗ କରି ଚାଲିଯାଇଛି। ତଥାପି ମନରେ ଆଶା ରଖି ୱାଡ୍ ସାରା ପିଲାଟିକୁ ଧରି ଘୂରିବୁଲିଥିଲି। ଅନ୍ୟାନ୍ୟ ନର୍ସ ମାନଙ୍କ ସହ ପରାର୍ମଶ କରିଥିଲି। ଶେଷରେ କୌଣସି ଏକ ଅନାଥାଶ୍ରମରେ ପିଲାଟିକୁ ଛାଡ଼ି ଦେବାପାଇଁ ନିଷ୍ପତ୍ତି ହେଲା। ମୋ ରୁମ୍‌ରେ ରହୁଥିବା ଆଉ ଜଣେ

Digitized by srujanika@gmail.com

ନର୍ସଙ୍କ ସହ ମିଶି ପିଲାଟିକୁ କ୍ଷୀର ପିଆଇବାକୁ ଚେଷ୍ଟା କଲି । ପିଲାଟିକୁ କୋଳକୁ ନେଇ ପାଖ ଅନାଥାଶ୍ରମକୁ ବାହାରିଲା ବେଳକୁ ମୋତେ ଲାଗିଲା ଯେପରି ପିଲାଟି କହୁଛି – "ମୁଁ ତମ ପାଖରେ ରହିବି । ମୋତେ ଆଉ କୁଆଡ଼େ ନିଅନାହିଁ।"

ପାଦ ରହିଗଲା । ପିଲାଟିକୁ ଧରି ଖଟ ଉପରେ ବସି ପଡ଼ିଲି । ଭାବିଲି ଭଗବାନଙ୍କର ଏ କି ନିର୍ଦ୍ଦେଶ । ମନ ସ୍ଥିର କରିପାରୁ ନ ଥାଏ । ବାନ୍ଧବୀ ନର୍ସ ଜଣଙ୍କ ବ୍ୟସ୍ତ । କହୁଥାଏ, ଚାଲ କାମ ସାରି ଶୀଘ୍ର ଫେରିଆସିବା । ଏଣେ ପିଲାଟି ଆଖି ବୁଜି ଶୋଇବାକୁ ଆରମ୍ଭ କଲାଣି । କିଏ ଜଣେ ଯେମିତି କାନରେ କହିଲା- "ପିଲାଟି କୋଳରେ ନିଶ୍ଚିନ୍ତରେ ଶୋଇପଡ଼ିଲାଣି । ତାକୁ ତୋ ପାଖରେ ରଖ ।"

ଅନ୍ୟମନସ୍କ ହୋଇ ବସିରହିଲି । ମୋର ହାବ ଭାବ ଦେଖି ବାନ୍ଧବୀ ନର୍ସ ଜଣଙ୍କ ଚାଲିଯାଇଥାଏ । କାନ୍ଥରେ ମାତା ଯଶୋଦାଙ୍କ କୋଳରେ ଶ୍ରୀକୃଷ୍ଣଙ୍କ ଫଟଟି ପବନରେ ଫଡ଼ଫଡ଼ ହେଉଥାଏ । ହଠାତ୍ ମନକୁ ଆସିଲା, ଯଶୋଦା ହେଲେ କେମିତି ହୁଅନ୍ତା । ପିଲାଟିକୁ ଅନେଇଲି । ବେଶ୍ ଆରାମରେ ଶୋଇଯାଉଛି ।

ସହସା ନିଷ୍ପତ୍ତି ନେଲି – ମୁଁ ଯଶୋଦା ହେବି । ତେବେ ଚାକିରି ସାଙ୍ଗକୁ ଏ ଦାୟିତ୍ୱ ତୁଲାଇବି କିପରି ? ଭାବିଲି , ବଡ ଭାଇଙ୍କ ସାହାଯ୍ୟ ନେବି । ପରଦିନ ସକାଳୁ କାହ୍ନାକୁ ନେଇ ଗାଁକୁ ବାହାରିଲି । ଯା'ଭିତରେ ମୁଁ ପିଲାଟିକୁ କାହ୍ନା ବୋଲି ଡାକିବା ଆରମ୍ଭ କରିଦେଇଥାଏ । ବାଦାମବାଡ଼ି ବସ୍ ଷ୍ଟାଣ୍ଡରେ ବିଜୟ ବାବୁଙ୍କ ସଙ୍ଗେ ଦେଖା । ତାପରେ ଯାହା ଘଟିଗଲା ସେସବୁ ଆପଣ ଜାଣନ୍ତି । ବିଜୟ ବାବୁଙ୍କ ସହ ସେଇ ମୋର ପ୍ରଥମ ଓ ଶେଷ ଦେଖା । ପୁଣି ତିରିଶ ବର୍ଷ ପରେ ହଠାତ୍ କାଲି ଦେଖା ।

ଚା' ପର୍ବ ସରିଯାଇଥିଲା । ସୁଲୋଚନା ଦେବୀ ବି କିଛି ପ୍ରଶ୍ନର ଉତ୍ତର ପାଇଯାଇଥିଲେ । ମନଟା ହାଲୁକା ହୋଇ ଯାଇଥିଲା । ଝରକା ଦେଇ ବାହାରକୁ ଅନାଇଲେ । ଆକାଶରୁ କଳା ମେଘ ଅପସରି ଯାଇ ପରିଷ୍କାର ହୋଇ ଯାଇଛି । ଉଠି ଠିଆ ହେଲେ ସୁଲୋଚନା ଦେବୀ । ରମା ଦେବୀଙ୍କୁ ସ୍ନେହରେ ଆଲିଙ୍ଗନ କରି ବିଦାୟ ନେଲେ । ରମା ଦେବୀ ପଛରୁ ଅନାଇ ରହିଥିଲେ ସୁଲୋଚନା ଦେବୀଙ୍କୁ । ଭାବୁଥିଲେ – ଏତେ ଆନ୍ତରିକତା ! ହଠାତ୍ ଆସି ହଠାତ୍ ଚାଲିଯିବାର କାରଣ କ'ଣ ହୋଇପାରେ ?

ତିନି

"ହଇହୋ ଶୁଣୁଛ" – କହି କହି ଘର ଭିତରକୁ ପଶି ଆସିଲେ ସୁଲୋଚନା ଦେବୀ । ଶ୍ରୀମତୀଙ୍କୁ କିନ୍ତୁ ଦାଣ୍ଡରୁ କଥା କହି କହି ଘରକୁ ପଶିବାର ପ୍ରାୟ କେବେ

Digitized by srujanika@gmail.com

ଦେଖିନାହାନ୍ତି ବିଜୟ। କିଛି ଅଘଟଣ ଘଟିଲାକି ? ଯା' ଭିତରେ ଘରେ ପଶିସାରିଥିଲେ ସୁଲୋଚନା ଦେବୀ। ସ୍ୱାମୀଙ୍କୁ ସାମ୍ନାରେ ପାଇ କହିଚାଲିଲେ, "ଜାଣ, ତିରିଶ ବର୍ଷ ତଳେ ରମା ଯେଉଁ ଶିଶୁଟିକୁ ସାଙ୍ଗରେ ଧରି ବସ୍‌ରେ ଯାତ୍ରା କରୁଥିଲା, ସେ ତାର ନିଜ ପିଲା ନୁହଁ। ତା'ର ପାଳିତ ପୁଅ। ସେ ଏବେ ତା'ପାଖରେ ଏଇଠି ଅଛି। ତାର ନାଁ କାହ୍ନା। ଆଉ ରମା ବି ଏ ଯାଏ ବାହା ହୋଇ ନାହିଁ।" ଏକା ନିଃଶ୍ୱାସରେ କଥାଗୁଡ଼ା କହିପକାଇ ଚେୟାରରେ ବସି ଦମ୍ ନେଲେ ସୁଲୋଚନା ଦେବୀ।

ମାତ୍ର ବିଜୟ ଶ୍ୱାସରୁଦ୍ଧ ହେବା ପରି ଅନୁଭବ କରୁଥିଲେ। ଛାତିର କେଉଁ କୋଣରେ ପୁଳେ ପବନ ଅଟକିଗଲା ପରି ଲାଗୁଥାଏ । ତିରିଶ ବର୍ଷ ତଳର ସେ ଘଟଣାଟି କ'ଣ ଏକ ଚଳଚିତ୍ରର ରୂପ ନେଇପାରେ ! ତାଙ୍କୁ ଲାଗିଲା, ଏଇ ତିରିଶ ବର୍ଷ ଭିତରେ ସେ ପୂରା ପୃଥିବୀଟା ପ୍ରଦକ୍ଷିଣ କରି ସାରିଛନ୍ତି। ଯେଉଁଠୁ ଆରମ୍ଭ କରିଥିଲେ ଆଜି ପୁଣି ସେଇଠି ପହଂଚି ଯାଇଛନ୍ତି। ଶ୍ରୀମତୀଙ୍କ ପାଖରେ ବସି ଯାଇ ପକେଟରୁ ଖଣ୍ଡେ ଛୋଟ କାଗଜ କାଢ଼ି ସେ ସୁଲୋଚନାଙ୍କ ହାତରେ ଧରାଇଦେଲେ। ସୁଲୋଚନା ଦୁଇଭାଙ୍ଗ କରି ମୋଡ଼ା ହୋଇଥିବା କାଗଜର ଭାଙ୍ଗ ଖୋଲି ଦେଖିଲେ ଅକ୍ଷର ଗୁଡ଼ା ଅସ୍ପଷ୍ଟ । ପଢ଼ିବାକୁ ଚେଷ୍ଟାକଲେ।

ମହାଶୟ,

ପ୍ରଣାମ ନେବେ। ଅସମୟରେ ସାହାଯ୍ୟ କରିଥିବାରୁ ଜୀବନ ସାରା ଆପଣଙ୍କ ପାଖରେ କୃତଜ୍ଞ ରହିବି।

ଇତି

ରମା

ଚିଠିଟି ପଢ଼ା ସରୁଣୁ ନ ସରୁଣୁ ବିଜୟ କହିଲେ- "କିଛି ବୁଝି ପାରୁଛ। ଗୁଣ୍ଡ ଦୁଗ୍ଧ ବାବଦ ଟଙ୍କାକୁ ରମା ମୋ ପାଖକୁ ମନି ଅର୍ଡ଼ର କରି ପଠାଇ ଦେଇଥିଲା। ସାଙ୍ଗରେ ଲେଖାଥିଲା ଦୁଇ ଧାଡ଼ି ଚିଠି। ଘର ବଦଳି ପାଇଁ ଜିନିଷ ବନ୍ଧାବନ୍ଧି ସମୟରେ କାଗଜ ଖଣ୍ଡିକ ମୋର ହସ୍ତଗତ ହୋଇଥିଲା।"

ବିଜୟ – ସୁଲୋଚନା ଦୁଇ ଜଣଙ୍କୁ ସବୁ କଥା ପରୀରାଇଜର କାହାଣୀ ପ୍ରାୟ ଲାଗୁଥାଏ। କାଗଜ ଖଣ୍ଡକୁ ସୁଲୋଚନା ଦେବୀଙ୍କ ହାତରୁ ନେଇ ପୁଣି ନିଜ ପକେଟରେ ଯତ୍ନରେ ରଖିଲେ ବିଜୟ। ସୁଲୋଚନା ଦେବୀ ଉଠିଗଲେ ରୋଷେଇ ଘରକୁ।

Digitized by srujanika@gmail.com

ମଧ୍ୟାହ୍ନ ଭୋଜନ ପରେ ଶୋଇ ପଡ଼ିବା ସୁଲୋଚନା ଦେବୀଙ୍କର ଏକ ପୁରୁଣା ଅଭ୍ୟାସ । ଭାତଖିଆ ନିଦ କିଏ ଭାଙ୍ଗି ଦେଲେ ସେ ରାଗରେ ଗରଗର ହୁଅନ୍ତି । ସେଦିନ କିନ୍ତୁ ଦ୍ୱିପ୍ରହର ଖାଇବା ପରେ ତାଙ୍କୁ ଭଲ ନିଦ ହେଲା ନାହିଁ । ଏପଟ ସେପଟ କଡ଼ ଲେଉଟାଇ ହେଲେ । ନାଁ ଆଉ ଶୋଇ ହେବନି, ଉଠି ବସିଲେ ସୁଲୋଚନା ଦେବୀ । ଆର ଘରେ ବିଜୟ ଟିଭି ଦେଖୁଥିବେ ପରା । ଝରକାରେ ବାହାରକୁ ଅନାଇଲେ । ରମା ରହୁଥିବା ଘରଟି ସ୍ପଷ୍ଟ ଦିଶୁଛି । ଭାବିଲେ ଅତି ବିଚିତ୍ର ଏ ରମା । ରମାର ଅବିବାହିତ ରହିଯିବା କଥାଟାକୁ ହଜମ କରି ପାରୁ ନ ଥିଲେ ସୁଲୋଚନା ଦେବୀ । କାରଣ କ'ଣ ହୋଇପାରେ ? ଅନେକ ପ୍ରଶ୍ନ ମନରେ ଉଙ୍କି ମାରି ମିଳେଇ ଯାଉଥାଏ । ମନ ଥରେ ଉଚ୍ଚାଟ ହେଲେ ତାକୁ ପ୍ରଶମିତ କରିବା ସହଜ ହୁଏନା । ଠିକ୍ ସେୟାହିଁ ଘଟିଥିଲା ସୁଲୋଚନାଙ୍କ କ୍ଷେତ୍ରରେ । ଯା'ଭିତରେ କେତେବେଳେ ବିଜୟ ଆସି ଠିଆ ହୋଇଛନ୍ତି, ସେ କଥାକୁ ସୁଲୋଚନାଙ୍କର ନିଘା ନାହିଁ ।

"କ'ଣ ଶୋଇନ କି ?" – ବିଜୟଙ୍କ ପ୍ରଶ୍ନରେ ଚମ୍‌କି ପଡିଲେ ସୁଲୋଚନା । ଥଙ୍ଗମଙ୍ଗ ହୋଇ ଉତ୍ତର ଦେଲେ – "ନା" ।

ବିଜୟ- "ଅନ୍ୟମନସ୍କ ଜଣାପଡୁଛ ।"

ସୁଲୋଚନା- "କାହିଁ ନା ତ, ଏଇ ରମାଙ୍କ କଥା ଭାବୁଥିଲି ।"

ବିଜୟ- "ତା' ବିଷୟରେ କ'ଣ ଭାବୁଛ ?"

ସୁଲୋଚନା – "ଏଇ ସେ ବାହା କାହିଁକି ହୋଇନି ।"

ନିରବ ରହିଲେ ବିଜୟ । ସେ ପ୍ରଶ୍ନର ଉତ୍ତରକୁ ସେ ମଧ୍ୟ ଖୋଜୁଛନ୍ତି । ସୁଲୋଚନାକୁ ଅନାଇ କହିଲେ- "ସେ କଥା କେବଳ ରମା ହିଁ କହିପାରିବ ।"

ତେଣେ ରମା ଖଟରେ ଗଡୁଗଡୁ ବିଜୟଙ୍କ କଥା ଭାବୁଥିଲା । କି ଅପୂର୍ବ ସଂଯୋଗ । ତିରିଶ ବର୍ଷ ତଳେ ଅଯାଚିତ ଭାବରେ ତାଙ୍କଠୁ ସାହାଯ୍ୟ ପାଇଛି । ଏବେ ପୁଣି ସେ ସମସ୍ୟା ଘେରରେ । ଜୀବନଟା ତା'ର ଯେମିତି ଅଟକି ଯାଇଛି । ଏମିତି ପରିସ୍ଥିତିରେ ଜୀବନ -ନାଟକରେ ବିଜୟ ବାବୁଙ୍କର ପୁଣି ଆକସ୍ମିକ ଆର୍ବିଭାବ । ବିଜୟ ବାବୁଙ୍କର ସାହାଯ୍ୟ ନେଲେ କ୍ଷତି କଣ ?

ଦିନ ଗଡ଼ି ଆସିଲାଣି । କିଛି ପିଲା ପାଖ ପଡ଼ିଆରେ ଖେଳରେ ଏବେ ବି ମାତିଛନ୍ତି । ଝରକାରେ ମୁହଁ କାଢ଼ି ବାହାରକୁ ଅନାଇଲେ ରମା । ମନେ ପଡ଼ିଗଲା କାହ୍ନାର ପିଲାଦିନ କଥା । ଧୂଳି ଧୂସର ହୋଇ ଖେଳରୁ ଫେରେ ସେ । ଏବେ କିନ୍ତୁ

Digitized by srujanika@gmail.com

ବଦଳି ଯାଇଛି। ବୟସ ବଢ଼ିବା ସହିତ ନିଜର ବେଶଭୂଷା, ପୋଷାକ ପତ୍ର ପ୍ରତି ସେ ବେଶ୍ ସଚେତନ।

ସମୟ ବଦଳିଛି। କାହ୍ନା ବି ବଦଳିଛି। କିନ୍ତୁ ବଦଳିନି କାହ୍ନାର ଜିଦ୍ ଖୋର ଗୁଣ। ରମା ତାକୁ ବୁଝାଇ ପାରିନାହାନ୍ତି। ହଠାତ୍ ଚିନ୍ତାଗସ୍ତ ଜଣାପଡ଼ିଲେ ରମା । ଭାବନା ପରେ ଭାବନା ବୁଢ଼ିଆଣି ଜାଲ ପରି ତାଙ୍କ ମନକୁ ଛନ୍ଦି ପକାଉଥିଲା।

"ରମା ଅଛ କି ?" ଡାକରେ ପ୍ରକୃତିସ୍ଥ ହେଲେ ରମା। ଦ୍ୱାର ଖୋଲି ଦେଖିଲେ ବିଜୟ ବାବୁ, ସୁଲୋଚନା ଦେବୀ। ଚିନ୍ତାଗସ୍ତ ମନଟା ଯେପରି ତାଙ୍କର ହାଲୁକା ହୋଇଗଲା । ଭାବନାର ଅଡୁଆ ଖିଅ ସିଧା ହେଲା ପରି ଲାଗିଲା। ବିଜୟ ବାବୁଙ୍କ ପାଦ ଛୁଇଁ ପ୍ରଣାମ କଲେ ରମା। ସୁଲୋଚନାଙ୍କୁ ନମସ୍କାର କରି ଦୁହିଁଙ୍କୁ ଘର ଭିତରକୁ ଆଦରରେ ଡାକି ନେଲେ।

ଏଥର ଦେଖାରେ ବିଜୟ ବାବୁ, ସୁଲୋଚନା ଦେବୀ ଓ ରମା ଦେବୀ ବେଶ୍ ସହଜ ଅନୁଭବ କରୁଥାନ୍ତି। କଥା ଆରମ୍ଭ କରି ବିଜୟ ବାବୁ କହିଲେ – "ରମା, ତୁମ ପୁଅ ?"

ରମା- "ଅଫିସରୁ ଫେରିନି ଆଜ୍ଞା।"

ବିଜୟ – "ତାକୁ ଦେଖିବାକୁ ମୋର ବହୁତ ଇଚ୍ଛା।"

ରମା – "ଅଫିସରୁ ଟିକେ ଡେରିରେ ଫେରେ। ମୁଁ ତାକୁ କାଲି ନେଇ ଆପଣଙ୍କ ଘରକୁ ଯିବି। ହେଲେ ମୋତେ ଟିକେ ସାହାଯ୍ୟ କରନ୍ତୁ ଆଜ୍ଞା।"

ସୁଲୋଚନା- "ସାହାଯ୍ୟ ମାନେ ?"

ରମା – "କାହ୍ନା ଚାରିବର୍ଷ ହେବ ଚାକିରି କଲାଣି। ଅଥଚ ବାହା ହେବାକୁ ରାଜି ନୁହଁ। ମୁଁ ଏକୁଟିଆ ଲୋକ। ତାକୁ ମନାଇ ପାରୁନି ଆଜ୍ଞା।"

ରମାର ମନର ବେଦନା ବିଜୟ ବାବୁ ବେଶ୍ ଠଉରେଇ ପାରୁଥିଲେ। ସାନ୍ତ୍ୱନା ଦେବାକୁ ଯାଇ କହିଲେ- "ବାହାଘର ପାଇଁ ଚିନ୍ତା କରନା। ସେ ଦାୟିତ୍ୱ ମୋର।" ନଈ ମଝିରେ ବୁଲୁଥିବା ହୁଲି ଡଙ୍ଗାଟି କୂଳରେ ଲାଗିଲା ପରି ଅନୁଭବ କଲେ ରମା। ମାତ୍ର ଗୋଟିଏ ଦିନର ସମୟ ମଧ୍ୟରେ ବିଜୟ ବାବୁଙ୍କୁ ସେ ବର୍ଷ ବର୍ଷ ଧରି ଜାଣିଥିବା ପରି ଅନୁଭବ କରୁଥିଲେ। ବହୁ ଦିନର ଚିନ୍ତା ତାଙ୍କ ମନରୁ ଅପସରି ଯାଉଥିଲା। ଆନନ୍ଦରେ ଶିହିରି ଉଠୁଥିଲେ ସେ। ସତେ ଯେମିତି ଜୀବନର ସବୁ ସ୍ୱପ୍ନ ଚରିତାର୍ଥ ହେବାକୁ ଯାଉଛି।

Digitized by srujanika@gmail.com

ଖୁସିରେ ଉଠିଯାଇ ରମା କିଛି ମିଠା ଧରି ଫେରିଆସିଲେ।

ବିଜୟ ବାବୁ ମିଠା ଖାଉ ଖାଉ କହିଲେ – "ରମା, ପୁଅର ବାହାଘର ମୋ ଦାୟିତ୍ୱ। କିନ୍ତୁ ମୋ ପ୍ରଶ୍ନର ଉତ୍ତର ତୁମେ ଦେବତ ?"

ଦୁଇ ପାପୁଲି ମଳୁ ମଳୁ ଅତି ବିନୟ ଭାବରେ ରମା କହିଲେ- "ଆପଣଙ୍କ ପ୍ରଶ୍ନର ଉତ୍ତର ମୁଁ ଦେବିନି ? ଏ ଜୀବନରେ ମହାପାପ ହୋଇଯିବ ଆଜ୍ଞା।"

- "ଆରେ ନା, ନା । ଏତେ ବ୍ୟସ୍ତ ହୁଅନା, ମୋ କଥାଟା ଭାରି ସରଳ" କହିଲେ ବିଜୟ ବାବୁ।

-ବସିଥିବା ସୋଫାର ଟିକେ ଆଗକୁ ଘୁଂଚି ଆସି ରମା କହିଲେ- "ପଚାରନ୍ତୁ ଆଜ୍ଞା।"

ପ୍ରଥମେ ସୁଲୋଚନା ଦେବୀଙ୍କୁ ପରେ ରମାଙ୍କୁ ଅନାଇ ବିଜୟ ପଚାରିଲେ- "ରମା, ତୁମେତ ବାହା ହୋଇନ !"

ହଠାତ୍ ଏମିତି ଏକ ପ୍ରଶ୍ନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ନଥିଲେ ରମା। ପ୍ରଶ୍ନ ବିଜୟ ବାବୁ କରିଛନ୍ତି, ତା'ର ଉତ୍ତର ତା'କୁ ଦେବାକୁ ହେବ।

ସୁଲୋଚନା ଅତି ଉତ୍ସୁକତାର ସହିତ ରମାର ଉତ୍ତରକୁ ଅପେକ୍ଷା କରିଥାନ୍ତି। ଟିକେ ରହିଯାଇ ରମା ତାର ଜବାବ ରଖିଲେ –

ସେଦିନ ବସ୍‌ରୁ ଓହ୍ଲାଇ ଶିଶୁଟିକୁ ଧରି ଗାଁରେ ପହଁଚିଲା ବେଳକୁ ଦିନ ଦୁଇଟା କି ତିନିଟା ବାଜି ସାରିଥିଲା। ଭାଉଜ ହଠାତ୍ ମୋ ହାତରେ କଅଁଳା ଶିଶୁଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଭାଉଜଙ୍କ କୋଳକୁ ଛୁଆଟିକୁ ବଢ଼ାଇଦେଇ ସଂକ୍ଷେପରେ ସବୁ କଥା ବର୍ଣ୍ଣନା କରିଗଲି। ଭାଇ ଭାଉଜଙ୍କର ଛୁଆ ନଥିବାରୁ ଏଇ ଛୁଆଟିକୁ କିଛିଦିନ ପାଇଁ ଆପଣେଇ ନେବାକୁ ଅନୁରୋଧ କରିଥିଲି। ମୋ କଥା ଶୁଣିବା ମାତ୍ରେ ତାଙ୍କ ମୁହଁର ରଙ୍ଗ କେମିତି ବଦଳି ଗଲା ପରି ଲାଗିଲା। ପିଲାଟିକୁ ଖଟରେ ଶୁଆଇ ଦେଇ ମୋ ଖାଇବା ବାଢ଼ିବା ପାଇଁ ଚାଲିଗଲେ। ଖିଆପିଆ ସରିବା ପରେ କହିଲେ- "ଭାଇ ଆସନ୍ତୁ କଥା ହେବା।"

ଭାଇଙ୍କ ଆସିବା ବାଟକୁ ଅନାଇ ରହିଲି। ଭାଇ ଆସିବା ପରେ ଭାଇ-ଭାଉଜଙ୍କର କଥାବାର୍ତ୍ତା ଚାଲିଲା। କିଛି ସମୟ ପରେ ଭାଇ ଭୀଷଣ ବିରକ୍ତି ପ୍ରକାଶ କରି ଜାତି ଗୋତ୍ର ଜଣା ନଥିବା ଅନାଥ ଛୁଆଟିକୁ ଗ୍ରହଣ କରିପାରିବେ ନାହିଁ ବୋଲି ସଫା ସଫା ଶୁଣାଇଦେଲେ। ମୋ ମୁଣ୍ଡରେ ଚଡ଼କ ପଡ଼ିଗଲା । ପାଦ ତଳୁ ଜମି ଖସିଗଲା ପରି

Digitized by srujanika@gmail.com

ଲାଗୁଥାଏ। ଶିଶୁଟି ଉପରେ ଆଖି ବୁଲାଇ ଆଣିଲି। ତା'ର ସେଇ କଥା। ମୋତେ ପାଖରେ ରଖ। ପିଲାଟିର ମୋହ ମୋତେ ଗ୍ରାସ କରି ସାରିଥିଲା। ରାତିଟିଏ ଗାଁରେ ରହି ସକାଳୁ ପିଲାଟିକୁ ଧରି ପୁଣି କଟକ ଫେରି ଆସିଲି। ସାଙ୍ଗ ସାଥୀଙ୍କ ସାହାଯ୍ୟରେ ପିଲାଟିକୁ ସମାଜରେ ଠିଆ କରିବା ମୋର ଏକମାତ୍ର ସଂକଳ୍ପ ହୋଇସାରିଥିଲା। ଏଣୁ ବାହାଘର କଥା କେବେ ଚିନ୍ତା କରିନି। କାହ୍ନା କଥା ବୁଝୁ ବୁଝୁ ମୋର ବାହାଘର ସମୟ ଗଡ଼ି ଯାଇଛି। କାହ୍ନା ଚାକିରି କରିବା ପରେ ମୁଁ ଚାକିରି ଛାଡ଼ି କାହ୍ନା ସହ ରହୁଛି। ଏବେ ମୋର ଏକ ମାତ୍ର ଚିନ୍ତା କାହ୍ନାର ବାହାଘର। ଦୟାକରି ମୋତେ ଟିକେ ସାହାଯ୍ୟ କରନ୍ତୁ ଆଜ୍ଞା।

ବିଜୟ ବାବୁ ବେଶ୍ ମନଧ୍ୟାନ ଦେଇ ରମାଙ୍କୁ ଶୁଣୁଥିଲେ। ରମାଙ୍କ ପ୍ରତି ତାଙ୍କର ସମ୍ମାନ କ୍ରମେ ବଢ଼ି ବଢ଼ି ଯାଉଥିଲା। ତ୍ୟାଗର କି ବିରଳ ଉଦାହରଣ ! ଶୂନ୍ୟରୁ ଏକ ଦାୟିତ୍ୱ ମୁଣ୍ଡାଇ ନେଇ ତାର ସର୍ବସ୍ୱ ତ୍ୟାଗ କରିଛି ସେ। ଆହା ପଦେ କହିବାକୁ କେହି ନାହିଁ। କେତେ ମାନସିକ, ଶାରୀରିକ, ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ନଥିବ ସେ ! ବିସ୍ମୟ ଭରା ନୟନରେ ରମାଙ୍କୁ ଅନାଇ ରହିଥିଲେ ସେ ।

ସୁଲୋଚନା ଦେବୀ ଏକପ୍ରକାର ବାକ୍‌ରୁଦ୍ଧ । କ'ଣ କହିବେ ନ କହିବେ ତାଙ୍କ ମୁଣ୍ଡରେ କିଛି ପଶୁ ନଥାଏ। ସେ ଭାବୁଥିଲେ ରମା ସାଧାରଣ ନାରୀ ନା ଦେବୀ। ରମା ସାଧାରଣ ମନୁଷ୍ୟଠାରୁ ବହୁ ଉର୍ଦ୍ଧରେ ନିଶ୍ଚୟ।

ବିଜୟ ବାବୁ ଓ ସୁଲୋଚନା ଦେବୀ ନିଜ ନିଜ ଭାବନା ରାଜ୍ୟରେ ବୁଡ଼ି ଯାଇଥିଲେ।

"ମୋ କଥା ତ ସବୁ ଶୁଣିଲେ, ହେଲେ ମୋ କଥା ଟିକେ ବୁଝିବେ ଆଜ୍ଞା। ସେମିତି ଦେଖିବାକୁ ଗଲେ ଏ ଦୁନିଆରେ ମୋର କେହି ନାହାନ୍ତି।" - ରମାଙ୍କ କଥାରେ ବିଜୟ ଏବଂ ରମା ଦେବୀଙ୍କ ଧ୍ୟାନ ଭଗ୍ନ ହେଲା। ନିଜର ସଂସାରର କବର ଉପରେ ଗୋଟିଏ ପରିତ୍ୟକ୍ତ ଶିଶୁର ଚଲାପଥ କୁସୁମିତ କରିବା ପାଇଁ ରମାଙ୍କର ନିଃସ୍ୱାର୍ଥ ସାଧନାକୁ ମନେ ମନେ ପ୍ରଶଂସା କରିବାକୁ ବାଧ୍ୟ ହୋଇଥିଲେ ବିଜୟବାବୁ ଓ ସୁଲୋଚନା ଦେବୀ।

"କାହ୍ନାର ବାହାଘର ଦାୟିତ୍ୱ ମୋର" – ତାଙ୍କ ପୂର୍ବ କଥାର ପୁନରାବୃତ୍ତି କଲେ ବିଜୟ ବାବୁ। ଏଥର କିନ୍ତୁ ତାଙ୍କ ବକ୍ତବ୍ୟରେ ଆନ୍ତରିକତାର ସ୍ପର୍ଶ ବେଶ୍ ବାରି ହେଉଥାଏ।

Digitized by srujanika@gmail.com

ସୁଲୋଚନା ଦେବୀ ମୁଣ୍ଡ ଟୁଙ୍ଗାରି ବିଜୟ ବାବୁଙ୍କ କଥାକୁ ଦୃଢ଼ ସମର୍ଥନ ଜଣାଇଲେ।

ରମାଙ୍କ ମୁଖ ମଣ୍ଡଳରେ ଆଶ୍ୱସ୍ତ ଭାବ ସ୍ୱଷ୍ଟ ପ୍ରସ୍ଫୁଟିତ ହେଲା। ଆନନ୍ଦରେ ବିଭୋର ରମା ତପ୍ତ ମରୁଭୂମିରେ ସତେ ଅବା ଜଳର ସନ୍ଧାନ ପାଇଛନ୍ତି।

ସନ୍ଧ୍ୟା ଗଡ଼ିଯାଇ ରାତି ହେବାକୁ ଆରମ୍ଭ କରିଥିଲା। ଠାକୁରଙ୍କୁ ଧୂପ-ଦୀପ ଦେବାର ସମୟ ଗଡ଼ିଗଲାଣି। ବ୍ୟସ୍ତ ହୋଇ ଠିଆ ହେଲେ ସୁଲୋଚନା ଦେବୀ। ବିଜୟ ବାବୁ ମଧ୍ୟ ଉଠି ଠିଆ ହେଉ ହେଉ କହିଲେ- "ରମା, ତମେ ତମ ପୁଅକୁ ନେଇ ଆମ ଘରକୁ ଆସ, ତାକୁ ଦେଖିବାକୁ ମୋର ଭାରି ଇଚ୍ଛା।"

- "କାଲି ରବିବାର। କାହ୍ନାର ଛୁଟି। ତାକୁ ନେଇ ଆପଣଙ୍କ ଘରକୁ ନିଶ୍ଚୟ ଯିବି।"

ବେଶ୍, ଖୁବ୍ ବଢ଼ିଆ କହି ବିଜୟ ବାବୁ ଘରୁ ବାହାରିବାକୁ ଆରମ୍ଭ କଲେ। ପଛେ ପଛେ ଅନୁସରଣ କଲେ ସୁଲୋଚନା ଦେବୀ। ବିଜୟ ବାବୁ ଓ ସୁଲୋଚନା ଦେବୀଙ୍କୁ ବଳେଇ ଦେଇ ଆସି ସୋଫା ଉପରେ ମୁଦ୍ରିତ ନୟନରେ ବସି ରମା କିଛି ଭାବିବାକୁ ଲାଗିଲେ। ବସୁ ବସୁ କେତେବେଳେ ଆଖି ଲାଗି ଯାଇଛି।

ସପନରେ ରମା ଦେଖୁଛନ୍ତି- "କାହ୍ନାର ବାହାଘର ହେଉଛି। ବିଜୟ ବାବୁ ତା'ର ମୂରବୀ ସାଜି ବାହାଘର କାର୍ଯ୍ୟ ସମାପନ କରୁଛନ୍ତି । ଆତ୍ମ ସନ୍ତୋଷରେ ଭିଜି ଯାଉଥିଲେ ରମା । ସତେ ଯେମିତି ତାଙ୍କ "ଜୀବନ -ଯଜ୍ଞ" ସଫଳ ହୋଇଛି। ସେ ଜୀବନ-ଯଜ୍ଞରେ ପୂର୍ଣ୍ଣାହୁତି ଦେଉଛନ୍ତି ବିଜୟ ବାବୁ।"

❖❖❖

Digitized by srujanika@gmail.com

ଛଳନା

ପୃଥିବୀର ସର୍ବବୃହତ୍ ଗଣତନ୍ତ୍ରର ମହାପର୍ବ ଚାଲିଛି । ନିର୍ବାଚନର ଜବରଦସ୍ତ ମାହୋଲ୍ । ପ୍ରଚାରପତ୍ର, ପୋଷ୍ଟରରେ ଚାରିଆଡ଼ ହାଉଯାଉ । ଜନଗହଳିପୂର୍ଣ୍ଣ ଛକ ଜାଗାମାନଙ୍କରେ ବଡ଼ବଡ଼ ରଂଗ ବେରଂଗର ଆକର୍ଷଣୀୟ ହୋଡିଂ । ଲୋକପ୍ରିୟ ସୁରର ଅନୁକରଣରେ ନିର୍ବାଚନୀ ସଂଗୀତର ବଜାର ବେଶ୍ ଗରମ । ମାଇକ୍ ପ୍ରଚାର ଜୋର୍ ଧରିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ମାଳମାଳ ନେତାଙ୍କର ଭିଡ଼ । ସିନେ ତାରକାଙ୍କର ମଜାଦାର ଢଙ୍ଗରେ ପ୍ରଚାର । ପ୍ରତିଶ୍ରୁତିର ଲମ୍ବାଧାଡ଼ି । ଯେମିତି ତା'ର ଶେଷ ନାହିଁ । ନିର୍ବାଚନ ଯେତେ ନିକଟବର୍ତ୍ତୀ ହେଉଛି, ପ୍ରତିଶ୍ରୁତିର ପ୍ରତିଶ୍ରୁତି ସେତିକି ଗଣ୍ଡି ବଢ଼େଇ ଚାଲିଛି । ଟିଭି, ରେଡ଼ିଓବାଲାଙ୍କ ପାଖରେ ନିର୍ବାଚନ ବ୍ୟତୀତ ଆଉ ସବୁ ଖବରର ମରୁଡ଼ି । ରାଜନୈତିକ ଦଳମାନେ ଯିଏ ଯାହାର ଚାନେଲ୍ ଧରିନେଇଛନ୍ତି । ଦିନସାରା ନିଜ ପସନ୍ଦିଆ ଦଳ, ନେତାଙ୍କ ପାଇଁ ଚାନେଲ୍‌ସବୁ ରାଉରାଉ ହଉଛନ୍ତି ! ଖବରକାଗଜ ବାଲାଙ୍କର କଚେ ପୁଅ ବାର । ନେତାଙ୍କ ଫଟୋ, ରାଜନୀତିଆଙ୍କ ଖବର ଛାପି ମାଲାମାଲ୍ । ଫୁଲର ଭାଉ ଢେର ଚଢ଼ା । ନିର୍ବାଚନ ଫଳ ପ୍ରକାଶିତ ନ ହେଉଣୁ ନେତାସବୁ ଫୁଲ ମାଳରେ ପୋତି ହୋଇଗଲେଣି ।

ମଦନ ବି ଫୁଲମାଳରେ ପୋତି ହୋଇଯାଇଛି । ମୁଣ୍ଡ ବେକ ସବୁ ସମାନ ! ଜୁଳୁଜୁଳୁ ଆଖି ଦିଟା ଯାହା ଦିଶୁଛି । ସଭାରେ ଭାଷଣ ଚାଲିଛି । ତା'ପରେ ମଦନଚ ପାଳି ପଡ଼ିବ । ତା'ମନରେ କିନ୍ତୁ ସରାଗ ନାହିଁ । ପାଣିଚିଆ ଆଖି ଦି'ଟାରେ ଅନେଇ ରହିଛି ସଭାସ୍ଥଳକୁ ! ଭାଷଣ ଚାଲିଛି ସିନା, କର୍ଣ୍ଣ ଗହ୍ୱରରେ କିଞ୍ଚିତ୍ ମାତ୍ର ପ୍ରବେଶ କରୁନି । ଜନ ସମାଗମ ଖୁବ୍ କମ୍ । ମନ ମୁତାବକ ନୁହେଁ । ଭିଡ଼ ନଥିଲେ କି ସଭା ? ଲୋକ ସମର୍ଥନ କମି ଗଲାଣି କି ଆଉ ! ଭାବିଲା, କିଛି ଗୋଟେ ଫନ୍ଦିଫିକର ନ କଲେ ନିର୍ବାଚନ ବୈତରଣୀ ପାରହେବା ଦୁରୂହ ବ୍ୟାପାର ।

Digitized by srujanika@gmail.com

ସମସ୍ତଙ୍କ ଭାଷଣ ସମାପ୍ତ ପରେ ଏବେ ମଦନର ପାଳି । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ ଏବଂ ଉପକ୍ରମଣିକା ପଶ୍ଚାତ୍ ଆବେଗପୂର୍ଣ୍ଣ କଣ୍ଠରେ କହିବା ଆରମ୍ଭ କଲା- "ଜୀବନର ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ଜନସେବା ମୋର ଏକମାତ୍ର କର୍ତ୍ତବ୍ୟ । ଜନପ୍ରିୟତାରେ ଈର୍ଷାନ୍ୱିତ ହୋଇ ମୋତେ ଜୀବନରୁ ଶେଷ କରିବାପାଇଁ ଚକ୍ରାନ୍ତ ଚାଲିଛି । ଭୟ ନାହିଁ । ମରିଯିବି ସିନା ଜନସେବାରୁ ବିରତ ହୋଇ ପାରିବିନାହିଁ । ଏ ଦେଶ ମହାତ୍ମା ଗାନ୍ଧୀଙ୍କ ଦେଶ । ଏଠି ନିର୍ବାଚନୀ ହିଂସାର ସ୍ଥାନ ନାହିଁ ।" ଦି'ଚାରିଟା କରତାଳିର ଶବ୍ଦ ମଦନକୁ ଉତ୍ସାହିତ କଲା ! ସ୍ୱତଃ ତା'ମୁଖରୁ ନିସୃତ ହେଲା -

"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।"

ଏଥର ଆଉ କିଛି ଅଧିକ ଲୋକ କରତାଳିରେ ସାମିଲ୍ ହେଲେ । ମଦନ ଭାବିଲା, ତା' ଗୁଳି ଲକ୍ଷ୍ୟ ସ୍ଥଳ ଭେଦ କରିଛି । ସେ ଠିକ୍ ରାସ୍ତା ଚୟନ କରିଛି । ରଣନୀତି ପରିବର୍ତ୍ତନକରି ନୂତନ ରାସ୍ତାରେ ଚାଲିବାକୁ ନିଷ୍ପତ୍ତି କଲା ।

ସଭା ସାଙ୍ଗ ହେଲା ପରେ ଯିଏ ଯେଝା ବାଟରେ ଗଲେଣି । ମଦନ ସାଙ୍ଗକୁ ରହି ଯାଇଛନ୍ତି ମାତ୍ର ଦୁଇଜଣ । ଡ୍ରାଇଭର ରାମୁଲୁ, ଅନ୍ୟ ଜଣକ ଅତି ବିଶ୍ୱସ୍ତ ମଲୁ ମଙ୍ଗରାଜ । ତା'ର ସବୁ ଭିତିରି କଥା ଏମାନେ ଜାଣନ୍ତି । ଜାଣନ୍ତି କ'ଣ ,ଏମାନଙ୍କୁ ନ ଧରିଲେ ସେ କିଛି କାମରେ ହାତ ଦିଏନି । ଗାଡ଼ିରେ ଘରକୁ ଫେରିବାବେଳେ ମଦନ ଆଉ ମଲୁ ନୂଆ ରଣନୀତି ବିଷୟରେ ବିଚାର ବିମର୍ଷ କଲେ । ଗାଡ଼ି ଚଳାଉ ଚଳାଉ ରାମୁଲୁ ଯୋର୍‌ରେ ହାତ ମୁଣ୍ଡ ହଲାଇ କହିଲା- "ଏମିତି ନ କଲେ ଏମାନଙ୍କୁ କାବୁ କରି ହବନି ଆଜ୍ଞା ।" ମୋଟାମୋଟି ରଣନୀତିର ରୂପରେଖ ପ୍ରସ୍ତୁତ ସରିଲା । ମଦନକୁ ତା' ଘରେ ପହଞ୍ଚାଇ ମଲୁ ମଙ୍ଗରାଜ ଡ୍ରାଇଭର ସହ ଅନ୍ଧାରରେ ଅଦୃଶ୍ୟ ହେଇଗଲା । ରାତି ପାଇଁ ତା'ର ବହୁତ କାମ ବାକି ।

ପରଦିନ ପୂର୍ବାହ୍ନରେ ମଦନ ଏକ ଛୋଟମୋଟିଆ ସଭାରେ ଅନର୍ଗଳ ଭାଷଣ ଦେଇଚାଲିଛି । ସେଇ ପୁରୁଣା କଥାର ପୁନରାବୃତ୍ତି । ମୃତ୍ୟୁକୁ ତା'ର ଭୟ ନାହିଁ । ଜନସେବା ହିଁ ଏକମାତ୍ର ଲକ୍ଷ୍ୟ । ହଠାତ୍ ଦି'ଟା ପଥର ସଭାମଞ୍ଚରେ ପଡ଼ିଲା । କେଉଁ ଦିଗରୁ ଆସିଲା, କେହି ଠଉରେଇ ପାରିଲେ ନାହିଁ । ଯୋଗକୁ କାହା ଦେହରେ ବାଜିନି, ନହେଲେ ଲହୁଲୁହାଣ ଅବସ୍ଥା ହେଇଥାନ୍ତା । ସଭା ସ୍ଥଳରେ ହୋହାଲ୍ଲା ମଧ୍ୟରେ ମଦନ କହିଚାଲିଥାଏ, ମୃତ୍ୟୁକୁ ସେ ଖାତିର୍ କରେନି । ଜନସେବା ହିଁ ତାର ଏକମାତ୍ର ଲକ୍ଷ୍ୟ । କରତାଳିର ଶବ୍ଦ ଏବେ ବୃଦ୍ଧି ପାଇବାରେ ଲାଗିଛି । ମଦନ ଉତ୍ସାହିତ । ତା'ମନରୁ

Digitized by srujanika@gmail.com

ପାଣିଚିଆ ଭାବ କ୍ରମେ ଅପସରି ଯାଉଛି । ସଭା ସାଙ୍ଗ ପରେ ମଲୁ ମଙ୍ଗରାଜ ଘରିଟା ଭେଣ୍ଡିଆ ଟୋକାଙ୍କୁ ବିଡ଼େ ନୋଟ୍ ଦେବାର କାହା ଆଖିରେ ପଡ଼ିପାରିନି। ମଜୁରି ହେଇଥିବ ପରା !

ପଥର ମାଡ଼କୁ ମଦନର ଭୟ ନାହିଁ । ନିଜ ଲୋକଙ୍କୁ ଭୟ କିଆଁ ? ସଭାପରେ ପ୍ରଚାର ପାଇଁ ବସ୍ତିରେ ପଶିଗଲା ସେ ।

ପରଦିନ ଫରଚା ନ ପଡୁଣୁ ମଦନ ଘର ଆଗରେ ଭିଡ଼ । ଆସ୍ତେ ଆସ୍ତେ ଭିଡ଼ ବଢୁଛି । ପୁଲିସ ଗାଡ଼ିଟେ ବି ଲାଗିଛି । ମଲୁ ମଙ୍ଗରାଜ ଏଣେ ତେଣେ ଦୌଡ଼ାଦୌଡ଼ିରେ ବ୍ୟସ୍ତ । ମଦନ ଘରୁ ବାହାରି ବାରଣ୍ଡାରେ ଏକ ଚଉକିରେ ବସିଗଲାଣି । ସାଥିରେ ଜଣେ ପୁଲିସ ଅଧିକାରୀ, ଆଉ ଜଣେ ଡାକ୍ତର । ଦୁହେଁ ସାମ୍ନାରେ ପଡ଼ିଥିବା ଚଉକିରେ ଉପବିଷ୍ଟ । ଡାକ୍ତର ଜଣକ ଧ୍ୟାନ ସହକାରେ ଆହତ ମଦନଙ୍କୁ ପରୀକ୍ଷା ନିରୀକ୍ଷାରେ ବ୍ୟସ୍ତ । ମଦନ ମଥାରେ ଜୋର୍‌ଦୋରିଆ ବ୍ୟାଣ୍ଡେଜ୍ । ବ୍ୟାଣ୍ଡେଜ୍‌ରେ ରକ୍ତର ହାଲ୍‌କା ଦାଗ ।

ଭିଡ଼ ଜମେଇଥିବା ଲୋକେ ଫୁସୁରୁଫାସୁରୁ ହେବା ଆରମ୍ଭ କରିଦେଲେଣି । କିଏ ବା' ଠାରରେ ପ୍ରଶ୍ନ କରୁଛି । କଥା କ'ଣ ? ମଦନର ହେଇଛି କ'ଣ ? ଡ୍ରାଇଭର ରାମୁଲୁ ନସରପସର ହେଇ ସମସ୍ତଙ୍କ କଥାକୁ କାନ ଡେରିଛି । ଲୋକଙ୍କ ମନର କଥା ଜାଣିବାକୁ ପ୍ରୟାସ କରୁଛି । ସୁବିଧା ସୁଯୋଗ ଉଣ୍ଡି ପାଟି କରି କହିଲା - "ଆଉ କଣ ହେବ ? ଅସହିଷ୍ଣୁ ଲୋକ । ଆମ ବାବୁଙ୍କୁ ମାରିବାକୁ ଚେଷ୍ଟା । ଦେଖୁନ, ମୁଣ୍ଡଟା ଫାଟି ଆଁ କରିଛି । ବେଣ୍ଡେଜ୍ ଗୁଡା ହୋଇଛି ବୋଲି ସିନା ! ତମକୁ ମିଛ, ମୋତେ ସତ । ବେଲାଏ ହେବ ରକ୍ତ ପିଚ୍‌ପିଚ୍ କରି ବାହାରିଗଲା ଆଜ୍ଞା । ଇଲେକ୍‌ସନ୍‌ରୁ ବାବୁଙ୍କୁ ହଟାଇବାକୁ ଏ ହୀନ ଷଡଯନ୍ତ୍ର ।"

ମଦନ ଲେଙ୍କାକୁ ମାଡ଼ । କାନକୁ କାନ ବୁଲି କଥା ପ୍ରଘଟ ହେଇଗଲାଣି । ଭିଡ଼ ଭିତରୁ କିଏ ଜଣେ କହିଲା- "ଏତେ କାଣ୍ଡ ହେଲା ଆମେ କେହି କିଛି ସୁରାକ୍ ପାଇଲୁନି ?" ଡ୍ରାଇଭର ରାମୁଲୁ ଆଗକୁ ମାଡ଼ି ଆସି କହିଲା- "ଗୁଣ୍ଡାମାନେ କଣ ତମ ସାଙ୍ଗ ? ତମ ସାମ୍ନାରେ ମାରନ୍ତେ ?" ଜମିଥିବା ଲୋକେ ପରସ୍ପରକୁ ଚାହାଁଚାହିଁ ହେଲେ । କଥା ସେଇଠି ରହିଲା ।

ବାରଣ୍ଡାରୁ ମଦନ ଲକ୍ଷ୍ୟ କଲା, ଲୋକଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି । ତା'ଅର୍ଥ ମାଡ଼ ଉପାଖ୍ୟାନ ବେଶ୍ ଫଳପ୍ରଦ ହୋଇଛି । ଅବସ୍ଥାର ସଦୁପଯୋଗ କରିବା ପାଇଁ ନମସ୍କାର ମୁଦ୍ରାରେ ଚେଆର ଛାଡ଼ି ଉଠି ଠିଆହେଲା । ସମବେତ ଜନତାଙ୍କୁ

Digitized by srujanika@gmail.com

ଉଦ୍‌ବୋଧନ ଦେଇ କହିଲା- "ଭଗବାନଙ୍କର ଆଶୀର୍ବାଦ ଯୋଗୁଁ ମୁଁ ବଞ୍ଚିଗଲି । ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଆପଣଙ୍କର ସେବା କରି ଚାଲିଥିବି । ଜନତାର ସେବା ଆଗରେ ମୋ ଜୀବନ ମୂଲ୍ୟହୀନ ।"

ଏତିକିବେଳେ ଗଳାଖଙ୍କାରି ପୁଲିସ ବାବୁ ଲୋକଙ୍କ ଆଡେ ଦୃଷ୍ଟି ନିକ୍ଷେପ କରି କହିଲେ- "ତଦନ୍ତ ଜାରୀ ଅଛି । ଦୋଷୀ ଦଣ୍ଡ ପାଇବ ହିଁ ପାଇବ । ଏବେ ଆପଣମାନେ ଭିଡ଼ ଭାଙ୍ଗନ୍ତୁ ।" ଡାକ୍ତର ବାବୁ ମଦନ ଛାତିରେ ଷ୍ଟେଥୋ ପକେଇଦେଇ କହିଲେ- "ରୋଗୀଙ୍କର ବିଶ୍ରାମ ଆବଶ୍ୟକ । ତାଙ୍କୁ ନିରୋଳାରେ ରହିବାକୁ ଦିଅ ।"

ଡାକ୍ତର ବାବୁଙ୍କ କଥା ନ ସରଣୁ ମଲୁ ମଙ୍ଗରାଜ ଖପ୍ କିନା ବାରଣ୍ଡା ତଳକୁ ଡେଇଁପଡ଼ି କହିଲା- "ଭାଇମାନେ ଆଜି ପାଇଁ ଘରକୁ ଯାଅ । ବାବୁଙ୍କୁ ଟିକେ ବିଶ୍ରାମ ଲୋଡ଼ା । କାଲି ପୁଣି ପ୍ରଚାରରେ ବାହାରିବେ ପରା ।"

ଖରା ପଡ଼ିଆସିଲାଣି । ଲୋକଙ୍କର କାମ ବେଳ ବି ଉଛୁର ହେଉଛି । ଗୋଟିଏ ଗୋଟିଏ ଖସିବାକୁ ଆରମ୍ଭ କଲେ । ମଦନ ଲେଙ୍କା ପୁଲିସ ଏବଂ ଡାକ୍ତରଙ୍କ ସହ ଘର ଭିତରକୁ ଉଠିଗଲେ । କିଛି ସମୟ ପରେ ପୁଲିସ ବାବୁ ଓ ଡାକ୍ତର ହସିହସି ଘରୁ ନିର୍ଗତ ହୋଇଗଲେ । ନାଟକ ସେତିକିରେ ଶେଷ ହେଲା ।

ମାଡ଼ ଘଟଣାଟା ନିର୍ବାଚନ ବଜାରକୁ ଚଟ୍‌ପଟିଆ ଖୋରାକ୍ ଯୋଗାଇଛି । ଚା' ଦୋକାନରେ ଚର୍ଚ୍ଚା ଆଲୋଚନା ଜୋର୍ । କିଛି ଲୋକ ଜାଣନ୍ତି, ପେଞ୍ଚ ପାଞ୍ଚରେ ମଦନ ମାହିର୍ । ଗୋଟି ଚଳାଇ କିଛି ଗୋଟେ କାରସାଦି କରିଥିବା ଅସମ୍ଭବ ନୁହେଁ । ରାଜନୀତି କଳା କୌଶଳରେ ଖୁବ୍ ପାରଙ୍ଗମ । ଏବେ ହାଲି ଉପରେ ମଉକା ଦେଖି ସୁବିଧାଜନକ ସ୍ଥିତିରେ ଥିବା ଦଳକୁ କୁଦାଟେ ମାରିଛି । ନିର୍ବାଚନମଣ୍ଡଳୀ ଲୋକଙ୍କ ଚାପରେ ଦଳବଦଳ କରିବା ପାଇଁ ବାଧ ହେଲା ବୋଲି ତା'ର ଦଳେ ଚେଲା ପ୍ରଚାର ପ୍ରସାରରେ ମାତିଛନ୍ତି । ଟିଟ୍‌କାରି ମାରି ବିରୋଧିଏ କହନ୍ତି, ପୁଳାଏ ଟଙ୍କା ଦେଇ ଦଳୀୟ ଟିକେଟ୍ ହାତେଇ ନେଇଛି ମଦନ ଲେଙ୍କା । ବିରୋଧି ଯେତେ ପ୍ରଚାର କଲେ ବି ମାଡ଼ ଉପାଖ୍ୟାନ ମଦନକୁ ବେଶ୍ ସୁହେଇ ଯାଇଛି ।

ରାଜନୀତିରେ ପାଦ ଥାପିବା ଦିନଠୁଁ ଗାଁ ଆଡ଼େ ବେଶି ଯାଇପାରେନି । ଏପଟ ସେପଟ କାମରେ ରାଜଧାନୀରେ ବ୍ୟସ୍ତ ରହେ । ପିଲାଛୁଆ ସବୁ ରାଜଧାନୀରେ । ବୁଢ଼ୀ ମା'କିନ୍ତୁ ଗାଁରେ ଏକୁଟିଆ ରହେ । ଗାଁରେ ସେ କାହିଁକି ଏକୁଟିଆ ରହେ ମଦନ ତା'କୁ କାହିଁକି ପାଖକୁ ଆଣିନି, ସେ ବିଷୟରେ କାହା ପାଖରେ କିଛି ଏବେ ସୂଚନା ନାହିଁ ।

Digitized by srujanika@gmail.com

ହଠାତ୍ ତା'କଥା ଖୁବ୍ ମନକୁ ଆସୁଛି । ମଲୁକୁ ଡକେଇ କହିଲା, ମା'ର ଜନ୍ମଦିନ କାଲି । ଆମେ ଗାଁକୁ ଯାଇ ତା' ଜନ୍ମଦିନ ମନେଇବା । ସାଙ୍ଗରେ ଗୋଟେ ଟିଭିବାଲା ଧରିଥିବ । ମଲୁ ମଦନ ପାଖରେ ବେଶ୍ କିଛି ଦିନ ହେବ କାମ କଲେ ମଧ୍ୟ ତା'ର ବାଗବାଇଶର ବଅର ଏବେ ବି ପାଇନି । ମା'ର ଜନ୍ମଦିନରେ ଟିଭିବାଲାର କି କାମ ? ବେଶି କିଛି ବୁଝିପାରେନି । ଭାବିଲା, ପିଠା ଖାଇବା ଲୋକର ବିନ୍ଧ ଗଣିବାରେ କି ଦରକାର ?

ପରଦିନ ସକାଳୁ କାଉ ନ ରାବୁଣୁ ମଦନ ମଲୁ ଏବଂ ଟିଭିବାଲାଙ୍କୁ ଧରି ଗାଁରେ ହାଜର । ସଦ୍ୟ ନିଦରୁ ଉଠି ବୁଢ଼ୀ ଦାଣ୍ଡ ପିଣ୍ଡାରେ ବସିଛି । ଗାଡ଼ିରୁ ଓହ୍ଲାଇ ମଦନ ସିଧାସଳଖ ମା'ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଗଲା । ବୁଢୀକୁ ଭଲ ଦୃଶ୍ୟ ହେଉନାହିଁ । କିଏ ଗୋଟାଏ ତା'ଆଗରେ ପଡ଼ିଗଲା ଭାବି କିଳିକିଳା ରଡ଼ିଟେ ଛାଡ଼ିଲା । ତା'ରଡ଼ିରେ ପାଖ ଘରୁ ଲୋକେ ବାହାରି ଆସିଲେଣି । ମଦନ କିନ୍ତୁ ବୁଢ଼ୀ ଗୋଡ଼ ତଳେ ସାଷ୍ଟାଙ୍ଗ ହୋଇ ପଡ଼ିଛି । ଉଠିବାକୁ ନାହିଁ । ଟିଭି ବାଲା ସୁଟିଂ କରିଚାଲିଛି । ମଲୁ ଆସି କହିଲା, "ମା'ତମ ପୁଅଙ୍କୁ ଟଲୁ ଉଠାଅ ।"

କାନକୁ ଭଲ ଶୁଭୁନି । ମା' ଶବ୍ଦଟା ବୁଢୀକୁ ଚା' ଭଳି ଶୁଭିଲା । କହିଲା- "ମୁଁ ଚା' ଖାଉନି । ଚା' କରିବ କିଏ ?" ମଦନ ଭାବିଲା, ଏବେ ଉଠିଯିବା ଠିକ୍ ହେବ । ମା' କ'ଣ ବୋଲି କ'ଣ ଯଦି କହିପକାଏ । ଉଠିପଡ଼ି ଦେଖିଲା ଧୋବ ଫରଫର ପଞ୍ଜାବି ଧୂଳିରେ ଅସନା ହେଇଯାଇଛି । ସେଥିପାଇଁ ତାର ଖାତିର୍ ନାହିଁ । ମା'ଜନ୍ମଦିନଠୁ କଣ ପଞ୍ଜାବିଟା ବଡ଼ ? ଦୁଇଶହ ଟଙ୍କା ବୁଢ଼ୀ ହାତରେ ଗୁଞ୍ଜି ଦେଇ ବଡ଼ ପାଟିରେ କହିଲା - "ମା'ତୋର ଆଜି ଜନ୍ମଦିନ । ରଖିଥା, କାମରେ ଲାଗିବ ।" ବୁଢ଼ୀ ବଲବଲ ହେଇ ଅନେଇଲା । ଏତେବେଳେ ହେଜିଲା, ପୁଅ ତା' ଆଗରେ ଠିଆ । ହେଲେ ଜନମ ଦିନ କଥା ବୁଝିପାରିଲାନି । ଦଶହରାକୁ ଦି'ଦିନ ଥାଏ , ତା ଜନ୍ମଦିନ ପଡ଼େ । ଚଇତ ମାସରେ ଜନ୍ମଦିନ କାହୁଁ ଅଇଲା ?

ମଦନ ତା'ମନରେ ସୃଷ୍ଟି ହେଉଥିବା ଦ୍ୱନ୍ଦକୁ ବୁଝିପାରୁଥିଲା । କଥା ସମ୍ଭାଳିବାକୁ ଯାଇ କହିଲା - "ମା', ତୋର ମନେ ନାହିଁ, ଆଜି ତୋର ଜନ୍ମଦିନ ।" ଏତକ କହି ଆଉ ଥରେ ବୁଢ଼ୀ ପାଦ ଛୁଇଁ ପ୍ରଣାମ କଲା । ପ୍ରଣାମ ସରୁସରୁ ସୁଟିଂର ଅବଧି ବି ସମାପ୍ତ ହୋଇଗଲା ।

ମଦନ ଲକ୍ଷ୍ୟ କଲା, ମା' ତା'ର ବହୁତ ଦୁର୍ବଳ । ଖୁଁ ଖୁଁ କାଶୁଛି । ତେଣେ ନିର୍ବାଚନ ସମୟ । ବେଳ ଗଡ଼ି ଯାଉଛି । ଭାବିଲା, ଭୋଟ ପରେ ମା'କୁ ନେଇ

Digitized by srujanika@gmail.com

ଡାକ୍ତର ଦେଖାଇବ । ବର୍ତ୍ତମାନପାଇଁ ତା'କୁ ଫେରିଯିବାକୁ ହେବ । ମାତ୍ର ମା'ମନ ବୁଝୁନି । ଆଖିକୁ ଦିଶୁନି ସିନା, ଇଛା ପୁଅକୁ ଟିକେ ଆଉଁସି ପକାନ୍ତା । ହାତ ବଢ଼ଉ ବଢ଼ଉ ମଦନ ମା'କୁ ପଛ କରି ଆଗକୁ ବଢ଼ିସାରିଥିଲା । ଗାଁ ଲୋକେ କୁହାକୁହି ହେଲେ,ମା ପାଇଁ ପୁଅର କେତେ ଦରଦ ! ନିର୍ବାଚନ ଛାଡ଼ି ମା'ଜନ୍ମଦିନ ପାଳିବାକୁ ଫଟା ମୁଣ୍ଡରେ ଧାଇଁ ଆସିଛି । ପୁଅକୁ ନ ପାଇ ବୁଢ଼ୀ ଟଙ୍କା ଦୁଇଶହକୁ ଓଲଟପାଲଟକରି ଦେଖି ଯତ୍ନରେ ଅଣ୍ଟାରେ ଗୁଞ୍ଜି ଦେଲା । ପୁଅ ଦେଇଛି ପରା !

ରାଜଧାନୀ ପହଞ୍ଚୁ ପହଞ୍ଚୁ ମଦନର ଜୟ ଜୟକାର । ଅସୁସ୍ଥ ଅବସ୍ଥାରେ ମା'ର ଜନ୍ମଦିନ ପାଳନ ପାଇଁ ଗାଁକୁ ଧାଇଁ ଯିବା ଖବର ପ୍ରଚାର ଚାଲିଛି ଟିଭିରେ । ଲମ୍ବ ହୋଇ ମା'ଙ୍କୁ ଭୂମିଷ୍ଠ ପ୍ରଣାମ କରିବାର ଦୃଶ୍ୟ ପ୍ରଦର୍ଶିତ ହେଉଛି ବାରମ୍ବାର । ଲୋକେ କହୁଛନ୍ତି "ଧନ୍ୟ କହିବ ମାତୃଭକ୍ତି ।" ମଦନ ଅନୁଭବ କଲା ହାୱା ତା' ସପକ୍ଷରେ । ବିଜୟର ସୁଗନ୍ଧ ସେ ବାରିପାରୁଥିଲା ।

ନିର୍ବାଚନରେ ମଦନର ବିପୁଳ ବିଜୟ । ପ୍ରତିପକ୍ଷ ଧରାଶାୟୀ । ଆଉ କେହି ବୁଝି ପାରୁନଥିଲେ ବି ତା'ର ବୁଝିବାର ବାକି ନଥିଲା । ତା' ଚାଲ୍ ମନ ମୁତାବକ ଫଳ ଅଜାଡ଼ି ଦେଇଛି । ଛଳନାର ଆଶ୍ରୟ ନେଇ ସହାନୁଭୂତିର ଭୋଟ ସାଉଁଟିବାକୁ ସଫଳ ହୋଇପାରିଛି । ମା'ର ମିଥ୍ୟା ଜନ୍ମଦିନ ପାଳନ କରି ଜନପ୍ରିୟ ହେବାର ସୁଗମ ପଥଟିଏ ଅନ୍ୱେଷଣ କରିବାକୁ ସକ୍ଷମ ହୋଇପାରିଛି । ମା'କୁ ଆୟୁଧ କରି ଭୋଟ ଖରିଦ୍ କରିବାର ତରିକା ମାଲୁମ୍ କରିବାରେ ସଫଳ ହୋଇଛି । ନିଜ ବୁଦ୍ଧିକୁ ନିଜେ ତାରିଫ୍ କରି ଚାଲିଥିଲା ସେ ।

ଭୋଟରେ ବିଜୟ ପାଇଁ ଅଭିନନ୍ଦନର ସୁଅ ଛୁଟୁଛି । ଫୁଲମାଳରେ ପୋତି ହୋଇ ପଡ଼ିଛି ବିଜୟୀ ମଦନ । ବିଜୟ ଶୋଭାଯାତ୍ରା ପାଇଁ ଆୟୋଜନ ଚାଲିଛି । ଭିଡ଼ କ୍ରମେ ବଢ଼ି ବଢ଼ି ଚାଲିଛି ।

ଏତିକିବେଳେ ମଲୁ ଭିଡ଼ କାଟି ଧଇଁସଇଁ ହୋଇ ଆସି ମଦନ କାନରେ କ'ଣ କହିଦେଇଗଲା । ଠିଆ ହୋଇଥିବା ସ୍ଥାନରେ ଲଥ୍ କରି ବସିପଡ଼ିଲା ମଦନ । ମା' ତାର ଆଉ ନାହିଁ । ରାଜଯକ୍ଷ୍ମାର ଶିକାର ହୋଇ ମୃତ୍ୟୁବରଣ କରିଛି । ମୁଣ୍ଡଟା ଝାଇଁ ଝାଇଁ ହେଇଗଲା । ସେଦିନ ମା'କୁ ଆଣି ଚିକିତ୍ସା କରିଥିଲେ, ବଞ୍ଚିଯାଇଥାନ୍ତା କି'କଣ ? ନିୟମିତ ଔଷଧ ସେବନରେ ରାଜଯକ୍ଷ୍ମାରୁ ଆରୋଗ୍ୟ ନିଶ୍ଚିତ । ନିର୍ବାଚନ ଆସିବ, ଯିବ । ମା କ'ଣ ଆଉ ଫେରି ଆସିବ ? ଦଶମାସ ଗର୍ଭର ପ୍ରତିଦାନ କଣ ଛଳନା,

Digitized by srujanika@gmail.com

ପ୍ରତାରଣା ! ବିବେକର ଦଂଶନରେ ଆହତ ମଦନର ଗାଡ଼ି ଗଡ଼ି ଚାଲିଲା ଗାଁ ଅଭିମୁଖେ ।

ଗାଁରେ ପହଞ୍ଚି ଦେଖିଲା ମା'ତାର ଆନନ୍ଦରେ ଚକ୍ଷୁ ମୁଦି ଶୋଇଯାଇଛି । ସତେ ଯେମିତି ଏ ଜୀବନରେ ତାର ସବୁ ଇଛା ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି । ଶାନ୍ତ, ଶୀତଳ ମୁଖରେ ଚିନ୍ତା, ଅନୁଶୋଚନାର ଲେଶ ମାତ୍ର ଚିହ୍ନ ନାହିଁ । ବୁଢ଼ୀ ହାତ ମୁଠାରେ କାଗଜ ଭଳିଆ କଣ ମୋଡ଼ା ହୋଇଥିବାର ମଦନର ନଜରରେ ପଡ଼ିଲା । ମୁଠା ଖୋଲି ଦେଖିଲା ଦୁଇଶହ ଟଙ୍କା । ଭାବିଲା, ବୋଧହୁଏ ମିଛ ଜନ୍ମଦିନର ଟଙ୍କା । ମଦନକୁ ଲାଗିଲା ତା' ମା' କହୁଛି – "ମା କଣ ପୁଅଠୁ କେବେ ଟଙ୍କା ଆଶା କରେ ? କାଣିଚାଏ ସ୍ନେହ, ଶ୍ରଦ୍ଧା, ଆଦର ହିଁ ତାର ଏକମାତ୍ର କାମ୍ୟ । ମା'ର ସ୍ନେହ ଶ୍ରଦ୍ଧାରେ କେବେ ଛଳନା ନଥାଏ ।"

ବିଜୟ ଶୋଭାଯାତ୍ରା ନୁହେଁ, ମା'ର ଶେଷ ଯାତ୍ରାରେ ସାମିଲ୍ ହେଲା ମଦନ । ନିର୍ବାଚନୀ ବାଜିମାତ୍‌ରୁ ପାଇଥିବା ଫୁଲମାଳ ସବୁ ସଜେଇ ଦେଲା ମା'ର ପାର୍ଥିବ ଶରୀର ଉପରେ । ଅନୁଶୋଚନାରେ ଦୁଇ ଠୋପା ଉଷୁମ ଲୁହ ଝରିପଡ଼ିଲା ମଦନ ଆଖିରୁ ।

❖❖❖

Digitized by srujanika@gmail.com

ପରାଜିତ ଅନ୍ଧାର

ଅଳକାର ଅଫିସ ସାତ ମହଲାରେ । ଝରକା ଦେଇ ଅସହାୟ ଦୃଷ୍ଟିରେ ବାହାରକୁ ଅନେଇ ରହିଛି ସେ । ଘରିଆଡ଼େ ଅନ୍ଧାରର ହାକିମାତି । ଅଫିସରୁ ଘରକୁ ଫେରିବା ସମୟ ଯଥେଷ୍ଟ ବିଳମ୍ବ ହେଲାଣି । ଘଡ଼ଘଡ଼ି ସାଙ୍ଗକୁ ଝିପିଝିପି ବର୍ଷା ଦାଉ ସାଧୁଛି । ପବନ ବହିବା ବି ଆରମ୍ଭ ହେଇଯାଇଛି । ବର୍ଷୁକୀ ସଂଧ୍ୟାର ଦେହ ଉଲୁସା ପବନ ମଝିରେ ମଝିରେ ଝରକା ଦେଇ ପଶିଆସୁଛି । ବିଜୁଳି ନାହିଁ, ମହମ ବତି ଭରସା । ଲିଫ୍ଟ ଅଚଳ । ଅନ୍ଧାରରେ ସାତମହଲାରୁ ତଳକୁ ପାହାଚ ଦେଇ ଓହ୍ଲାଇବା ଉଚିତ୍ ହେବ ନାହିଁ । ଆଉ କିଛି ସମୟ ଅପେକ୍ଷା କରିବାକୁ ହେବ । କାଳେ ଲାଇଟ୍ ଆସିଯିବ ।

ସମୟ କ୍ରମେ ଅତିକ୍ରାନ୍ତ ହୋଇଚାଲିଛି । ଅନ୍ଧାର ଗଭୀର ହେଉଛି । ମୁହଁକୁ ମୁହଁ ଦିଶୁନି । ପିଲାଦିନୁ ଅଳକାର ଅନ୍ଧାରକୁ ଭାରି ଭୟ । ବଡ଼ ହେଲା ପରେ ବି ସେ ଭୟ ତୁଟିନି । ଅନ୍ଧାର ସାଙ୍ଗକୁ କେତେକଙ୍କର ଡାଆଣା ଆଖି । ଦିନ ଦ୍ୱିପ୍ରହରରେ ବି ଏମାନଙ୍କର କଞ୍ଚା ମାଂସ ଖାଇବାକୁ ଇଛା । ଏବେ ତ ସହଜେ ଅନ୍ଧାର । ଅନ୍ଧାରରେ ସେ ଡାଆଣା ଆଖିଗୁଡ଼ା ଦପଦପ୍ ଜଳି ଉଠିଲା ପରି ଅଳକା ଅନୁଭବ କରେ । ଏମାନଙ୍କଠୁ ସେ ଟିକେ ଦୂରେଇ ରହିବାକୁ ଚେଷ୍ଟା କରେ । ଯେତେ ସତର୍କ ହେଲେ ବି ଦଳେ ଅଢ଼େଇ କିଆରିଆ ତମ୍ପ ପରି ଗୋଡ଼େଇ ଆସନ୍ତି । ଚୋଟ ମାରି ଘାଇଲା କରିବାକୁ ଇଛା । କିଛି କରି ନ ପାରିଲେ ଦୂରରୁ ଫଣା ଟେକି ମେଞ୍ଚେ ବିଷ ପିଙ୍ଗି ଦେଇ ମନକୁ ହାଲୁକା କରି ନିଅନ୍ତି । ଏ ଡାଆଣା ଆଖି ଆଉ ଅଢ଼େଇ କିଆରିଆ ତମ୍ପ ଗୁଡ଼ାଙ୍କୁ ଅଳକାର ଯମର ଭୟ । କାହିଁକି ବା ନହେବ ? ଏଡ଼େ ବଡ଼ ଦୁନିଆରେ ସେ ଏକୁଟିଆ । ଆହା କହିବାକୁ କିମ୍ବା ସାହା ହେବାକୁ ଆଗପଛକୁ କେହି ନାହିଁ ।

ଅତୀତକୁ ଫେରିଗଲା ଅଳକା । କିଟ୍‌କିଟ୍ ଅନ୍ଧାରରେ ବି ସବୁକିଛି ଜଳଜଳ ହୋଇ ତା'ଚକ୍ଷୁ ଆଗରେ ଦୃଶ୍ୟମାନ । ବାହାଘରର ଛଅମାସ ଭିତରେ ସ୍ୱାମୀ ମୋଟର

Digitized by srujanika@gmail.com

ସାଇକେଲ ଦୁର୍ଘଟଣାର ଶିକାର ହୋଇ ଏ ଦୁନିଆ ଛାଡ଼ି ଚାଲିଗଲେ । ସ୍ୱାମୀ ସିନା ଚାଲିଗଲେ, 'ଗେରସ୍ତଖାଇ'ର ଉପାଧିଟିଏ ତା' ଉପରେ ଲଦି ଦେଇଗଲେ । ଉଠୁଣୁ ବସୁଣୁ ଶାଶୂଙ୍କର ସେଇ ଗୋଟିଏ କଥା –"ଆସୁ ଆସୁ ଅଲକ୍ଷଣୀ ମୋ ପୁଅକୁ ଖାଇଲା ।" ଶଶୁର, ଶାଶୂଙ୍କ କଥାକୁ ସମ୍ପୂର୍ଣ୍ଣ ସମର୍ଥନ ନ କଲେ ମଧ୍ୟ କେବେ ଅଳକାର ପକ୍ଷ ନେଇ ମୁହଁ ଖୋଲନ୍ତିନି । ପୁଅର ମୃତ୍ୟୁରେ ସେ ମ୍ରିୟମାଣ । ଘରଣୀକୁ ପ୍ରତିରୋଧ କରିବାର ଉତ୍ସାହ ତାଙ୍କ ପାଖରେ କମ୍ ।

ଅଳକାର ଶଶୁରଘର ରକ୍ଷଣଶୀଳ ନୀତି ନିୟମରେ ବନ୍ଧା । ପୁରୁଣାକାଳିଆ ଢଙ୍ଗଢ଼ାଙ୍ଗ, ଆଚାର ବ୍ୟବହାର ଶାଶୂ, ଶଶୁରଙ୍କୁ ମାଡ଼ି ବସିଛି । କୁସଂସ୍କାର, ଅନ୍ଧବିଶ୍ୱାସର ତମସାରେ ଆଚ୍ଛନ୍ନ ପରିବାର ଆଧୁନିକ ଚାଲିଚଲଣିରୁ ବହୁଦୂରରେ ।

ସ୍ୱାମୀଙ୍କର ଶବ ସତ୍କାର ପରେ ପରିବାରର କେହି ଜଣେ ବୟସ୍କ ବ୍ୟକ୍ତି ଅତି ନିଷ୍ଠୁର ଭାବରେ ଅଳକାର ରଙ୍ଗୀନ ଚୁଡ଼ିଗୁଡ଼ିକୁ କଡ଼ମଡ଼ କରି ଭାଙ୍ଗି ପକାଇଲେ । ଭଙ୍ଗା ଚୁଡ଼ିରେ ହାତଫୁଟି ରକ୍ତସ୍ରାବ ହେଲେ ବି ସେଥିପ୍ରତି କାହାରି ଭ୍ରୁକ୍ଷେପ ନାହିଁ । ଆଉ ଅନ୍ତରର ରକ୍ତସ୍ରାବ କଥା ପଚାରେ କିଏ ? ପିଲାଦିନୁ ଅଳକାର ରଙ୍ଗ ବେରଙ୍ଗର ଚୁଡ଼ି ପ୍ରତି ଭାରି ମୋହ । ଆଜି କିନ୍ତୁ ଚୁଡ଼ିର ରୁଣୁଝୁଣୁ ଶବ୍ଦ ତା'ପାଇଁ ଦୁଃସ୍ୱପ୍ନ । ବୈଧବ୍ୟର ନିଦର୍ଶନ ସ୍ୱରୂପ ରଂଗୀନ ଚୁଡ଼ି ବିହୀନ ସମ୍ପୂର୍ଣ୍ଣ ନୁଖୁରା ହାତ ପାଇଁ ଶାଶୂଙ୍କର କଠୋର ନିର୍ଦ୍ଦେଶ । ସିନ୍ଦୁର ଟୋପାର ସ୍ଥାନ ନେଇଛି ଚନ୍ଦନ ଟୋପା । ରଙ୍ଗୀନ ଶାଢ଼ି ପରିବର୍ତ୍ତେ ଶ୍ୱେତ ବର୍ଣ୍ଣର ଶାଢ଼ିକୁ ଆଦରି ନେବାପାଇଁ ବାଧ୍ୟ କରାଯାଇଛି ତା'କୁ । ଆମିଷ ଭୋଜନ ସମ୍ପୂର୍ଣ୍ଣ ବାରଣ । କୌଣସି ଶୁଭ କାମରେ ତା'ର ଛାଇ ଯେମିତି ନ ପଡ଼େ, ସେଥିପାଇଁ ଶାଶୂଙ୍କର କଡ଼ା ତାଗିଦ୍ । ସ୍ୱାମୀର ମୃତ୍ୟୁରେ ସ୍ତ୍ରୀ କେମିତି ଅଶୁଭ ହୋଇଯାଏ, ସେକଥା ଠିକ୍ ବୁଝିପାରେନା ସେ । ତା'ମନରେ ଭାବାନ୍ତର ସୃଷ୍ଟି ହୁଏ –

ସ୍ୱାମୀର ଦେହାନ୍ତ ପରେ ସ୍ତ୍ରୀକୁ ବିଧବା ବୋଲି ସମ୍ବୋଧନ କରାଯାଇପାରେ, ମାତ୍ର ତାକୁ ମାନସିକ, ଶାରିରୀକ ତଥା ସାମାଜିକ ଯନ୍ତ୍ରଣା ଦେବାର ଅଧିକାର ସମାଜର ଆସିଲା କେଉଁଠୁ ? ସ୍ତ୍ରୀର ମୃତ୍ୟୁରେ ଯଦି ସ୍ୱାମୀ ଦୋଷୀ ନୁହେଁ, ତେବେ ସ୍ୱାମୀର ମୃତ୍ୟୁ ପାଇଁ ସ୍ତ୍ରୀକୁ ଅଯଥା ଦାୟୀ କରାଯାଏ କାହିଁକି ? ବିଧବା ସ୍ତ୍ରୀକୁ ଅଶୁଭ ବିଚାର କରି ସାଧାରଣ ନାରୀଟିଏ ପରି ବେଶଭୂଷା ହେବାପାଇଁ ବାରଣ କରିବାର କାରଣ କଣ ? ସ୍ତ୍ରୀଟିଏର ଅକାଳ ମୃତ୍ୟୁ ପରେ ପୁରୁଷକୁ ଆଉଥରେ ବିଭିନ୍ନ ଆଳରେ ବିବାହ ବନ୍ଧନରେ

Digitized by srujanika@gmail.com

ଆବଦ୍ଧ କରିବାପାଇଁ ପ୍ରୟାସ କରାଯାଉଥିବା ବେଳେ, ଅଳ୍ପ ବୟସର ବିଧବା ନାରୀଟିକୁ ଘର କୋଣରେ ଆବଦ୍ଧ ରଖି ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେବା କଣ ଯଥାର୍ଥ ? ଏ ନିର୍ଯ୍ୟାତନାରେ ପୁରୁଷ କାହିଁକି, ସ୍ତ୍ରୀମାନେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ସ୍ତ୍ରୀ, ପୁରୁଷ ଏ ସମାଜର ଦୁଇଟି ଅଭିନ୍ନ ଅଙ୍ଗ । ଗୋଟିକର ବ୍ୟତିରେକ ଅନ୍ୟର ଗତି, ପ୍ରଗତି ଅସମ୍ଭବ । ତାହେଲେ ବୈଧବ୍ୟର ଯନ୍ତ୍ରଣାରେ ଜର୍ଜରିତ ହେଉଥିବା ନାରୀଟିଏ ପ୍ରତି ସହାନୁଭୂତିଶୀଳ ହେବା ପରିବର୍ତ୍ତେ ସମାଜର ଏ ପ୍ରକାର ଅମାନବୀୟ ଆଚରଣ କାହିଁକି ? ପାଶବିକ ମନୋବୃତ୍ତି ଚରିତାର୍ଥର ଏକ ଜ୍ୱଳନ୍ତ ଉଦାହରଣ ସିନା !

କ୍ରମେ ଏ ପ୍ରକାର ଶାରିରୀକ ତଥା ମାନସିକ ନିର୍ଯ୍ୟାତନା ଅଳକା ପାଇଁ ଅସହ୍ୟ ହୋଇ ଉଠେ । କିଛିଦିନ ଉପରାନ୍ତେ ସେ ଅନୁଭବ କରେ ଶଶୁର ଘରେ ତା' ସ୍ଥିତି ଟଳମଳ । ଯେତେ ପ୍ରୟାସ କଲେ ମଧ୍ୟ ତା'ଉପରେ କେହି ସନ୍ତୁଷ୍ଟ ନୁହନ୍ତି । ବରଂ ସେମାନେ ତାଠୁ ଛୁଟ୍‌କାରା ଚାହାନ୍ତି । ବହୁ ଭାବିଚିନ୍ତି ବାପାଙ୍କ ପାଖକୁ ଫେରିଯିବାକୁ ନିଷ୍ପତ୍ତି କରି ଶଶୁରଙ୍କ ଆଗେ ପ୍ରସ୍ତାବ ରଖିଲା । ମୁହଁରୁ କଥା ନସରୁଣୁ ପ୍ରସ୍ତାବରେ ସେ ରାଜି ହୋଇଗଲେ । କୁମାରୀ ମନର ଅସୁମାରୀ ଆଶା ନେଇ ଯେଉଁ ଘର ଦିନେ ଛାଡ଼ି ଚାଲିଆସିଥିଲା, ଉଜୁଡ଼ା ସଂସାରର ବୋଝ ନେଇ ଭଙ୍ଗା ମନରେ ସେ ଘରକୁ ଫେରିଯିବାକୁ ବାଧ୍ୟ ହେଲା ।

ପିଲାଦିନୁ ବୋଉ ତା'ର ଏ ସଂସାର ଛାଡ଼ି ଆରପୁରରେ । ତେବେ ବୋଉ କଥା ସବୁ ମନେ ଅଛି ଅଳକାର । ଫେରିବାଲାଟାଏ ଦାଣ୍ଡରେ ଡାକ ଛାଡ଼ିଲେ ବୋଉ ନଣ୍ଡଭଣ୍ଡ ହୋଇ କବାଟ ଖୋଲି ବାହାରକୁ ଯାଏ । ମୁଲାମୁଲି କରି କଂସା ଥାଳି, ବେଲା, ଗିନା ଇତ୍ୟାଦି ଖଣ୍ଡେ ଖଣ୍ଡେ କିଣେ । ପଚାରିଲେ କହେ- "ତୋ ଶାଶୁ ଘର ପାଇଁ ଏସବୁ" । ବୋଉ କଥା ମାନି ସେ ସବୁ ଶାଶୂ ଘରେ ଛାଡ଼ି ଆସିଛି ଅଳକା ।

ଜ୍ୱାଇଁର ମୃତ୍ୟୁରେ ବାପା ଭାଙ୍ଗି ପଡ଼ିଥିଲେ ବି ଅଳକାକୁ ଫେରି ଆସିବାର ଦେଖି ଖୁବ୍ ଆଶ୍ୱସ୍ତ ଅନୁଭବ କରୁଥିଲେ । ମରୁଭୂମିରେ ପାଣି ମୁନ୍ଦେ ପାଇବା ପରି ଅବସ୍ଥା । ବିଜ୍ଞାନରେ ସ୍ନାତକ ସେ । ବାପାଙ୍କ ଭରସା ପାଇ ବିଭିନ୍ନ ଅଫିସରେ ଚାକିରି ପାଇଁ ଆବେଦନ କଲା । ବହୁ ଉଦ୍ୟମ ପରେ ଅଳକା ସଫଳ ହେଲା ସିନା, ମାତ୍ର ସେ ସୁଖ ଉପଭୋଗ କରିବାକୁ ତା'ବାପା ସଂସାରରେ ବେଶି ଦିନ ରହିଲେ ନାହିଁ । ଚାକିରିରେ ଯୋଗ ଦେବାର ମାସ ଦି'ଟା ନ ପୁରୁଣୁ ଅକସ୍ମାତ୍ ହୃଦଘାତରେ ଆଖି ବୁଜିଦେଲେ । ସମ୍ପୂର୍ଣ୍ଣ ବେସାହାରା ଅଳକାର ପରିବାର କହିଲେ ସେ ଏକା ।

Digitized by srujanika@gmail.com

ଗୋଟାଏ ଘଡ଼ଘଡ଼ିର ପ୍ରଚଣ୍ଡ ଶବ୍ଦରେ ପ୍ରକୃତିସ୍ଥ ହେଲା ଅଳକା ।ଏତେବେଳେ ଯାଏ ତା'ଅଜାଣତରେ ସେ ଅତୀତକୁ ରୋମନ୍ଥନ କରିଚାଲିଥିଲା । ମିଞ୍ଜିମିଞ୍ଜି ହୋଇ ଜଳୁଥିବା ମହମବତିର ଝାପ୍‌ସା ଆଲୁଅରେ ସେ ଲକ୍ଷ୍ୟ କଲା ତା'ସାମନାରେ ଠିଆ ହୋଇଛି ପ୍ରଶାନ୍ତ । ଅଫିସ୍‌ରେ ତା'ର ସହକର୍ମୀ । ଝଡ଼ିବର୍ଷା ପାଇଁ ଘରକୁ ଯାଇ ନ ପାରି ସେ ବି ଅଟକି ରହିଛି ନିଶ୍ଚୟ ।

"କଣ ଭାବୁଛ ଡାକିଲେ ବି ଉତ୍ତର ଦେଉନ ?"-କହିଲା ପ୍ରଶାନ୍ତ ।

ପ୍ରଶାନ୍ତ କେତେବେଳେ ତା'କୁ ଡାକିଛି, ସେଆଡ଼କୁ ତା'ର ଧ୍ୟାନ ନାହିଁ । କିଛି ଉତ୍ତର ନ ଫେରାଇ ନିରବ ରହିଲା ସେ ।

- "ବର୍ଷା, ପବନ ଥମିଲାଣି । ଲିଫ୍ଟ ନାହିଁ । ଚାଲ ମୋବାଇଲ୍ ଲାଇଟ୍‌ରେ ଷ୍ଟେଆର୍ ଦେଇ ଧିରେ ଧିରେ ଓହ୍ଲାଇଯିବା ।"

ଅଳକା ଦେଖିଲା ଆଉ ତିନି ଚାରିଜଣ ଟିଫିନ୍ ଡବା ସଜାଡ଼ି ତଳକୁ ଓହ୍ଲାଇବାକୁ ପ୍ରସ୍ତୁତ । ସମସ୍ତେ ଓହ୍ଲାଇଗଲେ ସେ ବା'ଏକା ରହନ୍ତା କେମିତି ? ସହଜେ ଅନ୍ଧାରକୁ ତା'ର ପ୍ରାଣେ ଭୟ । ଭ୍ୟାନିଟି ବ୍ୟାଗ୍‌ଟା କାନ୍ଧରେ ପକାଇ ପ୍ରଶାନ୍ତ କଥା ମାନି ସମସ୍ତଙ୍କ ପିଛା ଧରିଲା ସେ ।

ଲିଫ୍ଟରୁ ଓହ୍ଲାଇବା ପରେ ତଳେ କିଟିକିଟି ଅନ୍ଧାର । କାଁ ଭାଁ ମୋବାଇଲଗୁଡ଼ା ଜୁଳୁଜୁଳିଆ ପୋକ ପରି ହଲ୍‌ଚଲ୍ ହେଉଛନ୍ତି । ରାସ୍ତା ଉପରକୁ ଆସି ପ୍ରଶାନ୍ତ ଅଳକା ପାଇଁ ସେଆର୍ ଅଟୋଟିଏ ଯୋଗାଡ଼ କରିଦେଲା । ଘରେ ଆସି ପହଞ୍ଚିଲା ବେଳକୁ ଲାଇଟ୍ ଆହୁରି ଆସିନି । ଅଣ୍ଡାଳି ଅଣ୍ଡାଳି ତାଲା ଖୋଲି ଝରକା ମେଲେଇଲା । ଦମକାଏ ଥଣ୍ଡା ଅନ୍ଧାରିଆ ପବନ ସହ ଘର ଭିତରକୁ ପଶିଆସିଲା ଚୁମ୍‌କିର ଉତ୍ତେଜିତ ସ୍ୱର -

"ବାଡ଼ିପଡ଼ାର ସଉକ ଦେଖ । ମାଇପ ମରିବାର ଦିନ ବାରଟା ନ ପୁରୁଣୁ ଆଉ ଗୋଟେ ଆଣି ରଖିବ ବୋଲି ବଇନା ଦେଇ ସାରିଲାଣି । ତିନି ବର୍ଷର ଝିଅ । ତା' କଥା କିଏ ବୁଝିବ କେଜାଣି ? ବାଡ଼ିପଡ଼ାକୁ ଧର୍ମ ସହିବନି । ମରଦ ପୁଅ ତ ! ଯାହା କଲେ ଦୋଷ ନାହିଁ । ଘସି ମାଜି ଦେଲେ ସଫା । ତିରିଲାଟେ ବିଧବା ହେଲେ ତାକୁ ସବୁ ଆକଟ କଟକଣା । କିଏ କ'ଣ ମନକୁ ବିଧବା ହୁଏ ?"

ଚୁମ୍‌କିର ଗର୍ଜନ ଶୁଣି ଅଳକାର ମୁଣ୍ଡଟା ଝାଇଁଝାଇଁ ହେଇଗଲା । ଚୁମ୍‌କି ପାଖ ବସ୍ତିରେ ରହେ । ଆଖପାଖ ଘରମାନଙ୍କରେ ବାସି ପାଇଟିକରି ପେଟ ପୋଷେ । ଅଳକା ଘରେ ବି କାମ କରେ । ଅପାଠୁଆ ହେଲେ ବି କେତେ ସହଜ ଭାବରେ ସମାଜର ସ୍ତ୍ରୀ-

Digitized by srujanika@gmail.com

ପୁରୁଷ ଭେଦଭାବକୁ ବୁଝିପାରିଛି ସେ । ବୋଧହୁଏ ବସ୍ତିରେ କାହା ସ୍ତ୍ରୀର ମୃତ୍ୟୁପରେ ତୁରନ୍ତ ଆଉ ଏକ ବିବାହର ଯୋଜନାକୁ ବିରୋଧ କରୁଛି ।

ପରଦିନ ସକାଳୁ କାମକୁ ଆସି ଗୁଡ଼ାଏ ଗରଗର ହେଲା ଚୁମ୍‌କି । ଅଳକାର ବା' ଉପାୟ କ'ଣ? ସେ ତ ନିଜେ ଏ ବାଛ ବିଚାରର ଶିକାର । ସିନ୍ଦୁର ଟୋପାଟେ ଅକସ୍ମାତ ହଜିଗଲେ କେତେବେଳେ ଦୟା, ଥଟ୍ଟାମଜା ତ କେତେବେଳେ ସନ୍ଦେହର ପରିଧି ମଧ୍ୟକୁ ଟାଣି ହୋଇଯାଏ ସ୍ତ୍ରୀ ଲୋକଟିଏ ।

କିଛିଦିନ ହେବ ଅଫିସରେ ନିଆଁଗିଳା, ଡାଆଣା ଆଖିମାନଙ୍କୁ ସାମ୍ନା କରିବାକୁ ପଡୁଛି ଅଳକାକୁ । କାମ ଆଳରେ ଦି'ତିନିଟା ସାମ୍ନାରେ ବସି ଅକାରଣେ ହେଁହେଁ ଫେଁଫେଁ ହୁଅନ୍ତି । ସବୁ ବୁଝିଲେ ବି ମୁହଁ ଖୋଲିବାକୁ ସାହସ ଜୁଟେଇ ପାରେନି ସେ । ତାର ଅସହାୟ ନିରବତା ସେମାନଙ୍କୁ ଉତ୍ସାହିତ କରେ । ଡାଆଣା ଆଖିଗୁଡ଼ାକ ଡ଼ବଡ଼ବ କରି ତାକୁ ଅନେଇ ରହନ୍ତି । ଅପ୍ରସ୍ତୁତ ହୋଇ ୱାସରୁମ୍ ବାହାନାରେ ସିଟ୍ ଛାଡ଼ି ଉଠିଯାଏ । ୱାସ୍‌ରୁମରେ ମନ ଭରି କାନ୍ଦେ, ମୁହଁ ଆଖିରେ ଆକ୍ତାପାକ୍ତା ହୋଇ ପୁଳେ ପାଣି ଛାଟି ପକାଏ ।

ଅଳକାର ଏବେ ଅଦ୍ଭୁତ ପରିବର୍ତ୍ତନ । ବିନା କାରଣରେ ତା' ଚକ୍ଷୁ ଲୋତକପୂର୍ଣ୍ଣ ହୋଇଯାଏ । ଲୋକଙ୍କ ସାଙ୍ଗେ ମିଳାମିଶା କରିବାକୁ ପସନ୍ଦ କରେନି । ଡାଆଣା ଆଖିଗୁଡାଙ୍କୁ ତାର ଭାରି ଭୟ । ମନ ସବୁବେଳେ ଦବିଦବି ରହେ, ଫୂର୍ତ୍ତି ଲାଗେନି । ଅଫିସରୁ ଘରକୁ ଫେରି ଅର୍ଦ୍ଧାଧିକ ସମୟ ମୁହଁମାଡ଼ି ଶୋଉଛି ସେ । ଚୁମ୍‌କି କେତେଥର ଶଙ୍କି ଶଙ୍କି ପଚାରିଲାଣି । କିଛି ଉତ୍ତର ପାଏନି । ଏ ସବୁ ପରିବର୍ତ୍ତନକୁ ପ୍ରଶାନ୍ତ ବି ଅଫିସ୍‌ରେ ଦୂରରୁ ଥାଇ ଲକ୍ଷ୍ୟ କରେ । ଭାବେ ଅଳକା ବିଷାଦଗ୍ରସ୍ତ କି ଆଉ? ବେଳେବେଳେ ଅସ୍ୱାଭାବିକ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ମଣିଷ ମନ ଆହତ ହୁଏ । ଆଖପାଖରେ କେହି ସାହାରା ଦେବାକୁ ନଥିଲେ ମାନସିକ କ୍ଷତ ଗଭୀର ହୋଇ ମନକୁ ବିଷାଦଗ୍ରସ୍ତ କରିପକାଏ । ଶିକ୍ଷିତା ହେଲେ ବି ନାରୀଟିଏକୁ ତା କାର୍ଯ୍ୟସ୍ଥଳୀରେ ସମୟ ସମୟରେ ଅଶୋଭନୀୟ ଆଚରଣର ଶିକାର ହେବାକୁ ପଡ଼େ । ତାର ଜ୍ୱଳନ୍ତ ଉଦାହରଣ ଅଳକାକୁ ଦେଖି ପ୍ରଶାନ୍ତ ମନେ ମନେ କ୍ଷୁବ୍ଧ ହୁଏ । ଅନ୍ୟମାନଙ୍କ ବ୍ୟବହାରରେ ବିଚଳିତ ନ ହୋଇ ଦୃଢ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା ପାଇଁ ଅଳକାକୁ ଉତ୍ସାହିତ କରେ ଏବଂ ଡାକ୍ତରଙ୍କ ପରାମର୍ଶ ପାଇଁ ଉପଦେଶ ଦିଏ ।

Digitized by srujanika@gmail.com

ପ୍ରଶାନ୍ତର ଉପଦେଶ ଗ୍ରହଣ କରି ଅଳକା ଡାକ୍ତରଙ୍କ ସହ ପରାମର୍ଶ ପରେ ନିୟମିତ ଔଷଧ ସେବନ ଯୋଗୁଁ କ୍ରମେ ତା'ର ଆତ୍ମବିଶ୍ୱାସ ଫେରିପାଉଛି । ଆଉ ମନ ମାରି ରହୁନାହିଁ । ସବୁକଥା ତା'ପାଇଁ ଏବେ ସରଳ ଆଉ ସହଜ । ଡାଆଣା ଆଖିଗୁଡ଼ାକ ଅଳକାକୁ ସାମ୍ନା ସାମ୍ନା ଅନେଇବାକୁ ସାହସ ଜୁଟେଇ ପାରନ୍ତିନି । ଅକାରଣ ଭୟ ତା' ମନରୁ ଅପସରି ଯାଉଛି । କଥା କଥାକେ କାନ୍ଦି ପକାଉନି ସେ । ଅଳକା ଏବେ ଭିନ୍ନ ଧରଣର ମଣିଷ ।

ଅଫିସରେ ସେଦିନ କାମର ଚପ କମ୍ । ନିରୋଳାରେ ବସି ଆତ୍ମସମୀକ୍ଷା କରୁଥିଲା ଅଳକା । ଗୋଟିଏ ରକ୍ଷଣଶୀଳ ପରିବାରରେ ବୈଧବ୍ୟ ଜନିତ ଆକଟ, କଟକଣା ଯେ ଗୋଟିଏ କୋମଳମତି ମନକୁ ଛିନ୍ ଭିନ୍ କରିଦେଇପାରେ, ତା'ର ଜ୍ୱଳନ୍ତ ଉଦାହରଣ ହୋଇ ଠିଆ ହୋଇଥିଲା ସେ ନିଜେ । ହୁଏତ ପ୍ରଶାନ୍ତର ସମୟୋଚିତ ଉପଦେଶ ମିଳି ନ ଥିଲେ ତା'ର ଅବସ୍ଥା କ'ଣ ହୋଇଥାନ୍ତା କିଏ ଜାଣେ ? ତା'ମନ ଚହେଁ ପ୍ରଶାନ୍ତର ଉପଦେଶ ସବୁଦିନ ପାଇଁ ତା'ର ସାହାରା ହୁଅନ୍ତା କି ?

ଅଳକା ସୁସ୍ଥ ହେବାରେ ପ୍ରଶାନ୍ତର ମନ ଖୁବ୍ ଖୁସି । କିଛି ସମୟ ଅଳକା ଆଖିରେ ନ ପଡ଼ିଲେ ତାକୁ କିଛି ହଜେଇଲା ପରି ଲାଗେ । ଏବେ ଅଳକାହିଁ ତାର ସବୁକିଛି । ତା'ସୁଖଦୁଃଖରେ ସମଭାଗୀ ହେବା ତାର ଇଚ୍ଛା ।

ସାତ ମହଲାରୁ ଝରକା ଦେଇ ବାହାରକୁ ଦୃଷ୍ଟି ନିକ୍ଷେପ କଲା ଅଳକା । ଥୁଣ୍ଟା ବୃକ୍ଷଟିଏ ନୂତନ ପଲ୍ଲବର ସମ୍ଭାବନାରେ ବିମୋହିତ । ରାସ୍ତାରେ ଯାନବାହାନ ଚଳଚଞ୍ଚଳ । ଜନ ଜୀବନ ବେଶ୍ ସ୍ୱାଭାବିକ୍ । ଅସ୍ତଗାମୀ ସୂର୍ଯ୍ୟଙ୍କର ଆଭାରେ ଉକୁଟି ଉଠୁଛି ପଶ୍ଚିମାକାଶ । ସୂର୍ଯ୍ୟାସ୍ତ ପରେ ପୂର୍ବାକାଶରେ ପୂନର୍ବାର ସୂର୍ଯ୍ୟୋଦୟ ଅବସମ୍ଭାବୀ । ବାହାରୁ ଦୃଷ୍ଟି ଫେରାଇ ଅଳକା ଦେଖିଲା ଘର ଫେରନ୍ତା ସମୟ ହୋଇଥିବାରୁ ସମସ୍ତେ ଲିଫ୍ଟମୁହାଁ । ପ୍ରଶାନ୍ତ ହସହସ ମୁହଁରେ ତାକୁ ଅନେଇ ଅପେକ୍ଷା କରି ରହିଛି । ଅନ୍ଧାର ଆସ୍ତେ ଆସ୍ତେ କାୟା ବିସ୍ତାର କରୁଛି । ମାତ୍ର ପାଖରେ ପ୍ରଶାନ୍ତ ଅଛି । ଅନ୍ଧାରକୁ ଭୟ କିଆଁ ? ଆଲୋକର ରଂଗରେ ଅଳକା ବିଭୋର । ବୈଧବ୍ୟର ଅନ୍ଧାର ତା'ନିକଟରେ ପରାଜୟ ସ୍ୱୀକାର କରିଛି । ପ୍ରଶାନ୍ତର ହସରେ ହସ ମିଶେଇ ଦେଲା ଅଳକା । କାହିଁକି ବା ନ ହସିବ ? ଅନ୍ଧାର ଯେ ପରାଜିତ । ପରାଜିତ ଅନ୍ଧାର ।

❖❖❖

Digitized by srujanika@gmail.com

ନୂଆ ପୁରୁଣା

ଗୌରୀ ଦେବୀଙ୍କ ମନ ଖୁସି । ଏତେ ଦିନେ ତାଙ୍କ କଥା ରହିଛି । କେବେଠୁ ସେଇ ଗୋଟିଏ କଥା କହିଆସୁଛନ୍ତି । ସ୍ୱାମୀ ତାଙ୍କ କଥାକୁ କାନ ଦିଅନ୍ତିନି । କେତେଥର ଏଇ କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଯୁକ୍ତି ତର୍କ ଯେ ନ ହେଇଛି, ତା'ନୁହେଁ । ତେବେ ଏଥର କଥା ଭିନ୍ନ ଧରିଛି । କାହିଁକି କେଜାଣି କେଦାରବାବୁ ନରମି ଯାଇଛନ୍ତି । ସ୍ତ୍ରୀଙ୍କ କଥାରେ ସେ ରାଜି । ସ୍ୱାମୀଙ୍କ ପ୍ରଶଂସାରେ ଗୋରୀ ଦେବୀ ଶତମୁଖ ।

ସ୍ୱାମୀଙ୍କ ପ୍ରତି କୃତଜ୍ଞତାରେ ମନ ଭରି ଉଠୁଥିଲା ଗୌରୀଙ୍କର । ଆଜି ବି ତାଙ୍କର ଠିକ୍ ମନେ ଅଛି, ବିବାହ ପ୍ରସ୍ତାବ ପଡ଼ିବା ଦିନ କେଦାର ନାମ ଶୁଣି ଚମକି ପଡ଼ିଥିଲେ ସେ । କେମିତି ଏକ ଅଦ୍ଭୁତ ଶିହରଣ ଅନୁଭବ କରିଥିଲେ । ପୌରାଣିକ ଗଳ୍ପର ନାୟକ-ନାୟିକା ବାସ୍ତବ ଜୀବନରେ ଏକାଠି ମିଳିମିଶି ଘର ସଂସାର କରିବା କ'ଣ ସମ୍ଭବ । ସମ୍ଭବ ହେଇଥିଲା ଗୌରୀଙ୍କ କ୍ଷେତ୍ରରେ । କେଦାରଙ୍କୁ ଜୀବନସାଥୀ ରୂପେ ପାଇ ନିଜକୁ ଧନ୍ୟ ମନେ କରିଛନ୍ତି ସେ । ଚାଳିଶ୍ ବର୍ଷର ବୈବାହିକ ଜୀବନରେ ସ୍ୱାମୀ ତାଙ୍କର ଖୁବ୍ ସାଥ୍ ଦେଇଛନ୍ତି । କେଦାର-ଗୌରୀ ଯୋଡି ବେଶ୍ ଜମିଛି ।

ପିଲାମାନେ ଯିଏ ଯୁଆଡ଼େ ତାଙ୍କ ସଂସାର, ଜୀବିକାକୁ ନେଇ ବ୍ୟସ୍ତ । ସ୍ୱାମୀ-ସ୍ତ୍ରୀ ଦୁଇ ପ୍ରାଣୀ ନିଜସ୍ୱ ଗତାନୁଗତିକ ଜୀବନ ଧାରାରେ ବନ୍ଧା । ଗୌରୀଙ୍କର ସୁନା ଗହଣାରେ ଭାରି ସଉକ୍ । ଅବସର ସମୟରେ ମଝିରେ ମଝିରେ ଗହଣାଗୁଡ଼ାକ ହାତରେ ଧରି ତଉଲି ପକାନ୍ତି । ବ୍ୟବହାର ନାହିଁ, ଓଜମ କମିଗଲା କି ଆଉ ! ଗହଣା ସବୁ ପରଖିଲା ବେଳେ ସେଇ ଲମ୍ୱା, ମୋଟା ହାରଟା ଥରେ ନିଶ୍ଚୟ ଦେଖନ୍ତି । ବାହାଘର ବେଳର ହାର । ସାନ ଯା' କହୁଥିଲା- "ହାରଟା ପୁରୁଣାକାଳିଆ ହେଇଗଲାଣି ଅପା । ବଦଳାଇ ନୂଆ ଡିଜାଇନର ହାରଟିଏ ଆଣ ।" ସାନ ଯା'ର କଥାକୁ ବେଦର ଗାର ବୋଲି ଧରି ନେଇଛନ୍ତି ଗୌରୀ । ସେଇଦିନଠୁ ତାଙ୍କର ଝୁଙ୍କ୍ ଲାଗିଛି ହାର

Digitized by srujanika@gmail.com

ବଦଳାଇ ନୂଆ ହାରଟେ ଆଣିବେ । କେଦାର ବାବୁଙ୍କର ଗହଣାଗାଣ୍ଠିରେ ଆଗ୍ରହ କମ୍ । ଏଣୁ ସେ ସ୍ତ୍ରୀଙ୍କ ହାର ବଦଳାଇବା କଥାକୁ ହାଲ୍‌କା ଭାବରେ ନିଅନ୍ତି । ଏବେ କିନ୍ତୁ ସେ ହାର ବଦଳାଇବା କଥାରେ ରାଜି । ଗହଣା ତାଙ୍କର, ବଦଳେଇବେ ସେ, ଏଥିରେ ଅମତ ହେବାର ମାନେ କିଛି ନାହିଁ ।

ସ୍ୱାମୀଙ୍କ ମତ ପରିବର୍ତ୍ତନ ଦେଖି ଗୌରୀଙ୍କ ମନ ଖୁବ୍ ଖୁସି । ସମୟ ଧାର୍ଯ୍ୟ କରି ଗୋଟେ ନାମଜାଦା ଗହଣା ଦୋକାନ ଆଡ଼େ ମୁହାଁଇଲେ । ବାହାଘର ସମୟ । ଦୋକାନରେ ବେଶ୍ ଗହଳି । କିଣିବାବାଲା ଯେତେ, ଦେଖଣାହାରୀ ସେତେ । ଗହଣା ଦୋକାନରେ ଆଠ ଦଶଟା କାଉଣ୍ଟର । ହାର କାଉଣ୍ଟର ସମ୍ମୁଖରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଠିଆ ହେଲେ । ସାମ୍ନାରେ ଅଳ୍ପ ବୟସର ଦୁଇଟି ଝିଅ ହାର ବାଛୁଛନ୍ତି । ସ୍ଥାନାଭାବରୁ ତାଙ୍କ ପଛଆଡ଼େ ରହି ସେମାନେ ବାଛୁଥିବା ହାରଗୁଡ଼ିକୁ ନିରୀକ୍ଷଣ କରୁଥାନ୍ତି । ଗୁଡ଼ାଏ ହାର ଦେଖିଲେଣି ସିନା, କିଛି ବି ମନକୁ ପାଉନି । ସେଲ୍ସମେନ୍ ବି ବ୍ୟସ୍ତ । ଅନ୍ୟ ଗରାଖଙ୍କ ଭିଡ଼ ବଢ଼ିଗଲାଣି । ଲେଟେଷ୍ଟ ଡିଜାଇନ୍ କହି ବେଶ୍ ମୋଟା ଲମ୍ବା ହାରଟିଏ କାଢ଼ି ଥୋଇଦେଲା ଟେବୁଲ୍ ଉପରେ । ଝିଅ ଦୁହିଁଙ୍କର ଚକ୍ଷୁ ସ୍ଥିର ହୋଇଗଲା । ହାରଟା ଏପଟ ସେପଟ ଓଲଟାଇ ବେକରେ ପକାଇ ପରଖିନେଲେ । ବୁଝାପଡୁଥାଏ ହାର ଦୁଇଝିଅଙ୍କର ଖୁବ୍ ପସନ୍ଦଯୋଗ୍ୟ ହୋଇଛି । ଷ୍ଟାଇଲ୍ ବେଶ୍ ନୂଆ, ମନଛୁଆଁ ।

ସେଲ୍ସମ୍ୟାନ ବି ଖୁବ୍ ଆଶ୍ୱସ୍ତ । ଏତେବେଳେ ଯାଇ ମନ ପସନ୍ଦିଆ ହାରଟେ ଗରାଖଙ୍କୁ ଦେଇପାରିଛି । ଗହଣା ଦୋକାନ ମାଲିକ ସିସିଟିଭିରେ ସବୁ ନଜର କରନ୍ତି । କେଉଁ କାଉଣ୍ଟର ସେଲ୍ସମ୍ୟାନ କେତେ ପାରଙ୍ଗମ ତାର ହିସାବ ରଖନ୍ତି । ଝିଅ ଦୁଇଜଣଙ୍କର ହାର ପସନ୍ଦ ହୋଇଥିବାର ଅନୁଭବ କରି ଉତ୍ସାହିତ ହୋଇ କହିଲା- "ଏଇ ହାରଟା ଲେଟେଷ୍ଟ୍ ଡିଜାଇନ୍‌ର ମ୍ୟାଡ଼ମ୍ । ଚାରି ପିସ୍ ବିକ୍ରି ସରିଲାଣି । ଏଇ ମାତ୍ର ଶେଷ ପିସ୍ ବାକି । ଆପଣଙ୍କ ବେକକୁ ସାଜିଲା ଭଳିଆ ହାର ।

ଝିଅ ଦୁଇଜଣ ଆଉଥରେ ହାରକୁ ବେକରେ ପକାଇ ସେଲ୍ସମ୍ୟାନ କଥାର ସତ୍ୟତାକୁ ପରୀକ୍ଷା କରିନେଉଥିଲେ । ଏହା ଭିତରେ ଝିଅଟିଏ ଚାରି କପ୍ କଫି ଟ୍ରେରେ ଆଣି ଟେବୁଲ୍ ଉପରେ ରଖିଦେଇ ଯାଇଥିଲା । କେଦାରବାବୁ ହାରରୁ ଆଖି ଫେରାଇ କଫି କପ୍‌ଟିଏ ଉଠାଇଲେ । ପଛକୁ ବୁଲି ଦେଖିଲେ ସ୍ତ୍ରୀ ନାହାନ୍ତି । ପାଖରେ ପଡ଼ିଥିବା ସୋଫାରେ ବସି ତରତର ହୋଇ ଭ୍ୟାନିଟି ବ୍ୟାଗଟିକୁ ଦରାଣ୍ଡି ଚାଲିଛନ୍ତି । ସ୍ତ୍ରୀଙ୍କ ପାଇଁ କଫି ନେଇ କେଦାରବାବୁ ସୋଫାରେ ବସିଗଲେଣି । ଗୌରୀଙ୍କର ସେଆଡ଼କୁ ଦୃଷ୍ଟି ନାହିଁ ।

Digitized by srujanika@gmail.com

- "ଆରେ କଫି ନିଅ" - କହିଲେ କେଦାର ବାବୁ ।

- "ରୁହମ ହାରଟା କାଢୁଛି । ଟିକେ ଅପେକ୍ଷା କର ।"

କଫି ଥଣ୍ଡା ହେଉଛି । କେଦାରବାବୁ ନିଜେ ପିଇବା ଆରମ୍ଭ କଲେ । ଏ ଭିତରେ ଗୌରୀ ଦେବୀ କାଉଣ୍ଟର ପାଖକୁ ଚାଲିଗଲେଣି । ଝିଅ ଦି'ଜଣ ବାଛିଥିବା ହାର ସାଙ୍ଗରେ ନିଜ ହାର ମିଳେଇ ଦେଖିଲେ । ପ୍ରାୟ ସମାନ । ଉଣେଇଶ୍ ବିଶ୍ ଫରକ ।

ସେଲ୍ସମ୍ୟାନ ବି ଦୁଇ ହାରକୁ ମିଳେଇ ଦେଖୁଛି । ପ୍ରାୟ ଏକା ଡିଜାଇନ୍‌ର । ଗୌରୀ ଦେବୀ କହୁଛନ୍ତି, ଏ ହାର ଚାଳିଶ ବର୍ଷ ତଳର । ସେଲ୍ସମ୍ୟାନ ମୁରୁକି ହସିଦେଇ କହିଲା- "ଡିଜାଇନ୍ କେବେ ପୁରୁଣା ହୁଏନି । ପୁରୁଣା ଡିଜାଇନ୍ ବୁଲି ବୁଲି ନୂଆ ହେଇଯାଏ । ଆପଣଙ୍କ କ୍ଷେତ୍ରରେ ସେୟାହିଁ ଘଟିଛି । ଚାଳିଶ ବର୍ଷ ପୁରୁଣା ହାରର ଡିଜାଇନ୍ ପୁଣି ନୂଆ ଡିଜାଇନ୍ ପାଲଟିଯାଇଛି ।"

- "ହଇଓ ଶୁଣୁଛ, ଟିକେ ଏଠିକି ଆସ ।" ଡାକ ପକାଇଲେ ଗୌରୀ ଦେବୀ ।

କଫି ପାନ ସମାପ୍ତ ହୋଇଯାଇଥିଲା । କେଦାରବାବୁ କାଉଣ୍ଟର ସାମ୍ନାରେ ଠିଆ ହୋଇଥିବା ତାଙ୍କ ସ୍ତ୍ରୀଙ୍କ ପାଖକୁ ଉଠିଗଲେ । ଗୌରୀ ଦେବୀ କହି ଚାଲିଥାନ୍ତି,ଏଇ ଦେଖୁଛ ମୋର ହାରର ପୁରୁଣା ଡିଜାଇନ୍‌ଟା ଆଉ ପୁରୁଣା ହେଇନାହିଁ । ଏବର ହାର ସବୁ ସେଇ ଡିଜାଇନ୍ ହେଲାଣି । ହାର ବଦଳାଇ କିଛି ଲାଭ ନାହିଁ । ଚାଲ ଘରକୁ ଫେରିଯିବା ।

ସ୍ତ୍ରୀଙ୍କୁ ଅନେଇଲେ କେଦାରବାବୁ । ସ୍ତ୍ରୀଙ୍କର ଚାଳିଶ ବର୍ଷ ତଳର ମୁହଁ ଆଉ ଏବର ମୁହଁ ଭିତରେ ସେମିତି କିଛି ଫରକ ନାହିଁ । ସେଇ ପୁରୁଣା ଚମକ ଏବେ ବି ଅଛି । ତାଙ୍କ ମୁହଁରୁ ବାହାରିଗଲା, ଜିନିଷ ପୁରୁଣା ହେଲେ ବି ସବୁବେଳେ ବଦଳାଯାଏ ନାହିଁ, ଯେମିତି ପୁରୁଣା ସମ୍ପର୍କକୁ ଛାଡ଼ି ହୁଏ ନାହିଁ ।

କେଦାରବାବୁ ଭାବୁଥିଲେ କୁହାଯାଏ, ନୂଆ କରି କିଛି କହିବାକୁ ନ ଥାଏ । ଯାହା କହିବାର କଥା, ସବୁ କେବେ ନା କେବେ କୌଣସି ନା କୌଣସି ସ୍ଥାନରେ କୁହାସରିଥାଏ । ମୂଳତଃ ସେଇ ପୁରୁଣା କଥାକୁ କେବଳ ନୂତନ ଢ଼ଙ୍ଗରେ ପରିବେଷଣ କରାଯାଏ ମାତ୍ର । କେଦାରବାବୁଙ୍କର ମଧ୍ୟ ସେଇ ଏକ ମତ । ଖାଲି କଥା କାହିଁକି, ପୋଷାକପତ୍ର, ବେଶ ପୋଷାକ, ଅଳଙ୍କାର ତଥା କେଶ ବିନ୍ୟାସ ଆଦି କ୍ଷେତ୍ରରେ କେତେବେଳେ ପୁରୁଣା ଷ୍ଟାଇଲ୍‌ଟା ନୂଆ ହୋଇ ଆମକୁ ମାଡ଼ିବସେ, ସେକଥା ଆବିଷ୍କାର କରୁ କରୁ ସେ ଷ୍ଟାଇଲଟା ପୁଣି ପୁରୁଣା ଉପାଧି ପାଇଯାଏ ।

❖❖❖

Digitized by srujanika@gmail.com

ଅବାନ୍ତର କଥା

ସକାଳ ହେବାକୁ ସମୟ ଆହୁରି ବାକି । ମୁହଁକୁ ମୁହଁ ସ୍ପଷ୍ଟ ଦିଶୁନି । ସୁନିର କିନ୍ତୁ ନିଦ ଭାଙ୍ଗିଗଲାଣି । ତରବର ହୋଇ ଉଠି ମୁହଁରେ ଆଞ୍ଜୁଳାଏ ପାଣି ଛାଟି ଦେଖିଲା କେହି ଉଠିନାହାନ୍ତି । ସ୍ୱାମୀ ତାର ନିଘୋଡ଼ ନିଦରେ । ପାଞ୍ଚ ବର୍ଷର ପୁଅ ସାନୁ ବାପା ପେଟ ଉପରେ ଗୋଡ଼ ଲମ୍ୱେଇ ଦେଇ ହାତଟା ବେକରେ ଗୁଡ଼େଇ ଦେଇଛି । କାହାକୁ ଅପେକ୍ଷା ନ କରି ନିତ୍ୟକର୍ମ ପାଇଁ ବାହାରିଗଲା ସେ । କାମକୁ ଯିବା ପୂର୍ବରୁ ଭୋଟର ତାଲିକାରେ ନାଁ ଉଠିଛି କି ନାହିଁ ସ୍କୁଲ ଯାଇ ବୁଝିଆସିବ ।

ଘରଠୁ ଦୁଇ କିଲୋମିଟର ଦୂରରେ ସ୍କୁଲ । ତିନି ଥର ଯାଇ ଫେରିଲାଣି । ନାଁ ଭୋଟର ଲିଷ୍ଟରେ ଏ ଯାଏଁ ଉଠିନି । ଦିଦି ମାନେ ଭୋଟର ଲିଷ୍ଟ ଦେଇ କହନ୍ତି, ଉଠିଛି କି ନାହିଁ ଦେଖିନିଅ । ସୁନି ପଢ଼ି ଜାଣେନି । ନେହୁରା ହୋଇ କହେ- "ମୁଁ ମୂର୍ଖ ଲୋକ । ମୋର ଟିକେ ଦେଖିଦିଅ ।" ଦିଦିମାନେ ଗରଗର ହୁଅନ୍ତି । ପିଲାଙ୍କ ପଢ଼ାରେ ହେଳା ହେଉଛି, ବାର୍ଷିକ ପରୀକ୍ଷା ସମୟ । ସେମାନେ ବା' କରିବେ କ'ଣ ? ତଥାପି ଅନୁରୋଧ କରେ । ଦିଦିମାନେ ଭୋଟର ତାଲିକାରେ ତରବରରେ ଆଖି ବୁଲାଇ ଆଣି କହନ୍ତି- "ନା, ନାହିଁ । ସାତଦିନ ପରେ ଆସ ।" ସ୍କୁଲକୁ ଯାଇଯାଇ ଦିଦିମାନେ ତାକୁ ଚିହ୍ନିଗଲେଣି ।

ସୁନି ଭାବେ, ସେ ପାଠ ପଢ଼ିଥାଆନ୍ତା କି ? ଭୋଟର ଲିଷ୍ଟ ଟିକିନିଖି କରି ଦରାଣ୍ଡି ପକାନ୍ତା । ଖୋଜିଲେ ନିଶ୍ଚେ ମିଳନ୍ତା ତା' ନାଁ । ଏ ଦିଦିଗୁଡ଼ା ଠିକ୍‌ରେ ଦେଖୁଛନ୍ତି କି ନାହିଁ, କିଏ ଜାଣେ ? ମନକୁ ମନ ଗୁଡ଼ାଏ ପ୍ରଶ୍ନ କରେ । ପାଠ ପଢ଼େଇନି ବୋଲି ବାପା ଉପରେ ଗରଗର ହୁଏ । ବାପାର ବି କି ଦରା । ତାକୁ ମିଶେଇ ପାଞ୍ଚ ଭଉଣୀ । ବାପାର ରାଜମିସ୍ତ୍ରୀ କାମ । କାହାକୁ କେମିତି ପଢ଼େଇଥାନ୍ତା ? ପୁଅକୁ ଅପେକ୍ଷା କରିକରି ପାଞ୍ଚଟା ଝିଅ ଜନମ କରି ପକେଇଛି । ସତେ ଯେମିତି ପୁଅ ଗୁଡ଼ା ବାପା ମା'ଙ୍କୁ ସ୍ୱର୍ଗକୁ ନେବେ, ବଂଶ ଉଦ୍ଧାର କରିବେ ପରା !

Digitized by srujanika@gmail.com

ନିତ୍ୟକର୍ମ ସାରି ଆସି ଦେଖିଲା, ବାପ ପୁଅଙ୍କ ନିଦ ଆହୁରି ଭାଙ୍ଗିନି । ପୁଅ ନିଶ୍ଚିନ୍ତରେ ବାପାକୁ ଜାବୁଡ଼ି ଧରି ଶୋଇଛି । ପୁଅକୁ ଦଣ୍ଡେ ଅନେଇ ଠିଆ ହେଲା । ପାଞ୍ଚ ବର୍ଷ ହେଲାଣି । ସେ କ'ଣ ତା' ପରି ଗଣ୍ଡମୂର୍ଖ ହେବନା କ'ଣ ? ଆଜି ସ୍କୁଲରେ ତା' ପଢ଼ା ବିଷୟ ଦିଦିଙ୍କ ସାଙ୍ଗେ କଥା ହେବ ନିଶ୍ଚୟ ।

ଖରାଦିନ । ସକାଳ ଛ'ଟାରେ ସ୍କୁଲ ଖୋଲିବ । ତରବର ହୋଇ ଟିଣ କବାଟଟା ଆଉଜାଇ ଦେଇ ରାସ୍ତା ଉପରକୁ ବାହାରି ଆସିଲା ସୁନି । ଘର ବୋଲି ବଖରାଏ । ସେଇଠି ଶୁଆ-ବସା, ରୋଷେଇ । ଦଲାଲଟେ କିଛି ଟଙ୍କା ନେଇ ବସ୍ତିରେ ବଖରାଏ ଘର ଦେଇଛି ।

ସୁଲୁସୁଲିଆ ପବନ । ପୂର୍ବ ଦିଗରେ ନାଲି ଟହଟହ ସୂର୍ଯ୍ୟ । ପୂର୍ବାକାଶରେ ମେଞ୍ଚେ ନାଲି, ସୁନେଲି ରଙ୍ଗ ବୋଳି ହେଇଯାଇଛି । ମୁଣ୍ଡ ଟେକି ସୂର୍ଯ୍ୟଙ୍କ ଆଡ଼କୁ ଅନେଇଲା ସୁନି । ମନୋରମ ଦୃଶ୍ୟ । ମନ ପୁଲକିତ ହୋଇଗଲା ତା'ର । ଚଞ୍ଚଳ ଚଞ୍ଚଳ ପାହୁଲ ପକାଇ ସ୍କୁଲ ଆଡ଼କୁ ମାଡ଼ି ଚାଲିଲା । ମନ କିନ୍ତୁ ଫେରି ଯାଉଥିଲା ପଛକୁ ପଛକୁ । ଅତୀତର ଗହୀରକୁ ।

ପାଞ୍ଚ ଉଭଣୀ ଭିତରେ ବଡ଼ ସେ । ସ୍କୁଲ ପିଣ୍ଡା ମାଡ଼ିନି । ଅଧିକାଂଶ ସମୟ ଖେଳକୁଦରେ କଟେ । ବଡ଼ ହଉଣୁ ନ ହଉଣୁ ମନ ଚହଲିଯାଏ । ବେଳେ ବେଳେ ସାଙ୍ଗ ସାଥୀଙ୍କ ମେଳରେ ଜିନିଷପତ୍ର କିଣିବାପାଇଁ ପାଖ ବଜାରକୁ ଅଟୋରେ ଯିବା ଆସିବା କରେ । ଅଟୋବାଲା ଟୁଟୁ, ବେଶ୍ ଚହଟ ଚିକ୍କଣ । ପଇସା ଦେବା ନେବା ବେଳେ କେବେ କେମିତି ସୁନିର ପାପୁଲି ଟୁଟୁର ପାପୁଲିକୁ ସ୍ପର୍ଶ କରେ । ପାପୁଲି ଦେଇ ସୁନିର ମନ ଟୁଟୁର ମନକୁ ସ୍ପର୍ଶ କରେ । କ୍ରମେ ଘନିଷ୍ଠତା ବଢ଼େ । ଲୁଚିଛପି ଦୁହେଁ ଭେଟାଭେଟି ହୁଅନ୍ତି । ସୁନିକୁ ଦୁନିଆଟା ଭାରି ସୁନ୍ଦର ଲାଗେ । ହାଲ୍‌କା ହୋଇ ପବନରେ ଭାସିବା ଭଳି ଲାଗେ । ସବୁ ସେମିତି ମିଠା ମିଠା । ଏବେ ସବୁବେଳେ ନିରୋଳାରେ ଟୁଟୁ ସଙ୍ଗେ ସେ ଗପିବାକୁ ଚାହେଁ । ମନ ତା'ର ଆଉ ଆୟତ୍ତରେ ନାହିଁ । ଆଦ୍ୟ ଯୌବନରେ ସବୁ କିଛି ଛଳଛଳ । ଥୟ ଧରି ପାରନ୍ତିନି ଦୁହେଁ । ମନ କଥା ବି କାହାକୁ କହିବାକୁ ସାହସ ଜୁଟାଇ ପାରନ୍ତିନି । କାହାକୁ କିଛି ନ କହି ମନ୍ଦିରରେ ବିବାହ ପରେ ଭୁବନେଶ୍ୱର ପଳେଇ ଆସି ବସ୍ତିରେ ଆଶ୍ରୟ ନିଅନ୍ତି । ସୁଖ ଦୁଃଖରେ ଘରସଂସାର ଆଗେଇ ଚାଲେ ।

Digitized by srujanika@gmail.com

ଅତୀତକୁ ରୋମନ୍ଥନ କରୁକରୁ ସୁନି ପହଞ୍ଚି ଯାଇଥିଲା ସ୍କୁଲ ବାରଣ୍ଡାରେ । ତାକୁ ଦେଖୁ ଦେଖୁ ଜଣେ ଦିଦି କହି ପକାଇଲେ – "ଏଇତ ସୁନି ଆସିଲାଣି । ତା'ଭୋଟର କାର୍ଡ଼ ତାକୁ ଦେଇଦିଅ ।" ସୁନିର ମନ ଆନନ୍ଦରେ କୁଣ୍ଢେମୋଟ । ଏଥର ସେ ଭୋଟ ଦେବ । ଭୋଟର କାର୍ଡ଼ ହାତକୁ ନେଇ ପୁଅର ପଢ଼ା ବିଷୟ ପଚାରି ବୁଝିଲା । ଖରା ଛୁଟି ଖୋଲିଲେ ସ୍କୁଲରେ ପୁଅର ନାଁ ଲେଖେଇବ ।

ସମୟ ଗଡ଼ିଚାଲିଛି । ସ୍କୁଲରୁ ସିଧା ବାସି ପାଇଟି କରୁଥିବା ଘରଆଡ଼େ ମୁହାଁଇଲା ସୁମି । ସ୍ୱାମୀ ଆଉ ପୁଅଙ୍କ କଥା ବୁଝିବାକୁ ସମୟ ନାହିଁ । ବାସି ପାଇଟି କରୁଥିବା ଘରର ମାଲିକାଣୀ ତାକୁ ଦେଖୁ ଦେଖୁ କହିଲେ – "ଆଜି ଏତେ ଡେରି ?"

– "ଭୋଟର ପରିଚୟ ପତ୍ର ଆଣିବାକୁ ଯାଇଥିଲି ଯେ ଡେରି ହୋଇଗଲା ମା !"

ସୁନି ମୁହଁରୁ କଥା ନ ସରୁଣୁ ବାବୁଆଣୀ କହି ଉଠିଲେ – "ତମ ବସ୍ତି ବାଲାଙ୍କ ପାଇଁ ତ ସବୁ ସୁବିଧା । ଆମ କଥା ବୁଝୁଛି କିଏ ? ତମେ ଭୋଟ ଦେବନି ତ ଆଉ କିଏ ଦେବ ? "

ଭାରି ଅଖାଡୁଆ ଲାଗିଲା ସୁନିକୁ । ଭାବିଲା, ବସ୍ତିବାଲାଙ୍କ ସାଙ୍ଗରେ ୟା'ଙ୍କର ଏତେ ବାଦ କାହିଁକି ? ରାସ୍ତା କଡ଼ର ବସ୍ତିଗୁଡ଼ାକ ଭିତରେ ଜୀବନ କେତେ ସଂଘର୍ଷମୟ, ଏ ବାବୁ ଭାୟାମାନେ ବୁଝିବେ କେମିତି ? ବସ୍ତିର ଲୋକମାନେ କ'ଣ ଦେଶ ବାହାର ଲୋକ । ମୁଠେ ଖାଇ ବଞ୍ଚିବାର ଅଧିକାର କ'ଣ ସେମାନଙ୍କର ନାହିଁ ?

ଚା' ପିଉପିଉ ବାବୁ, ମା'ମିଶି କେନ୍ଦ୍ର-ରାଜ୍ୟ ବିବାଦ ବିଷୟରେ କଣ ଗୁଡ଼େ ଗପିଚାଲିଥାନ୍ତି । ସୁନିର ମୁଣ୍ଡରେ ସେସବୁ କିଛି ପଶୁନି । ତଥାପି ମୂର୍ଖ ବୁଦ୍ଧିରେ ସୁନି ଭାବେ, କେନ୍ଦ୍ର-ରାଜ୍ୟ ସବୁତ ଲୋକଙ୍କ ସରକାର । ଲୋକଙ୍କ ଉନ୍ନତି ତ ମୂଳ କଥା । ତେବେ ୟାଙ୍କ ଭିତରେ ଏତେ ବାଦ ବିବାଦ କିଆଁ ?

ବାବୁ କହୁଛନ୍ତି ଆମ ଟିକସରେ ଏ ସରକାରର ଯେତେ ସବୁ ନାଟ । ବସ୍ତିବାଲାଙ୍କୁ ଟଙ୍କା ବାଣ୍ଟି ଚାଲିଛି । ଏକଥା ସୁନି ଆଗରୁ କେତେଥର ବାବୁଙ୍କ ମୁହଁରୁ ଶୁଣିଛି । ସୁନି ଭାବେ ବାବୁ କେତେ ଟିକସ ଦିଅନ୍ତି କେଜାଣି ? ବର୍ଷ ସାରା ଜିନିଷ ନଷ୍ଟରେ ତାଙ୍କର ଯେତେ ଟଙ୍କା ବରବାଦ ହୁଏ, ସେକଥାର ହିସାବ ତାଙ୍କ ପାଖେ ନାହିଁ । ଜିନିଷ ବରବାଦ୍‌ଟା ଟିକସକୁ ବଳିଯିବକି କ'ଣ ? ଗୋଟେ ଗୋଟେ ଭୋଜିରେ କେତେ କେତେ ଜିନିଷ ନଷ୍ଟ ହେବାର ସେ ନିଜେ ଦେଖିଛି । ଏ ନଷ୍ଟ ପାଇଁ କଣ ବାବୁ ଭାୟାମାନେ ଦାୟୀ ନୁହଁନ୍ତି । ଏଥିପାଇଁ କ'ଣ କିଛି ଦଣ୍ଡ ବିଧାନାର ବ୍ୟବସ୍ଥା ନାହିଁ ?

Digitized by srujanika@gmail.com

ଖବର କାଗଜ ପଢୁପଢୁ ବାବୁ ପୁଣି କହି ଉଠିଲେ, ସରକାରଟା ବସ୍ତିବାଲାଙ୍କୁ ମାଗଣା ଜିନିଷ ଦେଇ ଦେଇ ଅଳସୁଆ କରିଦେଲା । ସୁନି ଶୁଣିଲା, କିଛି ଜବାବ୍ ଦେଇପାରିଲାନି । ବାବୁଭାୟାଙ୍କୁ ତ ସବୁକଥା ଜଣା । ତେବେ ଇଛା ହେଉଥିଲା କହିବାକୁ-

"ଅଳସୁଆ କିଏ, ଆମେ ନା ତମେ ? ଦିନେ ନ ଆସିଲେ ପାଞ୍ଚଟା ଫୋନ୍ । ନିଜ କାମ ନିଜେ କରିବାକୁ ତାକତ୍ ନାହିଁ । କ'ଣ ନା ବସ୍ତିବାଲା ଅଳସୁଆ" ।

ଏଇ ଦେଖୁଦେଖୁ ଭୋଟ ଦେବା ଦିନ ପାଖେଇ ଆସିଲାଣି । ଭୋଟ ଦିନ ସକାଳ ଓଳି ଛୁଟି ପାଇଁ ସୁନି କାମ କରୁଥିବା ସବୁ ବାବୁ, ମା'ଙ୍କ ଘରେ ଦରଖାସ୍ତ ପକେଇଛି । କିଏ ରାଜି ତ କିଏ ଗରଗର । ଯିଏ ଯାହା କହୁଛି କହୁ, ସୁନି ସ୍ଥିର କରିଛି ସେ ନିଶ୍ଚେ ଭୋଟ ଦେବ ।

ଭୋଟ ଦିନ ସକାଳୁ ସୁନି ସଜବାଜ ହୋଇ ଭୋଟ ଦେବା ଉଦ୍ଦେଶ୍ୟରେ ଘରୁ ସ୍କୁଲକୁ ବାହାରିଗଲା । କେତେ ସାଜସଜା । ବେଲୁନ୍, ଉନ୍ଦୁଆ ଟଙ୍ଗା ହେଇଛି । ଥଣ୍ଡା ପାଣି, ବିଜୁଳି ପଙ୍ଖା, ଚୌକିର ବ୍ୟବସ୍ଥା । ଦହିପାଣି, ସର୍‌ବତ୍ ବି ବଣ୍ଟା ଚାଲିଛି । ଦୁଇ କିଲୋମିଟର ଚାଲିଚାଲି ଆସି ଥକି ଯାଇଛି ସେ । ଦହି ପାଣି ଗିଲାସେ ପିଇ ଥକ୍କା ମାରିବା ପାଇଁ ଚେଆରରେ ବସି ଚାରିଆଡ଼େ ନଜର ବୁଲେଇ ଆଣିଲା । ମେଳା, ମହୋତ୍ସବ ହେଲା ପରି ଲାଗୁଛି । କିଏ ଜଣେ କହୁଥିଲା- "ଏଇଟା ଆଦର୍ଶ ଭୋଟ କେନ୍ଦ୍ର ।"

ଧାଡ଼ିରେ ଘଣ୍ଟାଏ ଠିଆ ହେବାପରେ ଭୋଟ ପାଇଁ ସୁନିର ପାଳି । ଭୋଟ ଦେବା ବେଳର ଆନନ୍ଦ ବଖାଣିବାର ନୁହେଁ । ମନରେ ଅଦ୍ଭୁତ ଶିହରଣ ।

ଭୋଟ ଦେବା ପରେ ଉପରଓଳି କାମ କରିବା ପାଇଁ ବାବୁମାନଙ୍କ ଘରକୁ ଗଲା ସୁନି । କାମ କରୁଥିବା ସାତ ଘରେ ବୁଝି ଦେଖିଲା,ପାଞ୍ଚଘର ବାବୁ , ମା'ମାନେ ଭୋଟ ଦେଇନାହାନ୍ତି । କାହାର ଭୋଟର ତାଲିକାରେ ନାଁ ନାହିଁ, କାହାକୁ ସମୟ ନାହିଁ ତ କାହାକୁ ପ୍ରଚଣ୍ଡ ଗ୍ରୀଷ୍ମ ବାଧକ ସାଜିଛି ।

ସୁନି ଭାବୁଥିଲା, ଏ ବାବୁ ମା'ମାନେ ତ ଭୋଟ ଦିଅନ୍ତିନି । ତେବେ ଗୁଡ଼ାଏ ଅବାନ୍ତର କଥା କହିବାକୁ ଏମାନଙ୍କୁ ଅଧିକାର ଦେଲା କିଏ ?

❖❖❖

Digitized by srujanika@gmail.com

ଅତି ଚିପୁଡ଼ିଲେ

ବୈଶାଖ ମାସ । ମୁଣ୍ଡ ଫଟା ଖରା । ଝାଞ୍ଜି ପବନ ମୁହଁକୁ ସିଝେଇ ଦଉଛି । ନଅଟାରୁ ଘରୁ ବାହାରିଛନ୍ତି ରମେଶବାବୁ । ଏ ଅଫିସରୁ ସେ ଅଫିସ୍ ଧାଇଁ ଧାଇଁ ଧଇଁ ବାହାରିଗଲାଣି । ଗଞ୍ଜି, ସାର୍ଟ୍ ସବୁ ଝାଳରେ ଜରଜର । ଚିପୁଡ଼ି ଦେଲେ ବେଲାଏ ହେବ କି କ'ଣ ! ପାଣି ବୋତଲଟେ ଘରୁ ଆଣିଥିଲେ ଯେ ଆଉ ଟୋପେ ବୋଲି ନାହିଁ । ଶୋଷରେ ହଂସା ଉଡ଼ିଯାଉଛି । ଜିଭ, ଓଠ ଶୁଖି ଅଠା ଅଠା । ଜଳଛତ୍ରଟାଏ ଦେଖି ଅଟକି ଗଲେ ସେ । ଦୁଇ ଗିଲାସ ଜଳ ଉଦରସ୍ଥ କରି ଟିକିଏ ଆଶ୍ୱସ୍ତ ଅନୁଭବ କଲେ ।

ଭାବିଲେ, ଟାଣ ଖରା । ଯାହା କାମ ହେଲା, ହେଲା, ଏବେ ଘରକୁ ଫେରିଯିବାକୁ ହେବ । କେତେ ଆଉ ଧନ୍ଦି ହେବେ ଯେ ! ଜୀବନ ସାରା ଖାଲି କାମ ଆଉ କାମ । ଶାନ୍ତିରେ ମୁହୂର୍ତ୍ତେ ନିଃଶ୍ୱାସ ନେବାକୁ ସମୟ ନାହିଁ ।

ଘରେ ରୋଗଣୀ ସ୍ତ୍ରୀ । ଘର କାମରେ ହାତ ବଟେଇବାକୁ ପଡ଼େ । ଏକମାତ୍ର ପୁତ୍ର । ଡାକ୍ତରୀ ପାଶ୍ ପରେ ଆମେରିକାରେ ଚାକିରି । କେତେଥର ରମେଶବାବୁ ଓଡ଼ିଶା ଫେରିଆସିବାକୁ ପୁଅକୁ ବୁଝେଇଲେଣି । ସେ କିନ୍ତୁ ଆସିବାକୁ ନାରାଜ୍ । କହେ, ଆମେରିକାରେ ମାହୋଲ୍ ଅଲଗା । ସେଠି କାମ କରିବାରେ ନିଆରା ମଜା ଅଛି । ରମେଶବାବୁଙ୍କ ମୁଣ୍ଡରେ କିଛି ପଶେନି । ଭାବନ୍ତି, ଡାକ୍ତରଙ୍କ ରୋଗୀ ଦେଖା କାମ । ଓଡ଼ିଶାର ରୋଗୀଙ୍କ ସେବା କରି ଏଠିକାର ମାହୋଲ୍ ଭଲ କଲେ ହୁଅନ୍ତାନି ! ଆମ ରାଇଜରେ ପାଠ ପଢ଼ି ବିଦେଶରେ ଗୋଲାମଗିରିର କି ନିଆରା ମଜା ?

ପିଲାଟିର ଖୁସି ପାଇଁ କେତେ ପରିଶ୍ରମ କରିନାହାନ୍ତି ସେ ! ଚାକିରି ଜୀବନରେ ଗୋଟେ ନୁହେଁ କି ଦି'ଟା ନୁହେଁ, ଛ'ଛ'ଟା ଜମି କବଲା କରିଛନ୍ତି । ଭାରି ପାରିବାର । ଗୋଟାଏ ଜମିରେ ସୁଦୃଶ୍ୟ ଅଟ୍ଟାଳିକାଟାଏ କରିଛନ୍ତି । ସେଇଠି ରହନ୍ତି । ଅନ୍ୟ ପାଞ୍ଚଟି

Digitized by srujanika@gmail.com

ଜମିରେ ଘର କରି ଭଡ଼ା ଲଗେଇ ଦେଇଛନ୍ତି । ବେଶ୍ ମୋଟା ଅଙ୍କର ଭଡ଼ା ମିଳେ । ତଥାପି ନା ଅଛି ଶାନ୍ତି ନା ବିଶ୍ରାମ । ଜମି ଏବଂ ଘରଗୁଡ଼ାଙ୍କର ରକ୍ଷଣାବେକ୍ଷଣ ବିଷୟ ବୁଝୁବୁଝୁ ସକାଳୁ ସଞ୍ଜ କେମିତି ହୁଏ, ସେ ଜାଣିପାରନ୍ତିନି ।

ସ୍କୁଟର, ମଟରସାଇକେଲ୍ ତ ଦୂରର କଥା, ସାଇକେଲ୍ ଚାଳନାକୁ ବି ଆୟତ୍ତ କରି ପାରିନାହାନ୍ତି । ପଦବ୍ରଜ, ତଥା ଅଟୋରେ ଭ୍ରମଣ କରିକରି ଯାବତୀୟ କାର୍ଯ୍ୟ ସଂପାଦନ କରନ୍ତି । ଅଯଥା ଶାରିରୀକ ପରିଶ୍ରମ ସହ ସମୟର ଘୋର ଅପଚୟ ହୁଏ । ତଥାପି କାମ କେବେ ତାଙ୍କ ପିଛା ଛାଡ଼େନି । ଏଇମିତି ଭାବୁଭାବୁ ଧୀରବାବୁଙ୍କର ସ୍କୁଟର ହର୍ଣ୍ଣରେ ପ୍ରକୃତିସ୍ଥ ହେଲେ ରମେଶବାବୁ । ଧୀରବାବୁ - ରମେଶବାବୁଙ୍କର ବାଲ୍ୟବନ୍ଧୁ । ଦୁହେଁ ସାଥୀରେ ସଚ୍ଚିବାଳୟରେ ଚାକିରି କରି ଅବସର ନେଇଛନ୍ତି । ସାଙ୍ଗ ହୋଇ ଖଣ୍ଡେ ଜାଗା କ୍ରୟ କରି ଦୁହେଁ ଅଧେ ଅଧେ ବାଣ୍ଟି ନେଇ ଘର କରି ରହିଛନ୍ତି । ଧିରବାବୁଙ୍କର ସେଇ ଖଣ୍ଡିଏ ଜାଗା । ମାତ୍ର ରମେଶବାବୁଙ୍କର ଆହୁରି ପାଞ୍ଚଟା ଜାଗା । ସେଇ ଜାଗାଗୁଡ଼ାକର ଚିନ୍ତା ତାଙ୍କୁ ଅହରହଃ ଘାରେ । ଦିନେ ଦିନେ ତ ରାତିରେ ପରିସ୍ଥିତି ଏମିତି ବିଷମୟ ହୁଏ ଯେ, ଚିନ୍ତାରେ ଆଖିକୁ ନିଦ ଆସେନି ।

ଧିରବାବୁଙ୍କର କିନ୍ତୁ ବିନ୍ଦାସ୍ ଜୀବନ । ସକାଳ, ସଂଧ୍ୟାରେ ଦାଣ୍ଡ ବାରଣ୍ଡାରେ ବସି ଘଡ଼ିଏ ଘଡ଼ିଏ ଖବରକାଗଜ, ପତ୍ରପତ୍ରିକା ପଢ଼ନ୍ତି । ମଝିରେ ମଝିରେ ଚା’ କପେ, ଦୁଇକପ୍ ହୁଏ । ବେଳେବେଳେ ରବୀନ୍ଦ୍ର ମଣ୍ଡପରେ ନାଟକଟିଏ ଦେଖିଆସି ମନ ଫୂର୍ତ୍ତି କରନ୍ତି । ମେଳା, ମହୋତ୍ସବ ବୁଲାବୁଲି କରନ୍ତି । କେତୋଟି ସାମାଜିକ ଅନୁଷ୍ଠାନ ସହ ମଧ୍ୟ ସଂପୃକ୍ତ । ଜୀବନର ଉତ୍ତର କାଳରେ ଲେଖାଲେଖି ପାଇଁ ବି ସଉକ୍ ବଢ଼ିଛି । ମୋଟାମୋଟି ଭାବରେ ଅବସରକାଳୀନ ଜୀବନକୁ ସେ ହାଲୁକା ଭାବରେ ବଞ୍ଚିବାକୁ ଉଦ୍ୟମ କରନ୍ତି ।

ରମେଶବାବୁ ବଂଧୁ ଧିରର ହାଲ୍‌କା ଫୁଲ୍‌କା ଜୀବନ ଆପଣେଇବାକୁ ଚାହିଁଲେ ବି ପାରନ୍ତିନି । ଗୁଡ଼ାଏ ଜାଗା କ୍ରୟ କରିଛନ୍ତି ସିନା, ନିଜର ସବୁ ସମୟତକ ସେମାନଙ୍କ ପାଇଁ ବିକ୍ରୟ କରିଦେଇଛନ୍ତି । ସେଇ ଜାଗାଗୁଡ଼ିକର ହାନିଲାଭ, ଭଲମନ୍ଦ ବୁଝୁବୁଝୁ ତାଙ୍କର ନିଜର ସମୟ ବୋଲି ଆଉ କିଛି ନାହିଁ । ଜମି ବାବଦ ଦି’ଟା ମକଦ୍ଦମା ବି ତାଙ୍କୁ ଭାରି କାଉଳା ବାଉଳା କଲେଣି । କୋର୍ଟ୍, କଚେରୀ ଦଉଡ଼ି ଦଉଡ଼ି ନୟାନ୍ତ ।

“ଆରେ ସ୍କୁଟରରେ ବସୁନୁ । ଖରା ହେଉଛି, ଯିବା ପରା”, ହସି ହସି କହିଲେ ଧିରବାବୁ ।

Digitized by srujanika@gmail.com

ବଂଧୁଙ୍କ କଥା ଶୁଣି ଚଟ୍‌ପଟ୍ ସ୍କୁଟରର ପଛ ସିଟ୍‌ରେ ଗୋଡ଼ ବୁଲାଇ ବସିଗଲେ ରମେଶବାବୁ । ସ୍କୁଟରରେ ବସିଗଲେ ସିନା, ମନରୁ ଚିନ୍ତା ତୁଟୁନି । ଦିନସାରା ବୁଲିବୁଲି ଥେୟା, କିନ୍ତୁ କିଛି କାମ ହେଲାନି । ଦପ୍ତରମାନଙ୍କରେ ଅଧେ ଲୋକଙ୍କ ଚେୟାର୍ ଖାଲି । ଆଉ ଯିଏ ଅଛନ୍ତି କ୍ରିକେଟ୍, ରାଜନୀତି ଚର୍ଚ୍ଚାରେ ବ୍ୟସ୍ତ । କାହା କଥା ଶୁଣୁଛି କିଏ ?

ଏଇମିତି ଭାବୁଭାବୁ ଘର ଆସିଗଲାଣି । ଦାଣ୍ଡ ଘରେ ଫେନ୍ ତଳେ ବସି ଥକ୍କା ମାରିଲେ ରମେଶବାବୁ । ହେଲେ ମନଟା ଭାରି ଉଦାସିଆ ଲାଗୁଥାଏ । ଏଇ ଦେଖୁନ, ଧିରର କେଡ଼େ ଖୁସିବାସିଆ ଜୀବନ । ତା' ପରି ଜଞ୍ଜାଳମୟ ନୁହେଁ । ମନେମନେ ଈର୍ଷା କଲେ ଧିରବାବୁଙ୍କୁ । ତା' ଜୀବନଟା ମିଠା ପାନ ପରି । ସୁଗନ୍ଧିତ ମିଠା ମସଲାରେ ମହମହ । ହେଲେ ନିଜର ଜୀବନ-ପାନରେ ମସଲାର ତାଳମେଳ ଠିକ୍ ନାହିଁ । ମାତ୍ରାଧିକ ଚୂନ କଳ ଖାଇଲା ପରି ଗୁଡ଼ାଏ ଜାଗା ତାଙ୍କ ଜୀବନକୁ ଜଞ୍ଜାଳରେ ପେଷି ଦେଇଛି । ବଞ୍ଚିବା ପାଇଁ ଜୀବନ ତ ଗୋଟିଏ । ଗୋଟିଏ ଜୀବନ ବଞ୍ଚିବା ପାଇଁ ଅନେକ ଗୁଡ଼ିଏ ଜାଗାର ଆବଶ୍ୟକତା କ'ଣ ? ଆବଶ୍ୟକତାରୁ ଅଧିକ ସମ୍ପତ୍ତି ଆହରଣ ହିଁ ଅଯଥା ଜଞ୍ଜାଳର ମୂଳ କାରଣ । ପୁଅ ତ ଆମେରିକାରେ । ସମ୍ପତ୍ତିଗୁଡ଼ାକୁ ଭୋଗ କରିବ କିଏ ? ତା' ଅନ୍ତେ ସେଗୁଡ଼ାକ ଅଣଦେଖା ହେଇଯିବନି ତ ? ତାଙ୍କ ଜୀବନ ସାରାର ପରିଶ୍ରମ କ'ଣ ବୃଥା ହୋଇଯିବ ! ସମ୍ପତ୍ତିଗୁଡ଼ା କ'ଣ ଭୂତ ଖାଇଯିବେ ?

ଦିନସାରା ରମେଶବାବୁଙ୍କ ମନ ଦବିଦବି ରହିଲା । ମାଳେ ପ୍ରଶ୍ନ ସାପ ଭଳିଆ ବେକରେ ଚାପି ହୋଇ ଗୁଡ଼େଇ ହେଇଗଲେ । ରାତି ବୃଦ୍ଧି ସହ ଅବସ୍ଥା ଅସମ୍ଭାଳ । ଟିପେ ବୋଲି ନିଦ ନାହିଁ । କଡ଼ ଏପଟ ସେପଟ କରୁକରୁ କେତେବେଳେ ଆଖି ପତା ପଡ଼ିଯାଇଛି । ସପନଟେ ଧକ୍ଷେଇ ପଶିଛି -

"ଦଳେ ମଜ୍‌ବୁତିଆ ଲୋକ ତାଙ୍କର ସବୁ ଘରଗୁଡ଼ାକୁ ଘେରିଯାଇ ବଡ଼ ବଡ଼ ହାତୁଡ଼ିରେ ପିଟି ଚାଲିଛନ୍ତି । ଇଟାଗୁଡ଼ାକ ଖଣ୍ଡ ଖଣ୍ଡ ହୋଇ ଭୂମିରେ ଲୋଟିଯାଉଛନ୍ତି । ତାଙ୍କର ପୁରୁଣା ଘର ସ୍ଥାନରେ ଧିରବାବୁଙ୍କର ନୂଆ ଘର ଗଢ଼ି ଉଠୁଛି । ରମେଶବାବୁ ଅସହାୟ ଭାବରେ ଦେଖୁଛନ୍ତି କେବଳ ।"

ସ୍ୱପ୍ନ ଭଗ୍ନ ହେଲାବେଳକୁ ସତେ ଯେମିତି ରମେଶବାବୁଙ୍କ ଛାତିକୁ କିଏ ହାତୁଡ଼ିରେ ଦୁମ୍‌ଦୁମ୍ କରି ପିଟି ଚାଲିଛି । ସେଦିନ ରାତିରେ ଆଉ ନିଦ ନାହିଁ ।

Digitized by srujanika@gmail.com

ପରଦିନ ସକାଳ ହେବାମାତ୍ରେ ରମେଶବାବୁ ଧିରବାବୁଙ୍କ ଘରେ ହାଜର ହୋଇ ଏକା ନିଃଶ୍ୱାସରେ ସପନଟା ବଖାଣିଦେଲେ । ଧୀରବାବୁଙ୍କ ଉପରେ କିଛି ପ୍ରଭାବ ନାହିଁ । ବରଂ ହସି ହସି କହିଲେ - "ତୋ ଜାଗାକୁ ମୋର ଲୋଭ ନାହିଁ । ମୋର ଯାହା ଅଛି, ସେଥିରେ ମୁଁ ଖୁସି । ତେବେ ଆବଶ୍ୟକତା ଠାରୁ ଅଧିକ ସମ୍ପତ୍ତି ପାଇଁ ତୁ ଗୁଡ଼ାଏ ଦହଗଞ୍ଜ ହେଉଛୁ । ନିଜକୁ ଅସୁରକ୍ଷିତ ମଣୁଛୁ । ତୁ କ'ଣ ଜାଣିନୁ - "ଅତି ଚିପୁଡ଼ିଲେ ଲେମ୍ବୁ ପିତା ପରା !"

❖❖❖

Digitized by srujanika@gmail.com

ଚଇତାର ଆମ୍ବତୋଟା

ଚଇତାକୁ ଜର। ତାତିରେ ଖଇ ଫୁଟି ଯିବକି କ'ଣ ! ମୁଣ୍ଡଟା ଭାରି ଭାରି ଲାଗୁଛି। ଥଣ୍ଡାରେ ତଣ୍ଟି ଗଁ ଗଁ ହେଉଛି। ଗୋଡ଼ ହାତ ବିନ୍ଧା ହେଉଛି ଯେ ଠିଆ ହେବାକୁ ଶକ୍ତି ପାଉନି। ଚଇତାର କାମଟା କିନ୍ତୁ ବସିଲେ ହୁଏ ନାହିଁ। ଠିଆ ହେବାକୁ ପଡ଼େ। ପେଣ୍ଟ୍ ପକେଟରୁ ଅମୃତାଞ୍ଜନ କାଢ଼ି ମୁଣ୍ଡରେ ନେସି ପକାଇଲା ଚଇତା। କାଳେ ଟିକେ ଉଶ୍ୱାସ ଲାଗିବ। ଥଣ୍ଡା ଔଷଧଟେ ଖାଇଛି ଯେ କିଛି କାଟୁ କରିବାକୁ ନାହିଁ। ସବୁ ବର୍ଷର ଥଣ୍ଡାଠୁ ଏ ବର୍ଷର ଥଣ୍ଡାଟା ବଳି ପଡ଼ିଲା ପରି ଲାଗୁଛି।

ଚଇତା ଜାତିରେ ବୈଷ୍ଣବ। ବାପା ମା' ନାଁ ଦେଇଥିଲେ ଚୈତନ୍ୟ ଦାସ। ଗାଁ ଗଣ୍ଡା ଲୋକେ କିନ୍ତୁ ତା'କୁ ଚଇତା ବୋଲି ଡାକନ୍ତି। ଓଲାଉଠା ରୋଗରେ କେବେଠୁ ତା' ବାପା ଆଖି ବୁଜି ଦେଇଛନ୍ତି। ବୁଢ଼ୀ ମା'ଟି ବଂଚିଛି ସିନା ଭଲ ଚଳପ୍ରଚଳ କରିପାରେ ନାହିଁ। ଆଖିକୁ ବି ଟିକେ କମ୍ ଦିଶେ। ମା, ସ୍ତ୍ରୀ ଆଉ ଦୁଇ ପିଲାଙ୍କୁ ନେଇ ତା'ର ସୁଖଦୁଃଖ ର ସଂସାର। ସୁଖ କମ୍, ଦୁଃଖ ବେଶୀ।

ପେଁପେଁ ଶବ୍ଦରେ ଧ୍ୟାନ ଭଗ୍ନ ହେଲା ଚଇତାର। ସାମ୍ନାରେ ଧଳା ରଙ୍ଗର ଅଡ଼ି ଗାଡ଼ିଟିଏ। ଚିହ୍ନା ଗାଡ଼ି ଭଳି ମନେ ପଡୁନି। ଡ୍ରାଇଭରକୁ ପଚରା ଉଚୁରା କରି ତା' ପାଖରେ ଥିବା ରେଜିଷ୍ଟରରେ ଦସ୍ତଖତ କରାଇ ଗାଡ଼ିକୁ ଶ୍ରୀ ଚୈତନ୍ୟ ଆପାର୍ଟମେଣ୍ଟ୍ ଭିତରକୁ ଛାଡ଼ିଲା। ଏଇ ଶ୍ରୀ ଚୈତନ୍ୟ ଆପାର୍ଟମେଣ୍ଟରେ ସେ ସିକ୍ୟୁରିଟି ଗାର୍ଡ଼ ଭାବରେ କାର୍ଯ୍ୟରତ। ମଜୁରି ବାବଦରେ ମାସକୁ ସାତ ହଜାର ଟଙ୍କା ସାଙ୍ଗକୁ ବର୍ଷକୁ ଦୁଇ ହଳ ପୋଷାକ । ଆଜି ତା'ର ରାତି ଡିଉଟି।

ଜ୍ୱର କମିବ କ'ଣ ବେଳକୁ ବେଳ ବଢ଼ି ଚାଲିଛି। ଫରଚା ପଡ଼ିଆସିଲାଣି । ଡିଉଟି ସରିବା ମାତ୍ରେ ଘରକୁ ସହସା ଫେରି ଆସିଲା ଚଇତା। ଏଇ ଆପାର୍ଟମେଣ୍ଟ ପଛ ପଟକୁ ତା' ଘର। ସୁମ- ତା' ସ୍ତ୍ରୀ ଘରେ ନାହିଁ। କାମକୁ ଯାଇଥିବ। ସୁମ ପାଖ ତିନି-

Digitized by srujanika@gmail.com

ଚାରି ଘରେ ବାସି ପାଇଟି କରେ। ମାସକୁ ରୋଜଗାର ପାଖାପାଖି ପାଂଚ ହଜାର। ପିଲାଏ ସକାଳୁ ସ୍କୁଲ ଚାଲିଯାଆନ୍ତି। ଆଜି ବି ଯାଇଥିବେ। ଜରରେ କମ୍ପି କମ୍ପି ଚଇତା ଚଦରଟା ମୁହଁ ଉପରକୁ ଘୋଡ଼ାଇ ଆଣି ଶୋଇ ପଡ଼ିଲା। ବୁଢ଼ୀ ମା'ଟା ଅଣ୍ଡାଳି ଅଣ୍ଡାଳି ଆସି ପାଖରେ ବସି କେତେବେଳୁ ଗୋଡ଼ରେ ହାତ ବୁଲାଇ ଆଣୁଛି, ସେ କଥାକୁ ତା'ର ନିଘା ନାହିଁ। ଜ୍ୱର କୋପରେ ବେହାଲ୍ ଚଇତା।

ଚଇତା ଯେତେବେଳେ ଶରୀର ପୀଡ଼ାରେ ବେହାଲ୍ ହୋଇଯାଏ, ଅଙ୍ଗେ ନିଭେଇଥିବା କଥା ସବୁ ଚଳଚିତ୍ରର ଦୃଶ୍ୟ ପରି ତା' ଆଖି ଆଗରେ ନାଚି ଉଠେ। ଆଜି ସେମିତି ଚଇତାର ଅଙ୍ଗେ ନିଭାଇଥିବା ପୁରୁଣା କଥା ଗୁଡ଼ିଏ ମନେ ପଡ଼ିଯାଉଛି।

ତା'ର ଚଉଦ ବର୍ଷ ବେଳକୁ ତା' ବାପା ଏ ଦୁନିଆରୁ ବିଦାୟ ନେଇ ସାରିଥିଲେ। ବଜ୍ର ପଡ଼ିଯାଇଥିଲା ତା' ମା'ଙ୍କ ମୁଣ୍ଡରେ। ଆଗକୁ କେହି ନାହିଁ କି ପଛକୁ କେହି ନାହିଁ। ତା' ମା'ର ବାପ ଘରେ କି ଶାଶୂ ଘରେ ପଦେ ଆହା କହିବାକୁ କେହି ନାହାନ୍ତି। ଚଇତାର ମା' ପିଲାଦିନୁ ବାପା ମା' ଛେଉଣ୍ଡ। ମାମୁଁ , ମାଇଁ ବଢ଼େଇ କୁଢ଼େଇ ବଡ଼ କରିଥିଲେ ଯେ ସେମାନେ ଆଉ ଏ ପାରିରେ ନାହାନ୍ତି। ଶାଶୂଘରେ ବି ଚଇତାକୁ ଛାଡ଼ି ଦେଲେ ହାତ ପାହାନ୍ତାରେ ସାହା ହେବାକୁ ଆଉ କେହି ନାହିଁ।

ଚଇତାର ବାପା ତା' ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ତିନି ମାଣ ଜମିର ମାଲିକ। ଦୁଇ ମାଣ ଚାଷ ଜମି, ଆଉ ଘରକୁ ଲାଗି ଗୋଟେ ମାଣ ଜମିରେ ସୁନ୍ଦର ଆମ୍ବ ତୋଟାଟିଏ। କିଏ ପୂର୍ବପୁରୁଷମାନେ ଦୂରଦୃଷ୍ଟି ନେଇ ଆମ୍ବ ଗଛ ସବୁ ରୋପଣ କରି ଯାଇଥିଲେ, ଚଇତା ବାପାର ଜ୍ଞାତ ସାରରେ ସେ କଥା ନ ଥିଲା । ହେଲେ ଖଟା-ମିଠା ଆମ୍ବରୁ ସେ ବେଶ୍ ମଜା ଉଠାଇଛି। ପିଲାବେଳେ ସେ ଗଛମାନଙ୍କ ଛାଇରେ ଖେଳି ବୁଲି ସମୟ ଅତିବାହିତ କରିଛି। ଖରାଦିନେ ଟାଇଁଟାଇଁ ଖରାବେଳେ ସେ ସୁନ୍ଦୁରି ଆମ୍ବ ଗଛ ତଳେ ଉପରକୁ ଅନେଇକି ପଡ଼ିରହେ। ସୁଲୁସୁଲିଆ ପବନରେ ପାଚିଲା ଆମ୍ବଟେ ଖସି ପଡ଼ିବ ପରା! କେତେ ଥର ତ ତା' ପେଟରେ ଆମ୍ବ ଖସିକି ପଡ଼ିଛି। ହେଲେ ବାପାର ମୃତ୍ୟୁପରେ ତା'ର ଖେଳକୁଦରେ ଏକ ଲମ୍ବା ଗାର୍ ପଡ଼ିଯାଇଛି। ଚଉଦ ବରଷରୁ ପରିବାର ଭରଣ ପୋଷଣ ପାଇଁ ତାକୁ ତା' ମା' ପଛରେ ଠିଆ ହେବାକୁ ପଡ଼ିଛି।

ଚାଷ ଜମି ବୋଲି ଦି' ମାଣ। ଚଇତା ବାପା ଗଲାଠୁଁ ସେ ବି ଭାଗରେ ଲାଗିଛି। ମା' ପଦନ ସାହୁଙ୍କ ଘରେ ଦି' ଓଳି କାମ କରେ। ପଦନ ସାହୁଙ୍କର ମହାଜନି

Digitized by srujanika@gmail.com

କାରବାର। ଏବେ ପଦନ ସାହୁ ଜମି କିଣାବିକା କାମରେ ବି ମନ ଦେଇଛନ୍ତି। ବଡ଼ ବଡ଼ ଗାଡ଼ି ସବୁ ଆସି ତାଙ୍କ ଘର ଆଗରେ ଲାଗେ। ଜମି କିଣାବିକାରେ କାଳେ ବହୁତ ଲାଭ ବୋଲି କିଏ ଚଇତା ମା'କୁ କହିଛି। ମା' ଭାବେ, ଚଇତା ଟା ସେଇ କାମରେ ଯଦି ଲାଗି ଯାଆନ୍ତା, ତାହାଲେ ଦୁଃଖ ମେଂଟିଯାଆନ୍ତା। ସେଇ ଆଶାରେ ସେ ତାକୁ ପଦନ ସାହୁଙ୍କ ଘରେ କାମରେ ଲଗାଏ। କାଳେ ଆଗକୁ କିଛି ସୁବିଧା ହେଇଯିବ।

ମା' ପୁଅ ବେଳେ ବେଳେ ବସି ପଦନ ସାହୁଙ୍କର ଜମି କିଣା-ବିକା ବିଷୟରେ ଦୁଃଖ ସୁଖ ହୁଅନ୍ତି। ମା' କହେ- "ଆରେ ପୁଅ, ପଦନ ସାହୁଙ୍କୁ କହି ତୁ ସେ ଜମି କିଣା ବିକା କାମରେ ପଶୁନୁ। ଭାରି ଲାଭ ବୋଲି ସମସ୍ତେ କହୁଛନ୍ତି।" ଚଇତା ମନ ଦିଏନି। ହେଲେ ଚଇତା ମା' ମନରେ ସେଇ ଜମି କିଣା ବିକା କଥା ଲାଗିଛି। ବେଳ କାଳ ଦେଖି ସୁଯୋଗ ଉଣ୍ଡି ଦିନେ ପଦନ ସାହୁଙ୍କୁ ତା' ମନ କଥା ଖୋଲି କହିଲା- "ଯଦି କିଛି ନ ଭାବିବ, କଥାଟେ କହନ୍ତି।"

ସାହୁଏ ଖବର କାଗଜ ପଢୁ ପଢୁ କହିଲେ- "କହୁନୁ"।

- "ସାଆନ୍ତେ ଚଇତାକୁ ଜମି କାରବାରରେ ପୁରାଇ ଦିଅନ୍ତନି। ଦି' ପଇସା ପାଆନ୍ତା। ଘରେ ଖାଲି ବସିଛି।"

- "ଦେଖିବା।" କହି ପଦନ ସାହୁ ତାଙ୍କ କାମରେ ବାହାରିଗଲେ।

ଥରେ ନୁହେଁ, ଏମିତି କେତେ ଥର ଚଇତା ମା' ଏ ବିଷୟ ପଦନ ସାହୁଙ୍କୁ କହି ସେଇ ଏକା ଉତ୍ତର ପାଇଛି।

ସମୟ ଗଡ଼ି ଚାଲିଛି। ଚଇତା ଏବେ ଭେଣ୍ଡିଆଟେ ହେଇଗଲାଣି। ମା' କିନ୍ତୁ ଆଉ ଆଗ ଭଳି କାମକୁ ପାରୁନି। ଧଇଁ-ସଇଁ ରୋଗଟେ ବାହାରିଛି। କିଏ କହୁଛି ଶ୍ୱାସ ରୋଗ ତ କିଏ କହୁଛି ହାର୍ଟ ବେମାରୀ। କବିରାଜୀ ଚିକିତ୍ସାରେ ଅଛି। କାମକୁ ନ ଯାଇ ଘରେ ରହୁଛି। ପଦନ ସାହୁଙ୍କ ଘରେ କାମ ଏବେ ଚଇତା କରେ।

ଧଇଁସଇଁ ରୋଗ ସାଙ୍ଗକୁ ବୁଢ଼ୀକୁ ଏବେ ମଝିରେ ମଝିରେ ଥଣ୍ଡା ଜ୍ୱର ହେଉଛି। ଆଖିରୁ ସବୁବେଳେ ପାଣି ଗଡୁଛି। ବୁଢ଼ୀ ଆଗ ଭଳି ଆଉ ଭଲ ଚଳପ୍ରଚଳ କରିବାକୁ ସକ୍ଷମ ନୁହେଁ। ଏକୁଟିଆ ଘରେ ବସି ବସି ବୁଢ଼ୀ ଭାବେ, ତା'ର ବେଳକାଳ ଆଉ କେତେଦିନ କିଏ ଜାଣେ। ପୁଅଟାକୁ ବାହା କରିଦେଲେ ଯାଏ। ବୋହୂଟିଏ ଆସିଲେ ସେ ଟିକେ ନିଶ୍ଚିନ୍ତ ହେଇଯାନ୍ତା। ବୈଷ୍ଣବ ସାହିରୁ ଚଇତା ବାପାର ପୂର୍ବ ପୁରୁଷ ମାନେ ଏପଟ ଜଙ୍ଗଲ ପାଖକୁ ଆସି କାହିଁକି କେବେଠୁ ଘର କରି ରହିଛନ୍ତି, ସେ ବିଷୟରେ

Digitized by srujanika@gmail.com

ବୁଢ଼ୀ କେବେ ଚଇତାର ବାପାକୁ ପଚାରିନି। ଚଇତା ମା'ର ଘର ସେହି ବୈଷ୍ଣବ ସାହିରେ! ବୈଷ୍ଣବ ସାହିକୁ କଷ୍ଟେମଷ୍ଟେ ଯିବା ଆସିବା କରି ପୁଅପାଇଁ ଝିଅଟେ ଠିକ୍ କରି ସାରିଲାଣି।

ବାହାଘର ପାଇଁ ଟଙ୍କା ଦରକାର। ପଦନ ସାହୁ ଛଡ଼ା ଆଉ ଭରସା ବା କିଏ? ମା' ପୁଅ ମିଶି ପଦନ ସାହୁଙ୍କୁ କିଛି ଟଙ୍କା ଉଧାର ମାଗିଲେ। ପଦନ ସାହୁ ଟଙ୍କା ଦେବାକୁ ରାଜି ହୋଇଗଲେ ସିନା, 'ସୁଝିବୁ କେମିତି'ର ଏକ ଗହନ ପ୍ରଶ୍ନ ପଚାରିଦେଲେ।

ଚଇତା ହାତକୁ ଦି' ହାତ ହେବା କେତେ ଦିନ ହେଇଗଲାଣି। ମା' ପୁଅଙ୍କ ମନ ଭାରି ଖୁସି। ସୁମଟି ଭାରି ଭଲ। ଗୋଟିଏ ଚାଉଳରେ ଗଢ଼ା। ଗହମ ରଙ୍ଗର ଦେହ। ସବୁ କଥାକୁ ପାରଙ୍ଗମ। ଖବର କାଗଜ ବି ପଢ଼ିପାରେ। ସ୍ୱାମୀ, ଶାଶୂ ସମସ୍ତଙ୍କ ମନ ନେଇ ଚଳେ। ଚଇତା ବି ସୁମକୁ ନେଇ କେତେ ସ୍ୱପ୍ନ ଦେଖେ।

ସଂସାର ଜଂଜାଳ ଭାରି ବିଷମ। ଦିନକୁ ଦିନ ଦରଦାମ୍ ବଢୁଛି, ଖର୍ଚ୍ଚ ବି ବଢୁଛି। ମାତ୍ର ଚଇତାର ରୋଜଗାର ଯାହାକୁ ସେୟା। ଦୁଇ ପ୍ରାଣୀରୁ ଘରେ ଏବେ ତିନି ପ୍ରାଣୀ ହେଲେଣି। ଭଗବାନ ଚାହିଁଲେ ସୁମର କୋଳକୁ ନୂଆ ଅତିଥିଟିଏ ଆସିବ। ସୁମ ଅନୁଭବ କଲା ସ୍ୱାମୀଙ୍କ ରୋଜଗାର ଘର ଖର୍ଚ୍ଚକୁ ଯଥେଷ୍ଟ ନୁହେଁ। ତାକୁ ଘରୁ ଗୋଡ଼ କାଢ଼ିବାକୁ ହେବ। ଶାଶୂ ଏବଂ ସ୍ୱାମୀଙ୍କୁ ମନେଇ ପାଖ ପଡ଼ୋଶୀଙ୍କ ଘରେ ବାସି ପାଇଟି ଯୋଗାଡ଼ କରି ନେଲା।

ପଦନ ସାହୁଙ୍କ ହାତ ଉଧାରି ଟଙ୍କାଟା ଶୁଝା ଯାଇପାରିନି। ଯାହା କିଛି ରୋଜଗାର, ଘର ଖର୍ଚ୍ଚକୁ ନିଅଂଟ। ହାତ ଉଧାରି ଶୁଝିବା କଥାଟା ମନେ ପଡ଼ିଲେ ଚଇତାର ମୁଣ୍ଡଟା ଝାଇଁ ଝାଇଁ ହୋଇଯାଏ। ପଦନ ସାହୁବି ଦେଖେଇ ଶୁଣେଇ ଟଙ୍କା ଶୁଝିବା ବିଷୟ କେତେଥର କହିଲେଣି।

ଏବେ ଚଇତା ଶୁଣୁଛି, ତା ଆମ୍ବତୋଟା ଆଗ ଦେଇ ଗୋଟେ ବଡ଼ ରାସ୍ତା ଯିବ। ସେ ରାସ୍ତାଟା ହୋଇଗଲେ କୁଆଡ଼େ ତା' ଆମ୍ବ ତୋଟା ପାଖରେ ଦୋକାନ ବଜାରର ଧାଡ଼ି ଲାଗିଯିବ। ସେ ଭାବେ, ତା'ର ବି ନିଶ୍ଚେ କିଛି ଭଲ ହେବ ପରା। ଆଜି କାଲି ବେଳେ ବେଳେ ସେ ସୁମ ସାଙ୍ଗରେ ରାସ୍ତା ବାବଦରେ କଥା ହୁଏ। ସୁମ କହେ- "ବେଲ ପାଚିଲେ କାଉର କି ଯାଏ। ସେ ସବୁ ବଡ଼ଲୋକିଆଙ୍କ କଥା। ଆମର ସେଥିରେ ମୁଣ୍ଡ ଖେଳାଇ ଲାଭ କ'ଣ?"

ଚଇତାଟା ବେଶି କିଛି ବୁଝି ପାରେନା। ମନ ତା'ର ଦବିଯାଏ।

Digitized by srujanika@gmail.com

ଦିନେ ସଂଜ ବେଳେ ସେ କାମ ସାରି ଆସି ଘରେ ପହଂଚିଛିକି ନାହିଁ, ପଦନ ସାହୁଙ୍କ ପାଖରୁ ଡକରାଟିଏ ଆସିଲା। ପଦନ ସାହୁଙ୍କ ଘରେ ପହଁଚି ଦେଖିଲା-ଦି'ଟା ବଡ଼ କାର୍ ଆସି ଲାଗିଛି। ଘର ଭିତରେ ଆଉ ତିନି ଜଣ ଲୋକ ପଦନ ସାହୁଙ୍କ ସାଙ୍ଗରେ ମିଶି ପୁଳେ କାଗଜ ଘଣ୍ଟାଘଣ୍ଟି କରୁଛନ୍ତି। ଚଇତାକୁ ଦେଖି ପଦନ ସାହୁ ମୁହଁ ଟେକି କହିଲେ- "ଏଇତ ଚଇତା ଆସିଲାଣି। ଆରେ ତୁ ଜମି କିଣା ବିକା ବେପାର କରିବୁ ପରା। ଏଇ ବାବୁମାନେ ତୋ ଆମ୍ବତୋଟାଟା କିଣିବେ ବୋଲି ରାଜି ହେଇଛନ୍ତି। ଭଲ ଟଙ୍କା ବି ଦେବେ।"

ଆମ୍ବତୋଟାଟା ବିକିବା କଥା ଶୁଣିବା ମାତ୍ରେ ଚଇତାର ଛାତିଟା ଦାଉଁକିନା ହେଇଗଲା। ତାକୁ ଲାଗିଲା, ସତେ ଯେମିତି ତାର ସର୍ବସ୍ୱ କିଏ ଲୁଟ୍ କରି ନେଇ ଯାଉଛି। ଯେଉଁ ଆମ୍ବତୋଟାରେ ଖେଳିକୁଦି ସେ ବଡ଼ ହେଇଛି, ସେ ଆମ୍ବତୋଟାକୁ ସେ ବିକିଦେବ! କିଛି ଉତ୍ତର ନ ଦେଇ ଗୁମ୍ ମାରି ଠିଆ ହେଲା ସେ।

ଚଇତାକୁ ନିରବ ରହିବାର ଦେଖି ପଦନ ସାହୁ କହିଲେ- "ଆରେ କିଛି ଉତ୍ତର ଦେଲୁନି ଯେ। ତୁ ସେ ଆମ୍ବ ତୋଟାଟା ନ ବିକିଲେ ମୋ ଧାର ଟଙ୍କା ଶୁଝିବୁ କେମିତି ?"

ଚଇତା ଆଉ କିଛି ଶୁଣିପାରିଲାନି। ତା' ମୁଣ୍ଡଟା ଗୋଳମାଳିଆ ଧରିଗଲା। ମା'କୁ ପଚାରି କହିବ କହି ଏକା ରାହାକେ ଘରକୁ ପଳେଇ ଆସିଲା। ସେଦିନ ରାତିରେ ସେ କିଛି ଖାଇପାରିଲାନି। ଯେମିତି ସେମିତି ଗଣ୍ଡେ ଖାଇ ଦେଇ ବିଛଣା ଧରିଗଲା। ବିଛଣାରେ ଶୋଇ ଦେଖିଲା ତା' ଘରର ଛାତଟା ଘାଇଁଘାଇଁ ବୁଲୁଛି। କଡ଼ ବଦଳେଇ ଏକଡ଼ ସେକଡ଼ ହେଲା। ତଥାପି ଛାତଟା ସେମିତି ବୁଲୁଛି। ଏମିତି ଛାତଟା ବୁଲିବା ଭିତରେ ତା' ଆଖି ପତା ଲାଗି ଯାଇଛି।

ଚଇତା କେବେ ସପନ ଦେଖେନି। ତା'ର ଯାହା କିଛି ସପନ ସବୁ ସୁମୀକୁ ନେଇ। ସେଦିନ କିନ୍ତୁ ସେ ଅଦ୍ଭୁତ ସପନଟିଏ ଦେଖିଲା- "ଆମ୍ବ ଗଛ ସବୁ କଟା ହୋଇ ପଡ଼ିଛନ୍ତି। ସମସ୍ତଙ୍କ ଗଣ୍ଡିରୁ ଲୁହର ଧାର। କଟା ହୋଇଥିବା ସବୁଠୁ ବଡ଼ ଗଛଟି ଚଇତାକୁ ଚାହିଁ କହୁଛି - ତମ ଗୋସେଇଁ ବାପାଙ୍କ ଗୋସେଇଁ ବାପା ଲଗେଇଥିବା ଗଛ ଗୁଡ଼ିକୁ ଟଙ୍କା କେଇଟା ପାଇଁ ଜମି ଦଲାଲଙ୍କୁ ବିକି ଦେଲୁ ଚଇତା। ତୋ ପୂର୍ବ ପୁରୁଷଙ୍କୁ ଆମେ କେତେ ଫଳ ଓ ଛାୟା ପ୍ରଦାନ ନ କରିଛୁ ସତେ! ତୁ ବି ତ ଆମ ମାନଙ୍କ ଛାଇରେ ଖେଳିକୁଦି ବଡ଼ ହେଇଛୁ। ତୁ କ'ଣ ଭୁଲିଗଲୁ- 'ବୃକ୍ଷ ହିଁ ଜୀବନ।'

Digitized by srujanika@gmail.com

ସ୍ୱପ୍ନ ତୁଟିଲା ବେଳକୁ ଚଇତା ଦେହରୁ ଗମ୍‌ଗମ୍ ଝାଳ ର ଧାର ବାହାରୁଛି। ସେଦିନ ରାତିରେ ତାକୁ ଆଉ ନିଦ ହେଲାନି। ରାତିର ବାକି ସମୟ ତକ ଜଳକା ପରି ଚାହିଁ ଚାହିଁ କଟିଗଲା।

ପରଦିନ ସକାଳେ ଚଇତା କାମକୁ ବାହାରିବା ପୂର୍ବରୁ ପଦନ ସାହୁ ଚାଲି ଚାଲି ଆସି ଚଇତା ଘରେ ପହଂଚି ଗଲେ। ସୁମ ଘରେ ନାହିଁ। ବାସି ପାଇଟି ପାଇଁ ବାହାରକୁ ଯାଇଛି। ଚଇତା ମା'କୁ ଡକାଇ କହିଲେ- "ପୁଅକୁ ବୁଝା, ଆମ୍ବତୋଟାଟା ବିକିବା ପାଇଁ। ଭଲ ଟଙ୍କା ପାଇବ। ମୋ ଟଙ୍କା ବି ମୁଁ ପାଇଯିବି। ସେ ଆମ୍ବତୋଟାରୁ ତୁମେ କ'ଣ ପାଉଛ ଯେ ?ଦମକାଏ ପବନ ଆସିଲେ ଗଛ ସବୁ ପଦା ହୋଇଯିବେ ।"

କିଛି ବୁଝି ନପାରି ଚଇତା ମା' ଚଇତାକୁ ଅନେଇଲା। ଚଇତା ଅନେଇଲା ପଦନ ସାହୁଙ୍କୁ । ସାହୁଏ ସବୁ କଥା ବୁଢ଼ୀକୁ ବୁଝାଇ ଦେଲେ। ବୁଢ଼ୀ ବି ସହଜରେ ବୁଝିଗଲା। ସାହୁଏ ଙ୍କୁ ଅନେଇ କହିଲା- "ଚଇତାଟା ବାପା ଛେଉଣ୍ଡ । ତାର ଭଲ ମନ୍ଦ ସବୁ ତମ ହାତରେ। ତମେ ଯାହା ଭଲ ଭାବୁଛ କର। ଆମେ କ'ଣ ତମ କଥାରୁ ବାହାରି ଯିବୁ।"

ତମର ସବୁ ଦାୟିତ୍ୱ ମୋର କହି ପଦନ ସାହୁ ବିଡ଼ାଏ ଟଙ୍କା ବୁଢୀ ହାତରେ ଗୁଞ୍ଜି ଦେଇ ବାହାରକୁ ବାହାରି ଗଲେ।

ଚଇତାକୁ ଲାଗିଲା ଯେମିତି ତାର ସବୁକିଛି ସରିଗଲା। ଅଣନିଃଶ୍ୱାସୀ ହୋଇ ଧାଇଁଲା ଆମ୍ବତୋଟାକୁ। ଏ ଘଡ଼ିକ ଭିତରେ ଆମ୍ବତୋଟାଟା ଯେମିତି ତା'ର ପର ହୋଇଯାଇଛି। ଆମ୍ବ ଗଛ ସବୁ ମନ ମାରି ଠିଆ ହେଲା ଭଳି ଅନୁଭବ କଲା ସେ। ପବନ ଟିକେ ନାହିଁ। ପତ୍ରଟେ ବି ହଲୁନି। ଚଇତା ଆଉ ସେଠି ଦଣ୍ଡେ ରହି ପାରିଲାନି। ଘରକୁ ଫେରି ଆସିଲା।

ସୁମ କାମରୁ ଫେରି ସବୁ ଶୁଣିଲା । ତା' ଶାଶୂ ଓ ସ୍ୱାମୀ ଯେ ଜମି ଦଲାଲଙ୍କ ଚକ୍ରବ୍ୟୁହରେ ପଡ଼ି ଯାଇଛନ୍ତି, ଏ କଥା ସେ ବେଶ୍ ବୁଝି ପାରୁଥିଲେ ମଧ୍ୟ ତା'ର କିଛି କରିବାର ନ ଥିଲା। ଶାଶୂ ତ କଥା ଦେଇ ସାରିଛନ୍ତି। ସେ ବାହା ହୋଇ ଆସିବା ଦିନଠୁ ଶାଶୂଙ୍କ କଥାରୁ କେବେ ବାହାରି ଯାଇନି।

କିଛି ଦିନ ପରେ ଆମ୍ବତୋଟାଟା ପଦନ ସାହୁଙ୍କ ନାମରେ କବଲା ହୋଇଗଲା। ଚଇତାର ପ୍ରାପ୍ୟ ଟଙ୍କାରୁ ପଦନ ସାହୁ ତାଙ୍କ ଧାର ଟଙ୍କା ସୁଧ ସହ କାଟି ରଖିଲେ। ବାକି ଟଙ୍କା ଚଇତାର ବ୍ୟାଙ୍କ୍ ଖାତାକୁ ଗଲା ସିନା, ଦରକାରବେଳେ ସେଥିରୁ ଟଙ୍କା ଉଠାଣ ହୋଇ ଖର୍ଚ୍ଚ ଚାଲିଲା।

Digitized by srujanika@gmail.com

ଏଣେ ଚଇତା ଆଖି ଆଗରେ ତା'ପ୍ରିୟ ଆମ୍ବ ଗଛ ଗୁଡାକ ଗଡ଼ ଗଡ଼ ହୋଇ କଟା ହୋଇ ଗଲେ। ଦେଖୁ ଦେଖୁ ଆମ୍ବତୋଟାଟା ଗୋଟାଏ ବଡ଼ ନଣ୍ଡା ମୁଣ୍ଡିଆ ପଡ଼ିଆରେ ପରିଣତ ହୋଇଗଲା। ଚଇତା ଆମ୍ବତୋଟା ଦେଇ ଗଲା ବେଳେ ଭରସି କରି ସେ ଆଡେ ଅନେଇ ପାରେନି। ତାକୁ ଲାଗେ ଆମ୍ବ ଗଛ ଗୁଡ଼ା ଭୂତ ପ୍ରେତ ହୋଇ ସେଠି ବୁଲାଚଲା କରୁଛନ୍ତି । ସମୟ ସୁବିଧା ପାଇଲେ ତା'କୁ ଆମ୍ପୁଡ଼ି ରାମ୍ପୁଡ଼ି କ୍ଷତ ବିକ୍ଷତ କରି ପକାଇବେ।

ଏବେ ଆମ୍ବତୋଟାରେ ନଅ ମହଲା଼ର ଆପାର୍ଟମେଣ୍ଟ ତିଆରି ଚାଲିଛି। ପଦନ ସାହୁ ଚଇତାକୁ ଆଉ ସୁମକୁ ସେଠି କାମରେ ଲଗାଇ ଦେଇଛନ୍ତି।

ମାତ୍ର ଆପାର୍ଟମେଣ୍ଟ ତିଆରି ସରିବା ପରେ ଆଉ କାମ ନାହିଁ।

ଦିନେ ଦିନେ ସୁମ ଘଂଟା ଘଂଟା ଧରି ଆପାର୍ଟମେଣ୍ଟଟାକୁ ଅନେଇ ରହେ। ମନ ତାର ବିଦ୍ରୋହ କରେ। ଆମ୍ବତୋଟାରେ କଙ୍କ୍ରିଟ୍ ଜଙ୍ଗଲଟେ ଠିଆ କରାଇ ପଦନ ସାହୁ କାହାର କି ହିତ ସାଧନ କଲେ ? ଆମ୍ବତୋଟା ବଦଳରେ ଗୋଟେ ନଣ୍ଡା ପଡ଼ିଆରେ ଆପାର୍ଟମେଣ୍ଟ ତିଆରି କରିଥିଲେ କାହାରି ତ କିଛି ଅସୁବିଧା ହେଇ ନଥାନ୍ତା ? ଫଳନ୍ତି ଆମ୍ବ ଗଛଗୁଡ଼ା ବଳି ପଡ଼ିଗଲେ ସିନା ! ସୁମ ଭାବେ ଯଦି ସେ ଅପାଠୋଇ ହୋଇ କଥାଟା ବୁଝି ପାରୁଛି, ତେବେ ସରକାରଙ୍କର କ'ଣ ଆଖି କାନ ବନ୍ଦ ହେଇ ଯାଇଛି !

ଚଇତା ଏବେ ବେକାର। ଆମ୍ବ ତୋଟାଟା ବିକି ଦେଇ ମସ୍ତବଡ଼ ଭୁଲ କରି ପକେଇଛି ବୋଲି କେତେ ଥର ପଦନ ସାହୁଙ୍କୁ କହିଲାଣି। ପଦନ ସାହୁ ଆପାର୍ଟମେଂଟ୍‌ରେ ଚାକିରି କରାଇଦେବେ ବୋଲି କହି ତା'ର ମନ ବହଲାଇବାକୁ ଚେଷ୍ଟା କରନ୍ତି। ସେ କିନ୍ତୁ ନିଜ ମନକୁ ବୁଝାଇପାରେନି।

ପଦନ ସାହୁ ଚଇତାର ମନ ଖୁସି କରିବା ପାଇଁ ଆପାର୍ଟମେଣ୍ଟର ନାମ ଶ୍ରୀ ଚୈତନ୍ୟ ଆପାର୍ଟମେଣ୍ଟ ରଖିଛନ୍ତି। ସେ ଆପାର୍ଟମେଣ୍ଟରେ ସିକ୍ୟୁରିଟି କାମ କରିବା ପାଇଁ ଚାକିରିଟିଏ ବି ଦେଇଛନ୍ତି।

ସୁମର ପାଟି ଶୁଣି ବେହାଲ୍ ଚଇତାର ଚେତା ପଶିଲା। ଏତେବେଳଯାଏ ଚଇତା ପୁରୁଣା କଥା ଗୁଡ଼ାକ ଭିତରେ ହଜି ଯାଇଥିଲା। ସୁମର ଆର୍ବିଭାବ ସେଥିରେ ପୂର୍ଣ୍ଣଚ୍ଛେଦଟିଏ ଟାଣିଦେଲା। ଜରରେ କମ୍ପୁଛି ଚଇତା। ସୁମ ତା' ମୁଣ୍ଡରେ ପାଣି ପଟି ଦେଲା। ତଥାପି ଜର କମୁନି। ମଝିରେ ମଝିରେ ଚଇତା "ମୋ ଆମ୍ବତୋଟା, ମୋ ଆମ୍ବ ତୋଟା" କହି ବାଉଳି ଚାଉଳି ହଉଛି।

Digitized by srujanika@gmail.com

ସୁମ ଭାବୁଥିଲା ଔଷଧରେ ଶରୀରର ଜର ସିନା ଲାଘବ ହୁଏ, ମନର ଜର ଭଲ ହେବ କେମିତି ? ଚଇତାର ମନ ତ ଜାଳି ପୋଡ଼ି ଛାରଖାର ହେଇଯାଇଛି । ନିଜ ଜମି ଉପରେ ଦଲାଲ ମାନେ କରିଥିବା ଘରକୁ ଟଙ୍କା କେଇଟା ପାଇଁ ଖରା, ବର୍ଷା, ଶୀତ, କାକର ସହି ଚଇତା ଜଗି ଚାଲିଛି ସିନା । ତା' ସାଙ୍ଗକୁ ଶ୍ରୀ ଚୈତନ୍ୟ ଆପାର୍ଟମେଣ୍ଟ୍ ନାମଟା ତା'ର କଟା ଘାରେ ଚୁନ ସଦୃଶ୍ୟ ତା' ମନକୁ ସବୁବେଳେ ଜାଳି ପୋଡ଼ି ଦେଉଛି ।

ଚଇତାର ଜର ଭଲ ହେଲାଣି । ସିକ୍ୟୁରିଟି ଗାର୍ଡ଼ ପୋଷାକ ପିନ୍ଧି ସେ ଆପାର୍ଟମେଣ୍ଟ୍ ମୁଖ୍ୟ ଫାଟକ ଆଗରେ ଡିଉଟି କରୁଛି । ଗାଡ଼ିଟିଏ ଆସିବାର ଦେଖି ସଲାମଟିଏ ଠୁକି ଫାଟକ ଖୋଲି ଦେଲା । ଗାଡ଼ିଟା ତା' ମୁହଁରେ ଧୂଳି ଧୂଆଁ ଲେସି ଦେଇ ଚାଲିଗଲା । ପଛରେ ରହିଗଲା ଗତ କାଲିର ଆମ୍ବ ତୋଟା ମାଲିକ ଆଉ ଆଜିର ସଲାମ ମାରୁଥିବା ସିକ୍ୟୁରିଟି ଗାର୍ଡ଼ ଚଇତା ।

❖❖❖

Digitized by srujanika@gmail.com

ବୀରେଶ୍ୱର ମହାନ୍ତି

ଜନ୍ମ : ୩୦.୦୪.୧୯୫୩
ପିତା : ୰ ବିଶ୍ୱନାଥ ମହାନ୍ତି
ମାତା : ୰ ରମ୍ଭାମଣୀ ମହାନ୍ତି
ଜନ୍ମସ୍ଥାନ : ବାଖରପୁର, ବାସୁଦେବପୁର, ଭଦ୍ରକ

ବୀରେଶ୍ୱରଙ୍କର "ଚଇତାର ଆମ୍ବତୋଟା" ପାଠ କରି ଅନୁଭବ କଲି ପ୍ରତ୍ୟେକ ଗଳ୍ପର ଚରିତ୍ର ଭିତରେ ମୁଁ ନିଜକୁ ଆବିଷ୍କାର କରି କରି ଚାଲିଛି । କେତେବେଳେ ପ୍ରରୋଚନାରେ ପଡ଼ି ରାତାରାତି ଧନୀ ହେବାର ଲୋଭରେ ମୋ ପୈତୃକ ଆମ୍ବତୋଟାକୁ ବିଲ୍ଡ଼ରକୁ ବିକି ଦେଇ ଲକ୍ଷ ଅର୍ଥକୁ ପାଣି ପରି ଖର୍ଚ୍ଚ କରିଦେବା ପରେ ଶେଷରେ ସେଇ ଜମି ଉପରେ ଗଢ଼ାଯାଇଥିବା ଫ୍ଲାଟ୍‌ରେ ସିକ୍ୟୁରିଟି ଗାର୍ଡ଼ ପାଲଟି ଯାଇଛି। ପୁଣି ଆମ ଗାଁ ଘରେ ଥିବା ଢ଼ିଙ୍କିଟି ସମୟର ପ୍ରଭାବରେ ଅଦରକାରୀ ହୋଇ ମୋ ଚିତାରେ କାଠ ହୋଇ ଜଳି ଯାଉଛି। ଅନ୍ତରକୁ ଛୁଇଁ ଯାଉଛି ପ୍ରତ୍ୟେକ ଗଳ୍ପର ଭାବ ।

ଗ୍ରାମ୍ୟ ପରିବେଶ, ବନଭୂଇଁର ଶାନ୍ତ, କମନୀୟ ବାତାବରଣ, ପବିତ୍ର ଶାଶ୍ୱତ ପ୍ରେମର ମହକ, ନାରୀ ସଶକ୍ତିକରଣର ବାର୍ତ୍ତା, କୁସଂସ୍କାରର ବିଷମୟ ପରିଣତିକୁ ନେଇ ଗାଳ୍ପିକଙ୍କର ଗଳ୍ପ ଜଗତର ପରିସୀମା । ସମାଜର ସମସ୍ୟା ତାଙ୍କୁ ବ୍ୟଥିତ କରିଛି। ଫକୀରମୋହନଙ୍କ ମାଟିର ଏଇ ସନ୍ତାନ ଜାଣତରେ ହେଉ କି ଅଜାଣତରେ ହେଉ ସମାଜ ସଚେତନ ଗୋଟିଏ ଦରଦୀ ମଣିଷର ମନ ଓ ହୃଦୟକୁ ନେଇ ଆଖପାଖରେ ଘଟି ଚାଲୁଥିବା ଘଟଣା ପ୍ରବାହ ଭିତରେ ହଜିଯାଇଛନ୍ତି।

ଗଳ୍ପ ଗୁଡ଼ିକର ଭାଷା ସାବଲୀଳ ଓ କ୍ଳିଷ୍ଟତା ମୁକ୍ତ । ଅନେକ ପ୍ରତିଷ୍ଠିତ ଗାଳ୍ପିକଙ୍କ ପରି କବିତା ଜଗତରୁ ଗଳ୍ପ ଜଗତକୁ ଓହ୍ଲେଇ ଆସିଛନ୍ତି ସେ । ଇତି ପୂର୍ବରୁ ତାଙ୍କର କବିତା ସଙ୍କଳନ "ଅଭୁଲା ସମ୍ପର୍କ" ବେଶ୍ ପାଠକୀୟ ସମ୍ପର୍କ ସ୍ଥାପନ କରିପାରିଛି ।

ଆଶା ପାଠକମାନେ ଗଳ୍ପର ଚରିତ୍ର ଭିତରେ ନିଜକୁ ଖୋଜି ଖୋଜି ହଜିଯିବେ ।

ଚୌଧୁରୀ ବରଦାପ୍ରସନ୍ନ ଦାସ

Digitized by srujanika@gmail.com